# ଧରିତ୍ରୀ
DHARITRI

ଶନିବାର, ମେ ୨୩/୨୦୨୦ (୨୦ ପୃଷ୍ଠା) Saturday, May 23/2020

୪୬ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଆଇପିଏଲ୍‌କୁ ପ୍ରାଥମିକତା ଦିଆ ନ ଯାଉ

ଟି୨୦ ବିଶ୍ୱକପ୍ ଅପେକ୍ଷା ଆଇପିଏଲ୍‌କୁ ପ୍ରାଥମିକତା ଦିଆଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆଲାନ ବର୍ଡର।

୨୦ | ୧୦

## ଭୂମିହୀନ କୃଷକଙ୍କୁ ସହଯୋଗ କଲେ ଜୁହି

ଲକ୍‌ଡାଉନ ଚାଲିଥିବା ବେଳେ ବଲିଉଡ୍ ନାୟିକା ଜୁହି ଚାୱଲା ଭୂମିହୀନ କୃଷକଙ୍କୁ ନିଜ ଫାର୍ମହାଉସ୍‌ରେ କାମକରିବାର ସୁଯୋଗ ଦେଇ ସହଯୋଗର ହାତ ବଢ଼ାଇଛନ୍ତି।





କରାଚୀ ବିମାନ ବନ୍ଦର ନିକଟବର୍ତ୍ତୀ ମାଲିର ମଡେଲ କଲୋନି ଅଞ୍ଚଳରେ ବିମାନ ଖସି ପଡ଼ିବା ପରେ ଲାଗିଥିବା ନିଆଁକୁ ଲିଭାଯାଉଛି।

# ପାକିସ୍ତାନରେ ବିମାନ ଦୁର୍ଘଟଣା: ୫୭ ମୃତ

- କରାଚୀର ଘନ ଜନବସତିରେ ଖସିଲା
- କର୍ମଚାରୀଙ୍କ ସମେତ ବିମାନରେ ଥିଲେ ୧୦୭ ଯାତ୍ରୀ
- ଅବତରଣର ୧ ମିନିଟ୍ ପୂର୍ବରୁ ଦୁର୍ଘଟଣା

**କରାଚୀ,୨୨।୫(ପି.ଟି.)**

ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସର ଏକ ବିମାନ ଶୁକ୍ରବାର ଅପରାହ୍ଣରେ କରାଚୀସ୍ଥିତ ଜିନ୍ନା ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଘନ ଜନବସତି ଅଞ୍ଚଳରେ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୫୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବିମାନରେ ୯୯ ଯାତ୍ରୀଙ୍କ ସମେତ ୧୦୭ ଜଣ ଥିଲେ। ଲାହୋରରୁ ଛାଡ଼ିଥିବା ପିକେ-୮୩୦୩ ନାମକ ଏହି ବିମାନ ଆଉ ମାତ୍ର ୧ ମିନିଟ ପରେ ଜିନ୍ନା ବିମାନବନ୍ଦରରେ ଅବତରଣ କରିଥାଆନ୍ତା। ବିମାନଟି ରାଡାର ପରଦାରୁ ଅନ୍ତର୍ଦ୍ଧାନ ହେବା ପୂର୍ବରୁ ଲ୍ୟାଣ୍ଡିଂ ଗିଅରରେ ସମସ୍ୟା ଦେଖାଦେଇଥିବା ଏହାର କ୍ୟାପ୍‌ଟେନ ଏୟାର ଟ୍ରାଫିକ୍ ଟାୱାରକୁ ସୂଚନା ଦେଇଥିଲେ।

କରୋନା ସଂକ୍ରମଣ ଯୋଗୁ ପାକିସ୍ତାନ କିଛି ସପ୍ତାହ ହେଲା ଲକ୍‌ଡାଉନରେ ରହିଥିଲା। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଗତ ଶନିବାର ଅଳ୍ପ କେତୋଟି ଘରୋଇ ରୁଟ୍‌ରେ ବିମାନ ଚଳାଇବାକୁ ଅନୁମତି ଦେଇଥିଲେ। ସେହି କ୍ରମରେ ଏ୩୨୦ ଏୟାରବସ୍ ଲାହୋରରୁ ୯୯ ଯାତ୍ରୀଙ୍କୁ ଧରି କରାଚୀ ଅଭିମୁଖେ ଯାତ୍ରା କରିଥିଲା। ଲ୍ୟାଣ୍ଡିଂ ଗିଅରରେ ତ୍ରୁଟି ଯୋଗୁ ଏହା ଜିନ୍ନା ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟବର୍ତ୍ତୀ ମାଲିର ମଡେଲ କଲୋନି ଅଞ୍ଚଳରେ ଖସିପଡ଼ି ଜଳିଯାଇଥିଲା। ଦୁର୍ଘଟଣା ଯୋଗୁ ସେଠାରେ ଅନେକ ଘର ଓ କାର କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପୋଲିସ, ପାକିସ୍ତାନୀ ସେନା ଓ ବାୟୁସେନା ଟିମ୍ ନିୟୋଜିତ ହୋଇଛନ୍ତି।

ବିମାନଟି ଖସିବା ପୂର୍ବରୁ ଏହାର ଡେଣାରେ ନିଆଁ ଲାଗିଯାଇଥିଲା। ଏହା କେତେକ ବିଲ୍ଡିଂର ଛାତରେ ମାଡ଼ହେବା ପରେ ତଳେ ପଡ଼ିଥିଲା ବୋଲି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରାତି ୧୧ଟା ସୁଦ୍ଧା ୫୭ ମୃତଦେହ ଉଦ୍ଧାର କରାଯାଇଥିବା ସିନ୍ଧ ସ୍ୱାସ୍ଥ୍ୟମନ୍ତ୍ରୀ ଅଜ୍‌ରା ପେଚୁହୋ କହିଛନ୍ତି। ମୃତଦେହକୁ ଜିନ୍ନା ହସ୍ପିଟାଲ ଓ ସିଭିଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥିସହିତ ୨୫ରୁ ୩୦ ଜଣ ସ୍ଥାନୀୟ ଲୋକ ଦୁର୍ଘଟଣାରେ ☞ପୃଷ୍ଠା-୪

# ରେପୋ ରେଟ୍ ୦.୪% କମାଇଲା ଆର୍‌ବିଆଇ

**ନକାରାତ୍ମକ ରହିବ ଅଭିବୃଦ୍ଧି**

- ୩.୩୫%ରେ ରିଭର୍ସ ରେପୋ
- ମୋରାଟୋରିୟମ ଅବଧି ୩ ମାସ ବଢ଼ିଲା
- ସିଡ୍‌ବୀକୁ ପୁନଃ ପୁଞ୍ଜି ଯୋଗାଣ
- ରପ୍ତାନି ଋଣ ସୀମା ୧୫ ମାସକୁ ବୃଦ୍ଧି
- ଏକ୍‌ଜିମ୍ ବ୍ୟାଙ୍କକୁ ୧୫ ହଜାର କୋଟିର କ୍ରେଡିଟ୍ ଲାଇନ
- ମାର୍ଚ୍ଚରେ ମାନୁଫାକ୍‌ଚରିଂ ୨୧%, କୋର୍ ସେକ୍ଟରରେ ୬.୫% ହ୍ରାସ

**ନୂଆଦିଲ୍ଲୀ,୨୨।୫**

ଭାରତୀୟ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କରୋନା ଭୂତାଣୁ ନିୟନ୍ତ୍ରଣ ଲାଗି ସରକାର ଘୋଷଣା କରିଥିବା ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ କ୍ଷତିଗ୍ରସ୍ତ ହୋଇଛି। ଏଭଳି କାରଣ ଲାଗି ଦେଶର ଅଭିବୃଦ୍ଧି ହାର ନକାରାତ୍ମକ ରହିବ। ଏ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ସ୍ପଷ୍ଟ କରିଛି। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥା ଉପରେ ରହିଥିବା ପ୍ରଭାବକୁ କମ୍ କରିବା ଲାଗି ରିଜର୍ଭ ବ୍ୟାଙ୍କ ଲଗାତର ପ୍ରୟାସ ଜାରି ରଖିଛି। ଏଭଳି ସ୍ଥିତିରେ ଆର୍ଥିକ କାର୍ଯ୍ୟକଳାପକୁ ଗତି ପ୍ରଦାନ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଅତିରିକ୍ତ ୯ଟି ପଦକ୍ଷେପ ଗ୍ରହଣ କରିଛି। ଶନିବାର ଏହାର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ (ଯେଉଁ ହାରରେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇଠାରୁ ଋଣ ନେଇଥାନ୍ତି) ରେଟ୍‌ରେ ୪୦ ବେସିସ୍



ପଏଣ୍ଟ ହ୍ରାସ କରିଛି। ପୂର୍ବରୁ ରେପୋ ରେଟ୍ ୪.୪% ରହିଥିବା ବେଳେ ଏହା ବର୍ତ୍ତମାନ ୪%କୁ ହ୍ରାସ ଘଟିଛି। ଏହାବାଦ କେନ୍ଦ୍ରୀୟ ବ୍ୟାଙ୍କ ରିଭର୍ସ ରେପୋକୁ ୩.୩୫%କୁ ଖସାଇଛି। ଋଣ ପଇଠ ଉପରେ ମୋରାଟୋରିୟମ ବା ପରିଶୋଧ ସ୍ଥଗନକୁ ଆଉ ୩ ମାସ ବଢ଼ାଯାଇଛି।

ଏହି ଅବସରରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, କରୋନା ପ୍ରଭାବକୁ କମ୍ କରିବା ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି ମୁଦ୍ରାସ୍ଫୀତିକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରଖାଯିବା ନେଇ ବିଭିନ୍ନ ପ୍ରୟାସ ଜାରି ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ୨୦୨୦-୨୧ରେ ଅଭିବୃଦ୍ଧି ନକାରାତ୍ମକ ସ୍ଥିତିରେ ☞ପୃଷ୍ଠା-୪

# ଓଡ଼ିଶାକୁ ଆଗୁଆ ୫୦୦ କୋଟି

**ବାତ୍ୟା ଥଇଥାନ**

- ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ
- ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ କଲେ
- କ୍ଷୟକ୍ଷତି ଆକଳନ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍
- ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ମୋଦିଙ୍କ ପ୍ରଶଂସା
- ଚୂଡ଼ାନ୍ତ ରିପୋର୍ଟ ମିଳିବା ପରେ କେନ୍ଦ୍ର ସମସ୍ତ ସହଯୋଗ ଯୋଗାଇଦେବ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ବାତ୍ୟା ଅମ୍ଫାନ୍ କ୍ଷୟକ୍ଷତି ଭରଣା ପାଇଁ ଓଡ଼ିଶାକୁ ଆଗୁଆ ୫୦୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମିଳିବ। ଆକାଶମାର୍ଗରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରେ ଶୁକ୍ରବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଘୋଷଣା କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୋଦି କହିଛନ୍ତି, ରାଜ୍ୟ ସରକାର ସମୀକ୍ଷା ବୈଠକରେ ବାତ୍ୟାର କ୍ଷୟକ୍ଷତି ନେଇ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଛନ୍ତି। କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରିବା ପରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। କ୍ଷୟକ୍ଷତିର ସମୀକ୍ଷା ପାଇଁ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଟିମ୍ ଆସିବ। ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜରୁରିକାଳୀନଭିତ୍ତିରେ ୫୦୦ କୋଟି ଟଙ୍କାର ସହାୟତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କଠାରୁ ଚୂଡ଼ାନ୍ତ ରିପୋର୍ଟ ମିଳିବା ପରେ ଦୀର୍ଘମିଆଦୀ ରିଲିଫ୍, ପୁନରୁଦ୍ଧାର ଓ ଥଇଥାନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ରାଜ୍ୟର ବିକାଶ ଏବଂ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବ। ବାତ୍ୟା ମୁକାବିଲା କରିବାରେ ରାଜ୍ୟବାସୀ ଏବଂ ରାଜ୍ୟ ସରକାରଙ୍କ ଉଦ୍ୟମକୁ ମୋଦି ପ୍ରଶଂସା କରିଛନ୍ତି। ବାତ୍ୟା ପୂର୍ବରୁ ଲୋକମାନଙ୍କୁ କ'ଣ କରିବାକୁ ହେବ ସେ ନେଇ ଆଗୁଆ ସୂଚନା ଓ ପ୍ରସ୍ତୁତି କାରଣରୁ ଜୀବନ ବଞ୍ଚିଯାଇଛି ବୋଲି ମୋଦି କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ମୋଦି ପଶ୍ଚିମବଙ୍ଗରୁ ସିଧା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଡିଜିପି ଅଭୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି , ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଭାଜପା ରାଜ୍ୟ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ମଧ୍ୟ ଉପସ୍ଥିତ ରହି ମୋଦିଙ୍କୁ ସ୍ୱାଗତ କରିଥିଲେ।

ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ବାତ୍ୟା କ୍ଷତିଗ୍ରସ୍ତ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ ଜିଲାର କେତେକ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଥିଲେ। ତାଙ୍କ ସହିତ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ବନ୍ୟା ଅଞ୍ଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ବିମାନବନ୍ଦର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇଥିଲେ। ପ୍ରାୟ ୧ ଘଣ୍ଟା ଧରି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ବୈଠକରେ କ୍ଷୟକ୍ଷତି ସମ୍ପର୍କରେ ଏକ ପ୍ରାଥମିକ ଆକଳନ ରିପୋର୍ଟ ଉପସ୍ଥାପନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ୨୦୧୯ ମେ ୩ରେ ହୋଇଥିବା ବାତ୍ୟା ଫନୀ ପରେ ଓଡ଼ିଶା ଗସ୍ତରେ ଆସି ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେତେବେଳେ ୧ ହଜାର କୋଟି ଟଙ୍କାର ଆଗୁଆ ସହାୟତା ରାଶି ଦେବାକୁ ଘୋଷଣା କରିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକାଶ ମାର୍ଗରୁ ଓଡ଼ିଶାର ବାତ୍ୟା ପ୍ରଭାବିତ ଅଞ୍ଚଳ ଦେଖୁଛନ୍ତି।

## ପଶ୍ଚିମବଙ୍ଗ ପାଇଁ ୧୦୦୦ କୋଟି ଘୋଷଣା ପୃଷ୍ଠା-୨

# ଟିଟିଲାଗଡ଼ରେ ୪୫ ଡିଗ୍ରୀ ଟପିଲା ପାରଦ

- ୪୧ ଡିଗ୍ରୀ ଉପରେ ୧୨ ସହର
- ଆହୁରି ବଢ଼ିବ ତାତି

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଅମ୍ଫାନ୍ ଚାଲିଯିବା ପରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶା ଗରମରେ ଆଉଟ ପାଉଟ ହେଉଛି। ପାରଦ ୪୫ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଭବାନୀପାଟଣା ୪୪.୫, ବଲାଙ୍ଗୀର ୪୪, ମାଲକାନଗିରି ୪୩, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିବାଦୀୟ ବଦଳି

# ସଙ୍କଟରେ ବିମାନ ଚଳାଚଳ

**ରିପୋର୍ଟ ଅନୁସାରେ ବର୍ତ୍ତମାନ ୬୦ଟି ନୂଆ ଏୟାରକ୍ରାଫ୍ଟ ଏୟାରବସ୍‌ରେ ମହଜୁଦ ଅଛି, ଯାହାକୁ କିଣିବା ପାଇଁ କେହି ବାହାରୁ ନାହାନ୍ତି। ବିମାନ ଚଳାଚଳ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞଙ୍କ ମତରେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନ୍ୟୂନ ୮,୦୦୦ ବିମାନ ବନ୍ଦ ହୋଇଯିବ। ପ୍ରତି ବିମାନରେ ହାରାହାରି ୫.୮% କ୍ରିଉ ମେମ୍ବର ରହିବେ। ଫଳରେ ସାରା ବିଶ୍ୱରେ ୯୦,୦୦୦ ପାଇଲଟ ବେରୋଜଗାର ହୋଇଯିବେ।**

**ଦେବାଳିଆ ଅବସ୍ଥାରେ ବିଶ୍ୱର ବୃହତ୍ ଏୟାରଲାଇନ୍ସ**

**ନୂଆଦିଲ୍ଲୀ,୨୨।୫**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ବିଶ୍ୱର ଅନେକ ଦେଶରେ ଲକ୍‌ଡାଉନ୍ ଓ ଯାତ୍ରା କଟକଣା ଜାରି କରାଯାଇଛି। ଏପରି କି ବିମାନ ଚଳାଚଳ ଉପରେ ମଧ୍ୟ ରୋକ ଲଗାଯାଇଛି। ଫଳରେ ଅନେକ ଦେଶରେ ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାବେଳେ ଆଉ କେତେକ ଅନ୍ତର୍ଜାତୀୟ ବିମାନ ସେବା ପ୍ରଦାନକାରୀ ଏୟାରଲାଇନ୍ସ ଶେଷ ନିଃଶ୍ୱାସ ଗଣୁଛନ୍ତି। ଆଇଏଜି, ୟୁନାଇଟେଡ୍ ଆମେରିକାନ୍ ଏୟାରଲାଇନ୍ସ, ଏମିରେଟ୍ସ ଓ ଲୁଫ୍‌ଥାନ୍ସା ଭଳି ବୃହତ୍ କ୍ୟାରିୟର୍ସ ନିଜ ସ୍ଥିତି ବଜାୟ ରଖିବା ପାଇଁ ସେମାନଙ୍କ ସରକାରଙ୍କଠାରୁ ସାହାଯ୍ୟ ମାଗିଛନ୍ତି। ଯାତ୍ରା ଓ ପର୍ଯ୍ୟଟନ ଶିଳ୍ପକୁ କୌଣସି ରାଷ୍ଟ୍ରର ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଏ। ବର୍ତ୍ତମାନର ସଙ୍କଟ ପରେ ଯଥାଶୀଘ୍ର ସମ୍ଭବ ଅନ୍ତର୍ଜାତୀୟ ବିମାନ ଚଳାଚଳ ସ୍ୱାଭାବିକ ହେଉ ବୋଲି ଏହି ଶିଳ୍ପ ଅପେକ୍ଷା କରିଛି। ବିଶ୍ୱର ମୋଟ ଜାତୀୟ ଉତ୍ପାଦ (ଜିଏନ୍‌ପି)ର ୧୦.୩% ରାଜସ୍ୱ ଆସୁଥିବା ପର୍ଯ୍ୟଟନ ବ୍ୟବସାୟ ଯାତ୍ରା ପୁନଃ ଆରମ୍ଭ ପାଇଁ ଉତ୍କଣ୍ଠିତ। କରୋନା ପରବର୍ତ୍ତୀ କାଳରେ ଏୟାରଲାଇନ୍ ଶିଳ୍ପ ଭିନ୍ନ ରୂପ ନେବାକୁ ଯାଉଛି। ଯେଉଁ ଏୟାରଲାଇନ୍‌ଗୁଡ଼ିକ ତିଷ୍ଠି ରହିବ ସେଗୁଡ଼ିକ ସରକାରୀ ଅନୁକମ୍ପା ଲାଭ କରି ଛୋଟ ଛୋଟ ବ୍ୟବସାୟରେ ପରିଣତ ହେବ ଏବଂ ଋଣବୋଝରେ ଲଦି ହୋଇ ଛଟପଟ ହେବ। କେତେଜଣ ବିମାନ ଚଳାଚଳ ବିଶ୍ଳେଷକ ଭବିଷ୍ୟବାଣୀ କରୁଛନ୍ତି ଯେ, କୋଭିଡ୍-୧୯ ଏହି ଶିଳ୍ପକୁ ଧ୍ୱଂସ କରିଦେବ। କରେକ୍ଟିଭ୍ ଆକ୍ସନ ପ୍ରିଭେଣ୍ଟିଭ୍ ☞ପୃଷ୍ଠା-୪




## କରୋନା ମାଡ଼ରେ ପଙ୍ଗୁ ହେଲା ଶିଳ୍ପ

**ଆମେରିକା:** କରୋନା ଭାଇରସ୍ ସଂକ୍ରମଣ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶକ୍ତିଶାଳୀ ଆମେରିକା। ଦେଶର ଏୟାରଲାଇନ୍ ଇଣ୍ଡଷ୍ଟ୍ରି ଏକପ୍ରକାର ଅଚଳ ହୋଇଯାଇଥିବାବେଳେ ଏହାକୁ ସଚଳ କରିବା ପାଇଁ ଆମେରିକା ସରକାର ୬୧ ବିଲିୟନ୍ ଡଲାରର ବେଲ୍‌ଆଉଟ୍ ପାଇଁ ରାଜି ହୋଇଛନ୍ତି। ଏହି ଅନୁଦାନ ମିଳିବା ପରେ ଆମେରିକାନ୍, ଡେଲ୍ଟା, ସାଉଥ୍‌ୱେଷ୍ଟ, ଜେଟ୍‌ବ୍ଲୁ ଏବଂ ୟୁନାଇଟେଡ୍ ଭଳି ବଡ଼ ବଡ଼ ଏୟାରଲାଇନ୍ସର ସ୍ଥିତିରେ ସୁଧାର ଆସିପାରେ।

**ଅଷ୍ଟ୍ରେଲିଆ:** କରୋନା ଭୂତାଣୁ ଭର୍ଜିନ୍ ଅଷ୍ଟ୍ରେଲିଆକୁ ୫ ବିଲିୟନ୍ ଅଷ୍ଟ୍ରେଲୀୟ ଡଲାର ଋଣଯନ୍ତାରେ ଛନ୍ଦି ଦେବାଳିଆ କରିଦେଇଛି। ଏପ୍ରିଲ ୨୧ରେ ଅଷ୍ଟ୍ରେଲିଆର ଏହି ଏୟାରଲାଇନ୍ସ ନିଜକୁ ଦେବାଳିଆ ଘୋଷଣା କରିବା ପାଇଁ ପିଟିଶନ୍ ଦାଏର କରିଥିଲା। ଭର୍ଜିନ୍‌ର ଆଡ୍‌ମିନିଷ୍ଟ୍ରେଟରମାନେ କମ୍ପାନୀର ନିୟନ୍ତ୍ରଣ ହାତକୁ ନେଇଛନ୍ତି। ସେମାନେ କମ୍ପାନୀ କିମ୍ବା ଏହାର ବ୍ୟବସାୟକୁ ରକ୍ଷା କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅଷ୍ଟ୍ରେଲିଆ ସରକାର ଭର୍ଜିନକୁ ୧.୪ ବିଲିୟନ୍ ଅଷ୍ଟ୍ରେଲୀୟ (୮୮୮ ମିଲିୟନ୍ ଆମେରିକୀୟ) ଡଲାର ଋଣ ପ୍ରଦାନ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ☞ପୃଷ୍ଠା-୪

## ଦୁର୍ଘଟଣାରେ ୩ ପ୍ରବାସୀ ଶ୍ରମିକ ମୃତ

ଉତ୍ତରପ୍ରଦେଶର ମିର୍ଜାପୁରରେ ଦୁର୍ଘଟଣାରେ ୩ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଲାଲ୍‌ଗଞ୍ଜ ଥାନା ଅନ୍ତର୍ଗତ ବସାହି ଗ୍ରାମ ନିକଟରେ ସେମାନଙ୍କ ଗାଡ଼ିକୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ସେମାନେ ମୁମ୍ବାଇରୁ ଏକ ଗାଡ଼ି ଭଡ଼ାକରି ବିହାରର ଗୋପାଳଗଞ୍ଜକୁ ଫେରୁଥିଲେ। ଦୁର୍ଘଟଣା ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ଦୁଇ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

# 'କରୋନା ପ୍ୟାକେଜ୍ ନିଷ୍ଠୁର ପରିହାସ'



- କରୋନା ସ୍ଥିତିକୁ ନେଇ ବିରୋଧୀଙ୍କ ବୈଠକ
- କେନ୍ଦ୍ର ଉପରେ ବର୍ଷିଲେ ସୋନିଆ

ନୂଆଦିଲ୍ଲୀ,୨୨ା୫(ପି.ଟି.)

ଦେଶରେ କୋଭିଡ୍-୧୯ ସ୍ଥିତିକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୨୦ ଲକ୍ଷ କୋଟିର ପ୍ୟାକେଜ ଘୋଷଣା ଓ ଅର୍ଥମନ୍ତ୍ରୀ ୫ ଦିନ ଧରି ଏହାକୁ ଗଣମାଧ୍ୟମ ଆଗରେ ଉପସ୍ଥାପନ କରିବା ଦେଶ ପ୍ରତି ନିଷ୍ଠୁର ପରିହାସ ବୋଲି ସୋନିଆ କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ୨୨ ବିରୋଧୀ ଦଳର ବୈଠକକୁ ସମ୍ବୋଧିତ କରି କଂଗ୍ରେସ ନେତ୍ରୀ କହିଥିଲେ, କେନ୍ଦ୍ର ସରକାର ସଂଘୀୟବାଦର ନୀତିକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। କରୋନା ମହାମାରୀ ଜନିତ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଏହି ବୈଠକ ଡକାଯାଇଥିଲା। ସରକାର ଦେଶବ୍ୟାପୀ ଲକ୍‌ଡାଉନ କରିଥିବାବେଳେ କିପରି ଏଥିରୁ ବାହାରିବେ ବାଟ ପାଉନାହାନ୍ତି। ପ୍ରବାସୀ ଶ୍ରମିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ୧୩ କୋଟି ପରିବାରଙ୍କ ସମସ୍ୟାକୁ ସରକାର ଅତି ନିଷ୍ଠୁର ଭାବେ ଅଣଦେଖା କରିଚାଲିଛନ୍ତି। ସେମାନଙ୍କ ପାଇଁ କୌଣସି ଆର୍ଥିକ ସହାୟତା ଘୋଷଣା କରାଯାଇ ନାହିଁ। କରୋନା ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ପାର୍ଲାମେଣ୍ଟ କିମ୍ବା ଷ୍ଟାଣ୍ଡିଂ କମିଟିର ବୈଠକ ଡକାଯାଉ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ଭୁଲିଯାଇଥିବାବେଳେ ସମସ୍ତ କ୍ଷମତା କେବଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସୀମିତ ରହିଥିବା ସୋନିଆ କହିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ବିକ୍ରି ଲାଗି ମଞ୍ଜୁରୀ ପ୍ରଦାନ, ଶ୍ରମ ଆଇନକୁ ରଦ୍ଦ କରିବା ଏବଂ ତଥାକଥିତ ସଂସ୍କାର ସରକାରଙ୍କ ଉଗ୍ର ଦୁଃସାହସିକତା ଓ ଏକପାଖିଆ ନିଷ୍ପତ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି।

ଭିଡିଓ କନ୍‌ଫରେନ୍ସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ୍, ଜେଡିଏସ୍ ନେତା ଏଚ୍.ଡି. ଦେବେଗୌଡା, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏ.କେ. ଆଣ୍ଟୋନି, ଅହମଦ ପଟେଲ, ଗୁଲାମ ନବୀ ଆଜାଦ, ଅଧୀର ରଞ୍ଜନ ଚୌଧୁରୀ, ମଲ୍ଲିକାର୍ଜୁନ ଖାର୍ଗେ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ଦଳ ନେତାଙ୍କ ମଧ୍ୟରେ ଏଲ୍‌ଜେଡିର ଶରଦ ଯାଦବ, ନ୍ୟାଶନାଲ କନ୍‌ଫରେନ୍ସର ଓମାର ଅବଦୁଲ୍ଲା, ଆର୍‌ଜେଡିର ତେଜସ୍ୱୀ ଯାଦବ, ଏଚ୍‌ଏଏମ୍‌ର ଜିତନ୍ ରାମ ମାନ୍‌ଝି, ଆର୍‌ଏଲ୍‌ଏସ୍‌ପିର ଉପେନ୍ଦ୍ର କୁଶୱାହା ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍ତର ଇଟାଲୀର ଜେନୋଆରେ ଥିବା ଏକ ଆକ୍ୱାରିୟମ୍‌ରେ ଡଲ୍‌ଫିନ୍‌ଗୁଡ଼ିକ ଜଳକ୍ରୀଡ଼ା କରୁଛନ୍ତି।

# ପଶ୍ଚିମବଙ୍ଗ ପାଇଁ ୧୦୦୦ କୋଟି

ବସିରହାଟ, ୨୨ା୫(ପି.ଟି.)

- ଆକାଶମାର୍ଗରୁ କ୍ଷୟକ୍ଷତି ଆକଳନ ପରେ ଘୋଷଣା କଲେ ମୋଦି
- ଅମ୍ଫାନ ଜନିତ କ୍ଷତି ୧ ଲକ୍ଷ କୋଟି ଟଙ୍କା: ମମତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପଶ୍ଚିମବଙ୍ଗର ଅମ୍ଫାନ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିବା ପରେ ୧୦୦୦ କୋଟି ଟଙ୍କାର ଅଗ୍ରିମ ସହାୟତା ଘୋଷଣା କରିଛନ୍ତି। ଏହି ବାତ୍ୟାରେ ପଶ୍ଚିମବଙ୍ଗରେ ୭୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରାଜଧାନୀ କୋଲକାତା ସମେତ ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାୟୁସେନା ହେଲିକପ୍ଟରରେ ମୋଦି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ କ୍ଷୟକ୍ଷତିର ଆକଳନ କରିଥିଲେ। ତାଙ୍କ ସହ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ଉତ୍ତର ୨୪ ପ୍ରଗଣା ଜିଲାର ବସିରହାଟ କାର୍ଯ୍ୟାଳୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ବାତ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ।

କୋଭିଡ୍-୧୯ ମହାମାରୀ ବେଳେ ରାଜ୍ୟ ପ୍ରଶାସନର ବାତ୍ୟା ମୁକାବିଲା ପଦକ୍ଷେପକୁ ମୋଦି ପ୍ରଶଂସା କରିଥିଲେ। ସରକାରଙ୍କ ସମସ୍ତ ପଦକ୍ଷେପ ସତ୍ତ୍ୱେ ୭୭ ଲୋକଙ୍କ ଜୀବନ ଯାଇଛି। ସାରା ଦେଶ ପଶ୍ଚିମବଙ୍ଗ ଜନସାଧାରଣଙ୍କ ପଛରେ ରହିଛି ବୋଲି ମୋଦି କହିଥିଲେ। ବାତ୍ୟା କ୍ଷୟକ୍ଷତିର ସବିଶେଷ ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଖୁବ୍‌ଶୀଘ୍ର ଆସିବ। ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା, ପୂର୍ବ ଓ ପଶ୍ଚିମ ମିଦନାପୁର, କୋଲକାତା, ହାଓଡା, ହୁଗ୍‌ଲି ଜିଲାରେ ବ୍ୟାପକ ଭିତ୍ତିଭୂମି, ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ଲକ୍ଷାଧିକ ଲୋକ ବାସହରା ହୋଇଛନ୍ତି। କ୍ଷୟକ୍ଷତି ପରିମାଣ ୧ ଲକ୍ଷ କୋଟି ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବା ସହ ସଙ୍କଟ ସମୟରେ କେନ୍ଦ୍ର ଓ ରାଜ୍ୟ ଏକାଠି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ।


ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ରାଜ୍ୟପାଳ ଜଗଦୀପ ଧନ୍‌କାର୍ ତାଙ୍କୁ ପାଛୋଟି ନେଉଛନ୍ତି।

## ଜାତୀୟ ବିପତ୍ତି ଘୋଷଣା ଲାଗି ୨୨ ବିରୋଧୀ ଦଳର ଆହ୍ୱାନ

**ନୂଆଦିଲ୍ଲୀ,୨୨ା୫(ପି.ଟି.):** ଓଡ଼ିଶା ଓ ପଶ୍ଚିମବଙ୍ଗରେ ଧ୍ୱଂସର ତାଣ୍ଡବ ରଚିଥିବା ଭୀଷଣ ସାମୁଦ୍ରିକ ବାତ୍ୟା ଅମ୍ଫାନକୁ ତୁରନ୍ତ ଜାତୀୟ ବିପତ୍ତି ଘୋଷଣା କରିବା ଲାଗି ୨୨ଟି ବିରୋଧୀ ଦଳ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ରାଜ୍ୟକୁ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଭିଡିଓ କନ୍‌ଫରେନ୍ସରେ ଏକାଠି ହୋଇଥିବା ଏହି ନେତାମାନେ ଏନେଇ ପ୍ରସ୍ତାବ ଗୃହୀତ କରାଇବା ସହ ଏଭଳି ସ୍ଥିତିରେ ରିଲିଫ୍ ଓ ପୁନର୍ବାସକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି କହିଛନ୍ତି। ବାତ୍ୟାର ସମ୍ମୁଖୀନ ହୋଇଥିବା ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ବିରୋଧୀ ଦଳଗୁଡ଼ିକ ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। କରୋନା ମହାମାରୀବେଳେ ଅମ୍ଫାନ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଦୁଃଖକୁ ବଢ଼ାଇଦେଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ଟିଏମ୍‌ସି, ଏନ୍‌ସିପି, ଡିଏମ୍‌କେ, ବାମଦଳର ନେତାମାନେ ଯୋଗଦେଇଥିଲେ।

## ହତ୍ୟାକାରୀଙ୍କୁ କ୍ଷମାଦେଲେ ଖାଶୋଗୀଙ୍କ ପରିବାର

ରିୟାଧ,୨୨ା୫(ଆଇଏଏନ୍‌ଏସ୍)


ଜମାଲ ଖାଶୋଗୀ

ସୌଦି ଖବରଦାତା ଜମାଲ ଖାଶୋଗୀଙ୍କ ହତ୍ୟାକାରୀମାନଙ୍କୁ ତାଙ୍କ ପରିବାର ପକ୍ଷରୁ କ୍ଷମା କରିଦିଆଯାଇଛି। ଖାଶୋଗୀଙ୍କ ପୁଅ ସଲାହଙ୍କ ଟୁଇଟର ଆକାଉଣ୍ଟରେ ଏହା ପୋଷ୍ଟ କରାଯାଇଛି। ପବିତ୍ର ରମଜାନ ମାସରେ ଆଲ୍ଲାଙ୍କ କଥାକୁ ମନେ ପକାଇ ସଲାହ ଲେଖିଛନ୍ତି, ଜଣେ ବ୍ୟକ୍ତି କ୍ଷମା କରିବା ସହ ପୁନଃ ବନ୍ଧୁତ୍ୱ ସ୍ଥାପନ କଲେ ଈଶ୍ୱରଙ୍କ ଦ୍ୱାରା ପୁରସ୍କୃତ ହୋଇଥାନ୍ତି। ସେଥିପାଇଁ ବାପାଙ୍କ ହତ୍ୟାକାରୀଙ୍କୁ ଆମେ କ୍ଷମାଦେଲୁ ବୋଲି ସେ ଓ ତାଙ୍କର ଅନ୍ୟ ଭାଇମାନେ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ୨୦୧୮ ଅକ୍ଟୋବର ୨ରେ ଖାଶୋଗୀ ଇସ୍ତାନବୁଲସ୍ଥିତ ସୌଦି ବାଣିଜ୍ୟିକ ଦୂତାବାସକୁ ଯାଇଥିବାବେଳେ ତାଙ୍କୁ ହତ୍ୟା କରାଯାଇ ମୃତଦେହକୁ ଗାଏବ କରିଦିଆଯାଇଥିଲା। ଏହି ମାମଲାରେ ୫ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡରେ ସୌଦି ରାଜପରିବାରର ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା।

## କଂଗ୍ରେସ ନେତାଙ୍କୁ କରୋନା

ନୂଆଦିଲ୍ଲୀ,୨୨ା୫


ସଞ୍ଜୟ ଝା

ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ସଞ୍ଜୟ ଝା କରୋନା ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ତାଙ୍କୁ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ଲାଗି ପରାମର୍ଶ ଦିଆଯାଇଛି। ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ କେହି ହାଲ୍‌କାରେ ନେବା ଉଚିତ ନୁହେଁ ଓ ସରକାରୀ ଗାଇଡ୍‌ଲାଇନ୍ ମାନି ଚଳିବାକୁ ଝା ଟୁଇଟର ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉ କି, ଭାରତରେ ଉଗ୍ର ସଂକ୍ରମଣ ଦେଖାଦେଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୬,୦୮୮ ନୂଆ ମାମଲା ସାମ୍ନାକୁ ଆସିଛି। ଶୁକ୍ରବାର ସୁଦ୍ଧା ଭାରତରେ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୧ଲକ୍ଷ ୨୦ ହଜାର ଟପିଛି।

## ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ନେଲେ ହର୍ଷବର୍ଦ୍ଧନ



**ନୂଆଦିଲ୍ଲୀ,୨୨ା୫(ପି.ଟି.):** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କାର୍ଯ୍ୟନିର୍ବାହୀ ବୋର୍ଡର ଅଧ୍ୟକ୍ଷ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାପାନର ଡ. ହିରୋକି ନାକାତାନିଙ୍କ ସ୍ଥାନରେ ସେ ଦାୟିତ୍ୱ ନେବା ପରେ କରୋନା ମହାମାରୀରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ମହାମାରୀ ସଙ୍କଟର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗିତାକୁ ମଜଭୁତ କରିବା ଜରୁରୀ ବୋଲି ସେ ମତ ଦେଇଥିଲେ। ହର୍ଷବର୍ଦ୍ଧନଙ୍କୁ ୩୪ ସଦସ୍ୟ ବିଶିଷ୍ଟ ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡର ଅଧ୍ୟକ୍ଷ କରିବା ପ୍ରସ୍ତାବ ସପକ୍ଷରେ ୧୯୪ଟି ଦେଶ ମତ ଦେଇଥିଲେ। ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାଳି କରି ଅଧ୍ୟକ୍ଷ ପଦ ପ୍ରଦାନ କରାଯାଇଥାଏ। ଭାରତକୁ ଏହି ପଦ ଦେବା ଲାଗି ଗତବର୍ଷଠାରୁ ନିଷ୍ପତ୍ତି ହୋଇଥିଲା।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୪୪,୫୮୨ | ୩୦,୪୮୨ | ୧୨,୫୮୩ | ୧,୫୧୭ |
| ତାମିଲନାଡୁ | ୧୪,୭୫୩ | ୭,୫୨୬ | ୭,୧୨୮ | ୯୯ |
| ଦିଲ୍ଲୀ | ୧୨,୩୧୯ | ୬,୨୧୪ | ୫,୮୯୭ | ୨୦୮ |
| ତେଲଙ୍ଗାନା | ୧,୬୯୯ | ୬୧୮ | ୧,୦୩୬ | ୪୫ |
| କେରଳ | ୭୩୪ | ୨୧୭ | ୫୧୨ | ୫ |
| ଉତ୍ତରପ୍ରଦେଶ | ୫,୫୧୫ | ୨,୧୭୩ | ୩,୨୦୪ | ୧୩୮ |
| ଆନ୍ଧ୍ରପ୍ରଦେଶ | ୨,୬୬୭ | ୮୮୧ | ୧,୭୩୧ | ୫୫ |
| ରାଜସ୍ଥାନ | ୬,୩୭୭ | ୨,୬୮୩ | ୩,୫୪୨ | ୧୫୨ |
| ମଧ୍ୟପ୍ରଦେଶ | ୫,୯୮୧ | ୨,୮୬୬ | ୨,୮୪୪ | ୨୭୧ |
| କର୍ଣ୍ଣାଟକ | ୧,୭୪୩ | ୧,୧୦୪ | ୫୯୭ | ୪୧ |
| ଗୁଜରାଟ | ୧୨,୯୧୦ | ୬,୬୪୯ | ୫,୪୮୮ | ୭୭୩ |
| ହରିୟାଣା | ୧,୦୩୧ | ୩୩୬ | ୬୮୧ | ୧୪ |
| ଜମ୍ମୁ-କଶ୍ମୀର | ୧,୪୪୯ | ୭୪୫ | ୬୮୪ | ୨୦ |
| ପଶ୍ଚିମବଙ୍ଗ | ୩,୧୯୭ | ୧,୭୪୫ | ୧,୧୯୩ | ୨୫୯ |
| ପଞ୍ଜାବ | ୨,୦୨୯ | ୧୪୩ | ୧,୮୪୭ | ୩୯ |
| ଓଡ଼ିଶା | ୧,୧୮୯ | ୭୪୬ | ୪୩୬ | ୭ |
| ବିହାର | ୨,୧୦୫ | ୧,୫୨୫ | ୫୭୧ | ୯ |
| ଉତ୍ତରାଖଣ୍ଡ | ୧୫୧ | ୯୭ | ୫୩ | ୧ |
| ଆସାମ | ୨୩୧ | ୧୬୯ | ୫୫ | ୪ |
| ଚଣ୍ଡିଗଡ଼ | ୨୧୮ | ୩୭ | ୧୭୮ | ୩ |
| ଲଦାଖ | ୪୪ | ୧ | ୪୩ | - |
| ହିମାଚଳ ପ୍ରଦେଶ | ୧୬୪ | ୧୦୨ | ୫୫ | ୪ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୧୩୨ | ୭୩ | ୫୯ | - |
| ଗୋଆ | ୫୨ | ୪୫ | ୭ | - |
| ପୁଡୁଚେରୀ | ୨୩ | ୧୩ | ୧୦ | - |
| ଝାଡ଼ଖଣ୍ଡ | ୩୦୮ | ୧୬୯ | ୧୩୬ | ୩ |
| ମଣିପୁର | ୨୫ | ୨୩ | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୭୫ | ୨୭ | ୧୪୮ | - |
| ମୋଟ | ୧,୨୩,୭୧୧ | ୬୯,୧୭୧ | ୫୦,୮୫୭ | ୩,୬୬୬ |

https://www.covid19india.org ତଥ୍ୟ ଅନୁଯାୟୀ(ଶୁକ୍ରବାର ରାତି ୯ଟା ସୁଦ୍ଧା)

# ଦିନ ଗଡ଼ୁଛି, ଚିନ୍ତା ବଢ଼ୁଛି

ୱାଶିଂଟନ/ମସ୍କୋ/ବ୍ରାଜିଲିଆ,୨୨ା୫

- ରୁଷିଆ, ବ୍ରାଜିଲ ପରେ ଭାରତ ନୂଆ ହଟ୍‌ସ୍ପଟ୍
- ବିଶ୍ୱରେ ୩.୩୫ ଲକ୍ଷଙ୍କ ଜୀବନ ଗଲାଣି
- ୫୨.୪୧ ଲକ୍ଷରୁ ଅଧିକ ସଂକ୍ରମିତ
- ଦିନକରେ ୫୨ ହଜାର ନୂଆ ମାମଲା
- ଆମେରିକାରେ ମୃତ୍ୟୁସଂଖ୍ୟା ୯୬, ୫୨୬

ଦିନକୁ ଦିନ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଦିନ ଗଡ଼ିବା ସହ ଲୋକଙ୍କ ଚିନ୍ତା ଏଥିଲାଗି ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୫୨.୪୧ ଲକ୍ଷ ଅତିକ୍ରମ କରିସାରିଥିବା ବେଳେ ୩.୩୫ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇସାରିଲାଣି। ଅନେକ ଦେଶରେ ସ୍ଥିତି ଏବେ ଜଟିଳ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୨ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିଛି। ରୁଷିଆ ଓ ବ୍ରାଜିଲରେ ଉଗ୍ର ସଂକ୍ରମଣ ଦେଖାଦେଇଥିବା ବେଳେ ଭାରତରେ ମଧ୍ୟ ସମାନ ସ୍ଥିତି। ଏହି ୩ ଦେଶ ସମ୍ପ୍ରତି କରୋନା ଭୂତାଣୁର ନୂଆ ହଟ୍‌ସ୍ପଟ୍ ପାଲଟିଥିବା କୁହାଯାଉଛି। ବିଶ୍ୱ ସଂକ୍ରମଣ ତାଲିକାର ଦ୍ୱିତୀୟ ସ୍ଥାନରେ ରୁଷିଆ ଓ ତୃତୀୟ ସ୍ଥାନରେ ବ୍ରାଜିଲ ରହିଥିବା ବେଳେ ଭାରତ ଏକାଦଶ ସ୍ଥାନରେ ରହିଛି। ଏହି ୩ ଦେଶରେ ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଛି।

ଆମେରିକା ତାଲିକାର ଶୀର୍ଷରେ ରହିଛି। କେବଳ ଆମେରିକାରେ ୧୬.୨୫ ଲକ୍ଷରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଛନ୍ତି। ଏହି ବିତ୍ତଶାଳୀ ଦେଶରେ ଏପର୍ଯ୍ୟନ୍ତ ୯୬,୫୨୬ ଜୀବନ ଗଲାଣି। ଦିନକରେ ୪,୧୩୭ ନୂଆ ମାମଲା ଏଠାରେ ଦେଖିବାକୁ ମିଳିଥିବା ବେଳେ ୧୭୨ ମୁଣ୍ଡ ଗଡ଼ିଛି। ରୁଷିଆରେ ୩.୨୬ ଲକ୍ଷରୁ ଅଧିକ କରୋନା ରୋଗୀ ରହିଥିବା ବେଳେ ୩,୨୪୯ ଲୋକ ପ୍ରାଣ ହରାଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୯ ହଜାର ନୂଆ ମାମଲା ଦେଖିବାକୁ ମିଳିଛି। ବ୍ରାଜିଲରେ ୩,୧୨ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହୋଇଥିବା ବେଳେ ୨୦,୧୧୨ ଜୀବନ ଗଲାଣି। ଦିନକରେ ଏଠାରେ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଭାରତରେ ୧.୨୫ ଲକ୍ଷ ଭୂତାଣୁ ଆକ୍ରାନ୍ତ ଥିବାବେଳେ ୩,୭୦୭ ଜଣ ମୃତ୍ୟୁବରଣ କଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୬ ହଜାର ନୂଆ ମାମଲା ନଜରକୁ ଆସିଛି। ଏଭଳି ଉଗ୍ର ସଂକ୍ରମଣ ସ୍ଥିତି ଲୋକଙ୍କୁ ଆତଙ୍କିତ କରିପକାଇଛି। ଏହାବ୍ୟତୀତ ସ୍ପେନ୍‌ରେ ୨.୮୦ ଲକ୍ଷରୁ ଅଧିକ, ବ୍ରିଟେନରେ ୨.୫୪ ଲକ୍ଷରୁ ଅଧିକ, ଇଟାଲୀରେ ୨.୨୮ ଲକ୍ଷରୁ ଅଧିକ, ଫ୍ରାନ୍ସରେ ୧.୮୧ ଲକ୍ଷରୁ ଅଧିକ, ଜର୍ମାନୀରେ ୧.୭୯ ଲକ୍ଷରୁ ଅଧିକ, ତୁର୍କୀରେ ୧.୫୩ ଲକ୍ଷରୁ ଅଧିକ, ଇରାନରେ ୧.୩୧ ଲକ୍ଷରୁ ଅଧିକ ସଂକ୍ରମିତ ରହିଛନ୍ତି। ଏହିସବୁ ଦେଶଗୁଡ଼ିକରେ ମୃତ୍ୟୁସଂଖ୍ୟା ଯଥାକ୍ରମେ ୨୭,୯୪୦, ୩୬,୩୯୩, ୩୨,୪୮୬, ୨୮,୨୧୫, ୮,୩୨୦, ୪,୨୪୯ ଓ ୭,୩୦୦ ରହିଛି। ଏହାକୁ ବାଦ୍‌ଦେଲେ ପେରୁରେ ଲକ୍ଷାଧିକ ରୋଗୀ ଥିବାବେଳେ ମୃତ୍ୟୁସଂଖ୍ୟା ୩,୧୪୮କୁ ବୃଦ୍ଧିପାଇଛି। ଅନ୍ୟଦେଶ ମଧ୍ୟରେ କାନାଡାରେ ୬,୧୫୨, ମେକ୍ସିକୋରେ ୬,୫୧୦, ବେଲଜିୟମରେ ୯,୨୧୨, ନେଦରଲାଣ୍ଡସରେ ୫,୭୮୮, ଚାଇନାରେ ୪,୬୩୪ ଓ ଇଣ୍ଡୋନେସିଆରେ ୧,୩୨୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଜୁଲାଇ ୧ରୁ ସିଆଇଏସ୍‌ସିଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୨୨।୫(ବ୍ୟୁରୋ):** କାଉନ୍‌ସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ(ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଦି ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ(ଆଇସିଏସ୍‌ଇ) ଓ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍(ଆଇଏସ୍‌ସି) ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି। କରୋନା ଯୋଗୁ ଆଇସିଏସ୍‌ଇ ଦଶମର ୮ଟି ବିଷୟ ଓ ଆଇଏସ୍‌ସି ଦ୍ୱାଦଶର ୬ଟି ବିଷୟରେ ପରୀକ୍ଷା ହୋଇପାରି ନ ଥିଲା। ତେଣୁ ବାକି ଥିବା ପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରାଯାଇଛି। ଆଇସିଏସ୍‌ଇ ଦଶମ ପରୀକ୍ଷା ଜୁଲାଇ ୨ତାରିଖରୁ ଆରମ୍ଭହୋଇ ୧୨ତାରିଖରେ ଶେଷ ହେବ। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଜୁଲାଇ ୧ତାରିଖରୁ ଆରମ୍ଭ ହୋଇ ୧୪ତାରିଖରେ ଶେଷ ହେବ। ପରୀକ୍ଷା ଶେଷ ହେବାର ୬ରୁ ୮ସପ୍ତାହ ଭିତରେ ଫଳାଫଳ ପ୍ରକାଶ ପାଇବ।

### ପାଇକାରୀ ବଜାରରେ ଟମାଟୋ କିଲୋ ୫ ଟଙ୍କା

**ନୂଆଦିଲ୍ଲୀ,୨୨।୫:** କରୋନା ଯୋଗୁ କୃଷକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ବିଭିନ୍ନ ସମସ୍ୟା ଲାଗି ପାଇକାରୀ ବଜାରରେ ଟମାଟୋର କିଲୋ ପ୍ରତି ଦର ୫ ଟଙ୍କାକୁ ଖସିଛି। ଏହି ସମୟରେ ଟମାଟୋର ପାଇକାରୀ ମୂଲ୍ୟ ୩ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଜଣାପଡିଛି। ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବାଦ ଭଳି ସହରରେ ଏଭଳି ସ୍ଥିତି ସାମ୍ନାକୁ ଆସିଛି। ସରକାରୀ ତଥ୍ୟ ମୁତାବକ ପାଇକାରୀ ବଜାରରେ ଶୁକ୍ରବାର ଏହାର ମୂଲ୍ୟ ପ୍ରାୟ ୪ ଟଙ୍କାରୁ ୧୦ ଟଙ୍କା ମଧରେ ରହିଥିବା ଦେଖାଯାଇଥିଲା। ଗତବର୍ଷ ସମାନ ସମୟରେ ଟମାଟୋର ଖୁଚୁରା ଦର ୩୦ରୁ ୪୦ ଟଙ୍କା ରହିଥିବା ବେଳେ ଏହା ଚଳିତ ବର୍ଷ ୧୦ ଟଙ୍କାକୁ ଖସିଛି। ଦିଲ୍ଲୀର ଆଜାଦପୁର ମଣ୍ଡିରେ ଗତ ବର୍ଷ ୨୨ ମେ'ରେ ଟମାଟୋର ଖୁଚୁରା ମୂଲ୍ୟ ୧୪.୩୦ ଟଙ୍କା ରହିଥିବା ବେଳେ ଏହା ହାଇଦ୍ରାବାଦରେ ୩୦ ଟଙ୍କାରୁ ଉର୍ଦ୍ଧ୍ୱରେ ରହିଥିଲା। କୋଭିଡ୍ ଏବଂ ଚାହିଦା ଖସିବା ଯୋଗୁ ଏଭଳି ସ୍ଥିତି ସାମ୍ନାକୁ ଆସିଥିବା ଜଣାପଡିଛି।

### କରୋନା ସଙ୍କଟ ଟାଳିବାକୁ ଅଧିକ ପଦକ୍ଷେପ ନିଆଯିବ

**ନୂଆଦିଲ୍ଲୀ,୨୨।୫:** କରୋନା ସଙ୍କଟକୁ ଟାଳିବା ଲାଗି ସରକାର ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ଦିଗରେ ସରକାର ଅଧିକ ପଦକ୍ଷେପ ଗ୍ରହଣ କରିବେ ବୋଲି ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ବର୍ତ୍ତମାନ ଯାଏ ସରକାର କିଛି ପଦକ୍ଷେପ ଘୋଷଣା କରିଛନ୍ତି। ଆତ୍ମନିର୍ଭର ଭାରତ ଲାଗି ସରକାର ଅନ୍ୟ ଉପାୟ ମଧ ଶୀଘ୍ର ହାତକୁ ନେବେ। ସାଧାରଣ ଲୋକଙ୍କୁ ସହାୟତା କରିବା ଲାଗି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜରେ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ମୋଟ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ହେଲେ ଏହା ବାସ୍ତବିକ ଭାବେ ମୋଟ ଜିଡିପିର ୧% ହେବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ପର୍ଯ୍ୟଟନ ଏବଂ ହୋଟେଲ ଶିଳ୍ପ ସହ ଯେଉଁ କ୍ଷେତ୍ରଗୁଡିକ ବଞ୍ଚିଯାଇଛି ସେ ଦିଗରେ ବିଭିନ୍ନ ଉପାୟ ସରକାର ବିଚାର କରୁଛନ୍ତି। ୨୦୨୦ ସୁଧାରର ବର୍ଷ ହେବ। ଯାହାବି ପଦକ୍ଷେପ ନିଆଯିବ ଏହା ଲୋକଙ୍କ ଉପକାରରେ ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ସୁନ୍ଦରଗଡ଼ରେ ପୁଣି ୫ ପଜିଟିଭ୍ ଚିହ୍ନଟ

**ସୁନ୍ଦରଗଡ଼,୨୨।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ରେ ପୁଣି ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି। ଶୁକ୍ରବାର ଚିହ୍ନଟ ହୋଇଥିବା ୫ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୩ଜଣ ଟାଙ୍ଗରପାଲି ବ୍ଲକ ରତନପୁର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି। ଅନ୍ୟ ୨ଜଣ ବଡଗାଁ ବ୍ଲକ ରୁନୁଗାଁ କ୍ୱାରାଣ୍ଟାଇନ କେନ୍ଦ୍ରର ବୋଲି ଜଣାପଡିଛି।



ବାତ୍ୟାଞ୍ଚଳ ପରିଦର୍ଶନ କରିବା ପରେ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।

# ଆଉ ୮୬ କରୋନା ପଜିଟିଭ୍

- ୮ ରାଜ୍ୟରୁ ୭୬ ଓ ୪ ଦୁବାଇ ଫେରନ୍ତା
- ଯାଜପୁରରେ ୨୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା
- ସୁସ୍ଥ ହେଲେ ଆଉ ୪୬
- ୧୩୮ ମହିଳା, ୧୦୫୧ ପୁରୁଷ ଆକ୍ରାନ୍ତ
- ଗଞ୍ଜାମରେ ସର୍ବାଧିକ ୨୭.୧% ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ରାଜ୍ୟରେ ଆଉ ୮୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଯାଜପୁରରୁ ୪୬ ଜଣାଥିବାବେଳେ କଟକର ୧୧, ନୟାଗଡ଼ ୬, ଗଞ୍ଜାମ ୫, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଖୋର୍ଦ୍ଧା ଓ ପୁରୀରେ ୩ଜଣ ଲେଖାଏ ରହିଛନ୍ତି। ସେହିପରି ବଲାଙ୍ଗୀରର ୨ଜଣ ଥିବାବେଳେ ସୁନ୍ଦରଗଡ଼ର ଜଣେ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୧୮୯କୁ ବୃଦ୍ଧି ପାଇଛି। ଯାଜପୁରରେ ନୂଆ ୪୬ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୨୦୦ ଟପିଯାଇଛି। ଏହି ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୨୫ ହୋଇଛି।

ଗତ ୨୪ଘଣ୍ଟାରେ ଚିହ୍ନଟ ହୋଇଥିବା ୮୬ଜଣଙ୍କ ମଧ୍ୟରୁ ୮୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୬ଜଣ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ତେବେ ଯେଉଁମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି ସେମାନେ ୮ରାଜ୍ୟରୁ ୭୬ଜଣ ଓ ଦୁବାଇରୁ ୪ଜଣ ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୋଟ ୮୬ଜଣଙ୍କ ମଧ୍ୟରୁ ପଶ୍ଚିମବଙ୍ଗରୁ ସର୍ବାଧିକ ୪୬ଜଣ ରହିଥିବାବେଳେ ମହାରାଷ୍ଟ୍ର ୮, ସୁରଟ ୮, ଗୁଜରାଟ ୪, ତାମିଲନାଡୁ ୪, ତେଲେଙ୍ଗାନା ୪, ଛତିଶଗଡ଼ ଓ ହରୟାଣାରୁ ଜଣେ ଲେଖାଏ ରହିଥିବାବେଳେ ଦୁବାଇ ଫେରନ୍ତା ୪ଜଣ ରହିଛନ୍ତି। ୬ଜଣ ଲୋକାଲ କେସ୍ ମଧ୍ୟରୁ ଖୋର୍ଦ୍ଧା ଓ ଗଞ୍ଜାମର ଦୁଇଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼ ଓ କଟକରେ ଜଣେ ଲେଖାଏ ରହିଛନ୍ତି। ଲୋକାଲ କେସ୍ ଚିହ୍ନଟ ହେଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ପୁଣି କରୋନା ପ୍ରତି ଭୟ ବଢ଼ି ଯାଇଛି। ଯଦିଓ ରାଜ୍ୟରେ ଅଧିକାଂଶ ରୋଗୀ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଛନ୍ତି ତେବେ ପ୍ରତିଦିନ ଆକ୍ରାନ୍ତଙ୍କ ମଧ୍ୟରେ ଲୋକାଲ କେସ୍ ରହୁଛି।

ରାଜ୍ୟରେ ମୋଟ ଆକ୍ରାନ୍ତଙ୍କଙ୍କ ମଧ୍ୟରୁ ୧୩୮ଜଣ ମହିଳା ଥିବାବେଳେ ୧୦୫୧ ପୁରୁଷ ରହିଛନ୍ତି। ତେବେ ଓଡ଼ିଶାରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଯୁବପିଢ଼ି ଅଧିକ ରହିଛନ୍ତି। ୧୫ରୁ ୪୦ବର୍ଷ ମଧ୍ୟରେ ୭୭୦ ଜଣ ଆକ୍ରାନ୍ତ ଥିବାବେଳେ, ୦ରୁ ୧୪ବର୍ଷ ବୟସ ମଧ୍ୟରେ ୩୬, ୪୧ରୁ ୬୦ ମଧ୍ୟରେ ୩୨୬ ଓ ୬୦ବର୍ଷରୁ ଉର୍ଦ୍ଧ୍ୱରେ ରହିଛନ୍ତି ୫୭ଜଣ ଆକ୍ରାନ୍ତ। ରାଜ୍ୟରେ ଏବେ ୨୪ଜିଲା କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛି। ତେବେ ରାଜ୍ୟର ମୋଟ ସଂକ୍ରମିତଙ୍କ ମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ରହିଛନ୍ତି। ଏହି ଜିଲାରେ ରାଜ୍ୟର ୨୭.୧% ଆକ୍ରାନ୍ତ ଥିବା ବେଳେ ଯାଜପୁରରେ ୧୮.୯%, ବାଲେଶ୍ୱରରେ ୧୦.୫%, ଭଦ୍ରକ ୮.୨%, ଖୋର୍ଦ୍ଧା ୬.୨% ରହିଛି।

ସେପଟେ ପ୍ରତିଦିନ ଭଳି ଶୁକ୍ରବାର ମଧ ରାଜ୍ୟବାସୀଙ୍କୁ ମିଳିଛି ଆଶ୍ୱସ୍ତି। ରାଜ୍ୟରେ ପୁଣି ୪୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅନୁଗୋଳ ଜିଲାରୁ ୧୫ଜଣ ରହିଥିବାବେଳେ ଗଞ୍ଜାମ, ରାଉରକେଲା ଓ ଯାଜପୁରରୁ ୮ଜଣ ଲେଖାଏ ଏବଂ ପୁରୀ, କେନ୍ଦ୍ରାପଡ଼ା, କଟକ ଓ ବୌଦ୍ଧରୁ ଜଣେ ଲେଖାଏ ରହିଛନ୍ତି। ଯାହାଫଳରେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୭୪୬ଜଣ ସକ୍ରିୟ ରୋଗୀ ରହିଛନ୍ତି।



ଅମ୍ଫନ୍ କ୍ଷତିଗ୍ରସ୍ତଙ୍କ ପ୍ରତି ସହାୟତାର ହାତ ବଢାଇବା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ଶୁକ୍ରବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଅମ୍ଫନ୍‌ରେ କାହାର ମୃତ୍ୟୁ ହୋଇ ନାହିଁ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ମେ ୨୦ ତାରିଖରେ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଥିବା ସାମୁଦ୍ରିକ ଝଡ଼ରେ କାହାର ମୃତ୍ୟୁ ହୋଇ ନାହିଁ। ଏଥିରେ ୪୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ବହୁ ସଂଖ୍ୟାରେ କଚ୍ଚାଘର ଭାଙ୍ଗିଛି। ଯଦିଓ ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାରେ ଦୁଇଜଣଙ୍କର ବାତ୍ୟା ଯୋଗୁ ମୃତ୍ୟୁ ହୋଇଥିବା କୁହାଯାଉଥିଲା, ତେବେ ତାହା ଅନ୍ୟ କାରଣରୁ ହୋଇଥିବା ଜିଲାପାଳଙ୍କ ରିପୋର୍ଟରୁ ସୂଚନା ମିଳିଛି। ଭଦ୍ରକର ଜଣେ ୪ବର୍ଷ ଶିଶୁର କାନ୍ଥପଡିବା ଯୋଗୁ ମୃତ୍ୟୁ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଜଣେ ୬୭ବର୍ଷର ବୃଦ୍ଧାଙ୍କର ମୃତ୍ୟୁ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ଉଭୟ ମୃତ୍ୟୁ ବାତ୍ୟାଜନିତ ନ ଥିବା ସମ୍ପୃକ୍ତ ଜିଲାର ଜିଲାପାଳମାନେ ରିପୋର୍ଟ ଦେଇଛନ୍ତି। ସେହିପରି ଜଗତ୍‌ସିଂହପୁର ଜିଲାରେ ହୋଇଥିବା ମୃତ୍ୟୁ ବାତ୍ୟାଜନିତ ନୁହେଁ ବୋଲି ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ଜାଗମରାରେ ପିଏନ୍‌ବି ଲୋନ୍ ପଏଣ୍ଟ

**ଭୁବନେଶ୍ୱର,୨୨।୫**

ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ରାମ୍ (ରିଟେଲ,କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ)ର ଲୋନ୍ ପଏଣ୍ଟ ସ୍ଥାନୀୟ ଜାଗମରା ସ୍ଥିତ ଓରିଏଣ୍ଟାଲ ବ୍ୟାଙ୍କ କ୍ୟାମ୍ପସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଉପମହାପ୍ରବନ୍ଧକ ଗଣପତ ଲାଲ, ଉପମହାପ୍ରବନ୍ଧକ ତୌଫିକ ଆଲମ ଏବଂ ଉପମହାପ୍ରବନ୍ଧକ ରାଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋନ୍ ପଏଣ୍ଟ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ପ୍ରକାର ଖୁଚୁରା ଋଣ, କୃଷି ଋଣ ଏବଂ କ୍ଷୁଦ୍ର,ଲଘୁ ଓ ମଧ୍ୟମଧରଣର ଉଦ୍ୟୋଗୀଙ୍କୁ ଋଣ ପ୍ରଦାନରେ ବ୍ୟାପକ ସହାୟକ ହେବ। ଫଳରେ ବ୍ୟବସାୟୀଙ୍କୁ ବହୁ ସୁବିଧା ହେବା ସହ ସହଜରେ ଆବଶ୍ୟକ କାର୍ଯ୍ୟ ଏହା ମାଧ୍ୟମରେ କରିପାରିବେ ବୋଲି ଆଶା କରାଯାଉଛି।

## ମା'ଙ୍କୁ ଠେଙ୍ଗାରେ ପିଟି ମାରିଦେଲେ ୨ ପୁଅ

**ବାଙ୍ଗିରିପୋଷି,୨୨।୫(ଡି.ଏନ୍.ଏ.)**

ଘରୋଇ କଳହକୁ ନେଇ ମା'ଙ୍କୁ ଠେଙ୍ଗାରେ ପିଟି ୨ ପୁଅ ମାରି ଦେଇଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ବଣକାଟି ପଞ୍ଚାୟତ ଅନ୍ତର୍ଗତ ସାତଭାୟା ତଳସାହି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ ତୁଳସୀ ସିଂ(୫୫)। ପୋଲିସ ହତ୍ୟାକାରୀ ୨ ଭାଇ ରବି ସିଂ (୨୫) ଏବଂ ରାଜୁ ସିଂ(୨୩)ଙ୍କୁ ଗିରଫ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ଅନୁଯାୟୀ, ୫ପୁଅ ଓ ଜଣେ ଝିଅଙ୍କୁ ନେଇ ତୁଳସୀଙ୍କ ସଂସାର। ବଡ଼ ପରିବାର ସହିତ ଘରେ ପ୍ରାୟ ଅଧିକାଂଶ ସଦସ୍ୟ ନିଶା ସେବନ କରନ୍ତି। ସେଥିପାଇଁ ସବୁବେଳେ ଘରେ କଳି ଝଗଡ଼ା ଲାଗି ରହିଥାଏ। କିଛି ଦିନ ତଳେ ପୁଅ ରବି ସିଂ ତାଙ୍କ ସ୍ତ୍ରୀକୁ କିଛି ଟଙ୍କା ରଖିବାକୁ ଦେଇଥିଲେ। କିନ୍ତୁ ମା' ତୁଳସୀ ସେଥିରୁ ୧୫୦୦ ଟଙ୍କା ମାଗି ଆଣି ଖର୍ଚ୍ଚ କରି ଦେଇଥିଲେ। ଏହା ଜାଣିବା ପରେ ରବି ଏବଂ ତୁଳସୀଙ୍କ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଝଗଡ଼ା ହୋଇଥିଲା। ପରେ ରବି ଏବଂ ଅନ୍ୟ ଜଣେ ପୁଅ ରାଜୁ ପ୍ରଚୁର ମଦ୍ୟପାନ କରି ଘରକୁ ଫେରି ପୁଣିଥରେ ଉକ୍ତ ଟଙ୍କାକୁ କେନ୍ଦ୍ର କରି ମା'ତୁଳସୀଙ୍କୁ ଗାଳିଗୁଲଜ କରିଥିଲେ। ରାଗ ଚରମସୀମାରେ ପହଞ୍ଚିବା ପରେ ୨ ଭାଇ ତୁଳସୀଙ୍କୁ ଠେଙ୍ଗାରେ ନିସ୍ଥୁକ ପିଟି ଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁଳସୀଙ୍କ ସ୍ୱାମୀ ବିଶୁ ସିଂଙ୍କ ଲିଖିତ ଅଭିଯୋଗ ପାଇ ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

## ବିମାନ, ରେଳ ଟିକେଟ ବୁକିଂ ଆରମ୍ଭ



ଟିକେଟ ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନ କାଉଣ୍ଟରରେ ଯାତ୍ରୀଙ୍କ ସାମାଜିକ ଦୂରତ୍ୱ ବଜାୟ।

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ବିମାନରେ ଘରୋଇ ଉଡ଼ାଣ ସହ ରେଳରେ ଯାତାୟତ କରିବା ପାଇଁ ଟିକେଟ ବୁକିଂ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୮ଟାରୁ ପୂର୍ବତଟ ରେଳପଥ ପକ୍ଷରୁ ଟିକେଟ୍ ବୁକିଂ ଆରମ୍ଭ କରାଯାଇଥିବାବେଳେ ମଧ୍ୟାହ୍ନ ୧୨ଟା ୩୦ରୁ ଏୟାର ଇଣ୍ଡିଆ ପକ୍ଷରୁ ଟିକେଟ ବୁକିଂ ଆରମ୍ଭ ହୋଇଛି। ଏନେଇ ଏୟାର ଇଣ୍ଡିଆ ଓ ପୂର୍ବତଟ ରେଳ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଆସନ୍ତା ୨୫ତାରିଖରୁ ଏୟାର ଇଣ୍ଡିଆ ଦ୍ୱାରା ଦେଶରେ ଘରୋଇ ବିମାନ ଉଡ଼ାଣ ଆରମ୍ଭ ହେବ। ବିମାନରେ ଯାତ୍ରା କରିବାକୁ ଚାହୁଁଥିବା ଲୋକମାନେ airindia.inରେ ଲଗ୍‌ଇନ୍ କରି ଟିକେଟ୍ ବୁକ୍ କରିବା ପାଇଁ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଯଦି କେହି ଅନ୍‌ଲାଇନ୍‌ରେ ଲଗ୍ ଇନ୍ କରି ଟିକେଟ ବୁକ୍ କରିପାରୁନାହାନ୍ତି, ତେବେ ସେ କୌଣସି ଟ୍ରାଭେଲ୍ ଏଜେଣ୍ଟଙ୍କ ଦ୍ୱାରା ଟିକେଟ ବୁକ୍ କରିପାରିବେ ଓ ଗ୍ରାହକ ସେବା କେନ୍ଦ୍ରକୁ ଫୋନ୍ କରି ଟିକେଟ୍ ବୁକ୍ କରିପାରିବେ ବୋଲି କୁହାଯାଇଛି।

ସେହିପରି ଜୁନ୍ ୧ତାରିଖରୁ ସାରା ଦେଶରେ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ପାଇଁ ଟିକେଟ୍ ବୁକିଂ ପ୍ରକ୍ରିୟା ମଧ ଆରମ୍ଭ ହୋଇଛି। ଶୁକ୍ରବାର ଓଡ଼ିଶାରେ ମୋଟ୍ ୮୭ଟି ସ୍ଥାନରେ କମ୍ପ୍ୟୁଟରାଇଜ୍‌ଡ୍ ରିଜର୍ଭେଶନ କାଉଣ୍ଟରରେ ଟିକେଟ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପୂର୍ବତଟ ରେଳପଥ ଅଧୀନରେ ଥିବା ଛତିଶଗଡ଼ ଡିଭିଜନ୍‌ରେ ୭ ସ୍ଥାନରେ ଓ ଆନ୍ଧ୍ରପ୍ରଦେଶର ୨୩ ସ୍ଥାନରେ ବୁକିଂ କାଉଣ୍ଟରଗୁଡ଼ିକରେ ସାମାଜିକ ଦୂରତ୍ୱକୁ ବଜାୟ ରଖି ଜନସାଧାରଣ ଟିକେଟ ବୁକିଂ କରିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନରେ ୩ଟି ବୁକିଂ କାଉଣ୍ଟରରେ ଟିକେଟ ବୁକ୍ ହୋଇଥିବା କଥା ନଜରକୁ ଆସିଛି। ଶୁକ୍ରବାର ରାତି ୭ଟା ସୁଦ୍ଧା ଖୋର୍ଦ୍ଧାରୋଡ ଡିଭିଜନ ଅନ୍ତର୍ଗତ ବିଭିନ୍ନ କାଉଣ୍ଟରରେ ୩୪୨ଟିକେଟ ବୁକିଂ ହୋଇଥିବା ପୂର୍ବତଟ ରେଳ ପକ୍ଷରୁ ସୂଚନା ମିଳିଛି। ଜୁନ୍ ୧ ତାରିଖରୁ ସାରା ଦେଶରେ ମୋଟ୍ ୧୦୦ ଯୋଡ଼ା ଟ୍ରେନ୍ ଚଳାଇବା ପାଇଁ ରେଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଥିସହିତ ଚାଲୁଥିବା ୧୫ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ପାଇଁ ଟିକେଟ ବୁକିଂ ପଦ୍ଧତିରେ ସଂଶୋଧନ କରାଯାଇଛି। ଆଗୁଆ ସଂରକ୍ଷଣ ଅବଧି ୭ ରୁ ୩୦ଦିନକୁ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତନ ୨୪ମେ ଠାରୁ ହେବାକୁ ଥିବା ବୁକିଂ ଏବଂ ୩୧ମେ ଠାରୁ ଚାଲିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ୍ ପାଇଁ ଲାଗୁହେବ।

## ଟୁଇଟ୍ କରି ସହଯୋଗର ହାତ ବଢ଼ାଇଲେ ୩ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

**ସମବେଦନା ଜଣାଇଲେ ରାଷ୍ଟ୍ରପତି**

ବାତ୍ୟା 'ଅମ୍ଫନ୍' ପ୍ରକୋପରୁ ଓଡ଼ିଶା ବର୍ତ୍ତି ଯାଇଥିବାବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟା ସମୀକ୍ଷା ଲାଗି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ରାଜ୍ୟ ଗସ୍ତ କରି ଫେରିଛନ୍ତି। ଅନ୍ୟପଟେ ବାତ୍ୟା ପରବର୍ତ୍ତୀ ସମୟରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ସହ ଆଲୋଚନା କରିଛନ୍ତି। ସେ ଟୁଇଟ୍ କରି ରାଜ୍ୟର କ୍ଷୟକ୍ଷତି ଏବଂ ଲୋକଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସଙ୍କଟ ସମୟରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦେବା ଲାଗି ଦେଶ ଏକାଠି ହୋଇଛି। ଖୁବ୍‌ଶୀଘ୍ର ଏବଂ ଦୃଢତାର ସହ ବିପତ୍ତିର ମୁକାବିଲା କରିହେବ ବୋଲି ରାଷ୍ଟ୍ରପତି ଜଣାଇଛନ୍ତି। ସେହିପରି ଓଡ଼ିଶା ତରଫରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ ରିଟୁଇଟ୍ କରି ମମତା ଧନ୍ୟବାଦ ଜଣାଇଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପଶ୍ଚିମବଙ୍ଗ ସହ ଓଡ଼ିଶା ରହିଛି ବୋଲି ନବୀନ ଟେଲିଫୋନରେ ମମତାଙ୍କ ସହ ଆଲୋଚନା କରିଛନ୍ତି। ଅନୁରୂପ ଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଧ ଓଡ଼ିଶାକୁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଟୁଇଟ୍ ମାଧ୍ୟମରେ କହିଛନ୍ତି। ସେହିଭଳି ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ମଧ ଓଡ଼ିଶାବାସୀ ଏବଂ ପଶ୍ଚିମବଙ୍ଗବାସୀଙ୍କ ସହିତ ରହିଥିବା ଟୁଇଟ୍ କରିଛନ୍ତି। ବାତ୍ୟା ଦୁର୍ଗତଙ୍କ ପ୍ରତି ସମବେଦନା ଜଣାଇବା ପରେ ରାଷ୍ଟ୍ରପତି ଏବଂ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ।

## ସ୍ମୃତିରେ ସଜଳ କଳ୍ପନା

# ପର୍ବତରାଣୀଙ୍କୁ ଝୁରୁଛି ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୨୨।୫**

ଏଭରେଷ୍ଟର ଉତ୍ତୁଙ୍ଗ ଶିଖରରେ ତ୍ରିରଙ୍ଗା ଉଡ଼ାଇବା ସ୍ୱପ୍ନ ସାକାର କରୁକରୁ ସବୁଦିନ ଲାଗି ନୀରବିଗଲେ ପର୍ବତରାଣୀ କଳ୍ପନା ଦାଶ। ଏହି ଦୁଃଖଦ ଘଟଣାକୁ ଚାହୁଁ ଚାହୁଁ ବର୍ଷେ ପୂରିଛି। ଶନିବାର (ମେ' ୨୩)ରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ। ଏହି ଦୁଃସାହସୀ ପର୍ବତାରୋହୀଙ୍କ ମୃତ୍ୟୁ ଢେଙ୍କାନାଳବାସୀଙ୍କୁ ଶକ୍ତ ଧକ୍କା ଦେଇଥିବାବେଳେ ଏବେ ବି ସ୍ମୃତିରେ ସଜଳ କଳ୍ପନା।

ବୃତ୍ତିରେ ଆଇନଜୀବୀ କଳ୍ପନା ୨୦୦୮ରେ ଏଭରେଷ୍ଟ ଶିଖରରେ ପାଦ ରଖି ଚର୍ଚ୍ଚାକୁ ଆସିଥିଲେ। ଏହାପରେ ସେ ଦକ୍ଷିଣଆଫ୍ରିକା, ଅଷ୍ଟ୍ରେଲିଆରେ ଥିବା ସୁଉଚ୍ଚ ଗିରିଶୃଙ୍ଗ ମଧ ଆରୋହଣ କରି ସଫଳତା ସାଉଁଟିଥିଲେ। ତେବେ ଦ୍ୱିତୀୟ ଥର ଧୋକା ଦେଇଦେଲା ଏଭରେଷ୍ଟର ପ୍ରତିକୂଳ ପାଗ। ୨୦୧୯ ଏପ୍ରିଲ ୧୭ରେ କଳ୍ପନା ଏଭରେଷ୍ଟ ଆରୋହଣ ପାଇଁ ନେପାଳର ଲୁକ୍‌ଲାଠାରେ ପହଞ୍ଚିଥିଲେ ସେ। ୨୩ ତାରିଖ ମଧ୍ୟାହ୍ନ ୧୨ଟା ୧୫ରେ ଏଭରେଷ୍ଟ ଶୀର୍ଷରେ ପହଞ୍ଚି ଅଭିଯାନ


କଳ୍ପନାଙ୍କ ଫଟୋଚିତ୍ର ନିକଟରେ ଆତ୍ମୀୟସ୍ୱଜନମାନେ।

**ଆଜି ଶ୍ରାଦ୍ଧବାର୍ଷିକୀ**

ଶେଷ କଲେ। ତେବେ ସନ୍ଧ୍ୟା ୬ଟା ୪୧ରେ ଭାଇ ପ୍ରଦୀପ ଦାଶଙ୍କ ନିକଟକୁ କଳ୍ପନାଙ୍କ ମୃତ୍ୟୁ ଖବର ଆସି ପହଞ୍ଚିଲା। ଫେରିବା ବେଳେ ବରଫ ପାହାଡ଼ର ଏକ ଉଚ୍ଚ ସ୍ଥାନରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ପୃଥିବୀର ବୃହତ୍ ଗିରିଶୃଙ୍ଗରେ ଯଦିଓ ସେ ପାଦ ରଖି ଜାତୀୟ ପତାକା ଉଡ଼ାଇଥିଲେ, ହେଲେ ଫେରିବା ବାଟରେ ସେ ହୋଇଗଲେ ମୃତ୍ୟୁପଥର ଯାତ୍ରୀ।

କଳ୍ପନା ଥିଲେ ଯୁବଗୋଷ୍ଠୀଙ୍କ ପ୍ରେରଣା। ମହିଳା, ଯୁବତୀ ଲାଗି ଉଦାହରଣ। ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବ୍ୟବହିତ ପୂର୍ବରୁ ଢେଙ୍କାନାଳ କାଞ୍ଚନ ବଜାରରେ ଥିବା ତାଙ୍କ ଘରେ ଲାଗିଛି ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ ଭିଡ଼। ସମସ୍ତଙ୍କ ମୁହଁରେ ଗୋଟିଏ କଥା, କଳ୍ପନା ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଗଲେ। ମା' ଶୈଳବାଳା ଦାଶଙ୍କ ଆଖିରେ ଏବେ ବି ସାହସୀ ଝିଅଙ୍କୁ ହରାଇବାର ଦୁଃଖ ବାରିହୋଇପଡ଼ିଛି। କଳ୍ପନାଙ୍କ ଫଟୋ ଆଗରେ ଲୁହଗଡ଼ାଇ ସେ ପୁରୁଣା ସ୍ମୃତିକୁ ମନେ ପକାଉଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ମନା କରିବା ସତ୍ତ୍ୱେ ଘରେ କାହାକୁ ନ ଜଣାଇ କଳ୍ପନା ଏଭରେଷ୍ଟ ଚଢିବା ପାଇଁ ପଳାଇଯାଇଥିଲେ। ସଫଳତା ହାସଲ କଲେ ସତ ହେଲେ ଆମେ ସବୁଦିନ ପାଇଁ ତାଙ୍କୁ ହରାଇଲୁ। ତା'ପ୍ରତି ସମସ୍ତଙ୍କର ଭଲପାଇବା ଅଭୁଲା ବୋଲି ଶୈଳବାଳା କହିଛନ୍ତି।

ମଧ୍ୟାହ୍ନରେ ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର କଳ୍ପନାଙ୍କ ବାସଭବନରେ ପହଞ୍ଚି ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପର୍ବତ ଆରୋହଣ ପାଇଁ କଳ୍ପନାଙ୍କୁ ଭାରତ ସରକାରଙ୍କ ପକ୍ଷରୁ 'ତେନଜିଙ୍ଗ୍ ନର୍‌ଗେ' ସମ୍ମାନରେ ସମ୍ମାନିତ କରିବା ଏବଂ ଜିଲା ପ୍ରଶାସନ ପକ୍ଷରୁ ଢେଙ୍କାନାଳରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ସମ୍ପର୍କୀୟ ଗୌରୀଶଙ୍କର ଦାଶ, ସଂଯୁକ୍ତା ଦାଶ, ଗାୟତ୍ରୀ ଦାଶ ନିବେଦନ କରିଛନ୍ତି।

**ଆଜିର ମନ୍ତବ୍ୟ**

"ଗରିବଙ୍କୁ ତୁରନ୍ତ ଟଙ୍କା ଓ ମାଗଣା ରାଶନ ସହାୟତା ଏବଂ ଏମ୍‌ଏସ୍‌ଏମ୍‌ଇକୁ ଆର୍ଥିକ ସହଯୋଗ ନ ମିଳିଲେ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଯିବ। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କମ୍ୟୁନିଟି ରେଡିଓରେ ବିଜ୍ଞାପନ ସମୟ ବଢ଼ିବ

- ନ୍ୟୁଜ୍ ପ୍ରସାରଣ ପ୍ରସ୍ତାବ ବିଚାର କରାଯିବ
- କମ୍ୟୁନିଟି ରେଡିଓ ସଂଖ୍ୟା ବୃଦ୍ଧି ଲାଗି ଯୋଜନା

ନୂଆଦିଲ୍ଲୀ,୨୨।୫: ଟେଲିଭିଜନ ଚ୍ୟାନେଲ ଭଳି କମ୍ୟୁନିଟି ରେଡିଓରେ ବିଜ୍ଞାପନ ପ୍ରସାରଣ ସମୟ ଘଣ୍ଟାପ୍ରତି ୭ ମିନିଟରୁ ୧୨ ମିନିଟକୁ ବଢ଼ାଇବା ପାଇଁ ସରକାର ଆଗ୍ରହୀ ଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଶୁକ୍ରବାର କହିଛନ୍ତି। ସମସ୍ତ କମ୍ୟୁନିଟି ରେଡିଓ ଷ୍ଟେଶନର ଶ୍ରୋତାଙ୍କୁ ଉଦ୍‌ବୋଧନ ଦେଇ ଜାଭଡେକର କହିଥିଲେ, ଏଥିପାଇଁ ପାଣ୍ଠିର ଆବଶ୍ୟକ ନାହିଁ। କମ୍ୟୁନିଟି ରେଡିଓଗୁଡ଼ିକ ସ୍ଥାନୀୟ ବିଜ୍ଞାପନକୁ ଅଧିକ ରିଲେ କରିପାରିବେ। ରେଡିଓ ଷ୍ଟେଶନ ସ୍ଥାପନର ୭୫ ପ୍ରତିଶତ ଖର୍ଚ୍ଚ ମନ୍ତ୍ରଣାଳୟ ବହନ କରୁଥିବାବେଳେ ଦୈନନ୍ଦିନ ଖର୍ଚ୍ଚକୁ ସମ୍ପୃକ୍ତ ଷ୍ଟେଶନ ଭରଣା କରିଥାନ୍ତି। କମ୍ୟୁନିଟି ରେଡିଓ ପରିବର୍ତ୍ତନର ଏଜେଣ୍ଟ। ଏହା ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିଥାଏ। ଖୁବ୍‌ଶୀଘ୍ର ଏଭଳି ରେଡିଓ ଷ୍ଟେଶନ ସଂଖ୍ୟା ବଢ଼ାଯିବ ବୋଲି ଜାଭଡେକର କହିଥିଲେ।



ପ୍ରକାଶ ଜାଭଡେକର

ଏଫ୍‌ଏମ୍ ଚ୍ୟାନେଲ ଭଳି କମ୍ୟୁନିଟି ରେଡିଓ ଚ୍ୟାନେଲ ମାଧ୍ୟମରେ ଖବର ପ୍ରସାରଣ ପାଇଁ ହେଉଥିବା ଦାବି ସମ୍ପର୍କରେ ଜାଭଡେକର ଆଲୋଚନା କରିଥିଲେ। ଏଥିପାଇଁ ସରକାର ବିଚାର କରୁଛନ୍ତି। ମିଛ ଖବର ପ୍ରଚାର ବିରୋଧରେ ଏହି ଷ୍ଟେଶନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଲାଗି ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରୋତ୍ସାହିତ କରିଥିଲେ। ଏଥିପାଇଁ ନିର୍ଦ୍ଦିଷ୍ଟ ଖବରକୁ ପ୍ରସାରଣ କରିବା ପୂର୍ବରୁ ଏହାକୁ ଭଲ ଭାବେ ଯାଞ୍ଚ କରାଯିବା ଆବଶ୍ୟକ। ଉକ୍ତ ଖବରଗୁଡ଼ିକୁ ଅଲ୍ ଇଣ୍ଡିଆ ରେଡିଓ ସହ ଶେୟାର କରିବାକୁ ମଧ୍ୟ ସେ ଷ୍ଟେଶନଗୁଡ଼ିକୁ ଆହ୍ୱାନ ଦେଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ ପିଆଇବି ଅଧୀନରେ ଏକ ଫ୍ୟାକ୍ଟ ଚେକ୍ ସେଲ୍ ଗଠନ କରାଯାଇଛି। କମ୍ୟୁନିଟି ରେଡିଓ ଖବରଗୁଡ଼ିକର ମାନବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଜାଭଡେକର ମତ ଦେଇଥିଲେ। କରୋନା ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିବା ନିମନ୍ତେ ଆହ୍ୱାନ ଦେଇ ସେ କହିଥିଲେ, ଅନ୍ୟ ରୋଗକୁ ପରାସ୍ତ କରିବା ଭଳି ଆମେ ଏହି ରୋଗକୁ ମଧ୍ୟ ହରାଇଦେବା। ଏଥିପାଇଁ ଆମକୁ ୪ଟି ନିୟମ ଯଥା ଘରେ ରହିବା, ସାମାଜିକ ଦୂରତ୍ୱ ରଖିବା, ହାତ ଧୋଇବା ଏବଂ ମାସ୍କ ବ୍ୟବହାର କରିବାକୁ ହେବ ବୋଲି ସେ କହିଥିଲେ।

# ପ୍ରବାସୀଙ୍କୁ ମିଳିବ ୫ କେଜି ଚାଉଳ, କେଜିଏ ଚଣା

**ଠିକ୍ ତଥ୍ୟ ଲାଗି ଟାସ୍କଫୋର୍ସ ଗଠନ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ**

ଭୁବନେଶ୍ୱର, ୨୨।୫(ବ୍ୟୁରୋ): ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନ ଥିବା ପ୍ରବାସୀଙ୍କୁ କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଜରିଆରେ ତାଲିକାରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ପ୍ରବାସୀମାନଙ୍କୁ ମାସିକ ମୁଣ୍ଡପିଛା ୫ କେଜି ଚାଉଳ ଏବଂ ପରିବାର ପିଛା ୧ କେଜି ଚଣା ବିନାମୂଲ୍ୟରେ ଦୁଇମାସ ପାଇଁ ଦିଆଯିବ। ଏହାର ବଣ୍ଟନ ପ୍ରକ୍ରିୟା କିଭଳି ସୁବ୍ୟବସ୍ଥିତ ହେବ ସେ ନେଇ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କେନ୍ଦ୍ରମନ୍ତ୍ରୀ ରାମ ବିଳାସ ପାଶ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପ୍ରବାସୀ ଶ୍ରମିକମାନଙ୍କ ତାଲିକା ଦେବା ସହ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସବୁ ପ୍ରବାସୀଙ୍କୁ ଏହି ସୁବିଧା ମିଳୁ ବୋଲି ପ୍ରସ୍ତାବ ଦେଇଥିଲେ। ଏଥିସହ ପ୍ରବାସୀମାନଙ୍କ ଠିକ୍ ତଥ୍ୟ ସଂଗ୍ରହ ଲାଗି ଜାତୀୟସ୍ତରରେ ଏକ ଟାସ୍କଫୋର୍ସ ଗଠନ ନିମନ୍ତେ ଡାଟାବେସ୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସ୍ୱାଇଁ ପ୍ରସ୍ତାବ ରଖିଥିଲେ। ଏବେସୁଦ୍ଧା ମୋଟ୍ ହିତାଧିକାରୀଙ୍କ ସଂଖ୍ୟାର ସର୍ବାଧିକ ୧୦ ପ୍ରତିଶତ ହିସାବରେ ପ୍ରବାସୀଙ୍କ ନିମନ୍ତେ ଚାଉଳ ଓ ଚଣା ୨ ମାସ ପାଇଁ ଆବଣ୍ଟନ ସରିଛି। ଯେଉଁ ପ୍ରବାସୀମାନେ ଅନ୍ୟରାଜ୍ୟଗୁଡ଼ିକରେ ଅଟକି ଯାଇଛନ୍ତି ସେମାନଙ୍କୁ ସେହି ରାଜ୍ୟ ତୁରନ୍ତ ରିଲିଫ୍ ଆକାରରେ ଚାଉଳ ଓ ଚଣା ଯୋଗାଇ ଦେଉ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୨ଲକ୍ଷ କାର୍ଡଧାରୀଙ୍କୁ ୩ ମାସ ପାଇଁ ଚାଉଳ ଏବଂ ଡାଲି ଯୋଗାଇ ଦିଆଯାଇଛି। ଅବଶିଷ୍ଟ କାର୍ଡଧାରୀଙ୍କୁ ବଣ୍ଟନ କାର୍ଯ୍ୟ ମେ ୩୧ ସୁଦ୍ଧା ସମ୍ପନ୍ନ ହୋଇଯିବ ବୋଲି ମନ୍ତ୍ରୀ ସ୍ୱାଇଁ ବୈଠକରେ ତଥ୍ୟ ରଖିଥିଲେ। ଅନ୍ୟପଟେ କେନ୍ଦ୍ରର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟର ସବୁ ଜିଲାପାଳଙ୍କୁ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଛି। ଚାଉଳ ଏବଂ ଚଣା ଯୋଗାଣ ପରେ ହିତାଧିକାରୀମାନଙ୍କ ତାଲିକା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗରଜିଲା ମେଘ ବରଷେ ନାହିଁ**
**ବରଷେ ଧୂଳିଆ**
**ଧୋବ ଧାବଳିଆ ପୋଷଇ ନାହିଁ**
**ପୋଷଇ ମୂଳିଆ ।**

ମେଘ ଗର୍ଜନ କଲେ ବଡ଼ ବର୍ଷା ହୁଏନାହିଁ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ। କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡବଡ଼ିଆ କିଛି କରନ୍ତି ନାହିଁ। ସେମାନେ କେବଳ ମାତ୍ର ନାମଧାରୀ। ଚାଷୀ ମୂଳିଆ ଚାଷବାସ କରି ସଭିଙ୍କୁ ଆହାର ଯୋଗାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହମ ଖାଇଲା ପୋକ**
**କାହୁଁ ଆସିଥିଲା ହୁଣ୍ଡା ରସିକ**
**ଘର ଯାକ ପାନପିକ ।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**


## classified

real estate

**SALE**

Gharabari plot for sale at Satya Vihar near Saptasati Mandir. 9437189270. D-56664

3900 SFT plot immediately sale Jharpada, Bhubaneswar, BDA Yellow zone buyers directly Contact DEEPAK- 9937329999. D-68080

**Plotting at Pitapalli near National high way with 30' road fasility first possession then registration, Contact. 7978601422.** D-69117

Gold on Booking. 4/5 BHK Duplex at Balianta. Construction- 2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

healthcare

Newly open spa centre full body massage smart ladies: 8260347387. D-59948

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ସଙ୍କଟରେ ବିମାନ...

ଆକ୍ସନ (ସିଏପିଏ) ବିଶ୍ଳେଷକଙ୍କ ମତରେ ସ୍ଥିତି ଖୁବ୍‌ଶୀଘ୍ର ନ ସୁଧୁରିଲେ ବିଶ୍ୱର ଏୟାରଲାଇନ୍ସଗୁଡ଼ିକ ମେ' ଶେଷ ସୁଦ୍ଧା ଦେବାଳିଆ ହୋଇଯିବେ। ଏଭଳି ସମୟରେ ସେମାନଙ୍କ ପ୍ରସ୍ତାବ ଅନୁସାରେ ଏକ ସମ୍ଭାବ୍ୟ ସମାଧାନ ହେଉଛି ଏୟାରଲାଇନ୍ସଗୁଡ଼ିକର ଜାତୀୟ ମାଲିକାନା ନିୟମଗୁଡ଼ିକୁ ରଦ୍ଦ କରି ଇଣ୍ଡଷ୍ଟ୍ରିକୁ ଗ୍ଲୋବାଲ୍ ବ୍ରାଣ୍ଡରେ ମିଶ୍ରଣ ହେବା ପାଇଁ ଅନୁମତି ଦେବା। କରୋନା ସଙ୍କଟ ବୈଶ୍ୱିକ ଏୟାରଲାଇନ୍ ଇଣ୍ଡଷ୍ଟ୍ରିକୁ ପୁଣିଥରେ ସଜାଡ଼ି ଉଡାଣ ଭରିବା ଲାଗି ଏକ ବିରଳ ସୁଯୋଗ ଦେଇଛି। ଏଭଳି ସଙ୍କଟରୁ ମୁକ୍ତ ହେବାର ମାନେ ହେଉଛି ରକ୍ତାକ୍ତ ହୋଇ ଯୁଦ୍ଧଭୂଇଁକୁ ଯିବା। ଏହି କ୍ଷେତ୍ର ଆଇନ ପ୍ରଣେତା ଓ ଆର୍ଥିକ ବଜାରଗୁଡ଼ିକ ପାଇଁ ସେମାନଙ୍କ ଦାବିଗୁଡ଼ିକୁ ଉପସ୍ଥାପନ କରିବା ଲାଗି ଖୋଲା ଅଛି। ସେମାନେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା, ନିଜ କାର୍ବନ ପଦଚିହ୍ନ ହ୍ରାସ କରିବା ଓ ଅଧିକ ସ୍ଥାୟୀ ବ୍ୟବସାୟ ପାଇଁ ଉପାୟ ଆପଣାଇବା ଉଚିତ ଭଳି କେତେକ ପଦକ୍ଷେପକୁ ନେଇ ଏକ ଦୀର୍ଘ ତାଲିକା ରହିଛି।

କରୋନା ଭୂତାଣୁର ପ୍ରଭାବ ସାରା ବିଶ୍ୱକୁ କଲବଲ କରିଥିବାବେଳେ ଅନେକ ଏୟାରଲାଇନ୍ସ ଦେବାଳିଆ ଅବସ୍ଥାକୁ ଚାଲିଆସିଛନ୍ତି। ବିମାନଗୁଡ଼ିକ ଏୟାରପୋର୍ଟରେ ବସିରହିବା ଫଳରେ ନଗଦ ଭଣ୍ଡାର ଖାଲି ହେବାରେ ଲାଗିଛି। ରଦ୍ଦଠାରୁ ଫରୱାର୍ଡ ବୁକିଂ ବହୁତ ଅଧିକ ଏବଂ ପ୍ରତ୍ୟେକ ଥର ସରକାରଙ୍କଠାରୁ ଗୋଟିଏ ଗୋଟିଏ ନୂଆ ସୁପାରିସ ଆସୁଛି, ଯାହାକି ଉଡ଼ାଣ ଓ ଯାତ୍ରାକୁ ନିରୁତ୍ସାହିତ କରିବ। ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ (ଆଇଏଟିଏ)ର ସଦ୍ୟ ଭବିଷ୍ୟବାଣୀ ହେଉଛି, ୟୁରୋପୀୟ ଏୟାରଲାଇନ୍ସଗୁଡ଼ିକର ଚାହିଦା ୨୦୧୯ ତୁଳନାରେ ୨୦୨୦ରେ ୫୫%କୁ ଖସିଯିବ। ଫଳରେ ସମ୍ଭାବ୍ୟ ରାଜସ୍ୱ କ୍ଷତି ୮୯ ବିଲିୟନ୍ ଡଲାରରେ ପହଞ୍ଚିବ। କରୋନା ଭାଇରସ୍ ଯୋଗୁ ଏହି କ୍ଷତିର ପରିମାଣ ୭୬ ବିଲିୟନ୍ ଡଲାର ହେବ ବୋଲି ମାର୍ଚ୍ଚରେ ଉକ୍ତ ଆସୋସିଏଶନ୍ ଆକଳନ କରିଥିବାବେଳେ ପରେ ଏହା ଅଧିକ ବଢ଼ିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛି। ବିଗତ କିଛି ସପ୍ତାହ ଧରି ଆଞ୍ଚଳିକ ସ୍ତରରେ ଚାହିଦା ୯୦% ହ୍ରାସ ପାଇଛି। ସାରା ବିଶ୍ୱରେ ଯାତ୍ରା କଟକଣା ଯୋଗୁ ଯାତ୍ରା ସୀମିତ ହୋଇଯାଇଛି। କେବଳ ନାଗରିକମାନଙ୍କୁ ସେମାନଙ୍କ ନିଜ ଦେଶକୁ ଫେରିବା ପାଇଁ ଅନୁମତି ଦିଆଯାଉଛି। ଫଳରେ ପୂର୍ବରୁ ଯାହା ଆଶା କରାଯାଉଥିଲା ସେଥିରୁ ଏୟାରଲାଇନ୍ସଗୁଡ଼ିକ ଅଧିକ ପ୍ରଭାବିତ ହେବେ ବୋଲି ଆଇଏଟିଏ କହିଛି। ୟୁରୋପୀୟ ଏୟାରଲାଇନ୍ସଗୁଡ଼ିକ ମଧ୍ୟରୁ ଅଧିକାଂଶ ସେମାନଙ୍କ ପାସେଞ୍ଜର ଅପରେଶନକୁ ବନ୍ଦ କରିଦେଇଛନ୍ତି। ଦୁଇଟି ଅଞ୍ଚଳର ସର୍ବବୃହତ୍ କ୍ୟାରିୟର୍ସ ଇଜିଜେଟ ଓ ର୍ୟାନ୍‌ଏୟାର ଜୁନ୍ ପର୍ଯ୍ୟନ୍ତ ଚଳାଚଳ କରିବା ନେଇ ଆଶା ଦିଶୁନାହିଁ। ଟ୍ରାକ୍‌କୁ ଫେରିବା ପାଇଁ ଏୟାରଲାଇନ୍ସଗୁଡ଼ିକ କର୍ପୋରେଟ୍ ଟ୍ରାଭେଲ ନେଇ ଆଶାବାଦୀ। ବିଜ୍‌ନେସ୍ ଟ୍ରାଭେଲରମାନେ ଏକ ଟିପିକାଲ୍ ଫ୍ଲାଇଟ୍ ପାଇଁ ୪ରୁ ୫ ଥର ହାରାହାରି ଯାତ୍ରା ଖର୍ଚ୍ଚ ବହନ କରୁଥିବାରୁ ଖୁବ୍‌ଶୀଘ୍ର ସାଧାରଣ ବିମାନରେ ଯାତ୍ରା କରିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନେକ ଅର୍ଥନୀତିଜ୍ଞଙ୍କ ଭବିଷ୍ୟବାଣୀ ଅନୁସାରେ ଚଳିତବର୍ଷ ତୃତୀୟ ତ୍ରୈମାସରେ ଅର୍ଥନୀତି ସୁଧୁରିବା ଆରମ୍ଭ କଲେ ମଧ୍ୟ କରୋନା ଭାଇରସ୍ ଭୟ ଏଥିରେ ବାଧା ସୃଷ୍ଟି କରିବ। କାରଣ ଏୟାରଲାଇନ୍ସଗୁଡ଼ିକ ପୂର୍ବ ସଙ୍କଟରୁ ଓହରିପାରି ନ ଥିବେ। ତେଣୁ ଏୟାରଲାଇନ୍‌କୁ ପୂର୍ବ ଅବସ୍ଥାକୁ ଫେରିବା ପାଇଁ ଆହୁରି ଅନେକ ମାସ ଲାଗିଯିବ। ଅନ୍ୟପକ୍ଷରେ ବିଶ୍ୱରେ ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲେ ଯାତ୍ରା ପାଇଁ ଯାତ୍ରୀମାନଙ୍କ ଆତ୍ମବିଶ୍ୱାସ କମିଯିବ। ପାର୍କିଂ କରିଥିବା ବିମାନଗୁଡ଼ିକର ଜରୁରୀ ରକ୍ଷଣାବେକ୍ଷଣ ଏବେ ମଧ୍ୟ ଚାଲିଛି। ସେଗୁଡ଼ିକୁ ସେବା ପ୍ରଦାନ ଯୋଗ୍ୟ କରିବା ଲାଗି ଉଡ଼ାଣ ଅବସ୍ଥାକୁ ଅଣାଯିବା ଜରୁରୀ। ବିମାନର ଚାହିଦା ଅଭୂତପୂର୍ବ ଭାବେ ହ୍ରାସ ପାଇବାରେ ଲାଗିଛି। ହେଲେ ଏହି ସଙ୍କଟରୁ ଓହରିବା ପାଇଁ ବର୍ତ୍ତମାନ ଯାଏ କୌଣସି ସରକାରୀ ସହାୟତା ବିମାନବନ୍ଦରରେ ପହଞ୍ଚିପାରି ନାହିଁ।

### କରୋନା ମାଡ଼ରେ ...

ଏହାର ପ୍ରତିଦ୍ୱନ୍ଦ୍ୱୀ କ୍ୱାଣ୍ଟାସ୍ ଏୟାରୱେଜ୍ ଯୁକ୍ତି ବାଢ଼ିଛି ଯେ, ତା' ପାଖରେ ଭର୍ଜିନଠାରୁ ତିନିଗୁଣା ରାଜସ୍ୱ ରହିଥିବାରୁ ତାକୁ ୪.୨ ବିଲିୟନ୍ ଅଷ୍ଟ୍ରେଲୀୟ (୨.୭ ବିଲିୟନ୍ ଆମେରିକୀୟ) ଡଲାର ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ତେବେ ଭର୍ଜିନ ଏୟାରଲାଇନ୍ସ ବନ୍ଦ ହୋଇଗଲେ ଅନ୍ୟୁନ ୧୦,୦୦୦ କର୍ମଚାରୀ ନିଯୁକ୍ତି ହରାଇପାରନ୍ତି। ବର୍ତ୍ତମାନ ସୁଦ୍ଧା ଏହାର ୬୦୦ ପାଇଲଟଙ୍କ ସମେତ ୩୦୦୦ କର୍ମଚାରୀ ଘରେ ବସିଲେଣି।

**ଥାଇଲାଣ୍ଡ:** ଭର୍ଜିନ ଅଷ୍ଟ୍ରେଲିଆ ଭଳି ଥାଇ ଏୟାରୱେଜ୍ ଇଣ୍ଟରନ୍ୟାଶନାଲ (ଟିଏଚ୍‌ଏଆଇ) ମଧ୍ୟ ଥାଇଲାଣ୍ଡ ସରକାରଙ୍କଠାରୁ ୧.୮ ବିଲିୟନ୍ ଡଲାର ଋଣ ଚାହୁଁଛି। ବର୍ତ୍ତମାନ ସ୍ଥିତିରେ ଋଣ ଦିଆଗଲେ ବି ଟିଏଚ୍‌ଏଆଇର ସ୍ଥିତି ସୁଧୁରିବ ନାହିଁ ବୋଲି ଅନେକେ ମନେକରୁଛନ୍ତି। ମେ ୧୯ ତାରିଖରେ ଏହି ଏୟାରଲାଇନ୍ସ ବ୍ୟାଙ୍କ୍ରପ୍ସି ଆଇନର ଚ୍ୟାପ୍ଟର ୩/୧ ଅନୁସାରେ ଦେବାଳିଆ ଘୋଷଣା ପାଇଁ ଆବେଦନ କରିଥିଲା। ଥାଇଲାଣ୍ଡର କ୍ୟାବିନେଟ ଏକ ବ୍ୟାଙ୍କ୍ରପ୍ସି କୋର୍ଟ ଜରିଆରେ ଟିଏଚ୍‌ଏଆଇର ଯୋଜନାକୁ ଅନୁମୋଦନ କରିଥିଲା।

**ବ୍ରିଟେନ:** ଆଇଏଜି (ବ୍ରିଟିଶ୍ ଏୟାରୱେଜ୍‌ର ମୂଳ କମ୍ପାନୀ) ମାର୍ଚ୍ଚରେ ନିଜ ପୁଞ୍ଜି ସୁରକ୍ଷା ଓ ଖର୍ଚ୍ଚକାଟ ପାଇଁ ଘୋଷଣା କରିଥିଲା। ୨୦୨୦ ଏପ୍ରିଲ ଓ ମେ'ରେ କରାଯାଉଥିବା ଖର୍ଚ୍ଚକାଟ ୨୦୧୯ରେ ଏହି ଅବଧିର ଅନ୍ୟୁନ ୭୫%। ଏଥିସହ ଏହି ଗ୍ରୁପ୍ ବଳକା ବିମାନଗୁଡ଼ିକର ଉଡ଼ାଣ କରାଇବ ନାହିଁ। ପୁଞ୍ଜି ବ୍ୟୟ ହ୍ରାସ କରିବ ଓ ଅଣ–ସାଇବର୍ ସମ୍ପର୍କିତ ଆଇଟି ଖର୍ଚ୍ଚ ଏବଂ ଇଚ୍ଛାଧୀନ ବ୍ୟୟ ମଧ୍ୟ କମାଇଦେବ। ସେହିପରି ନିଯୁକ୍ତି ହ୍ରାସ କରି ଶ୍ରମ ମୂଲ୍ୟରେ ହ୍ରାସ ଘଟାଇବା ସହ କର୍ମଚାରୀମାନଙ୍କୁ ଇଚ୍ଛାଧୀନ ଛୁଟି ପ୍ରଦାନ କରିବା ଓ କାର୍ଯ୍ୟ ସମୟ ମଧ୍ୟ କମ୍ କରିବା ପାଇଁ କମ୍ପାନୀ ଯୋଜନା କରିଛି।

**ମରିସସ୍:** କରୋନା ଭାଇରସ୍‌ର ଶିକାର ହୋଇଛି ଆଉ ଏକ ଆଭିଏଶନ୍ ଇଣ୍ଡଷ୍ଟ୍ରି। ୫୨ ବର୍ଷରେ ପଦାର୍ପଣ କରି ୪ ମହାଦେଶର ୨୨ ରାଷ୍ଟ୍ରକୁ ବିମାନ ଉଡ଼ାଣ କରୁଥିବା ଏୟାର ମରିସସ୍ ମଧ୍ୟ ବିପୁଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ତେଣୁ ଆଗକୁ ହେବାକୁ ଥିବା ଖର୍ଚ୍ଚ ତୁଲାଇବା ପାଇଁ ଏହାର ବଳ ପାଉ ନ ଥିବାରୁ ଦେବାଳିଆ ଘୋଷଣା ଲାଗି ଆବେଦନ କରିଛି। ଏହାସହ ପୁଞ୍ଜିନିବେଶକାରୀଙ୍କୁ ଖୋଜିବା ପାଇଁ ଆଡ୍‌ମିନିଷ୍ଟ୍ରେଟର ନିଯୁକ୍ତ କରିଛି। କମ୍ପାନୀ ଓ ଏହାର ଅଂଶିଦାରମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଏପ୍ରିଲ ୨୨ ବୈଠକ ପରେ ଏୟାର ମରିସସ୍ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଥିଲା।

**ଦକ୍ଷିଣ ଆଫ୍ରିକା:** ସେହିପରି ୨୦୧୧ରୁ କ୍ଷତିରେ ଚାଲୁଥିବା ଦକ୍ଷିଣ ଆଫ୍ରିକାର ସାଉଥ୍ ଆଫ୍ରିକାନ୍ ଏୟାରୱେଜ୍ (ଏସ୍‌ଏସ୍‌ଏ) ପାଇଁ ମଧ୍ୟ କରୋନା ଲକ୍‌ଡାଉନ୍ ଖରାପ ସମୟ ଆଣିଛି। ୨୦୧୯ ଡିସେମ୍ବର ୫ରେ ଏହି କମ୍ପାନୀ ବ୍ୟାଙ୍କ୍ରପ୍ସି ପ୍ରୋଟେକ୍ସନ ପାଇଁ ଆବେଦନ କରିଥିଲା। ଏବେ ଉଦ୍ଧାର ପାଇବା ଲାଗି ସରକାରଙ୍କ ଅନୁକମ୍ପାକୁ ଅନେଇ ବସିଛି ରାଷ୍ଟ୍ରାୟତ୍ତ ବିମାନ ଚଳାଚଳ କମ୍ପାନୀ ଏସ୍‌ଏସ୍‌ଏ।

**ଆୟରଲାଣ୍ଡ:** ଏହି ଦେଶର ବଜେଟ ଏୟାରଲାଇନ୍ସ ର୍ୟାନ୍‌ଏୟାର ୧୧୩ ଫ୍ଲାଇଟକୁ ବିମାନବନ୍ଦରରେ ବସାଇଦେଇଥିବାବେଳେ ୯୦୦ ପାଇଲଟଙ୍କୁ ଛଟେଇ କରିଛି। ଆସନ୍ତା ମାସ ଆହୁରି ୪୫୦ ପାଇଲଟ ଚାକିରି ହରାଇବେ ବୋଲି ମଧ୍ୟ ସଙ୍କେତ ଦେଇଛି। ଅନୁରୂପ ଭାବେ ସ୍କାଣ୍ଡିନେଭିଆନ୍ ଏୟାରଲାଇନ୍ସ (ଏସ୍‌ଏଏସ୍) ମଧ୍ୟ ଆର୍ଥିକ ସଙ୍କଟ କାରଣରୁ ୧୪ ବିମାନକୁ ବନ୍ଦ କରି ୫୨୦ ପାଇଲଟଙ୍କୁ ଛଟେଇ କରିଛି।

**ୟୁଏଇ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦ୍ୱିତୀୟ ବୃହତ୍ତମ ବିମାନ ଚଳାଚଳ କମ୍ପାନୀ ଏତିହାଦ୍ ଏୟାରୱେଜ୍ ଏ୩୫୦ ପାଇଁ ୧୮ଟି ଅର୍ଡରକୁ ରଦ୍ଦ କଲାଣି। ୧୦ଟି ଲେଖାଏ ଏ୩୮୦ ଏବଂ ବୋଇଂ ୭୮୭କୁ ବନ୍ଦ କରି ୭୨୦ କର୍ମଚାରୀଙ୍କୁ ଛଟେଇ କରିଛି।

**ହଙ୍ଗେରି:** ୱିଜ୍‌ଏୟାର ଏହାର ୩୨ ଏୟାରବସ୍‌କୁ ଫେରାଇ ଦେଇଥିବାବେଳେ ୨୦୦ ପାଇଲଟଙ୍କ ସମେତ ୧,୨୦୦ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେଇଛି। ଆସନ୍ତା ମାସରେ ୪୩୦ କର୍ମଚାରୀ ବିଦାହେବାକୁ ଥିବାବେଳେ ଅବଶିଷ୍ଟ କର୍ମଚାରୀମାନେ କେବଳ ୩୦% ଦରମା ପାଇବେ।

**ଜର୍ମାନୀ:** ମେଗା କ୍ୟାରିୟର୍ ଲୁଫ୍‌ଥାନ୍ସା ମଧ୍ୟ ନିଜକୁ ବଞ୍ଚାଇବା ପାଇଁ ଅନୁରୂପ ପଦକ୍ଷେପ ନେଉଛି। ଏହି କମ୍ପାନୀ ଦୁଇଟି ପର୍ଯ୍ୟାୟରେ ୭୨ ଏୟାରକ୍ରାଫ୍ଟର ଚଳାଚଳ ବନ୍ଦ କରିବା ପାଇଁ ଯୋଜନା କରିଛି। ଅନ୍ୟପକ୍ଷରେ ଏୟାର ଫ୍ରାନ୍ସ ହୋପ୍ ବିମାନ ଚଳାଚଳ ହ୍ରାସ କରି କର୍ମଚାରୀଙ୍କ ସଂଖ୍ୟା ୫୦% ହ୍ରାସ ପାଇଁ ଅନୁଧ୍ୟାନ କରୁଛି।

### ରେପୋ ରେଟ୍ ୦.୪% କମାଇଲା ...

ରହିବା ନେଇ ଆକଳନ କରାଯାଇଛି। ଭାରତରେ ବର୍ତ୍ତମାନ ଚାହିଦା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। କରୋନା ଯୋଗୁ ଘରୋଇ ଚାହିଦାକୁ ଝଟକା ଲାଗିଛି। ନିବେଶ ଚାହିଦା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଆର୍ଥିକ କାର୍ଯ୍ୟକଳାପ କମ୍ ରହିଥିବାରୁ ସରକାରଙ୍କ ରାଜସ୍ୱ ସଂଗ୍ରହକୁ ଏହା କ୍ଷତି ପହଞ୍ଚାଉଛି ବୋଲି ଶକ୍ତିକାନ୍ତ ମତବ୍ୟକ୍ତ କରିଛନ୍ତି। ଏହାବାଦ ବର୍ତ୍ତମାନ ଗ୍ରହଣ କରାଯାଉଥିବା ବିତ୍ତୀୟ, ମୁଦ୍ରାନୀତିଗତ ଏବଂ ଅନ୍ୟାନ୍ୟ ପ୍ରଶାସନିକ ସଂସ୍କାରଗତ କାର୍ଯ୍ୟକ୍ରମ ଯୋଗୁ ଦେଶର ଅଭିବୃଦ୍ଧି ଧାରା ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ସୁଧାର ଆସିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି।

ଋଣ ପଇଠ କ୍ଷେତ୍ରରେ ମୋରାଟୋରିୟମକୁ କେନ୍ଦ୍ରୀୟ ବ୍ୟାଙ୍କ ଅଗଷ୍ଟ ମାସ ଯାଏ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଲୋକମାନେ ଆଶ୍ୱସ୍ତି ଲାଭ କରିପାରିବେ। ମାର୍ଚ୍ଚରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ୩ ମାସର ମୋରାଟୋରିୟମ ପ୍ରଦାନ କରିଥିଲା। ୱାର୍କିଂ କ୍ୟାପିଟାଲ କ୍ଷେତ୍ରରେ ମୋରାଟୋରିୟମକୁ ମଧ୍ୟ ୩ ମାସ ବଢ଼ାଯାଇଛି। କୌଣସି ବାଣିଜ୍ୟିକ ଗ୍ରୁପ୍‌ର ନେଟ୍‌ୱର୍ଥ ବା ସମ୍ପତ୍ତିକୁ ବିଚାରକରି ପ୍ରଦାନ କରାଯାଉଥିବା ଋଣ ଉପରେ ସୀମାକୁ ୨୫ରୁ ୩୦% ବଢ଼ାଯାଇଛି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତିକୁ ନେଇ କରିଥିବା ଆକଳନରେ ଅନିଶ୍ଚିତତା ରହିଥିବା ଜଣାପଡ଼ିଛି। କରୋନା ଯୋଗୁ ବର୍ତ୍ତମାନ ବଜାରରେ ଡାଲି ଜାତୀୟ ସାମଗ୍ରୀ ମୂଲ୍ୟ ବଢୁଥିବାରୁ ଆମଦାନୀ ଶୁଳ୍କ ଏବଂ ମୂଲ୍ୟ ନିୟନ୍ତ୍ରଣ ଉପରେ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଶକ୍ତିକାନ୍ତ ମତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମୁଦ୍ରାସ୍ଫୀତି ସ୍ଥିର ରହିପାରେ। ଏହା ଦ୍ୱିତୀୟାର୍ଦ୍ଧରେ ସୁଧାର ନେଇ ଆଶା କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଗ୍ରହଣ କରିଥିବା ଅନ୍ୟ ପଦକ୍ଷେପ ମଧ୍ୟରେ ସିଡ୍‌ବୀକୁ ୯୦ ଦିନ ଲାଗି ୧୫ ହଜାର କୋଟି ଟଙ୍କାର ପୁନଃ ପୁଞ୍ଜି ପ୍ରଦାନ ସୁବିଧା ଦିଆଯାଇଛି। ରପ୍ତାନି ଋଣ ସୀମାକୁ ୧ ବର୍ଷରୁ ୧୫ ମାସକୁ ବଢ଼ାଯାଇଛି। ଏକ୍‌ଜିମ୍ ବ୍ୟାଙ୍କକୁ ୧୫ ହଜାର କୋଟି ଟଙ୍କାର କ୍ରେଡିଟ ଲାଇନ ମିଳିଛି। ଡାଟା ସଂଗ୍ରହରେ ବାଧା ଉପୁଜିବା ଯୋଗୁ ମୁଦ୍ରାସ୍ଫୀତି ଆକଳନରେ ପ୍ରଭାବ ଦେଖାଯାଇଛି। ମାର୍ଚ୍ଚରେ ଔଦ୍ୟୋଗିକ ଉତ୍ପାଦନ ୧୭% ଖସିଛି। ମାନୁଫାକ୍ଚରିଂ କାର୍ଯ୍ୟକଳାପ ୨୧% ହ୍ରାସ ଘଟିଛି। ସେହିଭଳି କୋର୍ ସେକ୍ଟର ଇଣ୍ଡଷ୍ଟ୍ରି ଉତ୍ପାଦନ ୬.୫% ଖସିଥିବା ଜଣାପଡ଼ିଛି।

### ଟିଟିଲାଗଡ଼ରେ ୪୫ ...

ବୌଦ୍ଧ ୪୨.୭, ଝାରସୁଗୁଡା ୪୨.୨, ସମ୍ବଲପୁର ୪୨.୨, ହୀରାକୁଦ ୪୨.୩, ତାଳଚେର ୪୩.୧, ଫୁଲବାଣୀ ୪୧, ସୋନପୁର ୪୧.୮, ବୌଦ୍ଧ ୪୨.୭ ଏବଂ ପାରଳାଖେମୁଣ୍ଡିର ସର୍ବୋଚ୍ଚ ତାପମାତ୍ରା ୪୧ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଆହୁରି ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୪ରୁ ୪୭ ଡିଗ୍ରୀ ପର୍ଯ୍ୟନ୍ତ ରହିବା ସହ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ। ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୪ ଡିଗ୍ରୀ ଉପରକୁ ଚାଲିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ମେ ୨୯ କିମ୍ବା ୩୦ ତାରିଖରେ ବର୍ଷା ହେବାର ସମ୍ଭାବନା ରହିଛି।

### ପାକିସ୍ତାନରେ ବିମାନ...

ଆହତ ହୋଇଥିବାବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାକ୍ ସେନାର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ବାହିନୀ ସମେତ ସିନ୍ଧ୍ ପାକିସ୍ତାନ ରେଞ୍ଜରମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଆଇଏସ୍‌ପିଆର୍ ପକ୍ଷରୁ କୁହାଯାଇଛି। ବିମାନ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ଅରିଫ ଆଲଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଦୁର୍ଘଟଣାର ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଇମ୍ରାନ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ ସେନାମୁଖ୍ୟ ଜେନେରାଲ କାମାର ଜାଭେଦ ବାଜୱା ଶୋକବ୍ୟକ୍ତ କରିବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବା ଲାଗି ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଗୁରୁଶୌରୀ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବା ସଙ୍ଗକୁ ଅର୍ଥଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ**
ଆଜି ଆପଣ ଘର ସକାଶେ ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା କି ସମସ୍ୟାକୁ ବୃଦ୍ଧି କରିବ। ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ, ଅବଶ୍ୟ ସହକର୍ମୀମାନେ ସହଯୋଗର ହାତ ବଢାଇବେ।

**ମିଥୁନ**
କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବା କାରଣରୁ ଅଶାନ୍ତି ସୃଷ୍ଟି ହୋଇପାରେ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି। ସ୍ଥଗିତ ରହିଯାଇଥିବା କାମ ଆରମ୍ଭ କରି ନ ପାରି ବ୍ୟଥିତ ହେବେ।

**କର୍କଟ**
ଦିନଟିରେ କର୍ମ ମୁଖର ରହିବା ସହ ବିଭିନ୍ନ ସମସ୍ୟା ସମାଧାନ କରିବାରେ ବ୍ୟସ୍ତତା ବୃଦ୍ଧି ପାଇବ। ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବା ସହ ଆତ୍ମୀୟମାନଙ୍କ ଅବଦାନକୁ ପାସୋରି ପାରିବେ ନାହିଁ। କିନ୍ତୁ ଅଫିସିଆଲି କ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇ ଦେଇପାରନ୍ତି।

**ସିଂହ**
ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ କିନ୍ତୁ ପରିଣାମ ବିଶେଷ କିଛି ଖରାପ ହେବ ନାହିଁ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବାକୁ ପଡିପାରେ।

**କନ୍ୟା**
ଭୁଲ୍ ବୁଝାମଣା କାରଣରୁ ସମସ୍ୟା ବହୁଳ ହୋଇପାରେ। ଆଜିର ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ, ନତୁବା ହଇରାଣ ହେବେ। କଳହ ଜନିତ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ।

**ତୁଳା**
ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବା ସହ ଅସ୍ଥିରତା ସୃଷ୍ଟି କରିବ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡିବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି । ବନ୍ଧୁଙ୍କ ଅନୁରୋଧ କ୍ରମେ ଜନକଲ୍ୟାଣମୂଳକ କାମରେ ଯୋଗଦେଇ ପାରନ୍ତି। ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଆପଣଙ୍କର ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ। ଲେଖା ପଢା, କଳା,ସାହିତ୍ୟ,ସଙ୍ଗୀତ ତଥା ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ ନୂତନ କାମର ପରିକଳ୍ପନା କରିବା ସଙ୍ଗକୁ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରି ପାରନ୍ତି। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପରିବହନ, କ୍ଷେତ୍ର ଭଲ ରହିବ କିନ୍ତୁ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**ମକର**
ଉପରିସ୍ଥଙ୍କ ସାହାଯ୍ୟ ଏବଂ ସହକର୍ମୀଙ୍କ ସହଯୋଗ ଫଳରେ ଆଜିର ପ୍ରତ୍ୟେକ କ୍ଷେତ୍ର ପ୍ରାୟତଃ ଅନୁକୂଳ ରହିବ। ଦୂରେଇଯାଇଥିବା ଆତ୍ମୀୟସ୍ୱଜନ କିମ୍ବା ନିକଟ ସମ୍ପର୍କୀୟମାନେ ପାଖେଇ ଆସିବେ। ହିତୈଷୀଙ୍କ ପରାମର୍ଶ ଓ ବୁଝାଶୁଝା କାରଣରୁ ପାରିବାରିକ କ୍ଷେତ୍ରରେ ଟେନ୍‌ସନ୍ କିଛି ମାତ୍ରାରେ କମିଯିବ।

**କୁମ୍ଭ**
କୌଣସି କାମରେ ଆଗଭର ହେବା ଠିକ୍ ହେବନି। ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ,ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ରହିଛି।

**ମୀନ**
ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି । ପରିବହନରେ, ପ୍ରଶାସନିକ ସ୍ତରରେ , ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାର ପ୍ରଯତ୍ନ କରିପାରନ୍ତି। କୌଣସି କାମକୁ ପାସୋରି ଦେଇ ସମାଲୋଚିତ ହେବାର ସୂଚନା ରହିଛି। ବାଣିଜ୍ୟ, ବ୍ୟବସାୟ,ପରିବହନ, ପ୍ରାୟତଃ ସନ୍ତୋଷଜନକ ରହିବ।

ଆଜି ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା, ମେ ୨୩ ତାରିଖ, ଶନିବାର, ରାଶି ନକ୍ଷତ୍ର–ରୋହିଣୀ। ବୃଷ, ବିଛା ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାତ୍ରୋ ବିବାହ ପାଣିଗ୍ରହଣ, ଦିବା ଘ. ୦୧.୫୩ମି.ଗତେ ଘ.୦୩.୩୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୮ମି. ଗତେ ଘ.୦୭.୪୨ମି. ମଧ୍ୟେ, ଘ.୧୧.୨୧ମି. ଗତେ ଘ.୦୧.୩୨ମି. ମଧ୍ୟେ, ଘ.୦୩.୦୦ମି.ଗତେ ଘ.୦୫.୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୨ମି. ଗତେ ଘ.୦୬.୦୪ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୦୯ମି. ମଧ୍ୟେ ମାହେନ୍ଦ୍ରବେଳା ଓ ସକାଳ ଘ.୦୮.୨୮ମି.ଗତେ ଘ.୧୦.୦୬ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ମୃତ
#### ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଖୋର୍ଦ୍ଧା ଅଫିସ,୨୨।୫:** ସାବିତ୍ରୀ ବ୍ରତ ଅବସରରେ ଶୁକ୍ରବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଣଭୂମି ଗ୍ରାମର ବିନି ଦଳେଇ(୪୫)। ମୃତାଙ୍କ ପୁତୁରା ଗଦାଧର ଦଳେଇ ଜଙ୍କିଆ ଥାନାରେ ଏ ନେଇ ଏକ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଦୀର୍ଘଦିନଧରି ଡମଣଭୂମି ଗ୍ରାମ ନିକଟସ୍ଥ ବିଲରେ ହାତୀପଲ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ବିଲ ଚାରିପଟେ ବିଦ୍ୟୁତ୍ ତାର ବିଛାଇଥିଲେ। ବିନି ସକାଳେ ଫସଲ କାଟିବା ଲାଗି ଉକ୍ତ ବିଲଦେଇ ଯାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତେବେ ତାର ବିଛାଇଥିବା ବ୍ୟକ୍ତି ତାଙ୍କୁ ମେଡିକାଲ ନେବା ପରିବର୍ତ୍ତେ ତାଙ୍କ ଘର ଆଗରେ ଛାଡି ଚାଲି ଯାଇଥିଲେ। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଲରେ ବେଆଇନ ଭାବେ ବିଦ୍ୟୁତ୍ ତାର ବିଛାଇବା ଯୋଗୁ ଖୁଡ଼ୀଙ୍କ ମୃତ୍ୟୁ ହୋଇଥିବା ନେଇ ଗଦାଧର ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ସୂଚନାଥାଉ କି, ସ୍ୱାମୀ ସଦାନନ୍ଦ ବାହାର ରାଜ୍ୟରେ ରହୁଥିବା ବେଳେ ବିନି ସାବିତ୍ରୀ ବ୍ରତ ପାଳନ ଲାଗି ସମସ୍ତ ପ୍ରସ୍ତୁତି କରିଥିଲେ। ହେଲେ ପୂଜା କରିବା ପୂର୍ବରୁ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଛି।

### ଜେଲରେ ୨ କଏଦୀଙ୍କ ମଧ୍ୟରେ ମାରପିଟ

**କଟକ ରୋଡ,୨୨।୫(ଡି.ଏନ୍.ଏ.):** ଭୁବନେଶ୍ୱର ଝାରପଡ଼ା ଜେଲରେ ଶୁକ୍ରବାର ଦୁଇ କଏଦୀଙ୍କ ମଧ୍ୟରେ ମାରପିଟ ହୋଇଛି। ସକାଳ ପ୍ରାୟ ୯ଟା ୩୦ରେ କଏଦୀ ରାଜେଶ ବାରିକ ଓ ବରୁଣ ଚତୁର୍ବେଦୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ପରେ ମାରପିଟ୍ ହୋଇଥିଲା। ଏ ନେଇ ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ମାରପିଟ ବାବଦରେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନାୟକ କହିଛନ୍ତି। ଘଟଣା ସଂକ୍ରାନ୍ତରେ ଜେଲ ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକଙ୍କ ମୋବାଇଲ ନମ୍ବର(୯୪୩୭୪୪୮୨୧୯)କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ ସେ ନ ଉଠାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




**ସାବିତ୍ରୀ ବ୍ରତରେ ମନ୍ଦିର ଶ୍ରଦ୍ଧାଳୁ ଶୂନ୍ୟ:** କରୋନା ଲକ୍‌ଡାଉନ୍ ଯୋଗୁ ଭୁବନେଶ୍ୱର ରାମ ମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିର ବନ୍ଦ ରହିଥିବାରୁ ଶୁକ୍ରବାର ବ୍ରତଧାରୀଙ୍କ ବିନା ଖାଁ ଖାଁ ଲାଗୁଛି।

# କୁଆଲାଲମ୍ପୁରରୁ ଫେରିଲେ ୩୧ ପ୍ରବାସୀ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

### ଭୁବନେଶ୍ୱରରେ ପହଞ୍ଚିଲା ତୃତୀୟ ଅନ୍ତର୍ଜାତୀୟ ବିମାନ

ବନ୍ଦେ ଭାରତ ମିଶନରେ ପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଥିବାବେଳେ ଶୁକ୍ରବାର ରାତିରେ କୁଆଲାଲମ୍ପୁରରୁ ଏୟାର ଇଣ୍ଡିଆର ଏକ ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଛି। ବିମାନରେ ମୋଟ୍ ୧୩୯ ଜଣ ଯାତ୍ରୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୩୧ଜଣ ଯାତ୍ରୀ ଭୁବନେଶ୍ୱରରେ ଓହ୍ଲାଇଛନ୍ତି। କୁଆଲାଲମ୍ପୁରରୁ ଏୟାର ଇଣ୍ଡିଆର ଏଆଇ ୧୩୨୭ ସ୍ୱତନ୍ତ୍ର ବିମାନ ଭୁବନେଶ୍ୱରରେ ସନ୍ଧ୍ୟା ୬.୫୦ରେ ଅବତରଣ କରିଥିଲା। ପରେ ୮ଟା ୨୫ରେ ବାକି ୧୦୮ ଯାତ୍ରୀଙ୍କୁ ନେଇ ବିମାନଟି ବେଙ୍ଗାଲୁରୁ ଯାଇଥିବା ଜଣାପଡ଼ିଛି। ତେବେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଥରକେ ୨୦ ଜଣ ଯାତ୍ରୀ ବିମାନରୁ ଓହ୍ଲାଇ ପଞ୍ଜୀକରଣ କେନ୍ଦ୍ରକୁ ଆସିଥିଲେ। ପରେ ଟର୍ମିନାଲ ବାହାରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କ ସ୍କ୍ରିନିଂ କରାଯାଇଥିଲା ଓ ହାତରେ ଅଲିଭା କାଳିରେ ଷ୍ଟାମ୍ପ ଲଗାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏହି କାର୍ଯ୍ୟ କରାଯାଇଥିବାବେଳେ ପଞ୍ଜୀକରଣ ଓ ଥର୍ମାଲ ସ୍କ୍ରିନିଂ କେନ୍ଦ୍ରରେ ପ୍ରବାସୀଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିଥିବାର ଦେଖିବାକୁ ମିଳିଥିଲା। ଏଥିସହ ସେମାନଙ୍କ ଗମନାଗମନ ପାଇଁ ସବିଶେଷ ସୁବିଧା କରାଯାଇଥିଲା। ଯାତ୍ରୀମାନେ ବିମାନବନ୍ଦର ସମ୍ମୁଖରେ ଥିବା କ୍ୟାବ୍ ତଥା ନିଜ ଗାଡ଼ି ଓ ମୋ ବସ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଖୋର୍ଦ୍ଧା, କଟକ ଓ ଭୁବନେଶ୍ୱର ଯିବାକୁ ଥିବା କିଛି ଯାତ୍ରୀ ମୋ ବସ୍ ଦ୍ୱାରା ଯାଇଥିଲେ। ତେବେ ବିମାନଯାତ୍ରୀଙ୍କ ତଥ୍ୟ ସମ୍ପୃକ୍ତ ଜିଲା ଓ ଗାଁକୁ ଜଣାଇ ଦିଆଯାଇଛି। ପ୍ରବାସୀମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ କିପରି କ୍ୱାରାଣ୍ଟାଇନ୍‌ରେ ରହିବେ ସେନେଇ ଉଲ୍ଲେଖ କରିଛନ୍ତି। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ସେମାନଙ୍କୁ ସମ୍ପୃକ୍ତ ଜିଲାର ଜିଲାପାଳ ଓ ବ୍ଲକ୍ ଅଧିକାରୀ କ୍ୱାରାଣ୍ଟାଇନ୍ ସେଣ୍ଟର ନେବେ। ଏଥିସହ ବିଏମ୍‌ସି ଅଞ୍ଚଳରେ ରହିବାକୁ ଥିବା ବ୍ୟକ୍ତିଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

## ୨ ପ୍ରବାସୀଙ୍କୁ ଅଧାବାଟରେ ଛାଡ଼ିଦେଲା ପ୍ରଶାସନ

### ଚିଲିକା କୂଳରେ ରାତି କଟିଲା

**ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୨୨।୫(ଡି.ଏନ.ଏ.)**

ମହାରାଷ୍ଟ୍ରରୁ ଆସିଥିବା ୨ ପ୍ରବାସୀ ଓଡ଼ିଆଙ୍କୁ ଜିଲା ପ୍ରଶାସନ ଗୁରୁବାର ରାତିରେ ଅଧାବାଟରେ ଛାଡ଼ି ଚାଲିଯାଇଛି। ସୂଚନା ଅନୁଯାୟୀ, କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମଏଁଷା ଗ୍ରାମର ଜଣେ ଯୁବତୀ ଏବଂ ଜଣେ ବ୍ୟକ୍ତି ମହାରାଷ୍ଟ୍ରରୁ ଆସି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରୁ ପ୍ରଶାସନ ସହାୟତାରେ ସେମାନେ ଉକ୍ତ ବ୍ଲକର ପାଇକରାୟପୁରରେ ଥିବା କରୋନା ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରୁ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସେମାନଙ୍କୁ ଆଣି ଚିଲିକା କୂଳ ଜହ୍ନିକୁଦାରେ ପହଞ୍ଚିଥିଲା। ଯେହେତୁ ଏହି ପ୍ରବାସୀଙ୍କ ଗାଁ ଏକ ଦ୍ୱୀପାଞ୍ଚଳ ହୋଇଥିବାରୁ ଗମନାଗମନ ପାଇଁ ଏକ ମାତ୍ର ମାଧ୍ୟମ ହେଉଛି ଡଙ୍ଗା। ରାତି ହୋଇଯାଇଥିବାରୁ ସାଥିରେ ଥିବା କର୍ମଚାରୀମାନେ ପ୍ରବାସୀଙ୍କୁ ଜହ୍ନିକୁଦାରେ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ରାତିତମାମ କୌଣସି ଡଙ୍ଗା ନ ମିଳିବାରୁ ଦୁହେଁ ସେଭଳି କୂଳରେ ପଡ଼ିରହିଥିଲେ। ଏପରିକି ସକାଳ ହୋଇଥିଲେ ମଧ୍ୟ ଏମାନେ ପ୍ରବାସୀ ଥିବା ଜାଣି କୌଣସି ଡଙ୍ଗା ଚାଳକ ନେବାକୁ ରାଜି ହୋଇ ନ ଥିଲେ। ପରେ ଏ ଘଟଣା ପ୍ରଚାର ହେବା ପରେ ପ୍ରଶାସନ ଜାଣିପାରି ପ୍ରବାସୀଙ୍କୁ ଉଦ୍ଧାର କରି ତାଙ୍କ ଗାଁରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ନେଇଥିଲା। ଏ ସମ୍ପର୍କରେ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି କୁହନ୍ତି ଏମିତି କିଛି ଘଟଣା ଘଟିନି। ତଥାପି ଏ ସମ୍ପର୍କରେ ମୁଁ ବୁଝୁଛି।



ଚେନ୍ନାଇରୁ ବାହାରିଥିବା ବିହାରର ପ୍ରବାସୀ ଶ୍ରମିକ ଶୁକ୍ରବାର ଭୁବନେଶ୍ୱର ଦେଇ ସାଇକେଲରେ ଘରକୁ ଫେରୁଛନ୍ତି।

## ପିପିଇ ଅଭାବରୁ ଅସୁବିଧା ଭୋଗୁଛନ୍ତି ସ୍ୱାସ୍ଥ୍ୟକର୍ମୀ

**ନୂଆଦିଲ୍ଲୀ,୨୨।୫**



କୋଭିଡ-୧୯ ମହାମାରୀ ଯୁଦ୍ଧରେ ସ୍ୱାସ୍ଥ୍ୟକର୍ମୀମାନେ ଆଗଧାଡ଼ିର ଯୋଦ୍ଧା ଭାବେ କାମ କରୁଛନ୍ତି। ସରକାରୀ ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟତୀତ ବେସରକାରୀସ୍ତରରେ ହଜାର ହଜାର ସ୍ୱାସ୍ଥ୍ୟକର୍ମୀ କରୋନା ମୁକାବିଲା ପାଇଁ କାର୍ଯ୍ୟ କରୁଛନ୍ତି। ନିଜ ଜୀବନକୁ ବାଜି ଲଗାଇ ସେମାନେ କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଛନ୍ତି। ହେଲେ ସେମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିପାରୁ ନାହିଁ। କମ୍ ଦରମା ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଠିକ୍ ଭାବେ ମିଳୁ ନ ଥିବାରୁ ଠିକାରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଣସଂଗଠିତ କ୍ଷେତ୍ରରେ ବୃହତ ପରିମାଣରେ କାର୍ଯ୍ୟକରୁଥିବା ଏହି ସ୍ୱାସ୍ଥ୍ୟକର୍ମୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏଭଳି ପରିସ୍ଥିତିରେ ନିଜ ପାଇଁ ମୁହଁ ଖୋଲି ପାରୁନାହାନ୍ତି।

ସ୍ୱାସ୍ଥ୍ୟକର୍ମୀମାନେ ଉପଯୁକ୍ତ ସରଞ୍ଜାମ ବିନା ନିଜ ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ସେମାନଙ୍କୁ ସଂକ୍ରମଣ ହେବାର ଅଧିକ ଆଶଙ୍କା ରହିଛି। କରୋନା ସଂକ୍ରମଣକାରୀଙ୍କ ଚିକିତ୍ସା ନିମନ୍ତେ ହସ୍ପିଟାଲଗୁଡ଼ିକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକ ରହିଛି। ଆଇସୋଲେଶନ ୱାର୍ଡ ଏବଂ ଇଣ୍ଟେନ୍‌ସିଭ କେୟାର ୟୁନିଟ ସୁବିଧା, ଭେଣ୍ଟିଲେଟର ଏବଂ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ଏପରିକି ସଂକ୍ରମଣ ନିୟନ୍ତ୍ରଣ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିମନ୍ତେ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଆଦି ଯୋଗାଇ ଦିଆଯିବା ଆବଶ୍ୟକ ରହିଛି। ହେଲେ ଅନେକ ହସ୍ପିଟାଲଗୁଡ଼ିକରେ ସର୍ବନିମ୍ନ ପିପିଇ ବ୍ୟବସ୍ଥାରେ ସାନିଟାଇଜର, ମାସ୍କ, ଗ୍ଲୋବ୍‌ସ ଏବଂ ଗାଉନ୍‌ର ଅଭାବ ଦେଖିବାକୁ ମିଳୁଛି। ଏହି ପ୍ରତିଷେଧମୂଳକ ବ୍ୟବସ୍ଥାର ଅଭାବ ଯୋଗୁ ଡାକ୍ତର, ନର୍ସ, ଟେକ୍ନିସିଆନ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ବିଶେଷମାତ୍ରାରେ ପ୍ରଭାବିତ ହେଉଛନ୍ତି। ଆବଶ୍ୟକ ପିପିଇ ଅଭାବରୁ ଦିଲ୍ଲୀ ଓ ବମ୍ବେର ଅନେକ ବଡ଼ ବଡ଼ ହସ୍ପିଟାଲରେ ମଧ୍ୟ ଡାକ୍ତର ଓ ନର୍ସମାନେ କରୋନା ସଂକ୍ରମିତ ହେଉଥିବା ଦେଖିବାକୁ ମିଳୁଛି। ଏପ୍ରିଲ ପ୍ରଥମ ଭାଗରେ ଦେଶରେ ପିପିଇ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଚାଇନା ଉପରେ ନିର୍ଭର କରାଯାଉଥିଲା ହେଲେ ଚାଇନାରୁ ଯୋଗାଣ ହେଉଥିବା ପିପିଇ ନିମ୍ନମାନର ହୋଇଥିବା ଜଣାପଡ଼ିବା ପରେ ଏହାକୁ ଫେରାଇ ଦିଆଯିବା ସହ ସେଠାରୁ ପିପିଇ ଆମଦାନୀକୁ ବନ୍ଦ କରିଦିଆଯାଇଛି।

## ଖୋର୍ଦ୍ଧାରେ ୩ କରୋନା ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୨୨।୫**

ଖୋର୍ଦ୍ଧା ଜିଲାରେ ଶୁକ୍ରବାର ପୁଣି ୩ କରୋନା ପଜିଟିଭ୍ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱରର ୨ଜଣ ରହିଥିବା ବେଳେ ଅନ୍ୟ ଜଣେ ଖୋର୍ଦ୍ଧା ବ୍ଲକ କେରଙ୍ଗ ପଞ୍ଚାୟତର ବୋଲି ଜଣାପଡିଛି। କେରଙ୍ଗ ଆକ୍ରାନ୍ତ ଯୁବକ ସୌଦିଆରବରୁ ଆସି କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଭୁବନେଶ୍ୱରରୁ ଚିହ୍ନଟ ୨ଜଣ ମେଣ୍ଢାଶାଳ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କ ସ୍ୱାବ ପରୀକ୍ଷା ଲାଗି ପଠାଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ ଭୁବନେଶ୍ୱର କୋଭିଡ ହସ୍ପିଟାଲକୁ ପଠାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ‘ଶ୍ରମିକଙ୍କ ସ୍ଥିତିକୁ ପ୍ରାଧାନ୍ୟ ଦିଅ’




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏଆଇଟିୟୁସି ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କରୋନା ମହାମାରୀର ମୁକାବିଲା କରିବା, ପ୍ରବାସୀଙ୍କୁ ଘରକୁ ଫେରାଇ ଆଣିବା, ଅଧିକରୁ ଅଧିକ ଟେଷ୍ଟ କରାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ବର୍ତ୍ତମାନ କେନ୍ଦ୍ର ତଥା ରାଜ୍ୟ ସରକାର ଦିନ ମଜୁରିଆ ଓ ଅନ୍ୟ ଶ୍ରମିକଙ୍କ ସ୍ଥିତିକୁ ପ୍ରାଧାନ୍ୟ ଦିଅନ୍ତୁ। ଲକ୍‌ଡାଉନ୍ ସକାଶେ ବହୁ ଶ୍ରମିକ ଏବେ କାମ ଧନ୍ଦା ବନ୍ଦ କରି ଘରକୁ ଫେରିଛନ୍ତି। ତେଣୁ ସେମାନଙ୍କୁ ଆବଶ୍ୟକ କାମ ଯୋଗାଇବା ସହ ମାସିକ ୧୦ ହଜାର ଟଙ୍କା ଓ ବଞ୍ଚିବା ପାଇଁ ବିଭିନ୍ନ ସାଧନ ଯୋଗାଇ ଦେବା ପାଇଁ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏଆଇୟୁଟିୟୁସି) ପକ୍ଷରୁ ଦାବି କରାଯାଇଛି।

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ପାଇଁ ସାରା ଦେଶରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପ୍ରତିବାଦ ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଏଆଇୟୁଟିୟୁସି ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଥିଲା। ଶ୍ରମିକ ନେତା ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ ଏଆଇୟୁଟିୟୁସିର ବହୁ କର୍ମକର୍ତ୍ତା ମାଷ୍ଟରକ୍ୟାଣ୍ଟିନ୍ ଛକରେ ଉପସ୍ଥିତ ହୋଇ କେନ୍ଦ୍ର ତଥା ରାଜ୍ୟ ସରକାର ଶ୍ରମିକମାରଣ ନୀତି ବନ୍ଦ କରନ୍ତୁ ବୋଲି ଦାବି କରିବା ସହ ଶ୍ରମ ଆଇନ ସଂଶୋଧନ କରି ପୁନର୍ବାର ଶ୍ରମିକମାନେ ଦୈନିକ ୮ଘଣ୍ଟା ପରିଶ୍ରମ କରନ୍ତୁ ବୋଲି ଦାବି କରିଛନ୍ତି। ଆୟୋଜିତ ଏହି ପ୍ରତିବାଦ ସଭାରେ ଏଆଇୟୁଟିୟୁସି ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ବିଜ୍ଞାନ ବେହେରା, ସନ୍ତୋଷ ଦିଗଲ, ବିଜୟ ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ କରିଥିବା ଜଣାପଡ଼ିଛି।

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ**
ମୁଖ୍ୟ କାର୍ଯ୍ୟାଳୟ, ବରଗଡ-୭୬୮୦୨୮
**ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାରେ କାର୍ଯ୍ୟକରୁଥିବା ଶାଖାମାନଙ୍କର ସମସ୍ତ ଗ୍ରାହକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଇତି ମଧ୍ୟରେ ବ୍ୟାଙ୍କର IFS Code କୁ ପରିବର୍ତ୍ତନ କରାଯାଇଅଛି । ଏଣୁ, ସମସ୍ତ ଗ୍ରାହକଙ୍କୁ ଅନୁରୋଧ ନିଜର ଏକାଉଣ୍ଟ ଜରିଆରେ କୌଣସି ପ୍ରାପ୍ୟ ପାଇବାକୁ ହେଲେ ନିମ୍ନୋକ୍ତ ନୂତନ IFS Code ସହିତ ନିଜର ଏକାଉଣ୍ଟ ବବରଣୀ ପ୍ରଦାନ କରିବେ । ଏତଦ୍ ବ୍ୟତୀତ ଚେକ୍‌ବୁକ୍ ସେବା ଉପଲବ୍ଧ ଥିବା ଗ୍ରାହକମାନେ ନିଜର ଅବ୍ୟବହୃତ ଚେକ୍‌ଗୁଡିକୁ ବ୍ୟବହାର କରିବା ପୂର୍ବରୁ ଶାଖା ବ୍ୟାଙ୍କକୁ ଆଣି ନୂତନ IFS Code ମୁଦ୍ରିତ କରିନେବେ ଏବଂ ତଦନୁସାରେ ବ୍ୟବହାର କରିବେ ।

ପରବର୍ତ୍ତିତ IFS Codeକୁ ଜାଣିବା ପାଇଁ ନିକଟସ୍ଥ ଶାଖାରେ ଯୋଗାଯୋଗ କରିବାକୁ ଅନୁରୋଧ ।

ସ୍ୱା./– ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୮ | **ବିଜ୍ଞାପନ** | ତା: ୧୭।୦୩।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, (ଷ୍ଟେଜ୍-ବି), ତୃତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଗୃହ ନଂ.- ଏଚ୍.ଆଇ.ଜି.-ବି.୧୧୭ (HIG-B-117)କୁ ଶ୍ରୀ କଳ୍ପତରୁ ବିଶ୍ୱାଳ, ପି.- ଦଉହରି ବିଶ୍ୱାଳ, ଗ୍ରା- ରଡ଼ଗାଁ, ପୋ- ପାରିପଦା-ନିଜାମପୁର, ଥା- ମଙ୍ଗଳପୁର, ଜି- ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ କଳ୍ପତରୁ ବିଶ୍ୱାଳ ଉକ୍ତ ଗୃହଟିରେ ତାଙ୍କର ସ୍ତ୍ରୀ ଶ୍ରୀମତୀ ଭାରତୀଲତା ବିଶ୍ୱାଳଙ୍କୁ ଯୁଗ୍ମ ଆବଣ୍ଟନକାରୀ ହିସାବରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଯୁଗ୍ମ ଆବଣ୍ଟନ ଦରଜ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଯୁଗ୍ମ ଆବଣ୍ଟନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର**
**ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଇ-ଇଏଲ୍-ବିବିଏସ୍-ଓଟି-୨୦୨୦-୨୧-୦୧ଏ ତାରିଖ: ୧୯।୦୫।୨୦୨୦

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଏଚ୍‌କ୍ୟୁ), ରେଳପଥ ବିଦ୍ୟୁତୀକରଣ, ବିବିଏସ୍ଥିତ ସିପିଡି/ଆର୍‌ଇ/ଏସ୍‌ବିସିଙ୍କ କାର୍ଯ୍ୟାଳୟ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍ http://ireps.gov.in/ରେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି।
**କାର୍ଯ୍ୟର ନାମ:** ୧୨ (ବାର) ମାସ ପାଇଁ ଆର୍‌ଇ/ବିବିଏସ୍‌ର ସର୍ଭିସ୍ ବିଲ୍‌ଡିଂ, ଅଫିସର୍ସ ଓ ଷ୍ଟାଫ୍ କ୍ୱାର୍ଟର୍ ସମେତ ବୈଦ୍ୟୁତିକ ସମ୍ପତ୍ତି ଅର୍ଥାତ୍ ଷ୍ଟାବିଲାଇଜର୍ ଇତ୍ୟାଦି ସମେତ ସମସ୍ତ ଏୟାର୍ କଣ୍ଡିସନ୍‌ଡ ୟୁନିଟ୍ (ୱିଣ୍ଡୋ/ସ୍ପ୍ଲିଟ୍)ର ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଏବଂ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ କ୍ଷେତ୍ରୀୟ କାର୍ଯ୍ୟ।

| ଅଟକଳ ମୂଲ୍ୟ (₹) | ଇ.ଏମ୍.ଡି. (₹) | ଟେଣ୍ଡର କାଗଜ ମୂଲ୍ୟ (₹) |
|---|---|---|
| ୨୨,୦୫,୪୯୨/- | ୪୪,୨୦୦/- | ୩୦୦୦/- |
| ଖୋଲାଯିବାର ତାରିଖ ଓ ସମୟ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତି ତାରିଖ ଓ ସମୟ |
| ୧୭।୦୬।୨୦୨୦, ୧୧.୩୦ ଘଟିକା ପରଠାରୁ | (୧୨) ବାର ମାସ | ୧୭।୦୬।୨୦୨୦, ୧୧.୩୦ ଘଟିକା |

ଏହି ଇ-ଟେଣ୍ଡର ପାଇଁ ଡାକ/କୋରିୟର/ଫାକ୍ସ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ମାନୁଆଲ୍ ଅଫରକୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟରହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ। ଏପରି ସମସ୍ତ ମାନୁଆଲ୍ ଅଫରଗୁଡ଼ିକ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ http://ireps.gov.in/ରେ ଉପଲବ୍ଧ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର୍ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। ଦ୍ରଷ୍ଟବ୍ୟ: ଏହି ଟେଣ୍ଡର ପାଇଁ କୌଣସି ସଂଶୋଧନ/ଶୁଦ୍ଧିପତ୍ର ଜାରି କରାଯାଇଛି କି ନାହିଁ ଏହା ଜାଣିବା ପାଇଁ ଟେଣ୍ଡର ସମାପ୍ତି ତାରିଖରୁ ସାତ ଦିନ ପୂର୍ବରୁ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ୱେବ୍‌ସାଇଟ୍: http://ireps.gov.in/

**ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଏଚ୍‌କ୍ୟୁ), ରେଳପଥ ବିଦ୍ୟୁତୀକରଣ, ବିବିଏସ୍ଥିତ ସିପିଡି/ଆର୍‌ଇ/ଏସ୍‌ବିସିଙ୍କ କାର୍ଯ୍ୟାଳୟ, ଆନେକ୍ସ ବିଲ୍‌ଡିଂ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବେଶ୍ୱର-୭୫୧୦୨୩**
**ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**RECRUITMENT ADVERTISEMENT**
**MAYURBHANJ FRUITS & VEGETABLES FARMERS PRODUCER COMPANY LTD.**
**MURGABADI, BARIPADA, MAYURBHANJ, PIN-757002**
**Mayurbhanj Fruits & Vegetables Farmers Producer Company Limited** invites applications from candidates for contractual engagement for the following posts:

| Positions | Total Nos. | Qualification | Max. Age Limit | Min.Experience in Yrs. | Pay Range* (Rs. Per Month) |
|---|---|---|---|---|---|
| Marketing Manager | 01 | Graduation from any discipline, Post Graduate in Marketing /Social Entrepreneurship/ Rural Development or related field. | 35 years | 1-2 years | 12,500 |
| Cluster Coordinator | 04 | +2 Pass. Candidate having vocational training will be given preference. | 45 years | 1-2 years | 6,000 |

*Performance Incentive will be given based on the achievement of targets and profit of Producer Company.
1) Details of role, responsibilities, qualification and other eligibility criteria for each position and application forms are available at www.mayurshilpacraft.com and www.mayurbhanj.nic.in
2) Documents in support of identity, qualifications, experience etc. have to be produced in 'originals' as and when required.
3) The selection process will consist of shortlisting of candidates on basis of academic qualifications and experience & skills followed by personal interview.
4) The prescribed eligibility conditions viz. age, qualifications and experience etc. should have been acquired as on application closing date. Qualification should be from approved recognized institutions.
5) Only shortlisted candidates will be informed about further selection process through text message and email. Applicants should ensure that the mobile number and email-id given in the application form is active.
6) The eligibility criteria for selection may be changed based on the number of applications received, without assigning any reason thereof.
7) Authority reserves the right either to cancel/to reject or to amend the clauses.
8) **The last date of receipt of application is 10.06.2020. Contact no. 8917410750 E-mail I.D. mayurbhanjfr.veg.pr.co@gmail.com**

**Sd./- Chairman, MFVFPC LTD.**

**RECRUITMENT ADVERTISEMENT**
**MAYURBHANJ SABAI FARMERS PRODUCER COMPANY LTD.**
**MURGABADI, BARIPADA, MAYURBHANJ, PIN-757002**
**Mayurbhanj Sabai Farmers Producer Company Limited** invites applications from candidates for contractual engagement for the following posts:

| Positions | Total Nos. | Qualification | Max. Age Limit | Experience in Yrs. | Pay Range* (Rs. PerMonth) |
|---|---|---|---|---|---|
| Chief Executive Officer (CEO) | 01 | Master's Degree or Post Graduation Diploma or equivalent degree in Rural management/Fashion Management/ Development Management/Social Entrepreneur and other related fields. | 40 years | 1-3 years | 25,000 - 30,000 |
| Procurement -cum- Marketing Manager | 01 | Graduation from any discipline, post-graduation in Social Entrepreneurship/ Rural Development/ Marketing or related field will be given preference. | 35 years | 1-2 years | 12,500 |
| Cluster Coordinator | 04 | +2 Pass. Candidates having vocational training in Sabai craft will be given preference. | 45 years | 1-2 years | 6,000 |

*Performance Incentive will be given based on the achievement of targets and profit of Producer Company.
1) Details of role, responsibilities, qualifications and other eligibility criteria for each position and application forms are available at www.mayurshilpacraft.com and www.mayurbhanj.nic.in
2) Documents in support of identity, qualifications, experience etc. have to be produced in 'originals' as and when required.
3) The selection process will consist of shortlisting of candidates on basis of academic qualifications and experience & skills followed by personal interview.
4) The prescribed eligibility conditions viz. age, qualifications and experience etc. should have been acquired as on application closing date. Qualification should be from approved recognized institutions.
5) Only shortlisted candidates will be informed about further selection process through text message and email. Applicants should ensure that the mobile number and email-id given in the application form is active.
6) The eligibility criteria for selection may be changed based on the number of applications received, without assigning any reason thereof.
7) Authority reserves the right either to cancel/to reject or to amend the clauses.
8) **The last date of receipt of application is 10.06.2020. Contact no. 8917410750 E-mail I.D. msfpcompany@gmail.com**

**Sd./- Chairman, MSFPC. LTD.**

# ବିବାଦୀୟ ବଦଳି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ଅନେକ ଲୋକଙ୍କୁ ପ୍ରଭାବିତ କରିଛି। କିନ୍ତୁ ଏହା ସମ୍ଭବତଃ କର୍ନାଟକ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇପାରିନାହିଁ। ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ନେଇ କର୍ନାଟକ ସରକାର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଶ୍ରମ ବିଭାଗର ପ୍ରମୁଖ ସଚିବ ପି. ମଣିଭନ୍ନମ୍‌ଙ୍କୁ କୌଣସି ନୂଆ ପଦରେ ନିଯୁକ୍ତି ନ ଦେଇ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଆଇଏଏସ୍ ଅଧିକାରୀ ମହେଶ୍ୱର ରାଓଙ୍କୁ ଅବସ୍ଥାପିତ କରାଯାଇଛି। ଏହି ବଦଳି ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କୁ ଚକିତ କରିଥିବା ଦେଖାଯାଇଛି। ଲକ୍‌ଡାଉନ୍ ମାନୁଫାକଚରିଂ ଏବଂ ନିର୍ମାଣ କ୍ଷେତ୍ରଗୁଡିକର ବହୁତ କ୍ଷତି କରିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଶିଳ୍ପ ଶ୍ରମ ନିୟମକୁ କୋହଳ କରିବାକୁ ଚାହୁଁଥିବାବେଳେ ମଣିଭନ୍ନମ କିନ୍ତୁ ଶ୍ରମିକମାନଙ୍କ ଅଧିକାର ପାଇଁ ସ୍ୱର ଉଠାଇଆସୁଥିଲେ, ଯେଉଁଥିପାଇଁ ଏହି ନିର୍ଦ୍ଦେଶ ଆସିଛି ବୋଲି ଜଣାପଡିଛି। ୟୁପି (ଉତ୍ତରପ୍ରଦେଶ) ଢାଞ୍ଚାର ଶ୍ରମ ନିୟମ ଆଣିବା ଲାଗି ଏକ ଲବି ବି କରାଯାଇଥିଲା। ସରକାର ନିଯୁକ୍ତିଦାତାମାନଙ୍କୁ ଏ ସଂକ୍ରାନ୍ତରେ ନୋଟିସ ଜାରି କରିବେ ବୋଲି ନିକଟରେ ମଣିଭନ୍ନମ ଟୁଇଟ୍ କରି ଜଣାଇଥିଲେ। କିନ୍ତୁ କେତେ ଜଣ ମନ୍ତ୍ରୀ ମଣିଭନ୍ନମଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ, ଯେଉଁଥିପାଇଁ ତାଙ୍କୁ ବଦଳି କରାଯାଇଥିବା ଅନୁମାନ କରାଯାଏ। ମଜାକଥା ହେଉଛି,ଏହି ଅଧିକାରୀଙ୍କ ବଦଳି ଏକ ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକେ ମଣିଭନ୍ନମଙ୍କୁ ପୁନଃ ଅବସ୍ଥାପିତ କରିବାକୁ ସରକାରଙ୍କ ଉପରେ ଚାପ ପକାଇବା ଲାଗି ଅନ୍‌ଲାଇନରେ ଅଭିଯାନ ଆରମ୍ଭ କରିଦେଇଛନ୍ତି।

### କଠିନ ପରିସ୍ଥିତିରେ ଶିକ୍ଷା

ସାଧାରଣତଃ ଆଇଏଏସ୍ ଅଧିକାରୀମାନେ ସେମାନଙ୍କ କ୍ଷେତ୍ର ପ୍ରଶିକ୍ଷଣ ବା ଫିଲ୍ଡ ଟ୍ରେନିଂ ଆରମ୍ଭରେ ଷ୍ଟେଟ୍ ଏକାଡେମୀରେ ତିନିମାସ ରହିଥାନ୍ତି। କିନ୍ତୁ ଚଳିତବର୍ଷ କରୋନା ଭାଇରସ୍ ସଂକ୍ରମଣ ଯୋଗୁ ସେମାନଙ୍କୁ ସିଧା ଜିଲାକୁ ପଠାଯାଇଛି। ସୂତ୍ରରୁ ପ୍ରକାଶ ଯେ,୧୮୨ ଜଣ ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ୯୬ ଜଣ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ସେମାନଙ୍କ ବର୍ଷ ବ୍ୟାପୀ ଫିଲ୍ଡ ଟ୍ରେନିଂ ଆରମ୍ଭ କରିବା ପାଇଁ ମଶୋରିସ୍ଥ ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶ୍‌ନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ କ୍ୟାମ୍ପସ ଛାଡିଛନ୍ତି। ଏଭଳି କାର୍ଯ୍ୟରେ ନୂଆ କରି ଅଂଶଗ୍ରହଣ କରିବାକୁ ଯାଉଥିବା ବାବୁମାନେ ଯେଉଁ ରାଜ୍ୟରେ ନିଯୁକ୍ତି ପାଇଛନ୍ତି ସେହି ରାଜ୍ୟ ପଠାଇଥିବା କାର୍‌ରେ ସେମାନେ ଏକାଡେମୀ ଛାଡିଛନ୍ତି। ଆଉ ଯେଉଁ ବାବୁମାନେ ଏକାଡେମୀଠାରୁ ଦୂର ରାଜ୍ୟମାନଙ୍କରେ ନିଯୁକ୍ତି ପାଇଛନ୍ତି ସେମାନେ କାର୍ଯ୍ୟରେ ଯୋଗ ଦେବା ଲାଗି ବିମାନ ସେବା ଆରମ୍ଭ ହେବା ଯାଏ ଅପେକ୍ଷା କରିଛନ୍ତି। ସରକାର ଅନୁଭବ କରିଛନ୍ତି ଯେ, କରୋନା ମହାମାରୀ ସମୟରେ ଏହି ଯୁବ ଅଧିକାରୀମାନେ ପ୍ରଶାସନକୁ ସାହାଯ୍ୟ କରିବା ସହ ତଥ୍ୟ ସଂଗ୍ରହ କରିବା ଭଳି କାର୍ଯ୍ୟରେ ଯୋଗଦାନ ଦେଇପାରିବେ। ଏବେଯାଏ ଏହି ପ୍ରଶିକ୍ଷାର୍ଥୀଙ୍କ କୌଣସି ଆଇନଗତ କ୍ଷମତା ନାହିଁ, କିନ୍ତୁ ସେମାନେ ସହାୟକ ଭୂମିକାରେ କାର୍ଯ୍ୟ ସମ୍ପାଦନ କରିପାରିବେ। ପ୍ରଶିକ୍ଷାର୍ଥୀ ବାବୁମାନଙ୍କ ପାଇଁ ଏହା ଏକ ନୂଆ ବ୍ୟବସ୍ଥା , ଯେଉଁଥିରେ କଠିନ ପରିସ୍ଥିତି କିମ୍ବା ଆହ୍ୱାନରୁ ସେମାନେ କିଛି ଶିକ୍ଷା କରିବାକୁ ଯାଉଛନ୍ତି। ଜିଲା ସ୍ତରରେ କରୋନା ମହାମାରୀ ବିରୋଧୀ ଲଢେଇରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଶୀଘ୍ର କାମ କରିବେ।

### ଜରୁରିକାଳୀନ ଭଳି କ୍ଷମତା

ଦେଶର ୭୩୩ଟି ଜିଲାର ଦାୟିତ୍ୱରେ ଥିବା ଜିଲାପାଳମାନେ ସାଧାରଣ ପ୍ରଶାସନ କ୍ଷେତ୍ରରେ ସବୁଠୁ କ୍ଷମତାଶାଳୀ ଭାବେ ଉଭା ହୋଇଛନ୍ତି। ସେମାନେ କରୋନା ଭାଇରସ୍ ମହାମାରୀ ବିରୋଧୀ ଲଢେଇର ନେତୃତ୍ୱ ନେଉଛନ୍ତି। କରୋନା ବିରୁଦ୍ଧରେ ଲଢେଇ କରିବା ପାଇଁ କେନ୍ଦ୍ର ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଏବଂ ପୁରୁଣା କୁହାଯାଉଥିବା ମହାମାରୀ ରୋଗ ଆଇନ, ୧୮୯୭କୁ ଲାଗୁ କରିଛନ୍ତି। ଏହି ଦୁଇଟି ଆଇନ ଅତୀତରେ କ୍ୱଚିତ ଲାଗୁ କରାଯାଇଛି। କିନ୍ତୁ ଏବେ ଏହି ପରିସ୍ଥିତିରେ ଏହା ଡେପୁଟି କମିଶନର, କଲେକ୍ଟର କିମ୍ବା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ (ରାଜ୍ୟରେ ନାମପଦ୍ଧତି ଅନୁସାରେ)ଙ୍କୁ ସେମାନଙ୍କ ଜିଲାରେ ଶାସନ କରିବା ଲାଗି ଅତ୍ୟଧିକ କ୍ଷମତା ପ୍ରଦାନ କରିଛି। ଏପରି କି କ୍ଷେତ୍ରବିଶେଷରେ ଜଣେ ଜିଲାପାଳଙ୍କ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶଠାରୁ ଅଧିକ ପ୍ରଭାବଶାଳୀ ବୋଲି ସୂତ୍ରରୁ ଜଣାପଡିଛି! ସେମାନେ ଏବେ ଏକ ଯୋଜନାକୁ ବନ୍ଦ କରିପାରିବେ, ଯାନ କିମ୍ବା ହୋଟେଲ ଅଧିଗ୍ରହଣ କରିପାରିବେ, ବ୍ୟକ୍ତିଙ୍କ ଯାତାୟାତ ଉପରେ କଟକଣା ଲଗାଇପାରିବେ। ସେମାନେ ଯେକୌଣସି ଘରକୁ ଭାଙ୍ଗିପାରିବେ। ଏପରି କି କେନ୍ଦ୍ର ଏବେ ଲକ୍‌ଡାଉନ୍ କୋହଳ କରିବା ଆରମ୍ଭ କରିଥିବାବେଳେ ଏହି ନିୟମକୁ ବ୍ୟାଖ୍ୟା କରିବାରେ ପ୍ରଭେଦ ଥିବା ଯୋଗୁ ଗୋଟିଏ ଜିଲାରୁ ଆଉ ଏକ ଜିଲାରେ ସମାନଙ୍କ ନିର୍ଦ୍ଦେଶ ମଧ୍ୟ ଭିନ୍ନ ହେବାର ସମ୍ଭାବନା ରହିଛି। ତେବେ ଉକ୍ତ ସ୍ଥିତିରେ ଜିଲାପାଳମାନଙ୍କୁ ଏହି ଦୁଇ ନିୟମରେ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଥିବାରୁ ସ୍ଥାନୀୟ ଏମ୍‌ପି ଓ ଏମ୍‌ଏଲ୍‌ଏମାନେ ସେମାନଙ୍କ ଉପରେ ଚାପ ପକାଇବାର କମ୍ ସୁଯୋଗ ରହିଛି।

Email: dilipcherian@gmail.com

# କରୋନା ଓ କୃଷି



ଡ. ରବୀନ୍ଦ୍ର କୁମାର ନାୟକ

କରୋନା ମହାମାରୀ କବଳରେ ସମଗ୍ର ବିଶ୍ୱ କଲବଲ ହେଉଛି। କୋଭିଡ୍-୧୯ ଭୂତାଣୁ ଜୁଆର ପରି ମାଡ଼ିଚାଲିଛି ଓ ହଜାର ହଜାର ନର ସଂହାର କରୁଛି। ଆମେରିକା, ଇଟାଲୀ, ଇଂଲଣ୍ଡ, ସ୍ପେନ, ଫ୍ରାନ୍ସ, ଜର୍ମାନୀ ଓ ଚାଇନା ଇତ୍ୟାଦି ପ୍ରତିପତ୍ତିଶାଳୀ ରାଷ୍ଟ୍ର ସମୂହମାନେ ଏହା ଆଗରେ ହାର୍ ମାନୁଛନ୍ତି କିନ୍ତୁ ଭାରତ ତଥା ଓଡ଼ିଶାର ସମୟୋଚିତ ଓ ତ୍ୱରିତ୍ ପଦକ୍ଷେପ ଏହି ପୃଥିବୀର ଆତଙ୍କ କୋଭିଡ୍-୧୯ ଭୂତାଣୁର ସଂକ୍ରମଣ ମାତ୍ରାକୁ ଯଥେଷ୍ଟ କମ୍ କରିବାରେ ସକ୍ଷମ ହୋଇଛି। ଲକ୍‌ଡାଉନ୍, ସଟ୍‌ଡାଉନ୍, ଆବଦ୍ଧାଞ୍ଚଳ, ଆତ୍ମପ୍ରବାସ, ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଇତ୍ୟାଦି ନିୟମକୁ କଡାକଡ଼ି ପାଳନ କରିବା ଦ୍ୱାରା ଏହି ସଫଳତା ସମ୍ଭବ ହୋଇପାରିଛି। ଜୀବନକୁ ପ୍ରାଥମିକତା ଦିଆଯାଇଛି। ରାଜକୋଷରୁ ପ୍ରଚୁର ପରିମାଣରେ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହାର ଅନ୍ୟ ଦିଗଟି ହେଉଛି ଜୀବିକାର ସ୍ଥାଣୁତା। ଅଧିକାଂଶ ଜୀବିକା ପ୍ରାୟ ବନ୍ଦ ହୋଇଯାଇଛି। ଏହା ଏକ କଠୋର ବାଧ୍ୟବାଧକତା। ଏହାର ପରିଣାମ ସ୍ୱରୂପ ଦେଶ ତଥା ବିଶ୍ୱର ଅର୍ଥନୈତିକ ସ୍ଥିତି ନିମ୍ନଗାମୀ ଓ ଅସମ୍ଭାଳ ପରିସ୍ଥିତିରେ ଉପନୀତ। ସରକାରଙ୍କ ସହାୟତା ଚିରକାଳ ନିମନ୍ତେ ସମ୍ଭବ ନୁହେଁ। କଳକାରଖାନା, ଦୋକାନ, ବଜାର, ବ୍ୟବସାୟ ବନ୍ଦ ଯୋଗୁ ସହରୀ ଚାକିରିଆ ଓ କର୍ମଜୀବୀ ବର୍ତ୍ତମାନ ଗାଁ ଅଭିମୁଖୀ।

ସଭ୍ୟତାର ଇତିହାସ କୁହେ ଅତୀତରେ ମାନବ ଏହି ପ୍ରକାର ପରିସ୍ଥିତିର ବହୁବାର ସାମ୍ନା କରିଛି, କିନ୍ତୁ ବର୍ତ୍ତମାନ ପିଢ଼ିର ଲୋକମାନଙ୍କ ପାଇଁ ଏପରି ସ୍ଥିତି ନୂଆ ଓ ଏହା ସବୁଦିନ ପାଇଁ ମନେ ରହିବ। ବିଧିବଦ୍ଧ ଟିକା/ଔଷଧ ଉଦ୍‌ଭାବନ ହେବା ପର୍ଯ୍ୟନ୍ତ କିମ୍ବା ପ୍ରାକୃତିକ ଉପାୟରେ ଏହି ମହାମାରୀ ଭୂତାଣୁର ଜୀବନ ଚକ୍ର ସମାପ୍ତ ନ ହେବା ପର୍ଯ୍ୟନ୍ତ ପ୍ରତିଷେଧକ ବ୍ୟବସ୍ଥା ହିଁ ଉଚିତ ପ୍ରତିକାର। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରତ୍ୟେକଟି ପ୍ରତିଷେଧକ ନିୟମକୁ ସାଧୁତା ସହ ପାଳନ କରିବା ହିଁ ବ୍ୟକ୍ତି ଓ ସମାଜ ପାଇଁ ହିତକର। ଏହାଦ୍ୱାରା ଏହି ମହାମାରୀଠାରୁ ରକ୍ଷା ପାଇହେବ କିନ୍ତୁ ଜୀବିକା ବଡ଼ ସଙ୍କଟରେ ପଡ଼ିବ। ‘ଜୀବିକା କ’ଣ ଜୀବନ ସହ ଜଡ଼ିତ ନୁହେ?’ ଛୋଟରୁ ବଡ଼ ବ୍ୟବସାୟ, କଳକାରଖାନା, ନିର୍ମାଣ, କୃଷି ତଥା ମାନବ ସମ୍ବଳର ବିନିଯୋଗ ଇତ୍ୟାଦି ସବୁ ବନ୍ଦ। ଏଗୁଡ଼ିକ ରୋଜଗାରର ପନ୍ଥା। ଏହାର ପ୍ରଭାବରେ ଅର୍ଥବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଲାଣି। ବିଗତ ୪ ଦଶନ୍ଧିରେ ଆଜିର ଅର୍ଥନୈତିକ ସ୍ଥିତି ସର୍ବନିମ୍ନ । ଗ୍ରାମୀଣ ଅର୍ଥବ୍ୟବସ୍ଥା ବିପର୍ଯ୍ୟସ୍ତ। ଗାଁର ଶ୍ରମିକଙ୍କ ପାଖରେ କୌଣସି ଧନ୍ଦା ନାହିଁ। ଗ୍ରାମ ଫେରନ୍ତା ପ୍ରବାସୀ ଶ୍ରମିକଙ୍କ ନିକଟରେ କର୍ମସଂସ୍ଥାନ ବା ଆସିବ କେଉଁଠୁ। ଜନସଂଖ୍ୟାର ଦୁଇ ତୃତୀୟାଂଶ ଗାଁରେ ବାସ କରନ୍ତି ଏବଂ ଜାତୀୟ ଅର୍ଥ ବ୍ୟବସ୍ଥାକୁ ଏମାନଙ୍କର ଅବଦାନ ଅଧାରୁ ଅଧିକ ତେଣୁ ଅର୍ଥନୈତିକ ବ୍ୟବସ୍ଥା ଦୁର୍ବଳ ହେବା ସ୍ୱାଭାବିକ।

ସାମ୍ପ୍ରତିକ ପରିସ୍ଥିତିରେ କୃଷି ଓ ଆନୁଷଙ୍ଗିକ ବୃତ୍ତି ରାଜ୍ୟ ଓ ଦେଶ ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର କର୍ମ ସଂସ୍ଥାନ ଯୋଗାଣ ନିମନ୍ତେ। ଏଣୁ କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଲେ ଜୀବିକା ସୃଷ୍ଟିହେବା ସହ ଭାରତ ପରି ଏକ ବିଶାଳ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ନିରାପତ୍ତା ଅକ୍ଷୁର୍ଣ୍ଣ ରହିପାରିବ। ଏଥିପାଇଁ ଚାଷୀ, ବେସରକାରୀ ସଂସ୍ଥା ଓ ସରକାର ସମସ୍ତେ ଚାଷର ଅଗ୍ରଗତି ନିମନ୍ତେ ଆଗଭର ହେବା ଆବଶ୍ୟକ ଓ ଉପଯୁକ୍ତ ଖସଡ଼ା ପ୍ରସ୍ତୁତ କରି ସ୍ଥାନ ବିଶେଷରେ ଏହାର କାର୍ଯ୍ୟାନ୍ୱୟନ କରିବା ଉଚିତ।

କୃଷି କ୍ଷେତ୍ରରେ କରୋନା ଯୋଗୁ କେତେଗୁଡ଼ିଏ ସଙ୍କଟ ସୃଷ୍ଟି ହୋଇଛି। ତାଲାବନ୍ଦକୁ ନେଇ ଚାଷୀ ବା କୃଷି ଶ୍ରମିକ ଘରୁ ବାହାରକୁ ବାହାରିବା ପାଇଁ ଦ୍ୱିଧାବୋଧ କରୁଛନ୍ତି। ସେମାନଙ୍କ ମନରେ କରୋନା ସଂକ୍ରମଣର ଭୟ ରହିଛି କିନ୍ତୁ ସାଧାରଣତଃ କ୍ଷେତ ଚାଷୀର ଘର ନିକଟରେ ଥାଏ। କ୍ଷେତ କରୋନା ଜୀବାଣୁ ଉତ୍ପନ୍ନ କରେ ନାହିଁ। ଜଣେ ସଂକ୍ରମିକ ବ୍ୟକ୍ତିର ସଂସ୍ପର୍ଶରେ ଆସିଲେ ହିଁ ଏହି ରୋଗ ହେବାର ସମ୍ଭାବନା ଥାଏ। ପ୍ରକୃତିରେ କୃଷି କ୍ଷେତ୍ର ଅତି ନିର୍ମଳ ଓ ଶୁଦ୍ଧ । ଦୂରରେ ଥିବା କ୍ଷେତରେ ପହଞ୍ଚିବା ପାଇଁ ଯାନବାହନ ବ୍ୟବହାର ଅନୁମତି ଚାଷୀଙ୍କୁ ମିଳିବା ଉଚିତ। ଚାଷୀ ଏହି ସୁବିଧାର ଦୁରୁପଯୋଗ କରିବା ଅନୁଚିତ। ଏପରିସ୍ଥିତିରେ ମୁକାବିଲା ପାଇଁ ଗୋଟିଏ ଶୃଙ୍ଖଳିତ ବଜାର ବ୍ୟବସ୍ଥା ସରକାରଙ୍କ ତତ୍ତ୍ୱାବଧାନରେ ହେବା ଉଚିତ। ନିର୍ଦ୍ଦିଷ୍ଟ ଅଞ୍ଚଳର ଚାଷୀ ଉତ୍ପାଦିତ ସାମଗ୍ରୀକୁ ନିକଟରେ ଥିବା ଗାଁ, ହାଟ/ବଜାରରେ ବିକ୍ରି କରିବା ସୁବିଧାଜନକ ଏବଂ ବଳକା ସାମଗ୍ରୀକୁ ନିକଟସ୍ଥ ସହରକୁ ଚାଲାଣ ସୁବିଧା ହେଲେ ଚାଷୀ ଉପକୃତ ହୋଇପାରିବ। ଏହା ବ୍ୟତୀତ ସ୍ଥାୟୀ ଓ ଅସ୍ଥାୟୀ ଉତ୍ପାଦ ସଂରକ୍ଷଣ ସୁବିଧା ହେବା ସହ ଉତ୍ପାଦର ସର୍ବନିମ୍ନ ମୂଲ୍ୟ ମିଳିପାରିବ।

କୋଭିଡ୍-୧୯ ସଂକ୍ରମଣରୁ ବର୍ତ୍ତିବା ପାଇଁ ଚାଷୀ, କୃଷି ଶ୍ରମିକ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ସୁବିଧା ଅନୁସାରେ ମାସ୍କ, ଗାମୁଛା କିମ୍ବା ରୁମାଲରେ ମୁହଁକୁ ଘୋଡ଼ାଇ ପାରିବେ। ସାମାଜିକ ଦୂରତ୍ୱ ରକ୍ଷା ପାଇଁ କ୍ଷେତରେ ଥିବା ପ୍ରତ୍ୟେକ ବ୍ୟକ୍ତି ପରସ୍ପର ମଧ୍ୟରେ ସର୍ବନିମ୍ନ ୧.୫ରୁ ୨ ମିଟର ଦୂରତା ରଖିଲେ ଭଲ। ସାଧାରଣତଃ ବିଶ୍ରାମ ଓ ଜଳପାନ କରିବା ସମୟରେ ଶ୍ରମିକମାନେ ଏକାଠି ହୋଇଥାନ୍ତି। ଏ ସମୟରେ ସତର୍କତାର ସହ ଦୂରତା ରକ୍ଷା କରିବା ନୀତିସଙ୍ଗତ। ଦ୍ରବ୍ୟ ଆଦାନପ୍ରଦାନ ସମୟରେ ସାମାଜିକ ଦୂରତା ରକ୍ଷା ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଛିଙ୍କ, କାଶ, ଜ୍ୱର କିମ୍ବା କରୋନା ଲକ୍ଷଣ ଥିବା ବ୍ୟକ୍ତି କ୍ଷେତକୁ ଯାଇ କାମ କରିବା ନୀତିସଙ୍ଗତ ନୁହେଁ।

ଅଳ୍ପଦିନ ପରେ ଖରିଫ୍ ଚାଷ ଆରମ୍ଭ ହେବ। ଏହା ଚାଷର ମୁଖ୍ୟ ଋତୁ। ଏବେଠାରୁ ଏଥିପାଇଁ ପ୍ରସ୍ତୁତ ହେବା ଉଚିତ। ନିମ୍ନୋକ୍ତ କୃଷି କାର୍ଯ୍ୟକୁ ଚାଷୀମାନେ ହାତକୁ ନେବା ଦରକାର। କାଳବୈଶାଖୀ ବର୍ଷାକୁ ଉପଯୋଗ କରି ମାଟିର ଉତ୍ତମ ବତର ଅବସ୍ଥାରେ ଖରାଟିଆ ଚାଷ କରାଯାଉ। ଶେଷ ଓଡ଼ ଚାଷ ପୂର୍ବରୁ ପ୍ରଚୁର ପରିମାଣରେ ଖତ ଜମିର ସବୁଆଡ଼େ ବିଞ୍ଚିକରି ପ୍ରୟୋଗ କରିବା ଉଚିତ। ଢିପ ମଧ୍ୟମ ବା ଖାଲ ଜମିର କିସମ ଅନୁଯାୟୀ ଫସଲ ଖସଡ଼ା ସ୍ଥିର କରିବା ଆବଶ୍ୟକ। ଦରକାର ମୁତାବକ ସ୍ଥିରୀକୃତ ଫସଲ ପାଇଁ ଉତ୍ତମ ବିହନ, ବିଶୋଧକ, ରୋଗପୋକ ନାଶକ ଔଷଧ, ସାର, ଭରସାଯୋଗ୍ୟ ଉତ୍ସରୁ ଏବେଠାରୁ ସଂଗ୍ରହ କରି ରଖିବା ଦରକାର। ଏହା ଉପଯୁକ୍ତ ସମୟରେ କାମରେ ଆସିବ। ଧାନ ତଳିଘେରା ପାଇଁ ଜମି ପ୍ରସ୍ତୁତି କରିବା ଦରକାର। ଢିପ ଜମିରେ ଅଣଧାନ ଫସଲ ଯଥା- ପନିପରିବା, ଡାଲି ଓ ତୈଳବୀଜ ଫସଲ ଚାଷ ପାଇଁ ଖସଡ଼ା ପ୍ରସ୍ତୁତ ହେବା ଉଚିତ। ସେହିପରି ମଧ୍ୟମ ଓ ଖାଲ ଜମିରେ ଧାନର କିସମ ସ୍ଥିର କଲେ ଅମଳ ଅଧିକ ହେବାର ସମ୍ଭାବନା ଥାଏ। ବ୍ୟବସାୟଭିତ୍ତିକ କୃଷି ପାଇଁ ବଜାରର ସୁନିଶ୍ଚିତତା ନିହାତି ଜରୁରୀ। କୃଷି ଉତ୍ପାଦର ପରିବହନ, ସଂରକ୍ଷଣତା ଓ ପ୍ରକ୍ରିୟାକରଣ ସୁବିଧାର ସ୍ଥିତିକୁ ଅନୁଧ୍ୟାନ କରି ସିଦ୍ଧାନ୍ତ ନେବା ଆବଶ୍ୟକ। ସରକାରଙ୍କର ପ୍ରୋତ୍ସାହନ ମୂଳକ ଯୋଜନା ଓ କାର୍ଯ୍ୟକ୍ରମମାନଙ୍କର ଲାଭ ନିଅନ୍ତୁ।

ପ୍ରବାସୀ ଓଡ଼ିଆ ଏହି ମାଟିର ସନ୍ତାନ। ସେମାନେ ନିଜ ପରିବାରର କୃଷି କାର୍ଯ୍ୟରେ ସକ୍ରିୟ ଯୋଗଦାନ କାରି ସମୟର ସଦୁପଯୋଗ କରିବା ସହ ସ୍ୱାବଲମ୍ବୀ ହେବାର ସୁବର୍ଣ୍ଣ ସୁଯୋଗ ରହିଛି।

କୃଷିକାର୍ଯ୍ୟ ଏକ ଚିରନ୍ତନ ସତ୍ୟ, ମାନବ ସଭ୍ୟତା ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜୀବନ ପାଇଁ ଖାଦ୍ୟ ଆବଶ୍ୟକ। ତେଣୁ କୃଷି କାର୍ଯ୍ୟକ୍ରମ ଏକ ପ୍ରାଥମିକ ଜୀବିକା। କରୋନାର ବିଭୀଷିକା ଏକ ସାମୟିକ ସତ୍ୟ। ଏହାର ପ୍ରତିରୋଧ ବ୍ୟବସ୍ଥା ଖୁବ୍ ପ୍ରଭାବଶାଳୀ, ପ୍ରତିକାର ନିଶ୍ଚୟ ଉଦ୍‌ଭାବନ ହେବ। କିନ୍ତୁ ସମାଜ ତିଷ୍ଠିବା ପାଇଁ ଖାଦ୍ୟର ବିକଳ୍ପ ନାହିଁ। କୃଷି ହିଁ ଏହାର ଏକମାତ୍ର ସମାଧାନ। ଏହା ସହ ଚାଷୀର ସମ୍ମାନ ଜଡ଼ିତ। ବନ୍ୟା, ବାତ୍ୟା, ମରୁଡ଼ି, ମହାମାରୀ, ରୋଗ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ ସମସ୍ୟା ବିରୋଧରେ ଅତୀତରେ ବିଜୟ ଲାଭ କରିଛି କୃଷକ। ସୁତରାଂ କରୋନା ମହାମାରୀର ପ୍ରାଦୁର୍ଭାବକୁ ନ ଡରି ଯଥାସମ୍ଭବ ସତର୍କତାର ସହିତ କୃଷିକାର୍ଯ୍ୟକୁ ଆଗେଇ ନେବା ହିଁ ସମୟୋପଯୋଗୀ ଏବଂ ଏହା ହିଁ କୃଷି, କୃଷକ ଓ ସମାଜ ପାଇଁ ମଙ୍ଗଳକାରୀ।

ପ୍ରାଧ୍ୟାପକ, ଓୟୁଏଟି
ମୋ:୯୪୩୭୧୬୮୬୭୨

# ଢୋକେ ପିଇ, ଦଣ୍ଡେ ଜିଇ



ସୌମ୍ୟା ପରିଡ଼ା

ସରକାର ଯଦି ମାଗଣା ଚାଉଳ, ଡାଲି, ରାଶନ ଦେଉଛନ୍ତି ତା’ହେଲେ ଆମେ କାହିଁ ନେବୁନାହିଁ! ଆମ ବାଡ଼ିପଟ ଘରେ ପଚାଶ ବସ୍ତା ଚାଉଳ ଥାଉ ପଛେ। ମାସେ ପାଇଁ ସିନା ମୁଁ ମୋ ଘରେ ସଉଦାପତ୍ର ସାଇତି ରଖିଛି। ହେଲେ ଏମିତି ଯଦି ଆଉ ଦି’ମାସ ଲାଗିରହିଲା! ତେଣୁ ବଜାରରୁ ମୁଁ ଏକା ସାଙ୍ଗେ ଆଉ ଚାରି ମାସର ରାଶନ କିଆଁ କିଣି ଘରେ ନ ସାଇତିବି! ଅତି ଦରକାର ନ ହେଲେ ସରକାର କହିଛନ୍ତି ଘରୁ ବାହାରକୁ ବାହାରିବନି। ହେଲେ ଘରୁ ଯଦି ସବୁଦିନ ସକାଳୁ ଘେରାଏ ବାହାରକୁ ନ ଯିବି ତା’ହେଲେ ଟଟକା ପରିବା ପାଇବି କେମିତି! କିହୋ ଏ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଯେଉଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏତେ ନାଟ ସେଗୁଡ଼ାକ କ’ଣ ପାଇଁ। ସବୁଜାଗାରେ ପୋଲିସ ବାଲା, ବିଏମ୍‌ସି ବାଲା, ସିକ୍ୟୁରିଟି ଗାର୍ଡ, ଜରୁରିକାଳୀନ ସେବା ଯୋଗାଉଥିବା କର୍ମଚାରୀ, ଘଡ଼ିକିଘଡ଼ି ଖବର ଦେଉଥିବା ଏ ସାମ୍ବାଦିକମାନେ କ’ଣ ପାଇଁ। ସରକାର କହୁଛନ୍ତି କ’ଣ! ଥଣ୍ଡା-କାଶ-ଜର ହେଲେ ସଙ୍ଗେ ସଙ୍ଗେ ଜଣାଅ। ନିକଟରେ କୌଣସି ଜାଗାରୁ ଯାତ୍ରାକରି ଫେରିଥିବା ଘର ସଦସ୍ୟଙ୍କ ଖବର ଦିଅ। ଘରେ ରୁହ, ପରିବାର ସହ ରୁହ। ଅତି ଜରୁରୀ ନ ହେଲେ ପଦାକୁ ଗୋଡ଼ କାଢ଼ନି। କାରଣ ଏହା ହିଁ ହେଉଛି କରୋନାଠୁ ମୁକ୍ତିପାଇବାର ଏକମାତ୍ର ରାସ୍ତା।

ସରକାରଙ୍କ ହେଲ୍‌ପଲାଇନ୍‌କୁ ମହାରାଷ୍ଟ୍ର, ତାମିଲନାଡୁ, ତେଲଙ୍ଗାନା, ଗୁଜରାଟ, କର୍ନାଟକ ଆଦି ପରି ରାଜ୍ୟରୁ ବେଶି କଲ୍ ଆସୁଛି। ଏଇସବୁ ରାଜ୍ୟରେ ଆମ ରାଜ୍ୟର ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ପରି ଜିଲାର ବହୁ ଓଡ଼ିଆ ରହୁଛନ୍ତି। ସମସ୍ତେ ଯେ ଅସୁବିଧାରେ ଓ ଦିନମଜୁରିଆ ଶ୍ରେଣୀର ତାହା ନୁହେଁ, ହେଲେ ଏ କରୋନା ପରିସ୍ଥିତିରେ ସମସ୍ତେ ନିଜ ଭିଟାମାଟିକୁ ଫେରିବା ପାଇଁ ବ୍ୟଗ୍ର ଆଉ ଯାହା ସ୍ୱାଭାବିକ ବି। ସେମିତି ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ କାମ ପାଇଁ ଯାଇଥିବା ଲୋକେ, ତୀର୍ଥଯାତ୍ରୀ, ଛାତ୍ରୀଛାତ୍ର, କ୍ୟାନ୍‌ସର ରୋଗୀ ଓ ସମ୍ପର୍କୀୟ ଫସି ରହିଛନ୍ତି। ଏଇଟି ବନ୍ୟା କି ବାତ୍ୟା ପରିସ୍ଥିତି ନୁହେଁ ବରଂ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ପାଖକୁ ଯିବା ମନା, କାହାକୁ ଛୁଇଁବା ମନା। ଲୋକଙ୍କଠୁ ଦୂରେଇ ରହିବାକୁ ପରାମର୍ଶ। କର୍ମସଂସ୍ଥାନ ବନ୍ଦ, ରାସ୍ତାଘାଟ ବନ୍ଦ, ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ି ବାକି ଦୋକାନ ବଜାର ବନ୍ଦ। ଏଥିରେ ଆଗକୁ ବହୁ ଲୋକେ ପ୍ରଭାବିତ ହେବେ। ହେଲେ ଏଇକ୍ଷଣି ଦିନମଜୁରିଆ, ରାସ୍ତାକଡ଼ରେ ଆଶ୍ରୟ ନେଉଥିବା ଲୋକେ ଯାହାଙ୍କୁ ଅନ୍ତତଃ ମୁଠାଏ ଖାଇବାକୁ ମିଳିଯାଉଥିଲା ଓ ଆମ ବଳକା ଖାଇବା ଖାଇ ବଞ୍ଚୁଥିବା ପଶୁପକ୍ଷୀ ପ୍ରଭାବିତ ହେଉଛନ୍ତି।

ଏବେ ସମୟ ଆସିଛି ମାନବିକତାର। ଯାହା ପାଖେ ଖାଇବାକୁ ନାହିଁ ତାକୁ ବେଳାଏ ପେଟପୂରା ଖାଇବାକୁ ଦେବାର ବେଳ। ଆଉ ତା’ଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମୁଣ୍ଡ ଉପରେ ଛାତ ଆଉ ଖାଇବାକୁ ଚୁଡ଼ା, ଚାଉଳ ଥିଲାବାଲା ଲୋକେ ନ ଥିଲାବାଲାଙ୍କ ଉପରେ ଭାଗ ନ ବସାଇବାର ବେଳ। କେନ୍ଦ୍ର ସରକାର ହୁଅନ୍ତୁ କି ରାଜ୍ୟ ସରକାର ଅନେକ ଯୋଜନା ଗରିବଙ୍କ ପାଇଁ କରୁଛନ୍ତି। ହେଲେ ତୃଣମୂଳ ସ୍ତରର ଦୁର୍ନୀତି ଯୋଗୁ ଏସବୁ ଠିକ୍ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଗାଁ-ଗାଁରେ ବୟୋଜ୍ୟେଷ୍ଠ ଓ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଗାଁକମିଟି ରହିବା ନିହାତି ଜରୁରୀ, ଯାହାଦ୍ୱାରା ନ ଥିଲାବାଲାର ହକ୍ ପାଇଁ ସେମାନେ ସ୍ୱର ଉଠେଇପାରିବେ। ଯେଉଁଠି ଥିଲାବାଲାଟିଏ ତା’ର ହକ୍ ଉପରେ ନଜର ପକାଇବ, ସେତେବେଳେ ସେମାନେ ତାକୁ ତାଗିଦ୍ କରିପାରିବେ। ଆମ ଘର, ଆମ ଗାଁରୁ ଏସବୁ ଆରମ୍ଭ ହେଲେ ହିଁ ଆମ ଜିଲା, ଆମ ରାଜ୍ୟ, ଆମ ଦେଶର ଚିତ୍ର ଧୀରେ ଧୀରେ ବଦଳିପାରିବ। ଆମ ରାଜ୍ୟ କି କେନ୍ଦ୍ର ସରକାରଙ୍କର କ’ଣ ସବୁ ବହୁମୁଖୀ ଯୋଜନା ରହିଛି ସେ କଥା ଜାଣିବା ଅପେକ୍ଷା, କ’ଣ ନାହିଁ ଆମେ ବେଶି ତର୍ଜମା କରୁ। ଗରିବ କି ଅପାଠୁଆ ଲୋକଙ୍କ ପାଖେ ସେସବୁ କେମିତି ପହଞ୍ଚିବ ସେ କଥା ପ୍ରତି ଆମର ନଜର ନ ଥାଏ। କାରଣ ପ୍ରତିଟି କଥାରେ ସରକାର ଅଛନ୍ତି ଯେ! ଆମର ସବୁ ସୁଖସୁବିଧାର ଦାୟିତ୍ୱ ତାଙ୍କର। ଆଉ ଆମ କାମ ହେଲା ତୁ ସାନ-ମୁଁ ବଡ଼, ତୁ ମୂର୍ଖ-ମୁଁ ପଣ୍ଡିତ ଏସବୁ ସୋସିଆଲ୍ ମେଡ଼ିଆରେ କେବଳ ଚର୍ଚ୍ଚା କରିବା। ଆଉ ବାକି ଯାହା କାମ ହେଲାନି ସେଥିପାଇଁ ବି ସେଇ ସରକାର ହିଁ ଦାୟୀ। କେବଳ ରାଜ୍ୟ କି ଦେଶ ମୁଖିଆଙ୍କ ମୁଣ୍ଡରେ ଦୋଷ ଲଦିଦେଇ ବସିରହିଲେ ଆମର କିଛି ଉନ୍ନତି ହେବାର ନାହିଁ। ବରଂ ତା’ ପାଇଁ ଆମ ସମସ୍ତଙ୍କୁ ନିଜ କ୍ଷମତା ଅନୁସାରେ ଗୁଣ୍ଡୁଚି ମୂଷାଟିଏ ହେବାକୁ ପଡ଼ିବ।

‘‘ସରକାର ଲୋକଙ୍କୁ ମାଗଣା ଖୁଏଇ ଖୁଏଇ କୁଢ଼ିଆ କରିଦେଲା। ଆଉ କ’ଣ ଗାଁକୁ ଗଲେ କାମେକା ସହଜରେ ମିଳୁଛନ୍ତି କି! ବିଲବାଡ଼ି ସବୁ ପଡ଼ିଆ ପଡ଼ିଲାଣି ପରା। ସବୁ ମେଟ୍ରୋ ସହରରେ କେତେ କ’ଣ ସୁବିଧା ହେଲାଣି। ହେଲେ ଆମେ ଯୋଉଠି ଥିଲୁ ସେଇଠି। ସେଥିପାଇଁ ପରା ପିଲାଏ ରାଜି ହେଉନାହାନ୍ତି ବେଶିଦିନ ଗାଁରେ ରହିବାକୁ।’’ ଖାଲି କ’ଣ ଏତିକି, ଏମିତି କେତେ ମୁହଁରେ କେତେ କଥା। ଓଡ଼ିଶା ବାହାରେ ବହୁବର୍ଷ ହେଲା ରହଣି ଭିତରେ ଓଡ଼ିଶା ଗରିବ, ଓଡ଼ିଶା ଗରିବ ଏମିତି କେତେ ଶୁଣିଛି। ସତକଥା ହେଲା ଏମିତି ଶୁଣିଲେ ମନଟା ପିତା ହୋଇଯାଏ। ସମସ୍ତେ ନୁହେଁ ହେଲେ ଅନେକ ଓଡ଼ିଆ ଏମିତି ବି ଅଛନ୍ତି, ଯେଉଁମାନେ ନିଜର ଓଡ଼ିଆ ହେବାର ପରିଚୟଟାକୁ ଲୁଚାଇ ଆନନ୍ଦ ପାଆନ୍ତି। ନା ଘରେ ନା ବାହାରେ ଓଡ଼ିଆ ଭାଷାରେ କଥା ହୁଅନ୍ତି ନା ଓଡ଼ିଆ ଲୋକଙ୍କ ସହ ସେମିତି ମିଳାମିଶା କରିବାକୁ ଭଲପାଆନ୍ତି। ଆଉ କେଉଁଠି ଓଡ଼ିଶା ଗରିବ କଥା ଉଠିଲେ, ତା’ର ଐତିହ୍ୟ, ପରମ୍ପରା, ସଂସ୍କୃତି, ଏବର ଭିନ୍ନ ଚିତ୍ର କି ପରିସ୍ଥିତି କଥା ନ କହି ବରଂ ଓଡ଼ିଶାଠୁ ଆମେ ବହୁବର୍ଷ ହେବ ବାହାରେ ରହିଲୁଣି, ଆଉ କ’ଣ ସେମିତି ସମ୍ପର୍କ ଅଛି କଥା କହି ମୂଳ ପ୍ରସଙ୍ଗରୁ ହଟିଯାଆନ୍ତି।

ଅଧିକାଂଶ ସମୟରେ ଓଡ଼ିଶାର ନାଁ ଜାତୀୟ ଗଣମାଧ୍ୟମରେ ଆସେନାହିଁ। ଆମ ରାଜ୍ୟରେ ଆଦିବାସୀ, ଅନାହାର, ଗରିବ ଏମିତି କିଛି ଖବରରେ ନ ଥିଲେ ନିଅନ୍ତି ନାହିଁ। ତେଣୁ ଏସବୁ ଭିତରେ ଓଡ଼ିଶା କଥା ପଚାରେ ବା କିଏ। କିନ୍ତୁ ଆମ ରାଜ୍ୟ ସତରେ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ। କାରଣ ପ୍ରତିବର୍ଷ ଆମ ରାଜ୍ୟରେ କିଛି ନା କିଛି ବଡ଼ ଧରଣର ବନ୍ୟା, ବାତ୍ୟା ହୁଏ । ପ୍ରତିବର୍ଷ ଏହାର ମୁକାବିଲା ପାଇଁ ସରକାର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଆମପରି ସାଧାରଣ ଲୋକଙ୍କୁ ଅଣ୍ଟା ଭିଡ଼ିବାକୁ ପଡ଼େ । ଏ ସବୁର ମୁକାବିଲା ପାଇଁ ସରକାରଙ୍କ ଆଗୁଆ ପ୍ରସ୍ତୁତି ଅନେକ ଲୋକଙ୍କ ଧନଜୀବନ ବଞ୍ଚାଏ । କେନ୍ଦ୍ର ସରକାର ହୁଅନ୍ତୁ କି ବିଭିନ୍ନ ରାଜ୍ୟ ସରକାର ସମସ୍ତେ ଯେମିତି ଗୋଟେ ଅଲଗା ଯୁଦ୍ଧ ଲଢୁଛନ୍ତି ଏବର କରୋନାକୁ ନେଇ । ହେଲେ ସେମିତି ଯଦି ଦେଖିବା ତା’ହେଲେ ଅନ୍ୟମାନଙ୍କ ତୁଳନାରେ ଆମ ରାଜ୍ୟରେ ସମୟ ଥାଉ ଥାଉ ଅନେକ ପଦକ୍ଷେପ ହାତକୁ ନିଆଯାଇଛି। ତେଣୁ ଏବେ ବି କରୋନା ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପକୁ ନେଇ ସାରାଦେଶରେ ଆମ ରାଜ୍ୟର ଚର୍ଚ୍ଚା ହେଉଛି । ହେଲେ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ । ସରକାରଙ୍କ କଥା ଶୁଣିବାକୁ ପଡ଼ିବ। ତା’ହେଲେ ଯାଇ ଆମେ ବିଗତ ଦିନଗୁଡ଼ିକର ବାତ୍ୟା ଓ ବନ୍ୟା ପରିସ୍ଥିତି ପରି ଏଇ କରୋନାର ବି ମୁକାବିଲା କରିପାରିବା ।

ମୁମ୍ବାଇ
ମୋ-୯୩୩୮୫୬୬୫୮୭
Email: saumya.consultant@gmail.com

## ଏଇ ଭାରତରେ

ଦେଶରେ କରୋନା ବିରୋଧୀ ଲଢ଼େଇରେ ଦିନକୁ ଦିନ ନୂଆ ନୂଆ ଯୋଦ୍ଧା ଯୋଡ଼ି ହେଉଛନ୍ତି। ସେଥିରୁ ଦିଲ୍ଲୀର ଜଣେ ଗୃହିଣୀ ବାଦ୍ ଯାଆନ୍ତେ କେମିତି। ୫୬ ବର୍ଷୀୟା ଲକ୍ଷ୍ମୀ ଦାସ ଦିଲ୍ଲୀରେ ସପରିବାର ରହନ୍ତି। ସେ ଘରେ ମାସ୍କ ତିଆରି କରି ମାଗଣାରେ ଗରିବ ଲୋକମାନଙ୍କୁ ବାଣ୍ଟୁଛନ୍ତି। ଲକ୍ଷ୍ମୀ ପ୍ରଥମେ ୨୫ ଟି ମାସ୍କ ତିଆରି କରି ଶ୍ରମିକ, ରିକ୍ସାଚାଳକ ଓ ଦୋକାନୀମାନଙ୍କୁ ଦେଇଥିଲେ। ମାସ୍କ ତିଆରି ଖର୍ଚ୍ଚ ନିଜେ ବି ବହନ କରୁଛନ୍ତି। ଏବେ ସୁଦ୍ଧା ସେ ୧୦୦୦ରୁ ଊର୍ଦ୍ଧ୍ୱ ମାସ୍କ ମାଗଣାରେ ବାଣ୍ଟିସାରିଲେଣି। ଖରାଦିନେ ଶ୍ରମିକମାନେ ମାସ୍କ ବାନ୍ଧି ଯେପରି ଆରାମରେ କାମ କରିପାରିବେ ସେଥିପ୍ରତି ଦୃଷ୍ଟି ଦେଇ ପୂରା ସୂତା କପଡାରେ ମାସ୍କ ତିଆରି କରୁଛନ୍ତି ଲକ୍ଷ୍ମୀ। ଦୋକାନୀମାନଙ୍କ ମାଧ୍ୟମରେ ବି ଲୋକମାନଙ୍କୁ ମାସ୍କ ଦେଉଛନ୍ତି। ମାସ୍କ ତିଆରି କରିବାରେ ଲକ୍ଷ୍ମୀଙ୍କୁ ତାଙ୍କ ପୁଅ ସୌରଭ ସାହାଯ୍ୟ କରୁଛନ୍ତି। କରୋନା ଭାଇରସ୍‌ର ପ୍ରଭାବ ଆଗକୁ ରହିବ ଓ ଏଥିଲାଗି ଲକ୍ଷ୍ମୀ ମଧ୍ୟ ଆହୁରି ଅଧିକ ମାସ୍କ ଗରିବମାନଙ୍କୁ ବାଣ୍ଟିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୯୫

- ଆଫଗାନିସ୍ତାନର ସରକାରୀ ସୈନ୍ୟମାନେ ରାଜଧାନୀ କାବୁଲର ଦକ୍ଷିଣ-ପଶ୍ଚିମ ଦିଗରେ ଥିବା ସାହାର ଅଞ୍ଚଳକୁ ଦଖଲ କରିନେଇଛନ୍ତି।
- ନାଟୋ ସଦସ୍ୟ ତୁର୍କୀ ଓ ଆଙ୍କାରା ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦ ଦୂର କରିବା ଲକ୍ଷ୍ୟରେ ନାଟୋ ଓ ଆମେରିକା ମଧ୍ୟରେ ଗୁପ୍ତ କୂଟନୈତିକ ସ୍ତରୀୟ କଥାବାର୍ତ୍ତା ଆରମ୍ଭ ହୋଇଛି।
- ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧୀନ ଲକ୍ଷ୍ମୀପୋଷ-ଭେଲୁଆଡ଼ିହି ରାସ୍ତାକଡ଼ରେ ଡମ୍ପର ଓଲଟି ପଡ଼ିବାରୁ ୨୩ ଜଣ ଶିଶୁଙ୍କ ମୃତ୍ୟୁ।

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ!

(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | 7 | | | 6 | | | D | | 3 | | | |
| 6 | | | D | | | A | 8 | | 2 | | 5 | | 1 | E |
| | | 3 | | | 9 | | | | | | 1 | 5 | B | |
| 2 | | | | | 6 | | | | | | | | | |
| 9 | B | D | C | | | 4 | | E | | | | A | | |
| B | 1 | 9 | 0 | | | 8 | 6 | | | | | | 7 | |
| | 8 | | | | 1 | | | | | | 9 | | | A |
| D | | | 9 | | 5 | C | | | | 1 | | 4 | | |
| 4 | 6 | 0 | | 3 | | E | | | | 7 | | | | D |
| | 7 | | 8 | C | B | | | | | | | 2 | | |
| | 3 | 4 | | 9 | 2 | | 1 | | 7 | | | | | B |
| | | | | 5 | | | | | 3 | | 8 | 0 | 6 | |
| A | | | | D | | | | | | | 0 | | | 4 |
| | | | | | | | | 0 | | A | | D | | 8 |
| 8 | | B | A | | | | | | | E | | | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 8 | 5 | C | 9 | A | B | 6 | 0 | 1 | D | 4 | 2 | E |
| 9 | A | 1 | 8 | 3 | D | 5 | 4 | 7 | B | E | 2 | 6 | C | 0 |
| 0 | B | C | 7 | 6 | A | 9 | E | 2 | 4 | 8 | 3 | 5 | 1 | D |
| 2 | 5 | 6 | 4 | E | 0 | D | 1 | 3 | C | A | 9 | 7 | B | 8 |
| E | 4 | D | 2 | B | 1 | 0 | 8 | C | 5 | 7 | 6 | A | 3 | 9 |
| B | 8 | 4 | A | 9 | E | 3 | 5 | 1 | 2 | 6 | C | 0 | D | 7 |
| A | 1 | 9 | 3 | 7 | 4 | C | D | E | 8 | 0 | 5 | 2 | 6 | B |
| 5 | 0 | 7 | D | 2 | B | 6 | 9 | 8 | E | 3 | 4 | 1 | A | C |
| 6 | E | 2 | C | 8 | 5 | B | 0 | A | 1 | D | 7 | 9 | 4 | 3 |
| D | C | 3 | 0 | 1 | 6 | 2 | 7 | 4 | 9 | B | A | E | 8 | 5 |
| 7 | 2 | 5 | 6 | 0 | 8 | 4 | C | B | D | 9 | 1 | 3 | E | A |
| 4 | 3 | A | 9 | D | 2 | E | 6 | 0 | 7 | C | B | 8 | 5 | 1 |
| 8 | 9 | B | 1 | A | C | 7 | 3 | 5 | 6 | 4 | E | D | 0 | 2 |
| 1 | 6 | E | B | 5 | 7 | 8 | A | D | 3 | 2 | 0 | C | 9 | 4 |
| C | D | 0 | E | 4 | 3 | 1 | 2 | 9 | A | 5 | 8 | B | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ଯୋଦ୍ଧାଙ୍କ ପ୍ରତି ଏକା ନୀତି ହେଉ

ମହାଶୟ,

‘ଧରିତ୍ରୀ’(୭।୫)ର ୭ମ ପୃଷ୍ଠାରେ ପ୍ରକାଶିତ ଖବର ଅନୁଯାୟୀ, ଦେଶରେ ୫୪୮ ଜଣ କରୋନା ଯୋଦ୍ଧା କୋଭିଡ୍ ସଂକ୍ରମିତ ହୋଇଛନ୍ତି।ସେମାନଙ୍କମଧ୍ୟରେବିଭିନ୍ନସେବାକ୍ଷେତ୍ରରେକର୍ତ୍ତବ୍ୟରତ ଯଥା- ପିଅନ, ଲଣ୍ଡ୍ରିବାଲା ଓ ସଫେଇବାଲା ମଧ୍ୟ ଅନ୍ତର୍ଭୁକ୍ତ, ଯାହାଙ୍କର ସେବା ମଧ୍ୟ ଅତୁଳନୀୟ। ହେଲେ ସରକାର ସେମାନଙ୍କ ପ୍ରତି କାହିଁକି ସମାନ କ୍ଷତିପୂରଣର ପ୍ରତିଶ୍ରୁତି ଦେଉ ନାହାନ୍ତି। ଏଭଳି ବୈଷମ୍ୟତା କାହିଁକି ? ସେମାନଙ୍କ ମୃତ୍ୟୁ କ’ଣ ତାଙ୍କ ପରିବାର ପାଇଁ ଅଲୋଡ଼ା ? ଏହା କେବଳ ସାମନ୍ତବାଦୀ ଚିନ୍ତାଧାରା ମାତ୍ର। ଏଥିପ୍ରତି କୌଣସି ବିରୋଧୀ ଦଳଙ୍କ ସ୍ୱର ଉତ୍ତୋଳନ ଦେଖିବାକୁ ମିଳୁନାହିଁ। ସେମାନଙ୍କ ଅବଦାନକୁ ବିଚାରକୁ ନେଇ ରାଜନେତାମାନେ ଆବଶ୍ୟକୀୟ ପ୍ରତିଶ୍ରୁତି ଦିଅନ୍ତୁ।

-ଲକ୍ଷ୍ମୀକାନ୍ତ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ମାସ୍କ ନିତ୍ୟବ୍ୟବହାର୍ଯ୍ୟ ହେଉ

ରାଜ୍ୟରେ ଚଳାଚଳ କରୁଥିବା ସମସ୍ତ ସରକାରୀ ତଥା ବେସରକାରୀ ବସ୍‌ଗୁଡ଼ିକରେ ଯାତ୍ରୀମାନେ ବିନା ଗାମୁଛା, ରୁମାଲ ଏବଂ ମାସ୍କରେ ଯାତ୍ରା କରିବା ଦଣ୍ଡନୀୟ ଅପରାଧ କରାଯାଉ। ଯେପରିକି କଣ୍ଡକ୍ଟର, ବସ୍‌ଚାଳକ ଏବଂ ହେଲପର ନିୟମ ପ୍ରତି ଯଥେଷ୍ଟ ସଚେତନତା ଅବଲମ୍ବନ କରିବା ଆବଶ୍ୟକ। ପରିବହନ ବିଭାଗ ଏବଂ ବସ୍ ମାଲିକମାନେ ନିୟମକୁ କଡ଼ାକଡ଼ି ପାଳନ କରିବା ଜରୁରୀ। ଏପରି କଲେ ସଂକ୍ରମଣକୁ ସହଜରେ ପ୍ରତିହତ କରିହେବ।

-ରମେଶ ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳା ଓକିଲଙ୍କୁ ବଳାତ୍କାର, ହତ୍ୟା ଉଦ୍ୟମ

**ନୂଆଦିଲ୍ଲୀ,୨୨।୫:** ଦିଲ୍ଲୀରେ ଜଣେ ମହିଳା ଓକିଲଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରାଯାଇଛି। ମୁଖାପିନ୍ଧା ଦୁର୍ବୃତ୍ତ ଜଣକ ବଳାତ୍କାର ପରେ ସେ ତାଙ୍କୁ ଛୁରିରେ ଭୁଷି ହତ୍ୟା ପାଇଁ ମଧ ଉଦ୍ୟମ କରିଛନ୍ତି। ପୋଲିସ ଏନେଇ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତି ସନ୍ଦେହ କରାଯାଉଥିବା ସୋନୁ ଓରଫ ଭୁରା (୨୩) ପୂର୍ବରୁ ମଧ ଅନେକ ଅପରାଧ ଘଟାଇଥିବା ପୋଲିସ ସ୍ପଷ୍ଟ କରିଛି। ୧୯ ତାରିଖ ରାତିରେ ସୋନୁ ଜଙ୍ଗପୁରାରେ ଚାଲି ଚାଲି ଯାଉଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ବାଲକନିରେ ଛିଡ଼ାହୋଇଥିବା ଦେଖିଥିଲେ। ତାଙ୍କୁ ଦେଖି ପାଖ କାନ୍ଥ ଡେଇଁ ମହିଳା ରହୁଥିବା ଘରେ ପହଞ୍ଚିଥିଲେ। ଉଦ୍ଦେଶ୍ୟ ଥିଲା ଚୋରି କରି ଫେରାର ହୋଇଯିବା। କିନ୍ତୁ ମହିଳାଙ୍କୁ ଏକୁଟିଆ ଦେଖିବା ପରେ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ପ୍ରତିରୋଧ କରିବାରୁ ସେ ଛୁରି ଭୁଷି ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଏହି କାଣ୍ଡ ନେଇ ଅଭିଯୋଗ ପାଇବା ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ଫେରିଲେ ୩୧ ଲକ୍ଷ ପ୍ରବାସୀ

**ନୂଆଦିଲ୍ଲୀ,୨୨।୫:** କରୋନା ମହାମାରୀ ସଂକ୍ରମଣ ସମୟରେ ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ରେଳ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ୨,୩୧୭ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନରେ ବିଭିନ୍ନ ରାଜ୍ୟରୁ ୩୧ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳକୁ ପଠାଇ ସାରିଛନ୍ତି। ଏହି ସମସ୍ତ ପ୍ରବାସୀ ଶ୍ରମିକଙ୍କ ଗସ୍ତ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୮୫:୧୫ ପ୍ରତିଶତ ହିସାବରେ ବହନ କରିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ଟ୍ରେନର ୨୪ବଗିରେ ୧୨ଶହ ଜଣ ଯାତ୍ରୀ ଯାତ୍ରା କରିଛନ୍ତି। ପ୍ରତି ବଗିରେ ୭୨ସିଟ୍ ଓ ୫୪ ଜଣ ଯାତ୍ରୀ ଅଛନ୍ତି। ସରକାରଙ୍କ କୋଭିଡ୍-୧୯ କଟକଣା ଓ ନିୟମ ଅନୁସାରେ ପ୍ରବାସୀ ଶ୍ରମିକମାନେ ଯାତ୍ରା କରିଛନ୍ତି।

# ଟ୍ରମ୍ପଙ୍କ ଶୋଚନୀୟ ପରାଜୟ ଘଟିବ



**ରାଷ୍ଟ୍ରପତି ନିର୍ବାଚନ**
- କରୋନା ସଙ୍କଟ, ଅର୍ଥନୈତିକ ଅବନତି ପ୍ରମୁଖ କାରଣ
- ଆମେରିକାର ନିର୍ବାଚନ ମଡେଲ ପୂର୍ବାନୁମାନ କରିଛି
- ପୂର୍ବ ନିର୍ବାଚନଗୁଡ଼ିକର ଭବିଷ୍ୟବାଣୀ ଠିକ୍ ହୋଇଛି

**ୱାଶିଂଟନ,୨୨।୫**

ଅଣାୟତ୍ତ କରୋନା ସଙ୍କଟ ଏବଂ ଅର୍ଥନୈତିକ ଅବନତି ଯୋଗୁ ଆସନ୍ତା ନଭେମ୍ବରରେ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଐତିହାସିକ ପରାଜୟ ଘଟିବ। ଆମେରିକାର ଏକ ନିର୍ବାଚନ ମଡେଲ ଏଭଳି ଆକଳନ କରିଛି। ବେରୋଜଗାରୀ, ବ୍ୟୟ ଯୋଗ୍ୟ ଆୟ, ମୁଦ୍ରାସ୍ଫୀତିକୁ ଆଧାରକରି ଅକ୍ସଫୋର୍ଡର ଅର୍ଥଶାସ୍ତ୍ରୀମାନେ ଏକ ମଡେଲ ଜରିଆରେ ନିର୍ବାଚନ ଫଳାଫଳର ପୂର୍ବାନୁମାନ କରିଛନ୍ତି। ତଦନୁଯାୟୀ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶୋଚନୀୟ ପରାଜୟ ଘଟିବ। ସେ ମାତ୍ର ୩୫% ଭୋଟ ପାଇବେ ବୋଲି ଗଣମାଧ୍ୟମ ସଂସ୍ଥା ସିଏନ୍‌ଏନ୍ ରିପୋର୍ଟରୁ ଜଣାପଡ଼ିଛି।

କରୋନା ଭାଇରସ୍‌ର ପ୍ରକୋପରେ ଆମେରିକାରେ ପ୍ରାୟ ୧୬ ଲକ୍ଷ ୪୦ ହଜାର ଲୋକ ସଂକ୍ରମିତ ହୋଇଥିବାବେଳେ ୯୭ହଜାରରୁ ଉର୍ଦ୍ଧ୍ୱ ଜୀବନ ଗଲାଣି। ଏହି ସଙ୍କଟ ଯୋଗୁ ଦେଶର ଆର୍ଥିକ ବ୍ୟବସ୍ଥା ଖରାପ ହୋଇପଡ଼ିଛି, ଯାହାକି ଟ୍ରମ୍ପ୍‌ଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। କହିବାକୁ ଗଲେ କରୋନା ସଂକ୍ରମଣ ଟ୍ରମ୍ପଙ୍କୁ ଏକ ବଡ଼ ଝଟକା ଦେଇଛି। କାରଣ କରୋନା ପ୍ରକୋପ ପୂର୍ବରୁ କରାଯାଇଥିବା ଏକ ଅଧ୍ୟୟନରେ ଟ୍ରମ୍ପଙ୍କୁ ୫୫ ପ୍ରତିଶତ ଭୋଟ ମିଳିବ ବୋଲି ଆକଳନ କରାଯାଇଥିଲା। ସୂଚନାଥାଉ କି ୧୯୪୮ରୁ ବର୍ତ୍ତମାନ ଯାଏ ଅର୍ଥାତ୍ ଗତ ୧୮ଟି ରାଷ୍ଟ୍ରପତି ନିର୍ବାଚନର ବିଜେତାଙ୍କ ସମ୍ପର୍କରେ ଏହି ମଡେଲ କରିଥିବା ଭବିଷ୍ୟବାଣୀ ମଧ୍ୟରୁ ୧୬ଟି ଠିକ୍ ସାବ୍ୟସ୍ତ ହୋଇଛି। କେବଳ ୧୯୬୮ ଏବଂ ୧୯୭୬ରେ ଏହାର ପୂର୍ବାନୁମାନ ବିଫଳ ହୋଇଥିଲା।

ଅକ୍ସଫୋର୍ଡ ଅର୍ଥନୀତିଜ୍ଞ କହିଛନ୍ତି ଯେ, ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଜିତିଲେ ତାହା ଏକ ଚମତ୍କାର ହେବ। କିନ୍ତୁ କରୋନା ଭାଇରସ୍ ଯୋଗୁ ଏପରି କୌଣସି ମ୍ୟାଜିକ ଘଟିବା ସମ୍ଭାବନା ନାହିଁ। ଦେଶର ଖରାପ ଆର୍ଥିକ ପୃଷ୍ଠଭୂମି ଯୋଗୁ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ନିର୍ବାଚନ ସମୟରେ ମଧ ଏଭଳି ସ୍ଥିତି ଜାରି ରହିବ। ଫଳରେ ନଭେମ୍ବରରେ ଟ୍ରମ୍ପ୍‌ଙ୍କ ସାମ୍ନାରେ ଘୋର ଆର୍ଥିକ ମାନ୍ଦାବସ୍ଥା ପ୍ରତିବନ୍ଧକ ସାଜିବ ବୋଲି ଅକ୍ସଫୋର୍ଡ ଅର୍ଥଶାସ୍ତ୍ରୀମାନେ କହିଛନ୍ତି। ବିଶେଷଜ୍ଞମାନେ ଏହା ମଧ କହିଛନ୍ତି ଯେ, ଆଗାମୀ ୬ ମାସ ମଧ୍ୟରେ ମହାମାରୀର ସ୍ଥିତି ଉପରେ ନିର୍ବାଚନ ଫଳାଫଳ ନିର୍ଭର କରିବ।

ଆମେରିକାର ମୁଖ୍ୟ ରଣନୀତିଜ୍ଞ ଗ୍ରେଗ୍ ଭାଲିଅର୍ ସିଏନ୍‌ଏନ୍‌କୁ କହିଛନ୍ତି, ସଂକ୍ରମଣ ବୃଦ୍ଧିପାଇଲେ ଲୋକେ ଭାବିବେ ଯେ, ଟ୍ରମ୍ପ୍ ଖୁବ୍‌ଶୀଘ୍ର ଦେଶକୁ ଖୋଲିଦେଇଛନ୍ତି। କିନ୍ତୁ ନୂଆ ସଂକ୍ରମଣ ହ୍ରାସ ପାଇଲେ ଟ୍ରମ୍ପଙ୍କୁ କିଛି ଶ୍ରେୟ ମିଳିବ ବୋଲି ଗ୍ରେଗ୍ କହିଛନ୍ତି। ଅବଶ୍ୟ ଟ୍ରମ୍ପଙ୍କ ହାତରେ ପ୍ରାୟ ୬ ମାସ ସମୟ ରହିଛି। ଫଳରେ ସେ ଜୋ ବିଡେନ୍‌ଙ୍କ ବିରୋଧରେ ପ୍ରଚାର ଅଭିଯାନକୁ ସକ୍ରିୟ କରିବା ସହ କରୋନା ଭାଇରସ୍ ଜନିତ ସମସ୍ୟା ପାଇଁ ଚାଇନା ଉପରେ ଦୋଷ ଲଦିବାକୁ ସୁଯୋଗ ପାଇବେ ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ମଡେଲ କରିଥିବା ପୂର୍ବାନୁମାନ ପ୍ରାୟତଃ ଠିକ୍ ରହୁଥିବାରୁ ଟ୍ରମ୍ପଙ୍କ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି ହେବା ନିଶ୍ଚିତ। ଅନ୍ୟପକ୍ଷରେ ଗ୍ରେଗ୍ କହିଛନ୍ତି ଯେ, ପାରମ୍ପରିକ ମଡେଲ ସ୍ୱାଭାବିକ ସମୟରେ କାର୍ଯ୍ୟ କରିଥାଏ। ହେଲେ ଆମେ ବର୍ତ୍ତମାନ ସ୍ୱାଭାବିକ ସମୟରେ ରହିନାହୁଁ ବୋଲି ସେ କହିଛନ୍ତି।

# କୁରାଳ ସରପଞ୍ଚଙ୍କ ୪୮ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା

**ଓଡ଼ଗାଁ,୨୨।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ କୁରାଳ ଓ ସୁନାମୁହିଁ ପଞ୍ଚାୟତର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ସୁରଟ ଫେରନ୍ତା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଜିଲାରେ ସର୍ବାଗ୍ରେ ରହିଛି। ଦୁଇଦିନରେ କୁରାଳ ପଞ୍ଚାୟତ ନାଥିଆପଲ୍ଲୀ କେନ୍ଦ୍ରରେ ୧୬ଜଣ ସୁରଟ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ପ୍ରକାଶ ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଛନକା ପଶିଥିଲା। ଏହା ସହିତ ଚଳିତ ସପ୍ତାହରେ ଏହି ପଞ୍ଚାୟତକୁ ବହୁ ସଂଖ୍ୟାରେ ପ୍ରବାସୀ ଆସିବାକୁ ଥିବାରୁ କୁରାଳ ସରପଞ୍ଚ ଝିଲି ପ୍ରଧାନ ଜିଲାପାଳ କ୍ଷମତା ପ୍ରୟୋଗ କରି ଶୁକ୍ରବାର ପଞ୍ଚାୟତକୁ ୪୮ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଏହି ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ଶୁକ୍ରବାର ସନ୍ଧ୍ୟା ୬ଟାରୁ ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଔଷଧ ଦୋକାନ ଓ ଡାକ୍ତରଖାନା ଭଳି ଜରୁରିକାଳୀନ ସେବା ବାଦ୍‌ଦେଇ ସମସ୍ତ ଦୋକାନବଜାର ବନ୍ଦ ରହିବ। ସେ ଏ ସମ୍ବନ୍ଧରେ ସମସ୍ତ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ବିଧାୟକଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ସୂଚନା ଦେଇଛନ୍ତି।

# ଜିଲା ପରିଷଦ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୨୨।୫:** ଜିଲା ପରିଷଦ ଅଧ୍ୟକ୍ଷ ଅଶ୍ଳୀଳ ବ୍ୟବହାର ଦେଖାଇଥିବା ନେଇ କେନ୍ଦ୍ରାପଡା ତହସିଲର ସଦର, ଭବବାନପୁର, ଆଏବା ରାଜସ୍ୱ ନିରୀକ୍ଷକଙ୍କ ସହ ଗ୍ରାମ୍ୟ କୃଷି କର୍ମଚାରୀ ଓ ଅମିନ ତହସିଲଦାରଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରକୁ ତହସିଲଦାର ହେମଲତା ବାହାଲିଆ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ରାଜସ୍ୱ ନିରୀକ୍ଷକମାନେ ଗତ ଅମ୍ଫନ୍ କ୍ଷୟକ୍ଷତିର ତନଖି ପାଇଁ ସାନମାଣତିଆ ରାଜସ୍ୱ ଗ୍ରାମକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଅଶ୍ଳୀଳ ବ୍ୟବହାର ଦେଖାଇବା ସହ ମାଡ଼ ମାରିବା ପାଇଁ ଉଦ୍ୟତ ହୋଇଥିଲେ। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷ ପରିଡା କହିଛନ୍ତି ଯେ, ଗତ ଫନୀ ବାତ୍ୟାରେ ଏହି ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ ସମୟରେ ଅନିୟମିତତା କରିଥିଲେ। ଏ ନେଇ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ତେବେ ରାଜସ୍ୱ ନିରୀକ୍ଷକଙ୍କୁ ଅଶ୍ଳୀଳ ବ୍ୟବହାର ଦେଖାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ। ସଦର ଆର୍‌ଆଇ ବିଶ୍ୱବିଜୟୀ ପରିଡା, ଭଗବାନପୁର ଆର୍‌ଆଇ ନରହରି ବେହେରା, ଆଏବା ଆର୍‌ଆଇ ଶକ୍ତିରଞ୍ଜନ ମିଶ୍ର, ଅମିନ କମଳାକାନ୍ତ ଦାସ ଓ ଗ୍ରାମ୍ୟ କୃଷି କର୍ମଚାରୀ ତାପସ ସାମଲ ଏହି ଅଭିଯୋଗ ଆଣିଛନ୍ତି।

# 'ଘୋଷିତ ଅନୁଦାନ ଯଥେଷ୍ଟ ନୁହେଁ'

**ରାଜ୍ୟ, କେନ୍ଦ୍ରକୁ ସମାଲୋଚନା କଲେ ନିରଞ୍ଜନ**

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ପରିଦର୍ଶନରେ ଆସିଥିବାରୁ ପ୍ରଥମେ ତାଙ୍କୁ ଧନ୍ୟବାଦ ଦେଇ ପରେ ସମାଲୋଚନା କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ରାଜ୍ୟ ସରକାର ବାତ୍ୟା କ୍ଷୟକ୍ଷତି ପାଇଁ କେତେ ଅର୍ଥ ମାଗିଥିଲେ ତାହା ପ୍ରକାଶ କରିନାହାନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କା ଦେବା ପାଇଁ ଘୋଷଣା କରି ଫେରିଗଲେଣି। ରାଜ୍ୟବାସୀ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସମସ୍ତଙ୍କୁ ଛାତଘର ଦେବା କଥା ଏତେ ପ୍ରଚାର କରୁଛନ୍ତି। ତଥାପି ଏତେ ମାତ୍ରାରେ ଚାଳଘର କେଉଁଠୁ ଆସୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବାତ୍ୟା କ୍ଷତି ଭରଣା ଲାଗି ୫୦୦ କୋଟି ଟଙ୍କା ଯଥେଷ୍ଟ ନୁହେଁ। ରାଜ୍ୟ ସରକାର ଏହା ଜଣାଇବା କଥା; କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ କାନ୍ଧରେ କାନ୍ଧ ମିଳାଇ କାମ କରୁଥିବା କହୁଛନ୍ତି। କରୋନା ଯୋଗୁ ରାଜ୍ୟ ସରକାର ୧୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇ ସାରିଲେଣି। ଦେଶର ଆୟ ମଧ କମିଛି। ଏଭଳି ସ୍ଥିତି କେନ୍ଦ୍ର ଘୋଷଣା କରିଥିବା ଟଙ୍କା ମିଳିବ କି ନାହିଁ, ତାହା ସନ୍ଦେହରେ। ଫନିରେ କେନ୍ଦ୍ର ଯେଉଁ ଅର୍ଥ ଦେଇଥିଲା, ତାହା ଏଯାବତ୍ ଗରିବଙ୍କୁ ମିଳିପାରି ନାହିଁ। ୧୯୯୯ ମହାବାତ୍ୟା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓଡ଼ିଶା ଆସି ସ୍ଥିତି ସମୀକ୍ଷା କରିବା ବେଳେ ମନ୍ତ୍ରୀମାନେ ସେଠାରେ ଉପସ୍ଥିତ ଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ବାତ୍ୟା ସ୍ଥିତି ସମୀକ୍ଷା କରିବା ବେଳେ କୌଣସି ମନ୍ତ୍ରୀ ନ ଥିଲେ। କେବଳ କେତେଜଣ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। କରୋନା କାର୍ଯ୍ୟରେ ମଧ ସେମାନଙ୍କୁ ସାମିଲ କରାଯାଉନାହିଁ। ଏଭଳି ସମୟରେ ସମସ୍ତଙ୍କୁ ସାମିଲ କରି ସରକାର କାମ କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

# ସ୍ଥିତି ସୁଧୁରିବାକୁ ଲାଗିବ ବର୍ଷେରୁ ଅଧିକ

**ନୂଆଦିଲ୍ଲୀ,୨୨।୫**

କୋଭିଡ୍-୧୯ ଭୂତାଣୁକୁ ରୋକିବା ଲାଗି ସରକାର ସାରା ଦେଶରେ ଲକ୍‌ଡାଉନ କରିଥିବା ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ପଡ଼ିଛି। ଏଥିଯୋଗୁ କମ୍ପାନୀଗୁଡ଼ିକର ରାଜସ୍ୱରେ ୨୫%ରୁ ଉର୍ଦ୍ଧ୍ୱ ହ୍ରାସ ହୋଇଥିବା ଜଣାପଡ଼ିଛି। ବ୍ୟବସାୟୀଙ୍କୁ ସାମାନ୍ୟ ସ୍ଥିତିକୁ ଫେରିବା ଲାଗି ଗୋଟିଏ ବର୍ଷରୁ ଅଧିକ ସମୟ ଲାଗିବା ନେଇ ଆକଳନ କରାଯାଇଛି। ସ୍କ୍ରିପ୍‌ବକ୍ସ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ମୁତାବକ ୬୭% ଲୋକ କହିଛନ୍ତି ଯେ, ସେମାନଙ୍କ କମ୍ପାନୀର ରାଜସ୍ୱ ୨୫% ହ୍ରାସ ହୋଇଛି। ସ୍ଥିତିରେ ଟିକିଏ ସୁଧାର ଆସିବା ଲାଗି ଗୋଟିଏ ବର୍ଷରୁ ଅଧିକ ସମୟ ଲାଗିବ। ଏ ସମ୍ପର୍କରେ ୨୨% ଲୋକ ସେମାନଙ୍କ ମତ ରଖିଛନ୍ତି। ସର୍ଭେରେ କର୍ପୋରେଟ ଜଗତର ୧୨୦୦ ଲୋକଙ୍କୁ ସାମିଲ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୫୪ ଲୋକ ବଡ ଉଦ୍ୟୋଗ ସହ ଜଡିତ ଥିବା ବେଳେ ୩୨% ମଧ୍ୟମ ଏବଂ ୧୪% ଷ୍ଟାର୍ଟଅପ କମ୍ପାନୀ ସହ ଜଡିତ ଅଛନ୍ତି। କମ୍ପାନୀର ରାଜସ୍ୱ କ୍ଷତି ହୋଇଥିବା ମଧ ଏଥିରେ ଉଲ୍ଲେଖ ରହିଛି। ୯୦% କହିଛନ୍ତି ଯେ, ଛଟେଇ ୨୫%ରୁ କମ୍ ରହିଛି। ଛଟେଇ ୨୫%ରୁ ଅଧିକ ରହିଥିବା ୧୦% ମତ ରଖିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକରେ ଅଧିକ ଛଟେଇ ହୋଇଥିବା ଏହି ସର୍ଭେରୁ ଜଣାପଡିଛି। ସେହିଭଳି ଫ୍ରିଲାନ୍ସରଙ୍କ କାମରେ ଲକ୍‌ଡାଉନର ପ୍ରଭାବ ଅଧିକ ରହିଛି। ୬୬% ଲୋକ କହିଛନ୍ତି ଯେ, ରାଜସ୍ୱ ହ୍ରାସ ୨୫%ରୁ ଅଧିକ ରହିଛି। ସେହିଭଳି ୩୫% କହିଛନ୍ତି ସେମାନଙ୍କ ରାଜସ୍ୱ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି।

# ପ୍ରବାସୀଙ୍କୁ ଦୁର୍ବ୍ୟବହାର ଅଡିଓ ଭାଇରାଲ

**ବଲାଙ୍ଗୀର ଅଫିସ,୨୨।୫:** ଦେଓଗାଁ ବ୍ଲକ୍ କୁଲତାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମଝରନ୍ ଗ୍ରାମର ପ୍ରବାସୀଙ୍କୁ ସରପଞ୍ଚ ବାଳକ ପଧାନ ଦୁର୍ବ୍ୟବହାର କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଉକ୍ତ ଭାଇରାଲ ଅଡିଓରେ କୁଲତା ଜାତି ପ୍ରତି ଆକ୍ଷେପ କରିଥିବା ଅଭିଯୋଗ କରି ଜିଲା ଯୁବ କୁଲୁତା ସମାଜର ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଜିଲା ଜରୁରୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ରରେ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଗତ ୨୦ତାରିଖ ସନ୍ଧ୍ୟାରେ ତାମିଲନାଡୁରୁ ଫେରିଥିବା ମୁକୁନ୍ଦପୁର ପଞ୍ଚାୟତର କେତେଜଣ ପ୍ରବାସୀ ଦେଓଗାଁରେ ପହଞ୍ଚିଥିଲେ। ଏହି ପ୍ରବାସୀମାନଙ୍କୁ କ୍ୱାରାଣ୍ଟାଇନ୍ ରଖିବା ଓ ଖାଦ୍ୟ ଯୋଗାଇବାରେ ଅବ୍ୟବସ୍ଥା ନେଇ ସେମାନେ ସରପଞ୍ଚଙ୍କୁ ଫୋନ୍‌ରେ ଜଣାଇଥିଲେ। ଏଥିରେ ସରପଞ୍ଚ ଉତ୍‌କ୍ଷିପ୍ତ ହୋଇ ପ୍ରବାସୀଙ୍କୁ ଜାତିଆଣ ଓ ଅଶ୍ଳୀଳ ଗାଳିଗୁଲଜ କରିଥିବାର ଏକ ଅଡିଓ ଭାଇରାଲ ହୋଇଥିଲା। କେହି ଜଣେ ଏହି ଅଡିଓରେ ସରପଞ୍ଚଙ୍କ ଏକ ଫଟୋ ଲଗାଇ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଭାଇରାଲ ଅଡିଓରେ କୁଲତା ଜାତି ପ୍ରତି ଆକ୍ଷେପ କରାଯିବା ପ୍ରତିବାଦରେ ଜିଲା ଯୁବ କୁଲତା ସମାଜ ପକ୍ଷରୁ ଅସୀମ ଭୋଇଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଜରୁରୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ସମ୍ପୃକ୍ତ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏନେଇ ସରପଞ୍ଚ ବାଳକ ପଧାନଙ୍କୁ ପଚାରିବାରୁ ପ୍ରବାସୀମାନେ ତାଙ୍କୁ ପ୍ରଥମେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା କହିଛନ୍ତି। ତେବେ କୌଣସି ଜାତି ପ୍ରତି ତାଙ୍କର କିଛି ଅଭିସନ୍ଧି ନାହିଁ ଓ ଏଥିସକାଶେ ସେ କ୍ଷମା ମଧ ମାଗି ସାରିଥିବା ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ଯବାନଙ୍କ ମୃତ୍ୟୁ

**ସାବିତ୍ରୀ ବ୍ରତ ପାଇଁ ଘରକୁ ଫେରୁଥିଲେ**

**ସାଲେପୁର, ୨୨।୫(ଡି.ଏନ.ଏ.)**

ସାବିତ୍ରୀ ବ୍ରତ ପାଳନ ପାଇଁ ଘରକୁ ଫେରୁଥିବାବେଳେ ଜଣେ ଆଇଆର୍‌ବି ଯବାନଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଓଉପଦା ଗ୍ରାମର ପ୍ରୀତିଶ ରଞ୍ଜନ ପ୍ରଧାନ(୪୦)। ପ୍ରୀତିଶ ଭୁବନେଶ୍ୱର ବାଣୀବିହାରରେ ଲକ୍‌ଡାଉନ୍ ଡ୍ୟୁଟି ସାରି ଗୁରୁବାର ରାତିରେ ଘରକୁ ଫେରୁଥିଲେ। କଟକ-ସାଲେପୁର ରାସ୍ତାର ଖରାଖିଆ ଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରୀତିଶଙ୍କ ମୃତ୍ୟୁ ଘଟିଥିଲା। ସାଲେପୁର ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ଥାନାରେ ଏକ ମାମଲା (ନଂ-୧୭୩/୨୦)ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଚାଳକ ଫେରାର ହୋଇଯାଇଛନ୍ତି।

# ବ୍ରତଧାରୀ ମାନିଲେନି ସାମାଜିକ ଦୂରତ୍ୱ

**ପୁରୁଣା ଭୁବନେଶ୍ୱର,୨୨।୫(ଡି.ଏନ୍.ଏ.)**

ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଶୁକ୍ରବାର ଚଳଚଞ୍ଚଳ ହୋଇପଡିଥିଲା ଏକାମ୍ରକ୍ଷେତ୍ର। ଲକ୍‌ଡାଉନ୍ ସତ୍ତ୍ୱେ ସକାଳୁ ସକାଳୁ କେତେକ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତଧାରୀ ମନ୍ଦିରରେ ପୂଜା କରିଥିଲେ। ପୂଜା ସମୟରେ ବ୍ରତଧାରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହି ନ ଥିଲା। ସେମାନେ ସଚେତନ ଥିଲା ଭଳି ଲାଗୁ ନ ଥିଲା। ବିଶେଷକରି ବିଭିନ୍ନ ସାହିଗଳିରେ ଥିବା ମନ୍ଦିରରେ ଭିଡ଼ ହୋଇଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର, କେଦାରଗୌରୀ, ମେଘେଶ୍ୱର, ଭାସ୍କରେଶ୍ୱର ସମେତ କେତେକ ମନ୍ଦିରରେ ପୋଲିସ, ମନ୍ଦିର କର୍ମଚାରୀ ଓ ସେବାୟତ ବ୍ରତଧାରୀ ମହିଳାଙ୍କୁ ଫେରାଇ ଦେଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
**Shinghania Tower**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
073105-68553

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଚ୍ଚା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ପୂର୍ବ ତଟ ରେଳପଥ
### ସାମଗ୍ରୀଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR2021TP01, ତା.19.05.2020ରିଖ
**ସାମଗ୍ରୀଗୁଡ଼ିକର ବିବରଣୀ :** ଟେଣ୍ଡର ଅନୁଯାୟୀ ସମସ୍ତ ଫିଟିଂଗୁଡ଼ିକ ସହିତ ସମ୍ପୂର୍ଣ୍ଣ ସଦ୍ୟତମ ପରିବର୍ତ୍ତନ ସହିତ RDSO ଡ୍ରଇଂ ନଂ.T-6155 ଅନୁଯାୟୀ 10125mm ମୋଟୋଇ ୱେବ୍ ସୁଇଚ୍ (Thick Web Switch) (ପରିମାଣ: 298 ସେଟ୍)ର ଉତ୍ପାଦନ ଏବଂ ଯୋଗାଣ।
**ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2020 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ ତଥା ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଉପ ମୁଖ୍ୟ ଯନ୍ତ୍ରୀ/TP/ ଭୁବନେଶ୍ୱର
PR-55/L/20-21

## ପୂର୍ବ ତଟ ରେଳପଥ
### ବୈଦ୍ୟୁତିକ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON/BBS/2020/ T-325E, ତା.19.05.2020ରିଖ
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କଟକ-ପାରାଦ୍ୱୀପ ଶାଖା ଲାଇନ୍‌ରେ ମତଗଜପୁର ଷ୍ଟେସନ ୟାର୍ଡ଼ ଠାରେ ପ୍ରସ୍ତାବିତ 1 ଗୋଟି ଗୁଡ୍‌ସ ଲୁପ୍, 1 ଗୋଟି କମନ ଲୁପ୍ ଏବଂ 6 ଗୋଟି କ୍ରସ୍-ଓଭର (X-overs)ର 25KV OHEର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ,ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ଅରଗୁଲ ଠାରୁ ହରିପୁରଗ୍ରାମ ପିଏଚ୍ ମଧରେ ବାଇ ପାସ୍ ଲାଇନ୍ ସମ୍ବନ୍ଧୀୟ ଫିଡ଼ର ଲାଇନ୍‌ର ସମ୍ପାଦନ ଏବଂ ରୂପାନ୍ତରଣ ତଥା PTFE ସ୍ଥାନାନ୍ତରଣ ସହିତ 25KV OHEର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning), ଗୋଟିଏ ସର୍ଣ୍ଟିଙ୍ଗ୍ ନେକ୍ ଦ୍ୱାରା ମଞ୍ଚେଶ୍ୱର କୋଚିଙ୍ଗ୍ କମ୍ପ୍ଲେକ୍ସ ଠାରୁ ଭୁବନେଶ୍ୱର ନ୍ୟୁ ଷ୍ଟେସନର ଫ୍ୟୁଚର ଲାଇନ୍ ନଂ.1 ପର୍ଯ୍ୟନ୍ତ ରେଲ କନେକ୍ଟିଭିଟି ସମ୍ବନ୍ଧୀୟ ମଞ୍ଚେଶ୍ୱର ଟ୍ରାକ୍ସନ ସବ୍-ଷ୍ଟେସନ (TSS) ଠାରେ 25KV OHEର ଡିଜାଇନ୍ (Design), ଯୋଗାଣ, ଉତ୍ଥାନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning), ପଟିଆ ସେକ୍ସନିଙ୍ଗ୍ ପୋଷ୍ଟ(SP)ର ରୂପାନ୍ତରଣ ଏବଂ ସମ୍ପର୍କିତ ରୂପାନ୍ତରଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 775.46 ଲକ୍ଷ, EMD (ଟଙ୍କାରେ) : 5,37,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 10,000/-, ଶେଷ ହେବା ଅବଧି : 18 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.06.2020 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ଼ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର
PR-10/CD/20-21

## ପୂର୍ବ ତଟ ରେଳପଥ
### ଗଙ୍ଗାଧରପୁର ଏବଂ ବାଲୁଗାଁ ଷ୍ଟେସନ ମଧ୍ୟରେ ଜଗୁଆଳୀଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀକ ସୂଚନା
ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି ଏବଂ ଏହା ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବା ପାଇଁ ପ୍ରସ୍ତୁତ ଥିବା କାରଣରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନ ବର୍ଣ୍ଣିତ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ସଡ଼କ ଯାତାୟତ ନିମନ୍ତେ ବନ୍ଦ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ତେଣୁ, ନିମ୍ନ ପ୍ରଦତ୍ତ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ନିଷିଦ୍ଧ କରି ଦିଆଯାଉଛି।

| କ୍ର. ସଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଶ୍ରେଣୀ (M/UM) | ଗଣନା ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|---|---|
| 1 | B | ଗଙ୍ଗାଧରପୁର-ବାଲୁଗାଁ | 254 | 525/33-35 | "ସ୍ୱତନ୍ତ୍ର"ଶ୍ରେଣୀ (M) | ଅକ୍ଟୋବର 2015 | 170639 |

ବନ୍ଦ ହେବା କାରଣ: ଲେଭେଲ କ୍ରସିଙ୍ଗ୍ ଫାଟକ ବଦଳରେ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ କରାଯାଇଛି।
କ୍ରମ ସଂ.1 : ପତ୍ର ସଂ.113, ତା.14.08.2007ରିଖ ଦ୍ୱାରା କଲେକ୍ଟର, ଖୋର୍ଦ୍ଧା ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି। ପତ୍ର ସଂ.W-4/351/A/Pt.VII/3366, ତା.13.04.2018 ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି। ରେଳ ସଂରକ୍ଷା ଆୟୁକ୍ତ(CRS)ଙ୍କ ମଞ୍ଜୁରୀ ମଧ୍ୟ ମିଳିସାରିଛି।
ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ।
ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ), ଖୋର୍ଦ୍ଧା ରୋଡ଼
PR-57/L/20-21

## CUTTACK MUNICIPAL CORPORATION
Tel.No.2308517, 2308424, 2308655 (Fax)
Ref. 4220 Date : 21.05.2020
**QUOTATION CALL NOTICE/TENDER CALL NOTICE**
For
**"Provide Mechanized Laundry Services to different Quarantine Centers functioning within the Cuttack city"**
Sealed quotations are invited from reputed Catering Agencies / Self-Help Groups (SHG) for **"Provide Mechanized Laundry Services to different Quarantine Centers functioning within the Cuttack city"**. The details of the terms and conditions are available in the Website of Cuttack Municipal Corporation i.e. www.cmccuttack.gov.in. The quotationer have to download the quotation call notice / tender call notice from website to participate in the quotation process. Available of quotation call notice/tender call notice document on **Dt.21.05.2020** to **Dt.28.05.2020**, last date for submission of proposal **Dt.28.05.2020**, time **3.00 P.M.** Opening of proposal on **Dt.28.05.2020** at **4.00 P.M.** Submission of proposal through courier/speed post/registered post/ hand delivery only.
The Commissioner, CMC reserved the right to reject any or all the quotations without assigning any reason thereof.
**Sd./- Commissioner**
**Cuttack Municipal Corporation**

## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
F.No. J-11048(001)/2019-20/S&P Date: 22-05-2020
**TENDER CALL NOTICE**
Director, All India Institute of Medical Sciences (AIIMS) Bhubaneswar Odisha, GOI, invites Manual open tender for **"Outsourcing of Laundry Services at AIIMS, Bhubaneswar** in Two Bid System". The Manual tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in**. The sealed Manual Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said Manual tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the manual tenders without assigning any reason thereof.
Sd/-
**Sr. Procurement-Cum Store Officer**
**AIIMS, Bhubaneswar**

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
EARTH DAM DIVISION, CHITRAKONDA
DISTRICT: MALKANGIRI
E-mail ID- executiveengineereddckd@gmail.com
No.A-68:- **"e" Procurement Notice**
1. Name of work : Renovation of scour portion for Down stream of Spilway of Balimela Dam Project for the year 2020-21.
2. Estimated cost : Rs.81.67 Lakhs
3. Period of completion : 06 calendar months.

| Procurement Officer | Bid-Identification No. | Availability of tender Online for bidding | | Date of opening of technical bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda | EE-EDD-04 of 2020-21 Online | 01.06.2020 at 10.00 A.M. | 10.06.2020 upto 5.00 P.M. | 11.06.2020 at 1.00 P.M. on wards at S.I. Sub Division Malkangiri |

Further details can be seen from the Govt. website www.tendersorissa.gov.in. Corrigendum/addendum/cancelation of tender can also be seen in the aforesaid website.
Sd./-Executive Engineer, Earth Dam Division, Chitrakonda, Malkangiri(O)
OIPR-32019/11/0004/2021

**ସଂକ୍ଷେପରେ**

## ପୁଣି ୩ କରୋନା ଆକ୍ରାନ୍ତ ଚିହ୍ନଟ
### ମୋଟ ସଂଖ୍ୟା ୪୮, ସୁସ୍ଥ ହେଲେଣି ୪

**ପୁରୀ ଅଫିସ,୨୨।୫:** ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି। ଶୁକ୍ରବାର ପୁଣି ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮ ଛୁଇଁଛି। ପୂର୍ବରୁ ୩ଜଣ ସୁସ୍ଥ ହୋଇଥିବାବେଳେ ଶୁକ୍ରବାର ଆଉ ଜଣେ ସୁସ୍ଥ ହୋଇଛନ୍ତି। ମୋଟ ସୁସ୍ଥ ସଂଖ୍ୟା ୪ରେ ପହଞ୍ଚିଛି। ଏବେ ବି ୪୪ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ଆକ୍ରାନ୍ତମାନେ ସମସ୍ତେ କ୍ୱାରାଣ୍ଟାଇନରେ ଥିଲେ ବୋଲି ସୂଚନା ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ ୧୩ ଦିନରେ ଜିଲାରୁ ୪୭ ଆକ୍ରାନ୍ତ ଚିହ୍ନଟ ହେଲେଣି, ଯାହାକୁ ନେଇ ଏବେ ପ୍ରଶାସନଠାରୁ ଆରମ୍ଭକରି ଜିଲାବାସୀଙ୍କ ଚିନ୍ତା ବଢିଯାଇଛି।

## ନିଜ ରାଜ୍ୟକୁ ଫେରିଗଲେ ୧୫ ଶ୍ରମିକ

**ପୁରୀ ଅଫିସ,୨୨।୫:** କରୋନା ପାଇଁ ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଛନ୍ତି ଅନ୍ୟ ରାଜ୍ୟର ଶ୍ରମିକ। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ କୋହଳ ପରେ ଶ୍ରମିକମାନେ ନିଜ ନିଜ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ଏହି କ୍ରମରେ ଗୁରୁବାର ପଶ୍ଚିମବଙ୍ଗର ୧୫ ଶ୍ରମିକ ନିଜ ରାଜ୍ୟକୁ ଫେରିଯାଇଛନ୍ତି। ସେଣ୍ଟ ଜନ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ସହଯୋଗରେ ଏମାନେ ନିଜ ରାଜ୍ୟକୁ ଫେରିଥିବା ଜଣାପଡ଼ିଛି। ଜଗନ୍ନାଥଧାମ ୟୁନିଟ୍‌ର ମୁଖ୍ୟ ଆଇନଜୀବୀ ଲାଲା ଅନନ୍ତ କୁମାର ସିଂ, ଜି.ବାପି, ସନ୍ଦୀପ ଜେନା, ଯଯାତି କେଶରୀ ନାୟକ, ନାରାୟଣ ଚନ୍ଦ୍ର ସିହ୍ନା, ବିକ୍ରମ ବେହେରା ପ୍ରମୁଖ ଏମାନଙ୍କ ଫେରିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ।

## 'କାଠଶିଳ୍ପୀଙ୍କୁ ସରକାରୀ ସହାୟତା ଦିଆଯାଉ'

**ପୁରୀ ଅଫିସ,୨୨।୫:** କରୋନା ମୁକାବିଲା ପାଇଁ ଲକ୍ ଡାଉନ ହୋଇଛି ଦେଶ। ଫଳରେ ଅନେକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡ଼ିଛି। ବିଶେଷକରି ଶ୍ରମିକ, ଦିନମଜୁରିଆ, ଗରିବ ଲୋକେ ପରିବାର ପ୍ରତିପୋଷଣ କରିବା ନେଇ ସମସ୍ୟାରେ ପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ମାନି ପୁରୀ ଜିଲା ଓ କାଠ କାରିଗର ସଙ୍ଗଠନ ସଦସ୍ୟମାନେ ଦୁଇମାସ ଘରେ ରହିଲେ। କାମ ନ କରିବା ଦ୍ୱାରା ଅର୍ଥାଭାବ ଯୋଗୁ ଏମାନେ ଦୁର୍ଦ୍ଦଶାରେ ଚଳୁଛନ୍ତି। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନରେ ଯଦିଓ ସେମାନଙ୍କୁ କାମ ପାଇଁ ଅନୁମତି ମିଳିଛି ମାତ୍ର କରୋନା ସଂକ୍ରମଣ ଡରରେ କେହି ସେମାନଙ୍କୁ କାମ ଲାଗି ଡାକୁନାହାନ୍ତି। ଏଭଳି ସ୍ଥିତିରେ କାଠ ଶିଳ୍ପୀ ଓ କାରିଗରମାନେ ଜୀବନ ମରଣ ସମସ୍ୟା ସହ ଯୁଝି ହେଉଛନ୍ତି। ସେମାନଙ୍କ ଘର ପରିବାର ଅଚଳ। ତେଣୁ ସେମାନଙ୍କୁ ସରକାରୀ ସହାୟତା କରିବା ପାଇଁ କାଠ ଶିଳ୍ପୀ ଓ କାରିଗରମାନେ ସରକାରଙ୍କୁ ନିବେଦନ କରିଛନ୍ତି। ଏଥିସହ ସରକାରୀ ପ୍ରକଳ୍ପରେ ସେମାନଙ୍କୁ ସାମିଲ କରାଯିବାକୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସଙ୍ଗଠନର ସଭାପତି ବିଶ୍ୱନାଥ ମହାରଣା ଓ ସମ୍ପାଦକ ମନୋରଞ୍ଜନ ମହାରଣା ନିବେଦନ କରିଛନ୍ତି।

## ଇଦ୍‌ରେ ସମୂହ ନମାଜ ପାଠ ପାଇଁ ଘଣ୍ଟାଏ ମିଳୁ
### ଦାବି ଜଣାଇଲା ଏପିପି

**କଟକ ଅଫିସ,୨୨।୫:** ଇଦ୍ ଅବସରେ ସମୂହ ନମାଜ ପାଠ ପାଇଁ ଦାବି କରିଛି ଆମ୍ ଆଦ୍‌ମି ପାର୍ଟି (ଏପିପି) ସଂଖ୍ୟାଲଘୁ ଶାଖା। ଶାଖା ସଭାପତି ସେଖ୍ ମୁସ୍ତାକିମ ବକ୍ସଙ୍କ ନେତୃତ୍ୱରେ କର୍ମୀମାନେ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ରମଜାନ ମାସରେ ଉପବାସ ପରେ ଇଦଲ୍ ଫିତର୍ ପାଳନ ହୁଏ। କିନ୍ତୁ କରୋନା ପାଇଁ ରମଜାନ ମାସରେ ସମସ୍ତେ ନିଜ ନିଜ ଘରେ ନମାଜ ପଢୁଛନ୍ତି। ଆଗକୁ ଥିବା ଇଦ୍‌ରେ ମାତ୍ର ଘଣ୍ଟାଏ ପାଇଁ ଗ୍ରୀନ୍ ଜୋନ୍‌ରେ ସାମାଜିକ ଦୂରତା ବଜାୟ ରଖି ସମୂହ ନମାଜ ପାଠ ପାଇଁ ଅନୁମତି ମିଳୁ। କେହି କାହାରି ସାଙ୍ଗରେ ମିଶିବେ ନାହିଁ। ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କୁ ମସ୍‌ଜିଦ୍‌ରେ ପ୍ରବେଶ କରାଯିବ ନାହିଁ। ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେବାକୁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ନଗର ସମ୍ପାଦକ ବିଜୟ ମହାରଣା, ସହ ସମ୍ପାଦକ ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ନଗର ସଂଖ୍ୟାଲଘୁ ଶାଖା ସଭାପତି ନିଆଜ ଖାନ୍ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ମଦବିକ୍ରି ଆଳରେ ୨.୪୦ଲକ୍ଷ ସାଇବର ଠକେଇ

ଭୁବନେଶ୍ୱର,୨୨।୫ (ବ୍ୟୁରୋ)




କରୋନା ମହାମାରୀ ମୁକାବିଲା ନେଇ ସମଗ୍ର ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଲକ୍‌ଡାଉନ୍ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମଦଦୋକନ ବନ୍ଦ ରହିଥିବାବେଳେ ଅନ୍‌ଲାଇନ୍ ମଦ ବିକ୍ରି ଆଳରେ ମାତିଛନ୍ତି ସାଇବର ଠକ। ଅନ୍‌ଲାଇନ ଜରିଆରେ ଉଚିତ ଦାମରେ ମଦ ହୋମ ଡେଲିଭରି କରିବାର ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକେଇ କରୁଛନ୍ତି। ବାଲିଅନ୍ତା ଥାନା ଅନ୍ତର୍ଗତ ହଂସପାଳ ଅଞ୍ଚଳରେ ରହୁଥିବା ଜୀତ ଚନ୍ଦ୍ର ମହାପାତ୍ର ଅନ୍‌ଲାଇନ ମଦ କିଣିବାକୁ ଯାଇ ୨ଲକ୍ଷ ୪୦ହଜାର ଟଙ୍କା ସାଇବର ଠକେଇର ଶିକାର ହୋଇଛନ୍ତି। ଏନେଇ ବାଲିଅନ୍ତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୭/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ ଲକ୍ଷ୍ମୀସାଗରସ୍ଥିତ ଏକ ମଦଦୋକାନର ଫଟୋକୁ ବ୍ୟବହାର କରି ଅନ୍‌ଲାଇନରେ ମଦ ଡେଲିଭରି କରାଯାଉଥିବା ସୋସିଆଲ ମିଡିଆରେ ସାଇବର ଠକମାନେ ବିଜ୍ଞାପନ ଦେଉଛନ୍ତି। ଏଥିରେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରି ବହୁ ଯୁବକ ଠକେଇର ଶିକାର ମଧ ହେଉଛନ୍ତି। ଅଭିଯୋଗକାରୀ ଜୀତ ଗତ ୧୮ଅପରାହ୍ନରେ ମଦ ଅର୍ଡର କରିଥିଲେ। ଅର୍ଡରର କିଛି ସମୟ ପରେ ଉପରୋକ୍ତ ମଦ ଦୋକାନର କର୍ମଚାରୀଭାବେ ପରିଚୟଦେଇ ସାଇବର ଠକେଇରେ ସମ୍ପୃକ୍ତ ବ୍ୟକ୍ତି ଜୀତଙ୍କୁ କଲ୍ କରିଥିଲେ। ଫୋନ୍ ପେ', ପେ' ଟିଏମ,ଏସ୍‌ବିଆଇ ଏଟିଏମ୍ ଡେବିଟ କାର୍ଡ ଓ କ୍ରେଡିଟ କାର୍ଡ, ଗୁଗୁଲ ପେ' ଓ ଭିମ୍ ଆପ ଜରିଆରେ ଉକ୍ତ ସାଇବର ଠକ ଜୀତଙ୍କୁ ଲିଙ୍କ ପଠାଇ ଓଟିପି ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଜୀତଙ୍କ ବିଭିନ୍ନ ପେମେଣ୍ଟ ଆପ୍ ଓ ବ୍ୟାଙ୍କ ଆକାଉଣ୍ଟରୁ ୨ଲକ୍ଷ ୪୦ ହଜାର ଟଙ୍କା କଟିଯିବାରୁ ସେ ଠକେଇ ହେବାର ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। କେବଳ ଜୀତ ନୁହନ୍ତି ପ୍ରାୟ ୫ରୁ ଅଧିକ ବ୍ୟକ୍ତି ଏପରି ଠକେଇର ଶିକାର ହୋଇଥିବା ନେଇ ରାଜଧାନୀର ବିଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ଏପରି ଠକେଇରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରି ନାହିଁ। ଫଳରେ ଏଭଳି ସାଇବର ଠକେଇ ବଢିବାରେ ଲାଗିଛି। ଏନେଇ ଟୁଇନ୍‌ସିଟିର ଅତିରିକ୍ତ ପୋଲିସ କମିଶନର ଅନୁପ ସାହୁଙ୍କୁ ପଚରିବାରେ ଏଭଳି ସାଇବର ଠକେଇ ଘଟଣା ତାଙ୍କ ନଜରକୁ ଆସିନାହିଁ। ତେବେ ଏଭଳି ଘଟଣାକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସାମାଜିକ ଦୂରତ୍ୱ ଉଲ୍ଲଂଘନ: ପୋଲିସ ଅସହାୟ
### ମହାପ୍ରସାଦ ପାଇଁ ଉତ୍ତର ଦ୍ୱାରରେ ଅସମ୍ଭାଳ ଭିଡ଼



ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ମହାପ୍ରସାଦ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ପୁରୀ ଅଫିସ,୨୨।୫

ମହାମାରୀ କରୋନା ହୁ ହୁ ହୋଇ ମାଡୁଛି। ଏହାକୁ କିପରି ମୁକାବିଲା କରାଯାଇପାରିବ ସେଥିଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଚାଲିଛି। ଲକ୍‌ଡାଉନ ଗାଇଡ୍‌ଲାଇନ ଅନୁସାରେ କୌଣସି ଗୋଟିଏ ଜାଗାରେ ଲୋକେ ସମାଗମ ହେବେ ନାହିଁ, ସାମାଜିକ ଦୂରତା ରକ୍ଷା ଦିଗରେ ସମସ୍ତେ ଗୁରୁତ୍ୱ ଦେବେ। ହେଲେ ଏହି ନିୟମକୁ ଖୋଲାଖୋଲି ଭାବେ ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଉଲ୍ଲଂଘନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ମହାପ୍ରସାଦ ନେବା ଲାଗି ଏମିତି ଗହଳି ହୋଇଥିଲା।

ସାବିତ୍ରୀ ବ୍ରତ ଅବସରରେ ପ୍ରତିବର୍ଷ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ବେଢ଼ା ପରିସରସ୍ଥ ସାବିତ୍ରୀ ମନ୍ଦିରରେ ସକାଳୁ ସଧବାମାନେ ଧାଡ଼ି ଲଗାଇ ପୂଜାର୍ଚ୍ଚନା କରିଥାନ୍ତି। ପରେ ଆନନ୍ଦବଜାରରେ ମହାପ୍ରସାଦ ପାଇ ଫେରିଥାନ୍ତି। ଏହିଦିନ ପୁରୀ ସହରର ପ୍ରାୟ ଅଧିକାଂଶ ପରିବାର ମହାପ୍ରସାଦ ସେବନ କରିଥାନ୍ତି। କିନ୍ତୁ ଏଥର କରୋନା ପାଇଁ ଏଥିରେ ବ୍ୟତିକ୍ରମ ଘଟିଛି। ବର୍ତ୍ତମାନ ଶ୍ରୀମନ୍ଦିର ଭିତରକୁ ଭକ୍ତ ଯାଉନାହାନ୍ତି। ତେଣୁ ଶୁକ୍ରବାର ମହାପ୍ରସାଦ ନେବା ପାଇଁ ଶହ ଶହ ଭକ୍ତ ଉତ୍ତର ଦ୍ୱାରରେ ଭିଡ଼ ଲଗାଇଥିଲେ। ପୂର୍ବରୁ ଅର୍ଡର ପାଇଥିବା ଅନୁସାରେ ସୁଆର ସେବକମାନେ ସେମାନଙ୍କୁ ଆଣି ଉତ୍ତର ଦ୍ୱାରରେ ମହାପ୍ରସାଦ ଦେଉଥିଲେ। ସେହିପରି କେତେଜଣ ବୋଝିଆ ବି ଶ୍ରଦ୍ଧାଳୁଙ୍କ କହିବା ମୁତାବକ ଆନନ୍ଦ ବଜାରରୁ ମହାପ୍ରସାଦ ଆଣି ଯୋଗାଇ ଦେଉଥିଲେ। ଏଥିପାଇଁ ଗହଳି ଏମିତି ହୋଇଥିଲା ଯେ, ଅପରାହ୍ନ ୧ଟାରୁ ପ୍ରାୟ ଦୁଇଘଣ୍ଟା ଧରି ଉତ୍ତର ଦ୍ୱାର ସମ୍ମୁଖ ରାସ୍ତା ଦେଇ ଯିବା ଅସମ୍ଭବ ହୋଇପଡ଼ିଥିଲା। ତେବେ ସବୁଠୁ ଉଦ୍‌ବେଗର ବିଷୟ ଯେ, ପୋଲିସ ଆଗରେ ସାମାଜିକ ଦୂରତ୍ୱକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିଲା। ପୋଲିସ ସତେ ଯେମିତି ହାତ ଟେକିଦେଇଥିଲା ବୋଲି ଚର୍ଚ୍ଚା ହୋଇଥିଲା।



ସାବିତ୍ରୀ ଅମାବାସ୍ୟା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ କରାଯାଉଛି।

## ଶେଷ ପର୍ଯ୍ୟାୟରେ ଚାରିନାହାକା କାମ

ପୁରୀ ଅଫିସ,୨୨।୫




ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ଦାର ଚାଲିଛି। ତିନିରଥର ମୁଖ୍ୟ ମହାରଣା ସେବକଙ୍କ ନେତୃତ୍ୱରେ ରଥଖଳାରେ କାମ ଜାରି ରହିଥିବାବେଳେ ଶୁକ୍ରବାର ସୁଦ୍ଧା ମୋଟ ୪୨ ଚକ ମଧ୍ୟରୁ ୩୧ଟି ପ୍ରସ୍ତୁତ ହୋଇଯାଇଛି। ଆଉ ୧୧ଟିର କାମ ଜାରି ରହିଛି। ସେହିପରି ତାଳଧ୍ୱଜ ରଥର ୭ଟି ଅଖ ସମ୍ପୂର୍ଣ୍ଣ ହୋଇଥିବାବେଳେ ଦେବଦଳନର ୬ ଏବଂ ନନ୍ଦିଘୋଷର ୬ଟି ଅଖ କାମ ସରିଛି। ଚାରିନାହାକା କାମ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୨ଟି ଲେଖାଏ ଗରଗରା କାମ ଚାଲିଛି। ଦୋଳବେଦି ପରିସରରେ କରତି ସେବକ ଗୟଳ ଚିରଟ କରୁଛନ୍ତି। ମୋଟ ୬ଟି ଗୟଳ ମଧ୍ୟରୁ ୨ଟି ଚିରଟ କାର୍ଯ୍ୟ ଶେଷ ହୋଇଛି। ଦୋଳବେଦି ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଅଖକଣ୍ଟା, ଚଉରସ କଣ୍ଟା, ଆଗପାତେଳି କଣ୍ଟା ତିଆରି କରୁଛନ୍ତି। ସବୁଦିନ ଭଳି ଶୁକ୍ରବାର କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣରେ ନିୟୋଜିତ ସେବକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା।

## କୁମ୍ଭାରପଡ଼ା ଥାନା କର୍ମଚାରୀଙ୍କ ରିପୋର୍ଟ ନେଗେଟିଭ
### ଗିରଫ ଅଭିଯୁକ୍ତ କରୋନା ଆକ୍ରାନ୍ତ ଘଟଣା

ପୁରୀ ଅଫିସ,୨୨।୫

ଆଶ୍ୱସ୍ତ ହୋଇଛନ୍ତି କୁମ୍ଭାରପଡ଼ା ଥାନା କର୍ମଚାରୀ। ଜଣେ ଗିରଫ ଅଭିଯୁକ୍ତ କରୋନା ଆକ୍ରାନ୍ତ ଜଣାପଡ଼ିବା ପରେ ଥାନା ଆଇଆଇସିଙ୍କଠାରୁ ଆରମ୍ଭ କରି ପ୍ରାୟ ୩୦ କର୍ମଚାରୀ କ୍ୱାରାଣ୍ଟାଇନରେ ଥିଲେ। ପରେ ସମସ୍ତଙ୍କର କୋଭିଡ୍ ଟେଷ୍ଟ ଲାଗି ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ସମସ୍ତଙ୍କର ରିପୋର୍ଟ ନେଗେଟିଭ ଆସିଥିବା ଶୁକ୍ରବାର ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେହିପରି ସମ୍ପୃକ୍ତ କରୋନା ଆକ୍ରାନ୍ତ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦେହରେ ପୁରୀ ଜେଲ୍‌ର ୫ ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ରିପୋର୍ଟ ଆସିଛି। ସମସ୍ତଙ୍କର ନେଗେଟିଭ ଥିବାବେଳେ ଜଣଙ୍କର ରିପୋର୍ଟ ଆସି ନ ଥିବା ସୂଚନା ମିଳିଛି।

## ସରୋଜିନୀଙ୍କୁ ଭେଟିଲା ଭାଜପା ଯୁବମୋର୍ଚ୍ଚା

କଟକ ଅଫିସ୍,୨୨।୫

ପକ୍ଷାଘାତ ଆକ୍ରାନ୍ତ ସ୍ୱାମୀଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ଜଣେ ମହିଳା ସରୋଜିନୀ ସେଠୀଙ୍କ କାହାଣୀ ଗତ ୨୧ ତାରିଖ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶିତ ହେବା ପରେ ଭାଜପା କଟକ ନଗର ଜିଲା ଯୁବମୋର୍ଚ୍ଚା ତାଙ୍କୁ ସହାୟତାର ହାତ ବଢ଼ାଇଛି। ଯୁବମୋର୍ଚ୍ଚା ସଭାପତି ସ୍ୱାଧୀନ ମହାନ୍ତି ଶୁକ୍ରବାର ସାବିତ୍ରୀ ବ୍ରତରେ ସରୋଜିନୀଙ୍କୁ ଭେଟି ତାଙ୍କୁ ଓଷା ପାଇଁ ଶାଢ଼ି, ଫଳମୂଳ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।

## ଜେଲରେ ବ୍ରତ ପାଳିଲେ ମହିଳା କଏଦୀ

ପୁରୀ ଅଫିସ, ୨୨।୫

ବାହା ବେଦିରେ ସାତ ଜନମର ସାଥୀ ହେବା ପାଇଁ ଶପଥ ନେଇଥିଲେ। ସୁଖ, ଦୁଃଖର ସମଭାଗୀ ହେବାକୁ ପରସ୍ପରକୁ କଥା ଦେଇଥିଲେ। ହେଲେ ସେମାନଙ୍କ ସୁଖଦୁଃଖର ସଂସାର ଆଗେଇ ଚାଲିଥିବା ବେଳେ କେତେକଙ୍କ କ୍ଷେତ୍ରରେ ଘଟିଛି ବ୍ୟତିକ୍ରମ। ନିଜ ଭୁଲ ପାଇଁ ହେଉ ବା ଅନ୍ୟ କାହାର ଚକ୍ରାନ୍ତରେ ସେମାନେ ବାଟ ଭୁଡ଼ି ଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲ୍ ଚାରିକାନ୍ଥ ଭିତରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ଥିବା ଭଲ ପାଇବା ମରିଯାଇନାହିଁ। ଭୁଲି ପାରିନାହାନ୍ତି ନିଜ ମନର ମଣିଷକୁ। ଓଷା, ବ୍ରତ ଆଉ ପର୍ବପର୍ବାଣି ଆସିଲେ ଛାତିର କୋହକୁ ଚାପି ସେମାନେ ବି ଆଗେଇ ଆସନ୍ତି। ଅନ୍ୟ ମହିଳାଙ୍କ ପରି ସଜେଇ ହୋଇ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତି। ଏମିତି ଏକ ନିଆରା ଦୃଶ୍ୟ ଶୁକ୍ରବାର ପୁରୀ ଜେଲରେ ଦେଖିବାକୁ ମିଳିଥିଲା। ଏଠାରେ ମହିଳା କଏଦୀ ଭାବେ ଦିନ କାଟୁଥିବା ୭ ମହିଳା ସାବିତ୍ରୀ ପୂଜା କରିବା ଘଟଣା ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ସମ୍ପୃକ୍ତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ।

ଜେଲର ଦିଲୀପ କୁମାର ଜେନାଙ୍କ ସୂଚନା ମୁତାବକ, ଏଠାରେ କଏଦୀ ଭାବେ ରହିଥିବା ୭ ମହିଳାଙ୍କୁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଚୁଡ଼ି, ଫଳମୂଳ ଓ ପୂଜା ସାମଗ୍ରୀ କିଣି ଦିଆଯାଇଥିଲା। ସେମାନେ ଅନ୍ୟ ମହିଳାଙ୍କ ଭଳି ସାବିତ୍ରୀ ବ୍ରତ ପାଳିଥିଲେ। ବ୍ରାହ୍ମଣ ଆସି ପୂଜାର୍ଚ୍ଚନା କରିଥିଲେ। ଏମାନଙ୍କ ମଧ୍ୟରୁ ୩ ମହିଳାଙ୍କ ସ୍ୱାମୀ ଜେଲ୍‌ରେ ଥିବାରୁ ସେମାନେ ସାକ୍ଷାତ୍ ସହ ପ୍ରଣାମ କରିଥିଲେ। ଭଗବାନଙ୍କ ନିକଟରେ ସ୍ୱାମୀଙ୍କ ଦୀର୍ଘ ଜୀବନ ମଧ କାମନା କରିଥିଲେ। ଶଙ୍ଖା, ସିନ୍ଦୁରକୁ ସ୍ୱାମୀ ହାତକୁ ବଢାଇ ଦେଇଥିଲେ। ସ୍ୱାମୀମାନେ ମଧ ସେମାନଙ୍କ ମଥାରେ ସିନ୍ଦୂର ଦେଇ ହାତରେ ଶଙ୍ଖା ପିନ୍ଧାଇଥିଲେ।

## କେନ୍ଦ୍ରରୁ ପ୍ରଶଂସା ସାଉଣ୍ଟିଲା ଖପୁରିଆ ଆଇଟିଆଇ




କଟକ ଅଫିସ,୨୨।୫

କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ ନିଜ ଜ୍ଞାନ କୌଶଳ ଦ୍ୱାରା ଅଟୋମେଟିକ୍ ସାନିଟାଇଜ ମେଶିନ, ଭ୍ରାମ୍ୟମାଣ କରୋନା ନମୁନା ସଂଗ୍ରହ ମେଶିନ ଓ ଦୁଇଟି ରୋବୋଟ ପ୍ରସ୍ତୁତ କରି ପ୍ରଶଂସା ସାଉଣ୍ଟିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହାର ପ୍ରଶଂସା କରିଥିବା ବେଳେ ଗୁରୁବାର କେନ୍ଦ୍ର ସରକାର ମଧ ଅନୁଷ୍ଠାନର ଉଦ୍ୟମକୁ ସାବାସି ଦେଇଛନ୍ତି। କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଖପୁରିଆ ଆଇଟିଆଇ ପ୍ରସ୍ତୁତ କରିଥିବା କରୋନା ନମୁନା ସଂଗ୍ରହ ମେଶିନ ସ୍ଥାନ ପାଇଛି।

କିଛି ଦିନ ତଳେ ଏହି ଆଇଟିଆଇ ତିଆରି କରିଥିବା ଭ୍ରାମ୍ୟମାଣ କରୋନା ନମୁନା ସଂଗ୍ରହ ମେଶିନ ଦ୍ୱାରା କମ୍ ସମୟରେ ଅଧିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରିହେବ।

### ଏମ୍‌ଏସ୍‌ଡିଇରେ ସ୍ଥାନ ପାଇଲା ଭ୍ରାମ୍ୟମାଣ ନମୁନା ସଂଗ୍ରହ ମେଶିନ

କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ଭ୍ରାମ୍ୟମାଣ କରୋନା ନମୁନା ସଂଗ୍ରହ ମେଶିନ ତିଆରି କରି କଟକ ଆଇଟିଆଇ ଟିମ୍ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏହାଦ୍ୱାରା ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କ ସଂସ୍ପର୍ଶରେ ନ ଆସି ନମୁନା ପରୀକ୍ଷା କରିପାରିବେ। ଏନେଇ ଆଇଟିଆଇ ଅଧ୍ୟକ୍ଷ ଡ. ହୃଷିକେଶ ମହାନ୍ତି କହିଛନ୍ତି, ଏହି ମେଶିନକୁ ସ୍କିଲ୍ ଇଣ୍ଡିଆ ଓ ସ୍କିଲ୍ ଓଡ଼ିଶାରେ ସ୍ଥାନ ମିଳିବା ଆମକୁ ଅଧିକ ଉତ୍ସାହିତ କରିଛି। ଲୋକଙ୍କ ସୁରକ୍ଷା ଲାଗି ନୂତନ ଉଦ୍ଭାବନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ।

# ଫନୀ ପରେ ଅମ୍ଫାନ୍ ଦେଇଗଲା ଦୁଃଖ

ପୁରୀ ଅଫିସ,୨୨।୫

### ପାନଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଲା



ବାତ୍ୟା ଫନୀରେ ପୁରୀ ଜିଲାର ପାନଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ପବନ ମାଡ଼ରେ ଧରାଶାୟୀ ହୋଇଥିଲା ହଜାର ହଜାର ପାନବରଜ। ଧାର, କରଜ କରି ବରଜ ତିଆରି କରିଥିବା ପାନଚାଷୀ ମୁଣ୍ଡରେ ହାତ ଦେଇଥିଲେ। କେମିତି ପୁଣି ବରଜକୁ ଠିଆ କରିବେ ସେହି ଚିନ୍ତାରେ ଥିଲେ। ପରେ ବହୁ କଷ୍ଟ ଓ ଋଣ କରି ପ୍ରାୟ ୪/୫ ମାସ ପରେ ନିଜ ଜୀବିକାର ମୁଖ୍ୟ ଉତ୍ସକୁ ଠିଆ କରାଇଥିଲେ। ଧୀରେ ଧୀରେ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବାବେଳେ ଅଚାନକ ମାଡ଼ି ଆସିଥିଲା କରୋନା ରାକ୍ଷସ। ସବୁଆଡେ ଲକ୍‌ଡାଉନ। ଗଡ଼ିଲାନି ଗାଡ଼ି, ଖୋଲିଲାନି ଦୋକାନ ବଜାର। ସବୁ ବନ୍ଦ। ଏହାର ପ୍ରଭାବ ପାନଚାଷୀଙ୍କ ଉପରେ ପଡ଼ିଲା। ବରଜ ଭିତରେ ନଷ୍ଟ ହେଲା ପାନପତ୍ର। ସେମାନେ ପ୍ରାୟ ଦୁଇମାସ ହାତ ବାନ୍ଧି ବସିଥିବାବେଳେ ଗତ କିଛିଦିନ ହେବ ଲକ୍‌ଡାଉନ୍ ସାମାନ୍ୟ କୋହଳ ହୋଇଥିଲା। ଦୋକାନ ବଜାର ଖୋଲିଲା। ଗାଡ଼ିମୋଟର କିଛିମାତ୍ରାରେ ସ୍ୱାଭାବିକ ହେଲା। ପାନଚାଷୀ ମନୋବଳ ଦୃଢ କରି ଛିଡ଼ା ହେବାକୁ ଚେଷ୍ଟା କଲେ। ମାତ୍ର ପୁଣି ଦଇବ ଦାଉ ସାଧିଲା। ମାଡ଼ିଆସିଲା ବାତ୍ୟା ଅମ୍ଫାନ୍। ବର୍ଷା, ପବନ ମାଡ଼ରେ ପୁଣି ମାଟି କାମୁଡ଼ିଲା ହଜାର ହଜାର ଏକର ପାନବରଜ। ଋଣଭାର ସହି ବରଜ ସଜାଡ଼ିଥିବା ପାନଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫନୀ ପରେ ଅମ୍ଫାନ୍‌ର ଦୁଃଖ ବଳିଗଲା ବୋଲି ସେମାନେ କହୁଛନ୍ତି।

ପୁରୀ ଜିଲାର କାକଟପୁର, ଅସ୍ତରଙ୍ଗ, ନିମାପଡ଼ା, ଗୋପ, ପିପିଲି ଆଦି ବ୍ଲକରେ ହଜାର ହଜାର ପାନଚାଷୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ପରିବାର ସମ୍ପୂର୍ଣ୍ଣ ପାନଚାଷ ଉପରେ ହିଁ ନିର୍ଭରଶୀଳ। ପାନ ବିକିଲେ ପରିବାର ଚଳେ। ଜିଲାର ପିପିଲି, ନୟାହାଟ, ଓଥକା, କୁଣ୍ଡେଇ, ଅସ୍ତରଙ୍ଗ ଏବଂ କଟକ ଜିଲାର ନିଆଳିରେ ସାପ୍ତାହିକ ପାନ ହାଟ ରହିଛି। ଉପରୋକ୍ତ ହାଟଗୁଡ଼ିକ ଉପରେ ପିପିଲି, ବଳଙ୍ଗା, ସାତଶଙ୍ଖ, ନିମାପଡ଼ା, ବାମନାଳ, ଚାରିଛକ, ନୟାହାଟ, କାକଟପୁର, ଅସ୍ତରଙ୍ଗ, ବାଙ୍ଗୁରିଗାଁ, କୋଣାର୍କ ପ୍ରଭୃତି ଅଞ୍ଚଳର ପାନଚାଷୀ ନିର୍ଭର କରନ୍ତି। ଚାଷୀମାନେ ପାନ ବିକି ବରଜ ପାଇଁ ପଟ, ପାଖୁଡ଼ି, ରଶି, ଦଉଡ଼ି, ବାଉଁଶ, ପିଡ଼ିଆ, କୀଟନାଶକ, ଖୁଣ, ଟୋକେଇ, ବେତା ପ୍ରଭୃତି କିଣିବା ସହିତ ପରିବାର ପ୍ରତିପୋଷଣ ଲାଗି ଆବଶ୍ୟକ ଜିନିଷପତ୍ର ମଧ କିଣିଥାନ୍ତି। ଉକ୍ତ ପାନହାଟଗୁଡ଼ିକରୁ ପାନ ବ୍ୟବସାୟୀମାନେ ଚାଷୀଙ୍କଠାରୁ ପାନ କିଣି ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ, ବିଶାଖାପାଟଣା, ବାଂଲାଦେଶ, ପ୍ରଭୃତି ସ୍ଥାନକୁ ପଠାଇଥାନ୍ତି। କିନ୍ତୁ ଗତବର୍ଷ ମେ ୩ ତାରିଖ ଫନୀ ବାତ୍ୟା ପରଠାରୁ ଆଉ ଅଣ୍ଟା ସଳଖି ପାରୁନାହାନ୍ତି ପାନଚାଷୀ। ଫନୀରେ ପାନବରଜ ଭାଙ୍ଗିବା ପରେ ଏହାକୁ ସଜାଡ଼ିବାକୁ ପ୍ରାୟ ୩/୪ ମାସ ଲାଗିଗଲା। ଏହାପରେ ଧୀରେ ଧୀରେ ପାନ ବ୍ୟବସାୟ ଜମି ଆସୁଥିବାବେଳେ କରୋନା ପାଇଁ ପ୍ରାୟ ଦୁଇମାସ ହାତ ବାନ୍ଧି ବସିଲେ ପାନଚାଷୀ। ଏହି ସମୟରେ ବରଜରେ ପାନ ନଷ୍ଟ ହେବାକୁ ଲାଗିଲା। କାହାର ପାନ ତୋଳା ନ ଯାଇ ପାଚି ପଚିଗଲା ତ ପୁଣି କେହି ପାନ ତୋଳି ଫିଙ୍ଗିବାକୁ ବାଧ ହେଲା। ତେବେ ଦୋକାନ ବଜାର ଖୋଲିବା ପରେ ଚାଷୀମାନେ ବେଶ୍ ଆଶାବାଦୀ ଥିଲେ। କିନ୍ତୁ ଅମ୍ଫାନ୍‌ର ପ୍ରକୋପ ପୁଣି ସେମାନଙ୍କ ମୁହଁରୁ ହସ ଛଡ଼ାଇ ନେଲା। ବିଶେଷକରି କାକଟପୁର, ଅସ୍ତରଙ୍ଗ, ଗୋପ ଆଦି ବ୍ଲକର ହଜାର ହଜାର ଏକର ଜମିରେ ଠିଆ ହୋଇଥିବା ପାନବରଜ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। କାକଟପୁର ଅଞ୍ଚଳର ଚାଷୀ ପ୍ରତାପ ନାୟକ କହିଛନ୍ତି, ଗତବର୍ଷ ଫନୀ ପାନଚାଷକୁ ଉଜାଡ଼ି ଦେଇଥିଲା। ଏବେ ପୁଣି ଆମ ଦାନାରେ ଧୂଳି ଦେଲା କରୋନା ଓ ଅମ୍ଫାନ୍। ଝଡ଼ବର୍ଷାରେ ଶହ ଶହ ପାନବରଜ ମାଟି କାମୁଡ଼ି ପଡ଼ିଛି। ଲକ୍ଷ ଲକ୍ଷ ଟଙ୍କା ଧାର କରଜ କରି ବରଜ ସଜାଡ଼ିଥିବା ଅନେକ ଚାଷୀ ଏବେ ମାନସିକ ଚାପରେ ରହିଛନ୍ତି। ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ନ ଦେଲେ ପାନଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ,୨୨।୫:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ଭେଟିଛନ୍ତି। ଭିଡିଓ କନ୍‌ଫରେନ୍ସ ଯୋଗେ ହୋଇଥିବା ଏହି ବୈଠକରେ ଅର୍ଥମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଛନ୍ତି। କୋଭିଡ୍ ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ସରକାରଙ୍କ ମେଗା ଆତ୍ମନିର୍ଭର ଭାରତ ପ୍ୟାକେଜ ଲାଗୁ କରାଇବା ଦିଗରେ ବ୍ୟାଙ୍କଗୁଡିକ ସହଯୋଗ କରନ୍ତୁ ବୋଲି ସେ ଏହି ଅବସରରେ ଆହ୍ୱାନ ଜଣାଇଛନ୍ତି। ସରକାର ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିବା ବେଳେ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ରେପୋ ହ୍ରାସ କରିଛି। ଏହାବାଦ କେନ୍ଦ୍ର କ୍ୟାବିନେଟ ଗୁରୁବାର ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ସରକାରଙ୍କ ଏହି ଯୋଜନାଗୁଡିକ ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ ବୋଲି ସୀତାରାମନ ମତପ୍ରକାଶ କରିଛନ୍ତି।

### ଚାଇନା ବ୍ୟାଙ୍କ ଋଣ ପଇଠ ଲାଗି ଅନିଲ ଅମ୍ବାନୀଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୨।୫:** ଚାଇନା ବ୍ୟାଙ୍କଗୁଡ଼ିକୁ ୭୧୭ ନିୟୁତ ଡଲାର ୨୧ ଦିନ ମଧ୍ୟରେ ପଇଠ କରିବା ପାଇଁ ୟୁକେର କୋର୍ଟ ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଅନିଲଙ୍କଠାରୁ ଏହି ଋଣ ଅସୁଲ କରିବା ଲାଗି ଚାଇନା ବ୍ୟାଙ୍କଗୁଡିକ ପ୍ରୟାସ ଜାରି ରଖିଛନ୍ତି। ଇଂଲଣ୍ଡ ହାଇକୋର୍ଟର କମର୍ସିଆଲ ଡିଭିଜନ ଜଷ୍ଟିସ ନିଗେଲ ଟେୟାର ଏହି ମାମଲାର ଶୁଣାଣି କରୁଛନ୍ତି। ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା ଲିମିଟେଡ୍‌ର ମୁମ୍ବାଇ ଶାଖା, ଚାଇନା ଡେଭଲପମେଣ୍ଟ ବ୍ୟାଙ୍କ, ଏକ୍‌ଜିମ ବ୍ୟାଙ୍କ ଅଫ୍ ଚାଇନା ଅନିଲଙ୍କ ବିରୋଧରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

### ଓସିଆଇ କାର୍ଡଧାରୀଙ୍କୁ ଭାରତ ଆସିବା ଲାଗି ଅନୁମତି

**ନୂଆଦିଲ୍ଲୀ,୨୨।୫(ପି.ଟି.):** ବିଦେଶରେ ରହୁଥିବା ଭାରତର ନାଗରିକ (ଓସିଆଇ) କାର୍ଡଧାରୀଙ୍କ ମଧ୍ୟରୁ ବାହାର ଦେଶରେ ଅଟକି ରହିଥିବା ଏକ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଆସିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ପାରିବାରିକ ଜରୁରୀ କାରଣ ପାଇଁ ଆସିବାକୁ ଚାହୁଁଥିବା ଓସିଆଇ କାର୍ଡଧାରୀଙ୍କୁ ଏହି ଅନୁମତି ଦିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ବିଦେଶରେ ଭାରତୀୟ ନାଗରିକ ଏବଂ ଓସିଆଇ କାର୍ଡଧାରୀଙ୍କଠାରୁ ଜନ୍ମିତ ନାବାଳକ, ଦମ୍ପତିଙ୍କ ମଧ୍ୟରୁ ଜଣେ ଓସିଆଇ କାର୍ଡଧାରୀ ଓ ଅନ୍ୟ ଜଣେ ଭାରତୀୟ ନାଗରିକ ଏବଂ ଉଭୟ ଭାରତର ସ୍ଥାୟୀ ବାସିନ୍ଦା ହୋଇଥିଲେ ଭାରତ ଆସିପାରିବେ। ଓସିଆଇ କାର୍ଡଧାରୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପିତାମାତା ଭାରତୀୟ ନାଗରିକ ଓ ଭାରତରେ ରହୁଥିଲେ, ସେମାନେ ଭାରତ ଆସିବା ଲାଗି ଅନୁମତି ପାଇବେ।

### ଫି' ଆଦାୟ ସମୟ ବୃଦ୍ଧି କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଛାତ୍ର ନେତାଙ୍କ ଚିଠି

**ଭୁବନେଶ୍ୱର, ୨୨।୫(ବ୍ୟୁରୋ):** ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଛାତ୍ରୀଛାତ୍ରମାନଙ୍କ ଫି' ଆଦାୟର ସବୁ ପ୍ରକାର ଦେୟ ଛାଡ଼ କରିବା ସହିତ ଏହାର ସମୟସୀମା ୬ମାସ ବୃଦ୍ଧି କରିବା ଲାଗି ଅନୁରୋଧ କରାଯାଇଛି। ଛାତ୍ର କଂଗ୍ରେସ ସମନ୍ୱୟ କମିଟି ସଦସ୍ୟ ନିରଞ୍ଜନ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କରୋନା ଯୋଗୁ ସମଗ୍ର ଦେଶ ବ୍ୟାପକ ପ୍ରଭାବିତ ହୋଇଛି। ଶିକ୍ଷା ବ୍ୟବସ୍ଥା ଉପରେ ମଧ ବ୍ୟାପକ ପ୍ରଭାବ ପଡ଼ିଛି। ଦେଶବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ମଧ ଦେଖାଦେଇଛି। ଏହାଦ୍ୱାରା ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ଫି' ଦାଖଲ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ଅଧିକାଂଶ ଲୋକ ଉଠାଦୋକାନ, ଦିନମଜୁରି କ୍ଷୁଦ୍ର ବ୍ୟବସାୟ ଉପରେ ନିର୍ଭରକରି ପରିବାର ଚଳାନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଭାବେ ଫି' ଦାଖଲ ସମୟ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କହିଥିଲେ ସୁଦ୍ଧା ଏହାକୁ କେହି ମାନିନାହାନ୍ତି। ଅନ୍ତତଃ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ଫି' ଦାଖଲ ଛାଡ଼ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି।

# ୧୩ ହଜାର ବର୍ଷର ପାଦଚିହ୍ନ

## ଉତ୍ତର ଆମେରିକାର ପ୍ରଥମ ମାନବ ଦାବି



**ମଣ୍ଟ୍ରିଆଲ**

ପଶ୍ଚିମ କାନାଡାର ଉପକୂଳବର୍ତ୍ତୀ ଦ୍ୱୀପରେ ହାରାହାରି ୧୩ ହଜାର ବର୍ଷ ପୁରାତନ ପାଦଚିହ୍ନ ଆବିଷ୍କୃତ ହୋଇଛି। ଏ ନେଇ ପ୍ଲସ୍ ଜର୍ନାଲରେ ଗତ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଅଧ୍ୟୟନରେ ସମ୍ପୃକ୍ତ ପାଦଚିହ୍ନ ଥିବା ମାନବ ଗୋଷ୍ଠୀ ଉତ୍ତର ଆମେରିକାରେ ବାସ କରିଥିବା ସର୍ବପୁରାତନ ମାନବ ବୋଲି ଦାବି କରାଯାଇଛି। ଆବିଷ୍କୃତ ପାଦଚିହ୍ନ ଦୁଇଜଣ ବୟସ୍କ ଏବଂ ଜଣେ ଛୋଟ ପିଲାର ବୋଲି ଅନୁମାନ କରାଯାଇଛି।

ଅଧ୍ୟୟନରେ ଭାଗ ନେଇଥିବା ଗବେଷକଙ୍କ କହିବା କଥା, କାନାଡାର ସମ୍ପୃକ୍ତ ଅଞ୍ଚଳ ଘଞ୍ଚ ଜଙ୍ଗଲ ଆଚ୍ଛାଦିତ ହୋଇଥିବାବେଳେ ସେଠାରେ ଗବେଷଣା କଷ୍ଟକର ଥିଲା। କେବଳ ଡଙ୍ଗା ଦ୍ୱାରା ଭିତରକୁ ଯିବା ସମ୍ଭବ ହୋଇଥିଲା। ତେଣୁ ବରଫ ଯୁଗ ଶେଷବେଳକୁ ଯେଉଁଠାରେ ଜଳସ୍ତର ଆଜି ତୁଳନାରେ ଦୁଇରୁ ତିନି ମିଟର କମ ଥିଲା, ସେଠାରେ ହିଁ ଖନନ କାର୍ଯ୍ୟ କରାଯାଇଥିଲା। ଏଥିରୁ ଉପରୋକ୍ତ ଘଟଣା ସାମନାକୁ ଆସିଥିଲା। ଗବେଷକଙ୍କ କହିବା ମୁତାବକ, ବରଫ ଯୁଗ ସମୟରେ ପାଦଚିହ୍ନ ଥିବା ମାନବମାନେ ଖାଲି ପାଦରେ ସେହି ଅଞ୍ଚଳରେ ଦେଇ ଚାଲିଚାଲି ଯାଇଥିଲେ। ଚାରିଆଡ ବରଫାଚ୍ଛନ୍ନ ଥିବାରୁ ସେମାନେ ଚାଲିବା ପାଇଁ ବରଫ ମୁକ୍ତ ଥିବା ରାସ୍ତା ବାଛିଥିଲେ। ସେମାନେ ଚାଲିଥିବା ସ୍ଥାନ ଆଜି କଲଭର୍ଟ ଆଇଲାଣ୍ଡ୍‌ର ସମୁଦ୍ରକୂଳରେ ପରିଣତ ହୋଇଛି। ଅଧ୍ୟୟନରେ ଭାଗ ନେଇଥିବା ହାକାଇ ଇନ୍‌ଷ୍ଟିଚ୍ୟୁଟ ଏବଂ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ପ୍ରଫେସର ଡଙ୍କନ ମ୍ୟାକଲେରେନ କହିଛନ୍ତି, ୨୦୧୪ ରୁ ୨୦୧୬ ପର୍ଯ୍ୟନ୍ତ ଖନନ କାର୍ଯ୍ୟ ସମୟରେ ମୋଟ ୨୯ଟି ପାଦଚିହ୍ନ ମିଳିଥିଲା। ପ୍ରାୟ ୧୩ ହଜାର ବର୍ଷ ତଳର ଏହି ପାଦଚିହ୍ନ ଥିବା ମାନବ ଏସିଆରୁ ଆସି ବ୍ରିଟିଶ କଲମ୍ବିଆର ପ୍ରଶାନ୍ତ ଉପକୂଳରେ ବାସ କରୁଥିଲେ। ଉତ୍ତର ଆମେରିକାରେ ପହଞ୍ଚିଥିବା ଏହି ମଣିଷମାନେ ଏସିଆରୁ ଉପକୂଳରେ ଥିବା ବରଫମୁକ୍ତ ଭୂମି କରିଡର ଦେଇ ବର୍ତ୍ତମାନର ବ୍ରିଟିଶ କଲମ୍ବିଆକୁ ଯାଇଥିଲେ। ତେବେ ଅଧିକ ଖନନ ଓ ଅଧ୍ୟୟନ ଦ୍ୱାରା ଉତ୍ତର ଆମେରିକାର ପଶ୍ଚିମ ଉପକୂଳରେ ପ୍ରଥମ ମାନବ ବସତିର ଇତିହାସ, ସେମାନଙ୍କ ଜୀବନୀ, ବାସସ୍ଥଳୀ ଆଦି ବିଷୟରେ ବିସ୍ତୃତ ଭାବେ ଜାଣିହେବ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।

# ୨ବର୍ଷର ପୁଅକୁ ହତ୍ୟା କଲା ବାପା

**ଜୁନାଗଡ,(ସ୍ୱ.ପ୍ର)୨୨।୫**

୨ ବର୍ଷର ନିଷ୍ପାପ ପୁଅକୁ ବାପା ହତ୍ୟା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଅଭିଯୁକ୍ତ ଫେରାର ଅଛନ୍ତି । ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି । ଏହି ଘଟଣାର ଦୁଇ ଦିନ ପରେ ଶିଶୁର ମୃତଦେହକୁ ପୋଲିସ ଏକ ପୋଲ ତଳୁ ଉଦ୍ଧାର କରିଛି । ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ଜାରି ରଖିଛି ।

ପୋଲିସ ସୂଚନା ଅନୁସାରେ, କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତଳ ଜାରିଙ୍ଗ ଛକ ନିକଟରେ ଥିବା ଏକ ପୋଲ ତଳୁ ଶୁକ୍ରବାର ଏକ ୨ ବର୍ଷର ଶିଶୁର ମୃତଦେହ ମିଳିଥିଲା। ଏହାପରେ ଶିଶୁର ମା' ଯମୁନା ଶବର ତାଙ୍କ ସ୍ୱାମୀ ଶିଶୁପୁତ୍ରକୁ ମାରି ଫେରାର ହୋଇଯାଇଥିବା ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜୁନାଗଡ ଥାନା ଭାରପ୍ରାପ୍ତ ଅଧିକାରୀ ଉତ୍ତମ ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

ଭବାନୀପାଟଣା ଓ ଜୁନାଗଡ ବ୍ଲକ ସୀମାନ୍ତ ତିଲଯୋଡି ଗ୍ରାମର ଯୁଧିଷ୍ଠିର ଶବର ନିଜ ୨ ପୁଅଙ୍କୁ ଧରି ଗତ ବୁଧବାର ସନ୍ଧ୍ୟାରେ ଜାରିଙ୍ଗ ବୁଲିବାକୁ ଆସିଥିଲେ। ବାଟରେ କୌଣସି କାରଣବଶତଃ ଉତ୍‌କ୍ଷିପ୍ତ ହୋଇ ସେ ସାନପୁଅକୁ ପିଟିଥିଲେ । ଶିଶୁଟି ଅଚେତ ହେବା ପରେ ସେ ତାକୁ ପୋଲ ତଳକୁ ଫିଙ୍ଗି ଦେଇଥିଲେ। ଏହାପରେ ବଡପୁଅ (୭)କୁ ଧରି ଘରକୁ ଫେରିଥିଲେ। ସାନପୁଅକୁ ନ ଦେଖି ଯମୁନା ବଡପୁଅକୁ ଏ ନେଇ ପ୍ରଶ୍ନ କରିଥିଲେ ।

ସେ ଘଟଣା ସମ୍ପର୍କରେ ମା'ଙ୍କୁ ସବୁ କଥା କହିଥିଲେ। ଯମୁନା ସାନପୁଅକୁ ଖୋଜାଖୋଜି ଆରମ୍ଭ କରିଥିଲେ । ଶୁକ୍ରବାର ବଡପୁଅ ଘଟଣାସ୍ଥଳ ଚିହ୍ନଟ କରିବା ପରେ ଯମୁନା ଏ ନେଇ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୩୬/୨୦) ରୁଜୁ କରିଛି । ଫେରାର ଯୁଧିଷ୍ଠିରଙ୍କୁ ପୋଲିସ ଖୋଜୁଛି।

# ବିଦ୍ୟୁତ୍ କର୍ମଚାରୀଙ୍କ ବାତ୍ୟା ମୁକାବିଲାକୁ ମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ବାତ୍ୟା 'ଅମ୍ଫନ'ରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଯେଉଁ କର୍ମଚାରୀମାନେ ଦିନରାତି ଅବିରତ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭୂୟସୀ ପ୍ରଶଂସା କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମନ୍ତ୍ରୀ କହିଛନ୍ତି, ଏଭଳି ପରିସ୍ଥିତିରେ ସମସ୍ତ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟକୁ ଯେଉଁ ଉତ୍କର୍ଷ ନେତୃତ୍ୱ ପ୍ରଦାନ କରିଛନ୍ତି, ତାହା ତାଙ୍କ ଦୂରଦର୍ଶିତାକୁ ପ୍ରତିପାଦିତ କରୁଛି। ପ୍ରାୟ ୨୬-୨୭ ଲକ୍ଷ ସେସୁ, ୧୬ ଲକ୍ଷ ନେସ୍କୋ ଏବଂ ୨ ଲକ୍ଷ ସାଉଥ୍‌କୋ ବିଦ୍ୟୁତ ଉପଭୋକ୍ତା ଅମ୍ଫନ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁରୁବାର ରାତି ମଧ୍ୟରେ ହିଁ ସମସ୍ତ ଅତ୍ୟାବଶ୍ୟକୀୟ ସେବାଗୁଡ଼ିକ ପାଇଁ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରାଯାଇଛି। ଯେତେବେଳେ ଏତେ ବୃହତ୍ ସଂଖ୍ୟାରେ ଲୋକ କ୍ଷତିଗ୍ରସ୍ତ ହୋଇଥାନ୍ତି ସେକ୍ଷେତ୍ରରେ ପୁନରୁଦ୍ଧାର ସହଜ ହୋଇ ନ ଥାଏ । ଆମର ପ୍ରସ୍ତୁତି ଓ କାର୍ଯ୍ୟକୌଶଳ ବାତ୍ୟା ପୂର୍ବରୁ ଏବଂ ପରେ ଆମକୁ ଯଥେଷ୍ଟ ସାହାଯ୍ୟ କରିଛି। ପ୍ରଥମ ଥର ପାଇଁ ଆମେ ସୂର୍ଯ୍ୟଉଦୟ ବେଳକୁ ପୁନରୁଦ୍ଧାର କାର୍ଯ୍ୟ କରିବାରେ ସକ୍ଷମ ହୋଇଛୁ। ଫଳରେ ଏବେ ସୁଦ୍ଧା ୮୦ ପ୍ରତିଶତ ସେସୁ ଅନ୍ତର୍ଗତ କାର୍ଯ୍ୟ ଶେଷ ହୋଇ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇ ପାରିଛି। ନେସ୍କୋ ଅଧୀନରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି ଏବଂ ଟିମ୍‌ଗୁଡ଼ିକୁ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପ୍ରେରଣ କରାଯାଇଛି। ୧୫୮ଟି ଗ୍ୟାଙ୍ଗକୁ ନେଇ ଆସନ୍ତା ଦୁଇଦିନ ମଧ୍ୟରେ ବିଭାଗ ୯୦ରୁ ୯୫ ପ୍ରତିଶତ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ଲକ୍ଷ୍ୟ ରଖିଛି ଏବଂ ସପ୍ତାହକ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ସ୍ଥିର କରାଯାଇଛି ବୋଲି ଶକ୍ତିମନ୍ତ୍ରୀ ମିଶ୍ର କହିଛନ୍ତି।

### ଝାରସୁଗୁଡ଼ାରେ ୫ ବର୍ଷର ଶିଶୁ କରୋନା ଆକ୍ରାନ୍ତ

**ଝାରସୁଗୁଡ଼ା ଅଫିସ,୨୨।୫:**

ଝାରସୁଗୁଡ଼ା ଜିଲାକୁ ପୁଣି ଥରେ କରୋନା ଫେରିଛି। ଶୁକ୍ରବାର ଝାରସୁଗୁଡା ସହର ମଙ୍ଗଳବଜାର ଅଞ୍ଚଳର ଜଣେ ୫ ବର୍ଷର ଶିଶୁଙ୍କଠାରେ କରୋନା ଚିହ୍ନଟ ହୋଇଛି। ଏ ନେଇ ଜିଲାପାଳ ସରୋଜ କୁମାର ସାମଲ ଟୁଇଟ୍ କରି ସୂଚନା ଦେଇଛନ୍ତି। ତେବେ ଏହି ଶିଶୁ ତାଙ୍କ ପରିବାର ସହ ଆଗ୍ରାରୁ ଫେରି ଗତ ୧୬ ତାରିଖରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏଣୁ କୌଣସି ଚିନ୍ତା ନାହିଁ ବୋଲି ଜିଲାପାଳ କହିଛନ୍ତି। ଉକ୍ତ ଶିଶୁଙ୍କୁ ତୁରନ୍ତ ଝାରସୁଗୁଡ଼ା କୋଭିଡ-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଶ୍ରମିକ ସ୍ପେଶାଲ୍ ଟ୍ରେନ୍‌ରେ ଶିଶୁପୁତ୍ର ଜନ୍ମଦେଲେ ମହିଳା



ମା' ଓ ଶିଶୁକୁ ହୁଇଲ ଚେୟାରରେ ବଲାଙ୍ଗୀର ଷ୍ଟେଶନରୁ ହସ୍ପିଟାଲ ନିଆଯାଉଛି।

**ବଲାଙ୍ଗୀର ଅଫିସ,୨୨।୫**

ତେଲଙ୍ଗାନାର ବୋଲାରମ୍ ଷ୍ଟେଶନ୍‌ରୁ ବଲାଙ୍ଗୀର ଆସିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ଭିତରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳା ଶ୍ରମିକ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ବଲାଙ୍ଗୀର ଷ୍ଟେଶନ୍‌ରେ ଟ୍ରେନ୍‌ଟି ପହଞ୍ଚିବା ପରେ ମା' ଓ ନବଜାତ ଶିଶୁକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ତେଲଙ୍ଗାନାକୁ ଦାଦନ ଖଟି ଯାଇଥିବା ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ଅନ୍ତର୍ଗତ ପଖନ୍‌ମୁଣ୍ଡା ଗ୍ରାମର ଧ୍ରୁବଲେ ନାଗ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ କୁନ୍ତୀ ନାଗ ହାଇଦ୍ରାବାଦ୍‌ରୁ ଉକ୍ତ ଟ୍ରେନ୍‌ରେ ଫେରୁଥିଲେ । ଟ୍ରେନ୍‌ଟି ଟିଟିଲାଗଡ଼-ବଲାଙ୍ଗୀର ରେଲଷ୍ଟେଶନ୍ ମଝିରେ ଥିବାବେଳେ କୁନ୍ତୀଙ୍କ ପ୍ରସବ ବେଦନା ଆରମ୍ଭ ହୋଇଥିଲା । ଏହାର କିଛି ସମୟ ମଧ୍ୟରେ କୁନ୍ତୀ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଉକ୍ତ ଟ୍ରେନ୍‌ଟି ବଲାଙ୍ଗୀର ଷ୍ଟେଶନ୍‌ରେ ପହଞ୍ଚିବା ପରେ ସିଡିଏମ୍‌ଓ ଡା. ନାରାୟଣ ଥନାପତି ଓ ତାଙ୍କ ମେଡିକାଲ ଟିମ୍ ସମ୍ପୃକ୍ତା ମହିଳା ଓ ନବଜାତ ଶିଶୁଙ୍କ ଆବଶ୍ୟକ ଚିକିତ୍ସା ସହ ଉଭୟଙ୍କୁ ପ୍ରଥମେ ହୁଇଲ ଚେୟାର ଓ ପରେ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନେଇ ଏମ୍‌ସିଏଚ୍‌ରେ ଭର୍ତ୍ତି କରିଥିଲେ। ମହିଳା ଜଣକ ଅନ୍ୟ ରାଜ୍ୟରୁ ଆସିଥିବାରୁ ତାଙ୍କୁ ଅଲଗା ରଖି ଚିକିତ୍ସା କରାଯାଉଥିବା ସିଡିଏମ୍‌ଓ ଥନାପତି କହିଛନ୍ତି । ତେବେ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ସେ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି । କରୋନା ଲକ୍‌ଡାଉନ୍ ସମୟରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ଭିତରେ ପ୍ରବାସୀ ମହିଳା ଶ୍ରମିକ ଶିଶୁପୁତ୍ରକୁ ଜନ୍ମଦେବା ଓଡ଼ିଶାରେ ପ୍ରଥମ ଘଟଣା ବୋଲି କୁହାଯାଇଛି ।

# ବାଙ୍କୀରେ ଆଉ ୬ ଆକ୍ରାନ୍ତ ଚିହ୍ନଟ

- କଣ୍ଟେନ୍‌ମେଣ୍ଟ୍ ଜୋନ୍‌ରେ ଲେମ୍ବେରି ଗ୍ରାମ
- ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୮କୁ ବୃଦ୍ଧି

**ବାଙ୍କୀ,୨୨।୫(ସ୍ୱ.ପ୍ର.):**

ବାଙ୍କୀ ବ୍ଲକ୍ ଅଞ୍ଚଳରେ ଆଉ ୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ଏହି ବ୍ଲକ ଅଧୀନ କିଆପଲା ପଞ୍ଚାୟତର ୫ ଓ କଳାପଥର ପଞ୍ଚାୟତ ଲେମ୍ବେରି ଗ୍ରାମର ଜଣେ। ଘଟଣାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଶୋଧନ କରାଯିବା ସହିତ ଲେମ୍ବେରି ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ରଞ୍ଜନ ଜେନା ପ୍ରକାଶ କରିଛନ୍ତି। କିଆପଲାର ୫ଜଣଙ୍କ ମଧ୍ୟରୁ ୪ଜଣ କିଆପଲା ଗ୍ରାମର ଓ ଅନ୍ୟ ଜଣେ ଡେଙ୍ଗାଆମ୍ବ ଗ୍ରାମର। ସେମାନଙ୍କ ବୟସ ଯଥାକ୍ରମେ ; ୪୯, ୪୫, ୪୮ ଓ ୪୦ ବର୍ଷ। ଡେଙ୍ଗାଆମ୍ବ ଗ୍ରାମର ବ୍ୟକ୍ତିଙ୍କ ବୟସ୨୫ ବର୍ଷ। ୪ଜଣ ୧୫ତାରିଖରେ କୋଲକାତା ଓ ଅନ୍ୟଜଣେ ତାମିଲନାଡୁରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିଲେ। ସେମାନଙ୍କଠାରୁ ୧୯ତାରିଖରେ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଗୁରୁବାର ରାତିରେ ରିପୋର୍ଟ ହସ୍ତଗତ ହେବା ପରେ ନମୁନା ପଜିଟିଭ୍ ଥିବା ଜଣାପଡିଛି ବୋଲି ସରପଞ୍ଚ ଚକ୍ରଧର ସାହୁ ପ୍ରକାଶ କରିଛନ୍ତି। ସେହିପରି କଳାପଥର ଲେମ୍ବେରି ଗ୍ରାମର(୪୯)ବର୍ଷୀୟା ମହିଳା ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କରୋନା ପରୀକ୍ଷା କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ବାଙ୍କୀ ବିଡିଓ ପ୍ରଭାତ ସାହୁ ପ୍ରକାଶ କରିଛନ୍ତି। ଏହାପରେ ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ତହସିଲଦାର ପଦ୍ମଚରଣ ସାହୁ ଓ ବିଡିଓ ପ୍ରଭାତ ସାହୁ ଘଟଣାସ୍ଥଳକୁ ଯାଇ ସମସ୍ତଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲେ। ବାଙ୍କୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଛି। ପୂର୍ବରୁ ଏହି ଅଞ୍ଚଳରୁ ୨ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବାଙ୍କୀ ବ୍ଲକର କେନ୍ଦୁପଲି ଓ ଅନ୍ୟ ଜଣେ ଡମପଡ଼ା ବ୍ଲକର କୁଶପଙ୍ଗି ପଞ୍ଚାୟତର ରହିଥିଲେ। ଉଭୟ ଚିକିତ୍ସାଧୀନ ଅଛନ୍ତି। ଏମାନଙ୍କୁ ମିଶାଇ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮ରେ ପହଞ୍ଚିଛି।

### କଣ୍ଟାପଡ଼ାରେ ଜଣେ ପଜିଟିଭ

**କଣ୍ଟାପଡା,୨୨।୫(ଡି.ଏନ.ଏ.)**

କଟକ ଜିଲାରେ ଶୁକ୍ରବାର ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଜଣେ କଣ୍ଟାପଡା ବ୍ଲକର ବ୍ରାହ୍ମଣ ସାଇଲୋ ପଞ୍ଚାୟତର ୧୮ବର୍ଷୀୟ ଯୁବକ ଅଛନ୍ତି। ନିକଟରେ ସେ ଅହମ୍ମଦାବାଦରୁ ଆସି ସ୍ଥାନୀୟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗତ ୧୮ ତାରିଖରେ ତାଙ୍କର ଓ ସେଠାରେ ରହୁଥିବା ଅନ୍ୟ ୫ଜଣଙ୍କର ସ୍ୱାବ ସଂଗ୍ରହ କରାଯାଇଥିଲା। ବୁଧବାର ତାଙ୍କ ରିପୋଟ ପଜିଟିଭ ଆସିବାପରେ ସନ୍ଧ୍ୟାରେ କଟକସ୍ଥିତ ଅଶ୍ୱିନୀ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ତାଙ୍କ ସହିତ ରହୁଥିବା ଅନ୍ୟ ୫ଜଣଙ୍କର ରିପୋର୍ଟ ନେଗେଟିଭ ଆସିଛି ବୋଲି କଣ୍ଟାପଡା ବ୍ଲକ କୋଭିଡ ନୋଡାଲ ଅଧିକାରୀ ନିବାସ ରାଉତରାୟ କହିଛନ୍ତି।

# ୩୧୬ ଦିନରେ ୧୭୨ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସତ୍ୟବ୍ରତ।

**କବିସୂର୍ଯ୍ୟନଗର,୨୨।୫**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ, ପୋଲାଭରମ ପ୍ରକଳ୍ପ ବାତିଲ, ଓଡ଼ିଶାବାସୀଙ୍କୁ ସ୍ୱରୋଜଗାର ଇତ୍ୟାଦି ଦାବିରେ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାସ ଶୁକ୍ରବାର କବିସୂର୍ଯ୍ୟନଗର ବ୍ଲକରେ ପହଞ୍ଚି ବିଡିଓ ବାସୁଦେବ ନାୟକଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଜୁଲାଇ ୧୦,୨୦୧୯ରୁ ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିଲେ ସତ୍ୟ। ୩୧୬ ଦିନରେ ୧୭୨ ବ୍ଲକ ସହ ୫୫୦୦ କିଲୋମିଟର ପଦଯାତ୍ରା କରି ସାରିଲେଣି। ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରିର ୨୧ ପଞ୍ଚାୟତ ଜଳମଗ୍ନ ହେବ। ଲୋକେ ଭିଟାମାଟି ଛାଡ଼ିବା ସହ ଜୀବିକା ହରାଇବେ ବୋଲି ସେ ଦାବିପତ୍ରରେ ଦର୍ଶାଇଛନ୍ତି।

# ଦଣ୍ଡକୁ ଝୁରୁଛି ଗାଁ ଦାଣ୍ଡ

- ୫ ହଜାର ଦଣ୍ଡନୃତ୍ୟ କଳାକାର ଦୁର୍ଦ୍ଦିନରେ
- ଦୁଃଖ କଷ୍ଟରେ ଚଳାଉଛନ୍ତି ପରିବାର
- ସରକାରୀ ସହାୟତା ଯୋଗାଇବାକୁ ଦାବି

**(ଉପେନ୍ଦ୍ର ରାଉତ)**
**ବଅଁରପାଳ,୨୨।୫**



ଦଣ୍ଡନୃତ୍ୟର ଏକ ଦୃଶ୍ୟ।

ଲୋକକଳା ଦଣ୍ଡନୃତ୍ୟ ଓଡ଼ିଶାର ଘରେ ଘରେ ପରିଚିତ। ବିଶେଷକରି ଚୈତ୍ର ମାସରେ ଦଣ୍ଡୁଆମାନେ ଶିବ ଉପାସନା ପୂର୍ବକ ଦଣ୍ଡନୃତ୍ୟ କରିଥାନ୍ତି। ହେଲେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଜନଜୀବନରେ ଏହାର ଉପସ୍ଥିତି ଅତି ସ୍ୱତନ୍ତ୍ର। କେବଳ ବର୍ଷା ଋତୁକୁ ବାଦ୍ ଦେଲେ ବର୍ଷର ବାକି ସମୟରେ ଏହାର ଆଦର ଏଠାରେ କାହିଁରେ କେତେ। ପର୍ବପର୍ବାଣି ବ୍ୟତୀତ ସାଧାରଣ ଦିନମାନଙ୍କରେ ମଧ ଦଣ୍ଡନୃତ୍ୟ ଗାଁ ପରିବେଶକୁ ଉତ୍ସବମୁଖର କରିଥାଏ। ହେଲେ କରୋନା କଟକଣା ଯୋଗୁ ଦୁଇମାସ ହେଲା ଏହି ଲୋକକଳା କି କଳାକାରଙ୍କ ପାଦ ପଡ଼ିନି ଦୁଇ ଜିଲାରେ। ଫଳରେ ନୀରବ, ନିଶ୍ଚଳ ହୋଇଯାଇଥିବା ଏଠାକାର ଗାଁ ଦାଣ୍ଡ ଏବେ ଝୁରି ହେଉଛି ଦଣ୍ଡନୃତ୍ୟକୁ। ରୋଜଗାର ଚାଲିଯାଇଥିବାରୁ ୫ ହଜାର କଳାକାର ମଧ ପଡ଼ିଛନ୍ତି ଦୁର୍ଦ୍ଦିନରେ।

ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଦଣ୍ଡନୃତ୍ୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି କି ଦିନ ଧାର୍ଯ୍ୟ ନାହିଁ। ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରା ସହ ଅନ୍ୟ ସମୟରେ ମଧ ଏହି ଲୋକକଳାର ଆୟୋଜନ ବେଶ୍ ଧୁମ୍‌ଧାମରେ ହୋଇଥାଏ। ବିଶେଷକରି ଗାଁ ଗାଁରେ ବାଦଦଣ୍ଡ ପ୍ରତିଯୋଗିତା କରାଯାଇଥାଏ। ଏଥିରେ ୨ଟି ଦଣ୍ଡ ଅନୁଷ୍ଠାନର କଳାକାରମାନେ କଳା ପରିବେଷଣ କରିଥାନ୍ତି। ଦିନକୁ ଦିନ ଅଧିକ ପ୍ରତିଯୋଗିତା ହେଉଥିବାରୁ ଉଭୟ ଜିଲାରେ ୫ ହଜାର କଳାକାରଙ୍କୁ ନେଇ ପ୍ରାୟ ୧୫୦ ଦଣ୍ଡ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି। ଜଣେ ଜଣେ କଳାକାର ରାତିକ ପାଇଁ ୮ ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ପାରିଶ୍ରମିକ ନେଇଥାନ୍ତି। ଢେଙ୍କାନାଳ ଜିଲାରେ ଜଟିଆ, ମହୁଲପାଳ, କୂଆଲୁ, ଗୁଲେହି, ରାସୋଳ, ହିନ୍ଦୋଳ, ମୁକ୍ତାପଶି, ନୁଧୁଣି, ମଝିକା ଓ ଅନୁଗୋଳର କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, କାଣ୍ଡସର, ରନ୍ତଲେଇ, ହେମସୁରପଡା, ଗୋପୀନାଥପୁର, ନୂଆହଟା, କରଡାଗାଡ଼ିଆ, ଜୋରାଗାଡିଆ, ପୁରୁଣାଗଡ଼, ଗଡ଼ସନ୍ତ୍ରୀ, ସୋଲଡା, ଲୋକେଇପଶି ସମେତ ଏଭଳି ଅନେକ ଦଣ୍ଡ ଅନୁଷ୍ଠାନ ରହିଛି। କିନ୍ତୁ କରୋନା ଯୋଗୁ ଏହି କଳାକାରମାନେ ଏବେ ରୋଜଗାରଶୂନ୍ୟ ହୋଇଯାଇଛନ୍ତି। ପରିବାର ଚଳାଇବାକୁ ସେମାନଙ୍କ ନିକଟରେ ଅର୍ଥ ନ ଥିବା ଉତ୍କଳୀୟ ଦଣ୍ଡ ସଂସ୍କୃତି ମହାସଂଘ ସଭାପତି ହରମୋହନ ସାହୁ କହିଛନ୍ତି। ଢେଙ୍କାନାଳ ଜଟିଆ ଦଣ୍ଡ ଅନୁଷ୍ଠାନର ପରିଚାଳକ ପ୍ରଶ୍ନ ପୃଷ୍ଟି ଓ ଅନୁଗୋଳ କୁଲାଡ଼ ପାର୍ଟିର ପରିଚାଳକ ବାମଦେବ ସେଠ କହିଛନ୍ତି, କେବଳ କଳାକାର ନୁହନ୍ତି, ଦଣ୍ଡପାର୍ଟି ମାଲିକମାନେ ମଧ ପ୍ରଭାବିତ ହୋଇଛନ୍ତି। ବାଦଦଣ୍ଡ ଆୟୋଜନ ହେଉ ନ ଥିବାରୁ କଳାକାରମାନଙ୍କୁ ସେମାନଙ୍କ ପାଉଣା ଦେବା ସମ୍ଭବ ହେଉନି। କଳାକାର ରମେଶ ଚନ୍ଦ୍ର ଗଡ଼ନାୟକ ଓ ଚିନ୍ମୟ ସାମଲ କହିଛନ୍ତି, ଏଥିରୁ ହିଁ ପରିବାର ଭରଣ ପୋଷଣ କରିଥାଉ। ମାତ୍ର କରୋନା ସମସ୍ତଙ୍କ ଜୀବିକା ଛଡାଇ ନେଇଛି। ଦୀର୍ଘଦିନ ହେଲା ଘରେ ବସିଥିବାରୁ ସରକାର ସହାୟତା ଦେଲେ ଭଲ ହୁଅନ୍ତା ବୋଲି କଳାକାରମାନେ ମତ ଦେଇଛନ୍ତି।



କରୋନା ଲକ୍‌ଡାଉନ ଯୋଗୁ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଅନ୍‌ଲାଇନ୍ ପାଠପଢ଼ା ପାଇଁ ନିଷ୍ପତ୍ତି ନେଇଛନ୍ତି। ହେଲେ ଜଣେ ଅଭିଭାବକଙ୍କୁ ଅନ୍‌ଲାଇନ୍‌ରେ ପାଠପଢ଼ା ମହଙ୍ଗା ପଡ଼ିଛି। ତାଙ୍କ ଆକାଉଣ୍ଟରୁ ୮ ଲକ୍ଷ ଟଙ୍କା ଗାୟବ ହୋଇଯାଇଛି। ଉତ୍ତରପ୍ରଦେଶର ଆଜମଗଡ଼ ହେଙ୍ଗାଇପୁରରେ ରହୁଥିବା ହରିବଂଶ ଲାଲ ଶ୍ରୀବାସ୍ତବ ଅନ୍‌ଲାଇନ୍ ପାଠପଢ଼ା ପାଇଁ ପୁଅକୁ ମୋବାଇଲ୍ ଦେଇଥିଲେ। ପୁଅ ପାଠ ପଢ଼ିବା ସହ ଅନ୍‌ଲାଇନ୍ ଗେମ୍ ଖେଳିଥିଲା। ଏହି ଖେଳ ଆଳରେ ସେ ହ୍ୟାକରମାନଙ୍କ କବଳରେ ପଡ଼ିଯାଇଥିଲେ। ହ୍ୟାକରମାନେ ହରିବଂଶଙ୍କ ଡେବିଟ୍ କାର୍ଡ କପିର ଫଟୋ, ଓଟିପି ଓ ଅନ୍ୟାନ୍ୟ ସୂଚନା ନେଇ ଟଙ୍କା ହାତେଇଥିଲେ।

# ଭୂମିହୀନ କୃଷକଙ୍କୁ ସହଯୋଗ କଲେ ଜୁହି



**ମୁମ୍ବାଇ:** ପରିବେଶ ପ୍ରେମୀ କଳାକାରଙ୍କ ଭିତରେ ଜଣେ ହେଉଛନ୍ତି ବଲିଉଡ୍ ନାୟିକା ଜୁହି ଚାୱଲା। ଏବେ କରୋନା ଭାଇରସ୍ ପାଇଁ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଭୂମିହୀନ କୃଷକଙ୍କୁ ସାହାଯ୍ୟ କରିବାକୁ ଚିନ୍ତା କରିଛନ୍ତି ସେ। ସୂଚନା ମୁତାବକ, ମୁମ୍ବାଇଠାରୁ କିଛି ଦୂରରେ ଜୁହିଙ୍କ ଏକ ଫାର୍ମ ହାଉସ ବା ଚାଷ କରିବାକୁ କିଛି କ୍ଷେତ ରହିଛି। ଯେଉଁଠାରେ ବିଶେଷଜ୍ଞଙ୍କ ଦ୍ୱାରା ଜୈବିକ ଚାଷର ଅଭ୍ୟାସ କରାଯାଉଛି। ଏବେ ଏହି ସମୟରେ ସେଠାରେ ଧାନ ଚାଷ କରିବାକୁ ଭୂମିହୀନ କୃଷକମାନଙ୍କୁ ଏକ ସୁଯୋଗ ଦେଇଛନ୍ତି ଜୁହି। ନିକଟରେ ଏକ ୱେବ୍‌ସାଇଟରେ ଦେଇଥିବା ସାକ୍ଷାତ୍‌କାରରେ ଜୁହି ଏହା କହିଛନ୍ତି। ସେ କହିଛନ୍ତି, ଏହି ସମୟରେ ଭୂମିହୀନ କୃଷକମାନେ ତାଙ୍କ କ୍ଷେତରେ ଧାନଚାଷ କରିବା ସହ ଏହାର କିଛି ଅଂଶ ସେମାନେ ସେମାନଙ୍କ ପାଇଁ ରଖିପାରିବେ। ତେବେ ଏହା କୌଣସି ନୂଆକଥା ନୁହେଁ, ପୂର୍ବକାଳରେ ମଧ୍ୟ ଏପରି କରାଯାଉଥିଲା ବୋଲି ଜୁହି ମତ ଦେଇଛନ୍ତି। ତେବେ ଜୁହିଙ୍କ ଚାଷ ଜମିରେ ଚାଷ କରିବା ସମୟରେ କେବଳ ଜୈବିକ ପଦାର୍ଥରେ ଚାଷ କରାଯିବ । ଯେମିତି କୌଣସି ରାସାୟନିକ ଜମି ମଧ୍ୟକୁ ପ୍ରବେଶ ନ କରେ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି ନାୟିକା ଜୁହି ଚାୱଲା। ଏବେ ଲକ୍‌ଡାଉନ ଯୋଗୁ ସମସ୍ତେ ଏକ ପ୍ରକାର ଘରେ ବନ୍ଦଥିବା ବେଳେ ଜୁହିଙ୍କ ଏଭଳି ଚିନ୍ତାଧାରାକୁ ଅନେକେ ପ୍ରଶଂସା କରିଛନ୍ତି।

# କରୋନା ସଚେତନତା ପେଣ୍ଟିଂ

**ନୂଆଦିଲ୍ଲୀ:** କରୋନା ଭାଇରସ୍ ରୋକିବା ପାଇଁ ଦେଶର ସବୁ ସଚେତନ ନାଗରିକମାନେ ପ୍ରୟାସ ଜାରି ରଖିଛନ୍ତି। ସମସ୍ତେ ନିଜ ନିଜ ଉଦ୍ୟମରେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଲକ୍ଷ୍ୟରେ ଥାଇଲାଣ୍ଡର ଜଣେ ଷ୍ଟ୍ରିଟ୍ ଆର୍ଟିଷ୍ଟଙ୍କ ଉଦ୍ୟମ ପ୍ରଶଂସନୀୟ। ଏହି ଚିତ୍ରକର ଜଣକ କରୋନା ଭାଇରସ୍‌କୁ ନେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରାସ୍ତାକଡ଼ରେ ସୁନ୍ଦର ତଥା ପ୍ରଭାବଶାଳୀ ଚିତ୍ର ଆଙ୍କିବାରେ ଲାଗିଛନ୍ତି। କରୋନା ଭାଇରସ୍ ରୋଗୀଙ୍କ ଚିକିତ୍ସା କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନ ଜଣାଇବା ପାଇଁ ସେ ସ୍ୱତନ୍ତ୍ରଭାବେ ଚିତ୍ର ଆଙ୍କିଛନ୍ତି। ଚିତ୍ରରେ ସ୍ୱାସ୍ଥ୍ୟକର୍ମୀମାନେ କରୋନା ଭାଇରସ୍‌କୁ ବହୁ ଦୂରକୁ ନେଇ ଯାଉଛନ୍ତି। ଏଭଳି ବିଭିନ୍ନ ଥିମ୍ ନେଇ ସେ ରାସ୍ତାକଡ଼ରେ ଚିତ୍ର ଆଙ୍କୁଛନ୍ତି। ଏହି କଳାକାରଙ୍କ ନାଁ ହେଉଛି ମୁଏ ବୋନ୍ ଏବଂ ତାଙ୍କର ବୟସ ୩୭ ବର୍ଷ। କରୋନା ଭାଇରସ୍ ସଂକ୍ରମଣ ହେବା ପରେ ସେ ବିଭିନ୍ନ ସମୟରେ ଏ ସମ୍ପର୍କିତ ଚିତ୍ର ଆଙ୍କି ଲୋକଙ୍କୁ ସଚେତନ କରାଇ ଚାଲିଛନ୍ତି। ତାଙ୍କ ମତରେ ଲୋକେ କରୋନା ଭାଇରସ୍ ନେଇ ସବୁକିଛି ଜାଣିବା ଦରକାର। କରୋନା ଭାଇରସ୍ ସଂକ୍ରମଣ କିପରି ହୁଏ, କିପରି



ଭାବରେ ଏଥିରୁ ଦୂରେଇ ରହିବାକୁ ହେବ ଇତ୍ୟାଦି ବିଷୟରେ ଲୋକେ ଜାଣିଲେ ହିଁ ସତର୍କ ହୋଇପାରିବେ ବୋଲି ସେ କହନ୍ତି। ଚିତ୍ରକର ମୁଏ ବୋନ୍ ଆଗରୁ ବି ରାସ୍ତାର କାନ୍ଥମାନଙ୍କରେ ବିଭିନ୍ନ ସଚେତନତା ବାର୍ତ୍ତାଥିବା ଚିତ୍ର ଆଙ୍କି ଲୋକପ୍ରିୟତା ହାସଲ କରିଛନ୍ତି। ଏବେ କରୋନାକୁ ନେଇ ତାଙ୍କର ପେଣ୍ଟିଂଗୁଡ଼ିକେ ବି ବେଶ୍ ପ୍ରଭାବ ପକାଇ ପାରିଛି।

# ମେଣ୍ଢା ଜଗୁଛି ରୋବୋ

**ନୂଆଦିଲ୍ଲୀ:** ଚାଷକାମରେ ଆଜିକାଲି ରୋବୋ ସବୁକିଛି କରିପାରୁଛି। ଏମିତିକି ରୋବୋ ବି ମେଣ୍ଢାପଲଙ୍କୁ ନେଇ ଚରାଇ ପୁଣି ଥରେ ଘରକୁ ଫେରାଇ ଆଣିପାରେ। ଏମିତି ଏକ କାମ କରୁଥିବା ଏକ ରୋବୋର ଭିଡ଼ିଓ ଏବେ ଭାଇରାଲ୍ ହୋଇଛି। ରୋବୋଟି ସୁନ୍ଦରଭାବରେ ଏକ ମେଣ୍ଢା ପଲକୁ ନେଇ ବାହାରେ ଚରାଇ ପୁଣି ଥରେ ଶୃଙ୍ଖଳିତଭାବେ ଘରକୁ ଫେରାଇ ଆଣି ପାରୁଛି।

ରୋବୋ ଏପରି କାମ କରୁଥିବାର ଭିଡ଼ିଓଟିକୁ ଟେକ୍ନୋଲୋଜି କମ୍ପାନୀ ରୋକୋସ୍ ତାର ୟୁଟ୍ୟୁବ୍ ପେଜ୍‌ରେ ଶେୟାର କରିଛି। ଏହି ରୋବୋଟିକୁ ତିଆରି କରିଛି ବୋଷ୍ଟନ ଡାଇନାମିକ୍ କମ୍ପାନୀ। ଏହି କମ୍ପାନୀ କୃଷି କ୍ଷେତ୍ରରେ ବ୍ୟବହାର କରିବା ନିମନ୍ତେ ବହୁ ପ୍ରକାରର ଆଧୁନିକ ଯନ୍ତ୍ରପାତି ଓ ରୋବୋ ତିଆରି କରିଛି। କମ୍ପାନୀର ଏହି ନୂଆ ରୋବୋଟି ବିଭିନ୍ନ ପ୍ରକାରର କୃଷି କାମକୁ ସହଜରେ କରିପାରୁଥିବାରୁ କୃଷି ଶ୍ରମିକଙ୍କ ସଂଖ୍ୟା ବହୁତ କମ୍ ହୋଇଯାଇଥାଏ। ଅଧିକାଂଶ ଦେଶ ଏବେ କୃଷି କ୍ଷେତ୍ରରେ ରୋବୋ ବ୍ୟବହାର କରି କାମକୁ ସହଜ କରିବା ସହିତ ଅଧିକ ଉତ୍ପାଦନ କରିପାରୁଛନ୍ତି। ତେଣୁ ଚାଷୀମାନେ ଏବେ ରୋବୋ ବ୍ୟବହାର କରି ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେଉଛନ୍ତି। ଏବେ ସୋସିଆଲ୍ ମିଡିଆରେ ଏହି ରୋବୋକୁ ଦେଖି ଲୋକେ ସୁନ୍ଦର କମେଣ୍ଟମାନ ଦେବାରେ ଲାଗିଛନ୍ତି। ଭିଜୁଆଲ୍‌ଟି ଶେୟାର କରାଯିବାର ମାତ୍ର କେଇଟା ଦିନ ପରେ ଏହାକୁ ପ୍ରାୟ ୪ ଲକ୍ଷ ଲୋକ ଦେଖି ସାରିଲେଣି ଏବଂ ହଜାର ହଜାର କମେଣ୍ଟ ମିଳିଛି। ରୋବୋର ଏପରି କାମ ଦେଖି କିଛିଲୋକ ଏହାକୁ ସେନାରେ ନିୟୋଜିତ କରିବା ପାଇଁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି।




# ଅଟୋରିକ୍ସାରେ 'ହ୍ୟାଣ୍ଡୱାଶ୍' ସୁବିଧା

**ଥିରୁଭାନନ୍ତପୁରମ୍:** ଭାରତରେ ସବୁଠାରୁ ଅଧିକ ସାକ୍ଷରତା ହାର ଏବଂ ଶିକ୍ଷିତ ରାଜ୍ୟଭାବେ ପରିଚିତ କେରଳ। ଏଠାରେ ଅଧିକାଂଶ ରିକ୍ସା ଏବଂ ଅଟୋ ଚାଳକ ମଧ୍ୟ ଗ୍ରାଜୁଏଟ୍ ଡିଗ୍ରୀଧାରୀ ହୋଇଥିବା ଜାଣିବାକୁ ପାଇବେ। ତେବେ ରାଜଧାନୀ ଥିରୁଭାନନ୍ତପୁରମ୍‌ର ଅଟୋ ଚାଳକ ସୁରେଶ କୁମାର ଏମ୍‌ଙ୍କ ଶିକ୍ଷାଗତ ଯୋଗ୍ୟତା ଯାହା ହେଉନା କାହିଁକି, ସେ ନିଶ୍ଚିତଭାବେ ଶିକ୍ଷିତ ଏବଂ ସଚେତନ ତାହା ପ୍ରମାଣିତ କରିଛନ୍ତି। କରୋନା ସଂକ୍ରମଣଠାରୁ ନିଜକୁ ଏବଂ ଯାତ୍ରୀଙ୍କୁ ରକ୍ଷା କରିବା ପାଇଁ ସେ ଏକ ସୁନ୍ଦର ବ୍ୟବସ୍ଥା କରିଛନ୍ତି। ଯାତ୍ରୀମାନେ ହାତ ସଫା କରିବା ପାଇଁ ନିଜ ଅଟୋରେ ସେ ହ୍ୟାଣ୍ଡୱାଶ୍ ଓ ପାଣିର ବ୍ୟବସ୍ଥା କରିଛନ୍ତି। ଯାତ୍ରୀ ଗାଡ଼ିକୁ ଚଢ଼ିବା ପୂର୍ବରୁ ସେ ନିଜେ ହ୍ୟାଣ୍ଡୱାଶ୍ ଦେଇଥାନ୍ତି। ହାତ ଧୋଇବା ପାଇଁ ଅଟୋରେ ପିଭିସି ପାଇପ୍ ଏବଂ ଟ୍ୟାପ୍‌ର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏଥିସହ ସଂକ୍ରମଣକୁ ରୋକିବା ପାଇଁ ସେ ମାସ୍କ ଓ ଗ୍ଲୋଭ୍ସ ବ୍ୟବହାର କରିଥାନ୍ତି। ଏମିତିକି ଯାତ୍ରୀ ଏବଂ ନିଜ ମଧ୍ୟରେ ସାମାଜିକ ଦୂରତା ରଖିବା ପାଇଁ ସେ ଅଟୋ ମଧ୍ୟରେ ଏକ ସେପାରେଟର ବ୍ୟବସ୍ଥା କରିବାକୁ ମଧ୍ୟ ଚିନ୍ତା କରୁଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ, ପାଲ୍ଲିମୁକ୍କୁ ବସ୍‌ଷ୍ଟାଣ୍ଡରେ ସୁରେଶ ଅନ୍ୟ ୨୦ ଅଟୋ ଚାଳକଙ୍କୁ ନେଇ ଏକ ଟ୍ରଷ୍ଟ ମଧ୍ୟ ଗଠନ କରିଛନ୍ତି। ରୋଗୀଙ୍କ ସୁବିଧା ପାଇଁ ସେମାନେ ମାଗଣାରେ ମେଡିକାଲରେ ପହଞ୍ଚାଇବା ଏବଂ ମେଡିକାଲରୁ ଘରେ ଛାଡ଼ିବା ସେବା ଉପଲବ୍ଧ କରିଛନ୍ତି। ଟ୍ରଷ୍ଟର ନିୟମ ଅନୁଯାୟୀ ଅଟୋରେ ଜଣେ ଯାତ୍ରୀ ହିଁ ଯାଇପାରିବେ। ଗୋଟିଏ ପରିବାରର ହୋଇଥିଲେ ସର୍ବାଧିକ ୩ ଜଣ ବସିପାରିବେ। ଏଭଳି ପରିସ୍ଥିତିରେ ସୁରେଶଙ୍କୁ ସକାଳୁ ରାତି ପର୍ଯ୍ୟନ୍ତ ମେଡିକାଲଠାରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ। ତେଣୁ ଭୂତାଣୁ ସଂକ୍ରମଣରୁ ସୁରକ୍ଷା ପାଇଁ ସେ ହ୍ୟାଣ୍ଡୱାଶ୍ ବ୍ୟବସ୍ଥା କରିଥିବା କହିଛନ୍ତି। ଏବେ କେବଳ ସୁରେଶଙ୍କ ଅଟୋରେ ହ୍ୟାଣ୍ଡୱାଶ୍ ବ୍ୟବସ୍ଥା ରହିଥିବାବେଳେ ଆଗକୁ ଟ୍ରଷ୍ଟର ସମସ୍ତ ଅଟୋରେ ଏହି ସୁବିଧା ଉପଲବ୍ଧ କରିବାକୁ ସେ ଯୋଜନା କରୁଥିବା କହିଛନ୍ତି। ସୁରେଶଙ୍କ ଏଭଳି ସଚେତନତା ଓ ସତର୍କତାମୂଳକ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।



# ନୱାଜୁଦ୍ଦିନଙ୍କୁ ହ୍ୱାଟ୍ସଆପ୍‌ରେ ଛାଡ଼ପତ୍ର ନୋଟିସ

**ମୁମ୍ବାଇ:** ବଲିଉଡ୍ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକିଙ୍କୁ ତାଙ୍କ ସ୍ତ୍ରୀ ଆଲିଆ ସିଦ୍ଦିକି ଛାଡ଼ପତ୍ର ନୋଟିସ୍ ପଠାଇଛନ୍ତି। ବିବାହର ୧୦ବର୍ଷ ପରେ ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ହ୍ୱାଟ୍ସଆପ ଜରିଆରେ ନୱାଜ୍‌ଙ୍କ ପାଖକୁ ଆଇନଗତ ନୋଟିସ୍ ପଠାଇଛନ୍ତି। ଆଲିଆଙ୍କ ଆଡ୍‌ଭୋକେଟ୍ ଅଭୟ ସାହି ପ୍ରତିକ୍ରିୟା ଦେଇ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ଦେଶର ସମସ୍ତ ଡାକଘର ବନ୍ଦ ରହିଛି। ଫଳରେ ସ୍ପିଡ୍‌ପୋଷ୍ଟରେ ନୋଟିସ୍ ପଠାଯାଇ ପାରିବନାହିଁ। ସେଥିଲାଗି ହ୍ୱାଟ୍ସ ଆପ୍ ଏବଂ ଇମେଲ୍ ମାଧ୍ୟମରେ ତାଙ୍କୁ ଛାଡ଼ପତ୍ର ନୋଟିସ୍ ପଠାଯାଇଛି। ଏହି ଦମ୍ପତ୍ତି ଦୀର୍ଘଦିନ ଧରି ପରସ୍ପରଠାରୁ ଅଲଗା ରହିଆସୁଥିଲେ। ନୱାଜ୍‌ଙ୍କ ପିଲାମାନେ ତାଙ୍କ ସ୍ତ୍ରୀଙ୍କ ପାଖରେ ରୁହନ୍ତି। ନୱାଜ୍‌ଙ୍କ ବିରୋଧରେ ଆଲିଆ ଅନେକ ଗୁରୁତର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଆମର ସମ୍ପର୍କ କେବେ ବି ଭଲ ନ ଥିଲା। ଆମ ସମ୍ପର୍କରେ ସବୁବେଳେ ଟେନ୍‌ସନ୍ ଥିଲା। ମୁଁ ମୋ ସମ୍ପର୍କକୁ ବଞ୍ଚାଇବାକୁ ବହୁତ ଚେଷ୍ଟା କଲି, କିନ୍ତୁ ଶେଷରେ ମୁଁ ହାର୍ ମାନିଯାଇଛି। ଲକ୍‌ଡାଉନ୍‌ରେ ମୁଁ ଆମ ସମ୍ପର୍କ ବିଷୟରେ ବହୁତ ଭାବିଲା ପରେ ଛାଡ଼ପତ୍ର ନିଷ୍ପତ୍ତି ନେଇଛି ବୋଲି ଆଲିୟା କହିଛନ୍ତି।



# ଶିଥିଳ ହେଉଛି ପୃଥିବୀର ଚୁମ୍ବକୀୟ କ୍ଷେତ୍ର

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସହ ସାରା ବିଶ୍ୱ ଲଢୁଥିବାବେଳେ ଏବେ ଏକ ନୂଆ ସଙ୍କଟର ପଦଧ୍ୱନି ଶୁଣିବାକୁ ମିଳିଛି। ସବୁଜ ଗ୍ରହ ପୃଥିବୀର ଚୁମ୍ବକୀୟ କ୍ଷେତ୍ର (ଆର୍ଥ ମାଗ୍ନେଟିକ୍ ଫିଲ୍ଡ) ଧୀରେ ଧୀରେ ଶୀଥିଳ ପଡ଼ିବାରେ ଲାଗିଛି। ଗତ ଦୁଇ ଶତାବ୍ଦୀ ମଧ୍ୟରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ୧୦% ତୀବ୍ରତା ହରାଇ ସାରିଛି। ଜୀବଜଗତକୁ ଭୟଙ୍କର ସୌର ବିକିରଣରୁ ବଞ୍ଚାଉଥିବା ଏହି ଚୁମ୍ବକୀୟ କ୍ଷେତ୍ର ଦୁର୍ବଳ ହେବା ବଡ଼ ବିପଦ ବୋଲି କୁହାଯାଉଛି। ପୃଥିବୀରେ ଜୀବନ ସଞ୍ଚାର ଲାଗି ଚୁମ୍ବକୀୟ କ୍ଷେତ୍ର ଏକ ବଡ଼ ଆବଶ୍ୟକତା। ଏହା ସୂର୍ଯ୍ୟଙ୍କଠାରୁ ଆସୁଥିବା ରେଡିଏଶନ ଏବଂ ମହାକାଶରୁ ଆସୁଥିବା ବୈଦ୍ୟୁତିକ କଣିକା (ଆୟନ, ମଲେକ୍ୟୁଲ୍, ଅଣୁ)ରୁ ସୁରକ୍ଷିତ ରଖିଥାଏ। କାଳକ୍ରମେ ଏଥିରେ ଶିଥିଳତା ଆସିବା ଜୀବଜଗତ ଲାଗି ଶୁଭଙ୍କରୀ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆଫ୍ରିକା ଏବଂ ଲାଟିନ ଆମେରିକା ମଧ୍ୟରେ ପୃଥିବୀର ଆଭ୍ୟନ୍ତରରେ ଥିବା ବୃହତ୍ ଭୂଖଣ୍ଡ (ସାଉଥ୍ ଆଟଲାଣ୍ଟିକ ଆନୋମାଲେ)ରେ ଚୁମ୍ବକୀୟ କ୍ଷେତ୍ର ଅତିମାତ୍ରାରେ ଶିଥିଳ ପଡ଼ିବାରେ ଲାଗିଛି। ବିଶେଷକରି ଗତ ୫୦ବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ଅଧିକ ଦ୍ରୁତତର ହୋଇଥିବା ଦେଖିବାକୁ ମିଳିଛି।

ୟୁରୋପୀୟ ମହାକାଶ ଏଜେନ୍ସି (ଇଏସ୍‌ଏ)ର ବୈଜ୍ଞାନିକମାନେ ଏହାକୁ ବିଶ୍ଳେଷଣ କରିବା ଲାଗି ସ୍ୱାର୍ମ ସାଟେଲାଇଟ୍ ଡାଟାର ଉପଯୋଗ କରୁଛନ୍ତି। ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପ୍ରସ୍ତୁତ କରୁଥିବା ବିଭିନ୍ନ ଚୁମ୍ବକୀୟ ସଙ୍କେତକୁ ସ୍ୱାର୍ମ ସାଟେଲାଇଟ୍ ଚିହ୍ନିଥାଏ ଏବଂ ସେଗୁଡ଼ିକୁ ମାପ କରିଥାଏ। ଗତ ୫ବର୍ଷ ମଧ୍ୟରେ ଆଫ୍ରିକାର ଦକ୍ଷିଣ-ପଶ୍ଚିମ ଦିଗରେ କମ୍ ତୀବ୍ରତା ବିଶିଷ୍ଟ ଅନ୍ୟ ଏକ କେନ୍ଦ୍ର ବିକଶିତ ହୋଇଛି। ଏଥିରୁ ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପୃଥକ୍ ହୋଇ ଦୁଇ ଭାଗରେ ବିଭକ୍ତ ହେଉଛି। ଅନ୍ୟପଟେ ଚୁମ୍ବକୀୟ କ୍ଷେତ୍ର ଦୁର୍ବଳ ହେବାର ପ୍ରତିକୂଳ ପ୍ରଭାବ ଉପଗ୍ରହ, ମହାକାଶଯାନ ଉପରେ ପଡ଼ିବା ଆଶଙ୍କା ବେଶି। ଗ୍ରହ ଚାରିପଟେ ପରିକ୍ରମା କରିବା ସମୟରେ ଏଗୁଡ଼ିକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସର ଡା. ଜୁର୍ଗନ ମତ୍‌ଜକା ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଛନ୍ତି ଯେ, ଆଟଲାଣ୍ଟିକ ବିସଙ୍ଗତି ବିକାଶର ଯାଞ୍ଚ କରିବା ଲାଗି ପୃଥିବୀ କକ୍ଷପଥରେ ସ୍ୱାର୍ମ ସାଟେଲାଇଟ୍ ରହିଛି। ଏଥିଲାଗି ଆମେ ଭାଗ୍ୟଶାଳୀ। ତେବେ ଚୁମ୍ବକୀୟ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଏବଂ ପୃଥିବୀ ଆଭ୍ୟନ୍ତରରେ ଅହରହ ଚାଲିଥିବା ପ୍ରକ୍ରିୟାକୁ ବୁଝିବା ଏବେ ବଡ଼ ଚ୍ୟାଲେଞ୍ଜ। ଏଥିରୁ ଅନ୍ୟ ଏକ ଆଶଙ୍କା ସାମ୍ନାକୁ ଆସୁଛି। ହୁଏତ ପୃଥିବୀର ମେରୁ ବଦଳିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ଲକ୍ଷାଧିକ ବର୍ଷ ଲାଗିଯାଇପାରେ। ଏହି ସମୟ ମଧ୍ୟରେ ଗ୍ରହର ଚତୁଃପାର୍ଶ୍ୱରେ ଅନେକ ଚୁମ୍ବକୀୟ ବଳୟ ସୃଷ୍ଟି ହେବ। ତେବେ ଏହା ପ୍ରଥମ ଥର ଲାଗି ହୋଇନାହିଁ। ପ୍ରତି ସାଢ଼େ ୨ ଲକ୍ଷ ବର୍ଷରେ ଏହି ଚକ୍ରର ପୁନରାବୃତ୍ତି ହୋଇଥାଏ। ଏହି ପରିବର୍ତ୍ତନରେ ସାଧାରଣ ଜୀବନଯାତ୍ରା ବିଶେଷ ଭାବେ ପ୍ରଭାବିତ ହୋଇ ନ ପାରେ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିବା ସାଟେଲାଇଟ୍ ଏବଂ ମହାକାଶ ଯାନରେ ବୈଷୟିକ ସମସ୍ୟା ସୃଷ୍ଟି ହେବା ଥୟ। ଏହାର କାରଣ ଚୁମ୍ବକୀୟ କ୍ଷେତ୍ର ଦୁର୍ବଳ ହେବା ସହିତ ବିଶ୍ୱ ବ୍ରହ୍ମାଣ୍ଡରେ ଘୂରି ବୁଲୁଥିବା ଅବଶେଷ କଣିକା ଓଜନସ୍ତର ଭେଦି ପୃଥିବୀ ପୃଷ୍ଠ ଯାଏ ଚାଲି ଆସିବ। ଏହାଦ୍ୱାରା କକ୍ଷପଥରେ ଘୂରୁଥିବା ସାଟେଲାଇଟ୍‌ଗୁଡ଼ିକ ଲାଗି ସମସ୍ୟା ବଢ଼ିଯିବ।



**ସାଟେଲାଇଟ୍, ମହାକାଶଯାନ ପ୍ରତି ବିପଦ**

# ଡିସେମ୍ବରରେ ରିଲିଜ୍ ହେବ 'ଭୁଜ୍ ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'

**ମୁମ୍ବାଇ:** ଅଜୟ ଦେବଗନଙ୍କ ଆଗାମୀ ଫିଲ୍ମ 'ଭୁଜ୍ ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ'ର ନିର୍ମାତାମାନେ ପୁଣି ଥରେ ସେମାନଙ୍କର ମତ ବଦଳାଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ସେ ଏହି ଫିଲ୍ମର କାହାଣୀକୁ ସମୟ ସହିତ ଯୋଡିବାକୁ ଚାହୁଁଛନ୍ତି। ତେଣୁ ଭାରତୀୟ ବିଜୟ ଦିବସ ଅର୍ଥାତ୍ ଡିସେମ୍ବର ୧୬ରେ ଅଭିଷେକ ଦୁଧାୟାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ରିଲିଜ୍ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଫିଲ୍ମ ରିଲିଜ୍ ପାଇଁ ପ୍ରଥମେ ସ୍ୱାଧୀନତା ଦିବସ ସ୍ଥିର ହୋଇଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ଲକ୍‌ଡାଉନ୍ ହେବା ପରେ ଏହି ଫିଲ୍ମର ଶୁଟିଂ ମଧ୍ୟ ଶେଷ ହୋଇନାହିଁ। ଫିଲ୍ମର ଶେଷ ପର୍ଯ୍ୟାୟ ଏବେ ବି ଶୁଟିଂ ଚାଲିଛି। ତେଣୁ ଏହି ଫିଲ୍ମକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ। ବର୍ତ୍ତମାନ ନିର୍ମାତାମାନେ ଚାହୁଁଛନ୍ତି ଯେ, ଏହି ଫିଲ୍ମ ୧୯୭୧ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧର ବିଜୟ ଦିବସରେ ମୁକ୍ତିଲାଭ କରିବ। ଏହି ଫିଲ୍ମରେ ଭାରତୀୟ ବାୟୁସେନା ସ୍କାର୍ଡନ ନେତା ବିଜୟ କର୍ଣ୍ଣିକଙ୍କ କାହାଣୀ ରହିଛି। ୧୯୭୧ଯୁଦ୍ଧରେ ଯେତେବେଳେ ପାକିସ୍ତାନୀ ସେନା ଭାରତୀୟ ବାୟୁସେନାକୁ ଧ୍ୱଂସ କଲା, ବିଜୟ କର୍ଣ୍ଣିକ ତାଙ୍କ ଦଳ ସହିତ ଏହାକୁ ଦ୍ୱିତୀୟ ଥର ନିର୍ମାଣ କରିଛନ୍ତି। ପ୍ରାରମ୍ଭରେ ଫିଲ୍ମର ନିର୍ମାତାମାନେ ଆସନ୍ତା ବର୍ଷ ଜାନୁୟାରୀ ୨୬ରେ ଏହାକୁ ରିଲିଜ୍ କରିବାକୁ ଯୋଜନା କରିଥିଲେ। କିନ୍ତୁ ପରେ ଫିଲ୍ମର କାହାଣୀ ଅନୁଯାୟୀ ଭାରତୀୟ ବିଜୟ ଦିବସରେ ରିଲିଜ୍ ହେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଫିଲ୍ମରେ ଅଜୟ ଦେବଗନଙ୍କ ସହିତ ସୋନାକ୍ଷୀ ସିହ୍ନା ଏବଂ ସଞ୍ଜୟ ଦତ୍ତ ମୁଖ୍ୟ ଭୂମିକାରେ ନଜର ଆସିବେ।



## କବିତା

### କରୋନାକୁ ତଡ଼ି ଦେବା

ଦେଶେ ମାତିଛି କରୋନା
ଏହାକୁ କେହି ଡରନା,
ମିଳିମିଶି ଆମେ ଉପାୟ କରିବା
ବିଜୟ ଲଭିବା ସିନା।
ବାହାରେ ବୁଲିବା ମନା
ଯେବେ କାମ ପଡ଼େ କିନା,
ଅଭ୍ୟାସ କରିଣ ମାସ୍କ ପିନ୍ଧିଲେ
ନ ଥାଏ ରୋଗ ଯାତନା।
ଘରକୁ ଫେରିଲା ବେଳେ
ହାତ ଗୋଡ଼ ଧୋଇ ଭଲେ,
ସାନିଟାଇଜର, ହ୍ୟାଣ୍ଡୱାଶ
ବ୍ୟବହାର କଲେ
ବିପଦ ନ ଥାଏ ଭଲେ।
ଯେତେ ହୁଏ କାଶ, ଛିଙ୍କ
କପଡ଼ାରେ ମୁହଁ ଢାଙ୍କ,
ଏଣେ ତେଣେ ଛେପ ଖଙ୍କାର ନ ପକା
ପରିବେଶ ସ୍ୱଚ୍ଛ ରଖ।
ନାକ, ଆଖି ଆଉ ପାଟି
ମଇଳା ହାତରେ ଛୁଅଁ ନାହିଁ କଦାପି,
କାଶ, ଜ୍ୱର, ସର୍ଦ୍ଦି ଜଣାପଡ଼େ ଯେବେ
ଯାଅ ଡାକ୍ତର କତିକି।
ସାମାଜିକ ଦୂରତାକୁ
ଆଵର ସଙ୍ଗରୋଧକୁ
ଏପରି ସତର୍କେ ଚଳିବାକୁ ହେଲେ
ତଡିଦେବା କରୋନାକୁ।

—ମହେଶ୍ୱର ନାୟକ,
ଦୋବନ୍ଧା, ଗୋଗୁଆ,କେନ୍ଦ୍ରାପଡା

### ବିଶାଳ ସଂସାର

କେତେ ରଙ୍ଗ ଭରି ସଜାଇଛ ହରି
ଏହି ବିଶାଳ ସଂସାର,
କବି ଏକ ମୁଖ ପଞ୍ଚ ମୁଖ ହୁଏ
ବର୍ଣ୍ଣିବାକୁ ଶୋଭା ରସାର।
ଆହେ ବିଶ୍ୱପତ ହଳଦୀ ବସନ୍ତ
ଆଖିରେ ଦେଇଛ କଜ୍ଜଳ,
ବନେ ବନେ ବୁଲେ ପତରରେ ଝୁଲେ
ଦିଶୁଛି ଆହା କି ସୁନ୍ଦର।
ରଜନୀ ପାହିଲେ ପବନ ବହିଲେ
ଉଚ୍ଚେ ଡାକ ଦିଏ କୁକ୍କୁଟ,
ଝଟ ଝଟ ହୋଇ ସୁନ୍ଦର ଦିଶଇ
ତା' ମୁଣ୍ଡେ ନାଲିଆ ମୁକୁଟ।
ନୀଳ ରଙ୍ଗ ଦେହ ଦିଶେ ଚହଚହ
ନାଳି ପଟି ଶୁଆ କଣ୍ଠରେ,
ସତେକି କେ ଅବା କମ କୁଟେଇଛି
ନାଲି ରଙ୍ଗ ନୀଳ ପାଟରେ।
ପରଜାପତିର ଡେଣାରେ ଚିତର
ମାଖିଛି ସତେ କି ରଙ୍ଗରେ,
ଏ ଫୁଲୁ ସେ ଫୁଲ ଉଡି ବୁଲୁଥାଏ
ଆହା କି ସୁନ୍ଦର ଢଙ୍ଗରେ।
ତୁମ ଯଶ ଗୁଣ ବରନିବା ପାଇଁ ଦିଅ
ପ୍ରଭୁ ମୋତେ ଶକତି,
ତୁମ ପଦେ ଦେଲି କୁସୁମ ଅଞ୍ଜଳି
ସଙ୍ଗେ ମୋର ଭାବ ଭକତି।

—ଡ. ସଦାନନ୍ଦ ପରିଡ଼ା, ଅନୁଗୋଳ

# କଇଁଛର ଜୀବନ

**ସୁଧାଂଶୁ ଶେଖର ଦ୍ୱିବେଦୀ**

ପିଲାମାନେ, ଥରେ ଭାବିଲ ଦେଖି କଇଁଛର ବୟସ ସୀମା କେତେ ହୋଇପାରେ ?

– ୫୦ ବର୍ଷ ?

– ୧୦୦ ବର୍ଷ ?

– ନା, ଏହାଠାରୁ ଆହୁରି ବେଶି।

ପିଲାଏ, ଗବେଷଣାରୁ ଜଣାପଡ଼ିଛି ପୃଥିବୀରେ ରହିଥିବା ସମସ୍ତ ଜୀବଙ୍କ ଅପେକ୍ଷା କଇଁଛର ଜୀବନ ସବୁଠାରୁ ଅଧିକ। କଇଁଛ ୨୦ କୋଟି ବର୍ଷ ପୂର୍ବରୁ ପୃଥିବୀରେ ରହୁଛି ବୋଲି ଜଣାଯାଏ। ଗବେଷଣାକାରୀଙ୍କୁ ଅନ୍ୟୁନ ୧୨କୋଟି ବର୍ଷ ପୂର୍ବ କଇଁଛର ଜୀବାଶ୍ମ ମିଳିଛି। ସାପ, ଝିଟିପିଟି, କୁମ୍ଭୀର ଓ ପକ୍ଷୀଙ୍କ ପୂର୍ବରୁ କଇଁଛ ପ୍ରଥମେ ପୃଥିବୀ ପୃଷ୍ଠକୁ ଆସିଥିଲା। ତା' ଦେହରେ ଥିବା କବଚର ରଙ୍ଗ ଋତୁ ଅନୁସାରେ ନିର୍ଭର କରେ। ଗ୍ରୀଷ୍ମ ଦିନରେ ତାହା ମସୃଣ ହୋଇ ଯାଉଥିବାବେଳେ ଶୀତପ୍ରଧାନ ଦେଶରେ ସେମାନଙ୍କ କବଚ ଖୁବ୍ ଟାଣ ହୋଇଥାଏ।



ସବୁଠାରୁ ଅଧିକ ବର୍ଷ ବଞ୍ଚି ରହିଥିବା କଇଁଛ 'ହନାକ' ୨୬୬ ବର୍ଷ ଜୀବିତ ଥିଲା। ବିଶେଷଜ୍ଞଙ୍କ ମତରେ ଅନ୍ୟ ସରୀସୃପ ଜାତୀୟ ଜୀବଙ୍କ ଭଳି କଇଁଛ ଥଣ୍ଡା ରକ୍ତ ଶ୍ରେଣୀଭୁକ୍ତ ହୋଇଥାଏ। ସେଥିପାଇଁ ସକ୍ରିୟ ହେବା ଲାଗି ଶରୀରକୁ ଉଷ୍ମ ରଖିବାକୁ ପଡ଼େ। ତେଣୁ ସେମାନେ ଆଖପାଖ ବାତାବରଣରୁ ଉଷ୍ମତା ଆହରଣ କରିଥାନ୍ତି। କିନ୍ତୁ ଶୀତଦିନେ ତାପମାନ କମ୍ ହୋଇଯିବାରୁ ଖିଆପିଆ ନ କରି ନିଃଶ୍ୱାସ ପ୍ରଶ୍ୱାସର ଗତିକୁ ମନ୍ଥର କରି ଶୀତ ନିଦ୍ରାରେ ରହନ୍ତି।

୨୦ ଡେସିବଲ୍ ଶବ୍ଦ ତରଙ୍ଗରେ ଆମେମାନେ ଅନ୍ୟ କାହା ସହ କଥା ହେଲେ ଶୁଣିପାରୁ। ମାତ୍ର କଇଁଛ ତାହା ଶୁଣିପାରେନି। ତେବେ ପାଣି ଭିତରେ ବେଶ୍ ଶୁଣିପାରେ। ସେମାନଙ୍କର ଆଖି ମଧ୍ୟ ସେତେ ଠିକ୍ ନୁହେଁ, ରାତିରେ ଦେଖି ପାରୁଥିବାବେଳେ ଦିନରେ ଦେଖିବାର କ୍ଷମତା କିଛି ପରିମାଣରେ ହ୍ରାସ ହୁଏ। ପକ୍ଷୀଙ୍କ ଭଳି କଇଁଛର ଦାନ୍ତ ନ ଥାଏ। ଦାନ୍ତ ବଦଳରେ ଏକ ଧାରୁଆ ପ୍ଲେଟ ଭଳି ହାଡ଼ର ପଟା ସେମାନଙ୍କ ପାଟିରେ ଥାଏ, ଯାହା ସାହାଯ୍ୟରେ ସେମାନେ ଖାଦ୍ୟକୁ ସହଜରେ ଚୋବାଇ ଖାଆନ୍ତି। କଇଁଛର କବଚ ୬୦ ପ୍ରକାର ହାଡ଼ରେ ମିଶି ରହିଥାଏ। ସେଗୁଡ଼ିକ ଗୋଟେ ଅନ୍ୟଟିରେ ଏଭଳି ଯୋଡ଼ି ହୋଇ ରହିଥାନ୍ତି ଯାହାକୁ ଭାଙ୍ଗିବା ପାଇଁ ସେମାନଙ୍କ ଓଜନର ୨୦୦ ଗୁଣ ଅଧିକ ଓଜନର ବସ୍ତୁ ଆବଶ୍ୟକ ହୁଏ। କଇଁଛର କବଚ ତା' ଶରୀର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। କବଚଠାରୁ କଇଁଛକୁ କେବେ ଅଲଗା କରିହୁଏନି। ତାହା ତା' ଶରୀର ସହ ଯୋଡ଼ିହୋଇ ରହିଥାଏ।

ଟର୍ଟଲ ଓ ଟର୍ଟରାଇଜର ଗୋଡ଼ ଛୋଟ ତଥା ଝିଲ୍ଲୀ ନ ଥାଏ। ତେଣୁ ସେ ସ୍ଥଳଭାଗରେ ମଧ୍ୟ ରହିବାକୁ ଭଲ ପାଏ। ପୃଥିବୀରେ ସବୁଠାରୁ ପୁରୁଣା ଜୀବିତ ପ୍ରଜାତିମାନଙ୍କ ମଧ୍ୟରେ କଇଁଛର କିଛି ପ୍ରଜାତି ବିଲୁପ୍ତ ହୋଇଯିବା କାରଣରୁ ସେମାନଙ୍କ ଉଦ୍ଧାର ନିମନ୍ତେ ଏବେ ପ୍ରୟାସ ହେଉଛି।

ଦୁନିଆ ସାରା ମେ ମାସ ୨୩ ତାରିଖକୁ କଇଁଛ ଦିବସ ରୂପେ ପାଳନ କରାଯାଉଛି। ଏହି ଦିବସକୁ ପ୍ରଥମେ ୧୯୯୦ ମସିହାରେ ଆମେରିକାର ଏକ ସଂସ୍ଥା ଏଟିଆର୍ ଆରମ୍ଭ କରିଥିଲା, ଯାହା ଏପର୍ଯ୍ୟନ୍ତ ପ୍ରତିବର୍ଷ ପାଳିତ ହୋଇଆସୁଛି।

*—ବିସି-୭୪, ସେକ୍ଟର-୧, ସଲ୍ଟ ଲେକ୍, କୋଲକାତା*
*ମୋ- ୬୨୯୧୩୪୨୨୫୯*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ବିରାଟ ବଲ୍

ପିଲାଏ, ତୁମେମାନେ ତ ସମସ୍ତେ ବିଭିନ୍ନ ପ୍ରକାରର ବଲ୍‌ରେ ଖେଳିଥିବ ନିଶ୍ଚୟ। କେହି ପ୍ଲାଷ୍ଟିକ୍ ବଲ୍ ତ କେହି ରବର୍ ବଲ୍ ଇତ୍ୟାଦିରେ ଖେଳିଥିବ। ସବୁ ପ୍ରକାରର ବଲ୍ ମଧ୍ୟରୁ ଫୁଟବଲ୍ ସବୁଠୁ ବଡ଼ ଏକଥା ସମସ୍ତେ ବି ଜାଣିଥିବେ। କିନ୍ତୁ କେହି ହୁଏତ ଏମିତି ଏକ ବଲ୍ ଦେଖି ନ ଥିବେ, ଯାହାର ଉଚ୍ଚତା ୬ଫୁଟ ୭ ଇଞ୍ଚ। ବଲ୍‌ଟିକୁ ତଳେ ରଖିଲେ ତାହା ୨୬ ଫୁଟ ସ୍ଥାନ ନେଇଥାଏ। ଏଭଳି ଏକ ଭିନ୍ନ ଧରଣର ରବର୍ ବଲ୍ ତିଆରି କରି ଗିନିଜ୍ ରେକର୍ଡ କରିଛନ୍ତି ଜୋଏଲ୍ ଉଲ୍। ସେ ଏହି ବଲ୍‌ଟିର ନାଁ ରଖିଛନ୍ତି 'ମେଗାଟନ୍'।

ଏହି ବଲ୍‌ଟି କେବଳ ରବର ବ୍ୟାଣ୍ଡରେ ତିଆରି ହୋଇଛି। ବଲଟିକୁ ତିଆରି କରିବା ପାଇଁ ଜୋଏଲଙ୍କୁ ୫ ବର୍ଷ ସମୟ ଲାଗିଥିଲା ଏବଂ ଏଥିରେ ମୋଟ ୭୩୦,୦୦୦ଟି ରବର ବ୍ୟାଣ୍ଡ ବ୍ୟବହାର କରାଯାଇଛି ଏବଂ ଏହାର ଓଜନ ୯,୦୩୨ ପାଉଣ୍ଡ। ଏହି ବଲ୍‌ଟି ଏବେ ଓରଲାଣ୍ଡୋର ଏକ ମ୍ୟୁଜିୟମରେ ରହିଛି। ଏହାକୁ ଉଠାଇବାକୁ କ୍ରେନ୍‌ର ସାହାଯ୍ୟ ନିଆଯାଏ।




## ଆଇନା



ଦୀପ୍ତିମୟୀ
୮ ବର୍ଷ

# ଜାଣିଛ କି



- ଚିଙ୍ଗୁଡିର ହାର୍ଟ (ହୃତପିଣ୍ଡ) ତା' ମୁଣ୍ଡରେ ଥାଏ।
- ଗୋଟିଏ ଗେଣ୍ଡା ପାଖାପାଖି ତିନିବର୍ଷ ପର୍ଯ୍ୟନ୍ତ ଶୋଇପାରେ।
- ହାତୀ ଏପରି ଏକ ପ୍ରାଣୀ ଯିଏ କି କଦାପି ଡେଇଁ ପାରେ ନାହିଁ।
- ଗୋଟିଏ ଗାଈ ତା' ଜୀବନକାଳ ମଧ୍ୟରେ ପାଖାପାଖି ୨୦୦୦୦୦ ଗ୍ଲାସ କ୍ଷୀର ଦେଇଥାଏ।
- ବେଙ୍ଗ କେବେ ବାନ୍ତି କରେ ନାହିଁ।
- ସବୁଠାରୁ କ୍ଷୁଦ୍ରତମ ପକ୍ଷୀ ହମିଙ୍ଗବାର୍ଡ। ଏହାର ଓଜନ ହେଉଛି ମାତ୍ର ୧.୬ ଗ୍ରାମ।
- ଗୋଟିଏ ପକ୍ଷୀର ହୃଦସ୍ପନ୍ଦନ ଗୋଟିଏ ମିନିଟ୍‌କୁ ୪୦୦ ଥର ହୋଇଥାଏ।
- ଗୋଟିଏ ପେଙ୍ଗୁଇନ୍ ଏକାଥରେ ଛଅ ଫୁଟ ଦୂରକୁ ଡେଇଁପାରେ।
- ଆମେ ଜାଣିଛେ ଯେ ସାପର କାନ ନାହିଁ। ହେଲେ ଏହି ଜୀବ କିପରି ଶୁଣିପାରେ ଜାଣନ୍ତି ? ସାପ ତା' ଜିଭ ଦ୍ୱାରା ଶୁଣିପାରେ।

## ଖିଲିଖିଲି ହସ

- ଥରେ ରାମୁ ଗୋପାଳକୁ ପଚାରିଲା, ଆରେ ରାମୁ, ତୁ ଚାଇନା ଭାଷା ପଢ଼ିପାରିବୁ? ଏକଥା ଶୁଣି ରାମୁ କହିଲା, ଯଦି ଚାଇନା ଭାଷା ହିନ୍ଦୀ କିମ୍ବା ଇଂରାଜୀରେ ଲେଖା ହୋଇଥିବ ତେବେ ତାହାକୁ ମୁଁ ଭଲ ଭାବରେ ପଢ଼ିପାରିବି।

*—ଅନନ୍ୟା ରାଉତ, ଯାଜପୁର*

- ପରୀକ୍ଷା ଫଳ ବାହାରିବା ପରେ ଜିପୁନ୍ ପ୍ରୋଗ୍ରେସ ରିପୋର୍ଟ ଧରି ତା' ବାପାଙ୍କ ପାଖରେ ପହଞ୍ଚି କହିଲା, ବାପା, ଆଜି ଆମର ରେଜଲ୍ଟ ବାହାରିଛି। ଆଉ ମୁଁ ଭାରି ଖୁସି। ତା' ବାପା ପଚାରିଲେ, ତୁ କ'ଣ ଏଥର କ୍ଲାସ୍‌ରେ ଫାଷ୍ଟ ହୋଇଛୁ ? ଜିପୁନ୍ ଉତ୍ତର ଦେଲା, 'ନା, ବାପା, ମୁଁ କ୍ଲାସରେ ଫାଷ୍ଟ ହୋଇନି। ଏଥର ମଧ୍ୟ ଫେଲ୍ ହୋଇଛି। ଆଉ ଖୁସି କଥା ହେଲା, ଗତ ବର୍ଷ ପରି ଏବର୍ଷ ମଧ୍ୟ ଆପଣଙ୍କୁ ମୋ ପାଇଁ ନୂଆ ବହି କିଣିବାକୁ ପଡିବ ନାହିଁ।

*—ପ୍ରୀତମ ସାହୁ, ବାଲେଶ୍ୱର*

- ପପୁ– ମା' ସବୁ ଖେଳନା ଖଟ ତଳେ ଲୁଚେଇ ଦେ।
  ମା'– କାହିଁକି
  ପପୁ– ଆଜି ମୋ ସାଙ୍ଗ ଡବ୍ଲୁ ଆସୁଛି।
  ମା'– ଡବ୍ଲୁ କଣ ତୋ ଖେଳନା ଚୋରୀ କରି ନେବ ?
  ପପୁ– ନା, ସେ ତା ନିଜ ଖେଳନା ସବୁ ଚିହ୍ନି ଦେବ।

*—ରବି ନାରାୟଣ ପରିଜା, ରାହାମା*

## ଶିଶୁ ପ୍ରତିଭା

# ଅଭିନୟ ଯାହାର ନିଶା

କଳାଜଗତ ପ୍ରତି ତାଙ୍କର ଥିଲା ଅହେତୁକ ଆକର୍ଷଣ। ସେଥିପାଇଁ ତ ସେ ଅଭିନୟ ଦୁନିଆରେ ପାଦ ଦେଇଥିଲେ ମାତ୍ର ୧୦ ବର୍ଷ ବୟସରୁ। ମନୋରଞ୍ଜନ ଦୁନିଆରେ ଆଜି ସେ ଜଣେ ଲୋକପ୍ରିୟ ଶିଶୁ କଳାକାର। ଉଭୟ ସିନେମା ଓ ଧାରାବାହିକରେ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିବା ଏହି ଶିଶୁ କଳାକାରଜଣକ ହେଉଛନ୍ତି ବିଶ୍ୱନାଥ ପରିଡ଼ା।



ବିଶ୍ୱନାଥ

ବିଶ୍ୱଙ୍କର ଜନ୍ମ କଟକ ବିଡ଼ାନାସୀର ଶୁଭଦ୍ରାନଗରରେ ୨୦୦୮ ଫେବୃୟାରୀ ୨୫ ତାରିଖରେ ହୋଇଥିଲା। ମା' ସୁପ୍ରଭା ପରିଡ଼ା ଓ ବାପା ହରିହର ପରିଡ଼ାଙ୍କର ଏହି ପୁତ୍ର ଏବେ କଟକ ସିଡିଏସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଷ୍ଟାଣ୍ଡାର୍ଡ-୭ର ଛାତ୍ର। ପାଠପଢ଼ା ସହିତ ସେ ଅଭିନୟ ଦୁନିଆରେ ସକ୍ରିୟଭାବେ ଜଡ଼ିତ। ଅଭିନୟ ପାଇଁ ତାଙ୍କ ମନରେ ଛୋଟବେଳରୁ ରହିଥିଲା ସ୍ୱତନ୍ତ୍ର ଆଗ୍ରହ। ସେଥିପାଇଁ ସେ ବିଡ଼ାନାସୀରେ ଥିବା ଜୟଗୁରୁ କଳାକେନ୍ଦ୍ରରେ ନୃତ୍ୟ ଶିକ୍ଷା କରିଥିଲେ। ଏହାପରେ ଅଭିନୟ ଦୁନିଆରେ ପାଦ ରଖିଥିଲେ। ବୟସ କମ୍ ହେଲେ ବି ଜଣେ ପୋଖତ କଳାକାର ଭଳି ତାଙ୍କର ଅଭିନୟ। ସେଥିପାଇଁ ଖୁବ୍‌ଶୀଘ୍ର ସେ କଳାଜଗତରେ ସ୍ୱତନ୍ତ୍ର ପ୍ରତିଭାର ପରିଚୟ ଦେଇ ପାରିଛନ୍ତି।

ବିଶ୍ୱଙ୍କୁ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଥିଲା ଓଡ଼ିଆ ସିନେମା 'ପ୍ରେମ କୁମାର'ରେ। ତା' ପରଠାରୁ ସେ 'ବିଶ୍ୱନାଥ, ଜଙ୍ଗଲ, ସୁପର ଖିଲାଡ଼ି, ହିରାଲାଲ୍ ମୋତିଲାଲ୍, ହେ ମୋର୍ ଦିଲ୍, ବନ୍ଧନ' ଆଦି ସିନେମାରେ ଶିଶୁ କଳାକାରଭାବେ ଅଭିନୟ କରି ପ୍ରଶଂସିତ ହୋଇପାରିଛନ୍ତି। ଦିଲ୍ ଦରିୟା, କୁଇନ୍, ହାର୍ଟଷ୍ଟ୍ରିଙ୍ଗ୍, ସଞ୍ଜୁ ଭଳି ଶର୍ଟ ଫିଲ୍ମରେ ବି ସେ ଅଭିନୟ କରିଛନ୍ତି। କେବଳ ସିନେମା କିମ୍ବା ଫିଲ୍ମରେ ତାଙ୍କ ଅଭିନୟ ସୀମିତ ହୋଇ ରହିନାହିଁ। ବିଭିନ୍ନ ପ୍ରକାରର ଷ୍ଟେଜ୍ ଶୋ ଏବଂ ଧାରାବାହିକରେ ମଧ୍ୟ ସେ ଅଭିନୟ କରିଛନ୍ତି। ଜି ସାର୍ଥକର ଧାରାବାହିକ ସରଗମ୍, ମୁଁ ବି ଅର୍ଦ୍ଧାଙ୍ଗିନୀ, ରହିଚି ରହିବି ତୋରି ପାଇଁ ଏବଂ ତରଙ୍ଗର ସିଷ୍ଟର ଶ୍ରୀଦେବୀ, କାଳିଜାଇ, ତାରାତାରିଣୀ, ନ୍ୟୁ ୱାର୍ଲଡର ଅସମୟେ ହୁଏ ଅନ୍ଧାର ଏବଂ ପ୍ରାର୍ଥନାର ବିଭିନ୍ନ ଭଜନ ସହିତ ତରଙ୍ଗ ମ୍ୟୁଜିକ୍ ଆଲବମ୍ ଗୀତରେ ମଧ୍ୟ ସେ ଅଭିନୟ କରିଛନ୍ତି। ଏଥର ବାଲିଯାତ୍ରାରେ ମଧ୍ୟ ସେ ସ୍ୱତନ୍ତ୍ରଭାବେ ଷ୍ଟେଜ୍ ପରଫରମାନ୍ସ କରିଥିଲେ।

## ଟଗଲା ଭୀମୁ




## ତୁମ ତୂଳୀରୁ





ଅନନ୍ୟା ରୁପାଲି ତ୍ରିପାଠୀ
କ୍ଲାସ୍- ପଞ୍ଚମ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି






ରିୟାନ୍ସ ପଣ୍ଡା
କ୍ଲାସ୍- ପ୍ରଥମ, ରବୀନ୍ଦ୍ର ଭାରତୀ ଗ୍ଲୋବାଲ୍ ସ୍କୁଲ୍, ବାଙ୍ଗାଲୋର୍





ଅଙ୍କିତା ଦାସ
କ୍ଲାସ-୯, ଷ୍ଟୁଆର୍ଟ ସ୍କୁଲ, ସିଆର୍‌ପି, ଭୁବନେଶ୍ୱର

## ମତାମତ

- ଏହି ପୃଷ୍ଠାରେ ପ୍ରକାଶିତ ଖିଲିଖିଲି ହସ ମୋତେ ଖୁବ୍ ଭଲ ଲାଗୁଛି ।

*—ଶାଶ୍ୱତ କୁମାର ସାହୁ, ଢେଙ୍କାନାଳ*

- ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ତଥା ଶିକ୍ଷଣୀୟ ହୋଇଥିଲା।

*—ଅମିତ କୁମାର ରାଉତ, ଯାଜପୁର*

- ଗତ ସପ୍ତାହରେ 'ବିଜ୍ଞାନ କଥା' ସ୍ତମ୍ଭରେ ପ୍ରକାଶିତ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇପାରିଛି।

*—ତନୁଜା ଦାସ, ପୁରୀ*

- 'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସବୁ ସ୍ତମ୍ଭ ପଠନୀୟ ଏବଂ ଶିକ୍ଷଣୀୟ ହୋଇପାରୁଛି।

*—ପୁଣ୍ୟତୋୟା ମହାନ୍ତି, ବଡବିଲ, କେନ୍ଦୁଝର*

- ଏହି ପୃଷ୍ଠାର ଆଇନା ସ୍ତମ୍ଭ ଆକର୍ଷଣୀୟ ହୋଇପାରୁଛି।

*—ସୀମରନ୍ ନାୟକ, ପାରାଦୀପ, ଜଗତସିଂହପୁର*

- ଗତ ସପ୍ତାହରେ ପ୍ରକାଶିତ ଗପ ବେଶ୍ ଶିକ୍ଷଣୀୟ ହୋଇଥିଲା।

*—ରୋଜାଲିନ୍ ସାହୁ, ସୁନାବେଡା, କୋରାପୁଟ*

- ଗିନିଜ ୱାର୍ଲ୍ଡ ରେକର୍ଡ ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି।

*—ପ୍ରଦୀପ କୁମାର ଦାସ, ପୁରୀ*

ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ପଢ଼ି ଭଲ ଲାଗିଲା।

*—ସନାତନ ରାଉତ, ରେଢ଼ାଖୋଲ*

## ସଂକ୍ଷେପରେ

### ଏକାନ୍ତବାସରେ ୬ ଡାକ୍ତରଙ୍କ ସମେତ ୨୧

କଟକ ଅଫିସ,୨୨।୫- କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ସନ୍ତାନ ପ୍ରସବ କରିଥିବା ଜଣେ ମହିଳାଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସିଛି। ଗୁରୁବାର ତାଙ୍କର ରିପୋର୍ଟ ପଜିଟିଭ୍ ଆସିବା ପରେ ୱାର୍ଡ଼ରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ପ୍ରସବ କରାଇଥିବା ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ୬ ଜଣ ଡାକ୍ତର, ୧୨ ଜଣ ଷ୍ଟାଫ୍‌ନର୍ସ ଏବଂ ୩ ଜଣ ସଫେଇ କର୍ମଚାରୀଙ୍କୁ ଏକାନ୍ତବାସରେ ପଠାଯାଇଛି। ଅନ୍ୟପଟେ ୱାର୍ଡ଼କୁ ବିଶୋଧନ କରାଯାଇଛି। ରବିବାର ସମସ୍ତଙ୍କର ସ୍ୱାବ୍ ସଂଗ୍ରହ ସହ କରୋନା ପରୀକ୍ଷା କରାଯିବ। ଅନ୍ୟପଟେ ଉକ୍ତ ମହିଳାଙ୍କୁ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲ୍‌କୁ ପଠାଯାଇଥିବା ସୂଚନା ମିଳିଛି। ମହିଳା ଜଣକ ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ସୂଚନା ଅନୁଯାୟୀ, ମହିଳାଙ୍କ ଘର ପୁରୀ ଜିଲାରେ। ସେ ଅହମ୍ମଦାବାଦରୁ ଫେରିବା ପରେ ଏକ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ପ୍ରସବ ବେଦନା ପରେ ତାଙ୍କୁ କଟକ ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସେ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କ ସନ୍ତାନଙ୍କ ମଧ୍ୟ କରୋନା ପରୀକ୍ଷା କରାଯିବ।

### ୩୧ ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



କୋଣାର୍କ,୨୨।୫(ଡି.ଏନ.ଏ.)- କୋଣାର୍କ ଥାନା ଅନ୍ତର୍ଗତ ଗୋପ ବ୍ଲକ୍ ଶିମିଳି ପଞ୍ଚାୟତରେ ପ୍ରବାସୀ ଓଡ଼ିଆଙ୍କ ନିମନ୍ତେ ୫ଟି ସ୍ଥାନରେ ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ ହୋଇଛି। ଅନସରା ଗ୍ରାମର ରୁଦ୍ରାଣୀ ହାଇସ୍କୁଲ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥ ୨ଟି ସଙ୍ଗରୋଧ କେନ୍ଦ୍ରରେ ୩୧ଜଣ ପ୍ରବାସୀ ରହିଛନ୍ତି। ଶୁକ୍ରବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଶିବପ୍ରସାଦ ମଙ୍ଗରାଜ, ସ୍ୱାସ୍ଥ୍ୟ କର୍ମଚାରୀ ସଚ୍ଚିଦାନନ୍ଦ ମଲ୍ଲିକ, ଗୋପୀନାଥ ପାତ୍ର ଓ ଆଶାକର୍ମୀ ନଳିନୀ ଖୁଣ୍ଟିଆ ନୂଆଗାଁ ସଙ୍ଗରୋଧ କେନ୍ଦ୍ରରେ ୧୩ଜଣ ପୁରୁଷ ଓ ମହିଳାଙ୍କ ସମେତ ଜଣେ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରିଛନ୍ତି। ଏହାପୂର୍ବରୁ ଅନସରାସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ୧୭ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ କରୋନା ସମ୍ପର୍କିତ କୌଣସି ଲକ୍ଷଣ ପ୍ରକାଶ ପାଇନାହିଁ। ଉଭୟ କେନ୍ଦ୍ରର ପରିଚାଳନାରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କର ଆନ୍ତରିକ ସହଯୋଗ ଜାରି ରହିଛି ବୋଲି ଶିମିଳି ସରପଞ୍ଚ କାଞ୍ଚନବାଳା ସେଠ୍ ପ୍ରକାଶ କରିଛନ୍ତି।

### ପୁସ୍ତକ 'ଘାସଫୁଲ' ଉନ୍ମୋଚିତ

କଣାସ,୨୨।୫(ସ୍ୱ.ପ୍ର.): କଣାସ ବ୍ଲକ ବୈଦ୍ୟନାଥପାଟଣାସ୍ଥିତ ବାବା ବୈଦ୍ୟନାଥ ମନ୍ଦିରରେ ନାଟ୍ୟଗୌରବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ଘାସଫୁଲ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଛି। ପୂଜ୍ୟପୂଜା ସଂସ୍କୃତି ପରିଷଦ ସଭାପତି ଲକ୍ଷ୍ମୀଧର ପାଢୀ, ଅଧାପକ ସୁନିଲ ମିଶ୍ର, ମହେନ୍ଦ୍ର ରଣସିଂହ, ଡମ୍ବରୁଧର ସୁନ୍ଦରାୟ, ମିନତି ପଟ୍ଟନାୟକ, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ।

### ପ୍ରବାସୀଙ୍କ ଲାଗି ଖୋଲିଲା ସହାୟତା କେନ୍ଦ୍ର

ଭୁବନେଶ୍ୱର, ୨୨।୫(ବ୍ୟୁରୋ): ସାରା ବିଶ୍ୱକୁ ଏବେ କରୋନା ମହାମାରୀ କବଳିତ କରି ରଖିଥିବା ବେଳେ ପ୍ରବାସୀ ଶ୍ରମିକମାନଙ୍କ ଚିନ୍ତା ବହୁ ମାତ୍ରାରେ ବଢିଯାଇଛି। ଆର୍ଥିକ ଅଭାବ ଏବଂ କାମ ହରାଇବା ପରେ ପ୍ରବାସୀମାନେ ଚାଲି ଚାଲି ନିଜ ରାଜ୍ୟକୁ ଫେରିବାରେ ଲାଗିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ଚାଲିଚାଲି ଯାଉଥିବା ଶ୍ରମିକମାନଙ୍କ ଯତ୍ନ ନେବା ଲାଗି ସମସ୍ତଙ୍କୁ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କୁ ତାଙ୍କ ଅଞ୍ଚଳରେ ପହଞ୍ଚାଇବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ ସମ୍ମାନ ଜଣାଇ ପାତ୍ରପଡ଼ାଠାରେ ବିଜେଡି ଛାତ୍ର ଜନତା ଦଳ ସଭାପତି ରାଣାପ୍ରତାପ ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ଏହାକୁ ବିଏମ୍‌ସି ଉପକମିଶନର ଲିଲନ ସାହୁ ଉଦ୍‌ଘାଟନ କରିଛନ୍ତି। ସହାୟତା କେନ୍ଦ୍ର ଦେଇ ନିଜ ରାଜ୍ୟକୁ ବା ଅଚ୍ଳଳକୁ ଫେରୁଥିବା ଶ୍ରମିକମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ପ୍ରବାସୀମାନଙ୍କ ଲାଗି ଏଠାରେ ଶୁଖିଲା ଓ ରନ୍ଧାଖାଦ୍ୟ ସହ ପାନୀୟଜଳ ବ୍ୟବସ୍ଥା ମଧ କରାଯାଉଛି। ଏଥିସହ ସେମାନଙ୍କୁ ନିଜ ଅଞ୍ଚଳକୁ ଯିବା ଲାଗି ଯେଉଁ ଗାଡ଼ି ପାଖକୁ ଯିବା କଥା ସେଠାରେ ପହଞ୍ଚାଯାଉଛି।

# ମନ୍ଦିରରୁ ଫେରାଇଦେଲା ପୋଲିସ

କଟକ/ଖୋର୍ଦ୍ଧା ଅଫିସ,୨୨।୫

ଲକ୍‌ଡାଉନ୍ କଟକଣା ଭିତରେ କଟକ ସହରର ମହିଳାମାନେ ନିରାଡମ୍ବର ଭାବେ ସାବିତ୍ର ବ୍ରତ ପାଳିଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ସହରର ସବୁ ଦେବାଳୟ ବନ୍ଦ ରହିଥିବା ବେଳେ ପୂଜାର୍ଚ୍ଚନା ପାଇଁ ମହିଳାମାନେ ଭିଡ଼ ଜମାଇଥିଲେ। କିନ୍ତୁ ପୋଲିସ ସେମାନଙ୍କୁ ତାଗିଦ କରି ଫେରାଇ ଦେଇଛି।

ସହରର କଟକଚଣ୍ଡୀ ମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ଗଡ଼ଗଡ଼େଶ୍ୱର ଆଦି ମନ୍ଦିରଗୁଡ଼ିକୁ ପୋଲିସ ବନ୍ଦ କରିଥିଲା। ଫଳରେ ପୁରୀଘାଟସ୍ଥିତ ଦେବୀଗଡ଼ା ଘାଟ ନିକଟରେ ଥିବା ଏକ ବରଗଛ ମୂଳେ ବିହାରୀ ସମ୍ପ୍ରଦାୟର ମହିଳାମାନେ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବାଦାମବାଡି ନ୍ୟୁ ଏଲ୍‌ଆଇସି କଲୋନୀରେ ଥିବା ଏକ ଶିବ ମନ୍ଦରେ ସ୍ଥାନୀୟ ଅଞ୍ଚଳର କେତେକ ମହିଳା ମନ୍ଦିର ଫାଟକ ବନ୍ଦକରି ପୂଜା କରୁଥିଲେ। ବାଦାମବାଡ଼ି ଥାନା ପୋଲିସ ଖବର ପାଇ ମନ୍ଦରରେ ପହଞ୍ଚିଥିଲା। ପୂଜା ବନ୍ଦ କରିବା ସହ ସେମାନଙ୍କୁ ସେଠାରୁ ବିଦା କରିଥିଲା। ଚଳିତବର୍ଷ ଅଧିକାଂଶ ମହିଳା ସାବିତ୍ରୀ ବ୍ରତ ନିଜ ନିଜ ଘରେ ପାଳିବାକୁ ବାଧ ହୋଇଥିଲେ।

## ଘରେ ପାଳିଲେ ବ୍ରତ



କଟକ ଚଣ୍ଡୀଛକସ୍ଥିତ ଶୈବପୀଠରେ ଶୁକ୍ରବାର ପୋଲିସ ଜଗିରହିଛନ୍ତି ।

ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ମନ୍ଦିରରେ ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ କଟକଣା ଜାରି କରାଯାଇଥିଲା। କେତେକ ମନ୍ଦିରର ଦୈନିକ ନୀତି ସରିବା ପରେ ପୋଲିସ ମନ୍ଦିର ବନ୍ଦ କରିଦେଇଥିଲେ। ଫଳରେ ମହିଳାମାନେ ନିରାଶ ହୋଇ ଘରେ ପୂଜା କରିଥିଲେ। ସୂଚନା ଅନୁଯାୟୀ, ସ୍ଥାନୀୟ ମଙ୍ଗଳା ମନ୍ଦିର, ଗାୟତ୍ରୀ ମନ୍ଦିର, ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର, ଲକ୍ଷ୍ମୀ ନାରାୟଣ, ମଳିପୁରସ୍ଥିତ ଶୈବପୀଠ ସମେତ ବିଭିନ୍ନ ସ୍ଥାନରେ ମନ୍ଦିରରେ ସକାଳୁ ମହିଳାମାନେ ବିଭିନ୍ନ କିସମର ଫଳ, ଶାଢି, ଶଙ୍ଖା, ସିନ୍ଦୂର ଧରି ମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ମହିଳାଙ୍କ ପ୍ରବେଶ ଉପରେ କଟକଣା କରିଥିଲେ। ମନ୍ଦିରରୁ ମହିଳାଙ୍କୁ ବାହାର କରି ବନ୍ଦ କରିବାକୁ ପୂଜକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମହିଳାମାନେ ନିରାଶ ହୋଇ ଘରେ ପୂଜାର୍ଚ୍ଚନା କରିଥିଲେ। କେତେକ ସାହିରେ ମହିଳାମାନେ ସାମୂହିକ ଭାବେ ଏକାଠି ହୋଇ ଘରେ ପୂଜା ଆୟୋଜନ କରିଥିଲେ।

### ମହିଳା କଏଦୀ ପାଳିଲେ ସାବିତ୍ରୀ ବ୍ରତ

ଚୌଦ୍ୱାର,(ଡି.ଏନ୍.ଏ.):

ଚୌଦ୍ୱାର ସର୍କଲ ଜେଲରେ ଥିବା ମହିଳା କଏଦୀମାନେ ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଜେଲର ଅବିନାଶ ବେହେରାଙ୍କ ପ୍ରତ୍ୟକ୍ଷ ଆୟୋଜନରେ ଜେଲର ୪୦ଜଣ ସଧବା ମହିଳା ଜେଲ ପରିସରରେ ସାମାଜିକ ଦୂରତା ରକ୍ଷାକରି ବ୍ରତ ପାଳନ କରିବା ସହିତ ସ୍ୱାମୀମାନଙ୍କର ଶୁଭ ମନାସି ଥିଲେ। ଜେଲ ତରଫରୁ ମହିଳାମାନଙ୍କୁ ନୂତନ ଶାଢ଼ି,ଶଙ୍ଖା, ସିନ୍ଦୂର ଏବଂ ଭୋଗରାଗ ଆଦି ପ୍ରଦାନ କରାଯାଇଥିଲା।



କଟକର ମାଲଗୋଦାମ ଅଞ୍ଚଳରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳୁଛନ୍ତି ।

## କରୋନାରୁ ମୁକ୍ତି ପାଇଁ କିନ୍ନରଙ୍କ ପୂଜାର୍ଚ୍ଚନା

କଟକ/ପୁରୀ ଅଫିସ,୨୨।୫

କଟକର ମାଲଗୋଦାମ ଅଞ୍ଚଳରେ ବସବାସ କରୁଥିବା ୩୦ରୁ ଊର୍ଦ୍ଧ୍ୱ କିନ୍ନର ଶୁକ୍ରବାର ସାବିତ୍ରୀ ବ୍ରତ ପାଳିଛନ୍ତି। ପ୍ରତିବର୍ଷ ମାଲଗୋଦାମ ଅଞ୍ଚଳରେ ସାଜସଜ୍ଜା ସହ ଏହାକୁ ଧୁମ୍‌ଧାମ୍‌ରେ ପାଳୁଥିବା କିନ୍ନରମାନେ କିନ୍ତୁ ଏଥର ଲକ୍‌ଡାଉନ୍ କଟକଣା ପାଇଁ ନିରାଡମ୍ବର ଭାବେ ପାଳନ କରିଛନ୍ତି। ନିକଟସ୍ଥ ମଙ୍ଗଳା ମନ୍ଦିରରେ ଶାଢ଼ି ଓ ଫଳମୂଳ ମା'ଙ୍କ ପାଖରେ ପୂଜା କରାଯାଇଥିଲା। ନିଜ ଗୁରୁ ଓ ବିଶ୍ୱବାସୀଙ୍କ ମଙ୍ଗଳକାମନା କରି ସେମାନେ ଏହି ଉପବାସ ରଖି ଏହି ବ୍ରତ ପାଳନ କରିଛନ୍ତି। ଗୁରୁଙ୍କ ନାମରେ ମଥାରେ ସିନ୍ଦୁର ଲଗାଇଛନ୍ତି। କରୋନା ମହାମାରୀଠାରୁ ବିଶ୍ୱକୁ ରକ୍ଷା କରିବା ପାଇଁ ଭଗବାନଙ୍କ ନିକଟରେ ସେମାନେ ପ୍ରାର୍ଥନା କରିଥିବା କଟକ କିନ୍ନର ମହାସଂଘ ସଭାପତି କାଜଲ ନାୟକ କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା ସହ ମୁହଁରେ ମାସ୍କ ଲଗାଇ ସେମାନେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

ସ୍ୱାମୀଙ୍କ ଦୀର୍ଘାୟୁ କାମନା ପାଇଁ ସଧବାମାନେ ସାବିତ୍ରୀ ବ୍ରତ ପାଳିଥାନ୍ତି। ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରି ସ୍ୱାମୀର ମଙ୍ଗଳ ମନାସୀଥାନ୍ତି। ତେବେ ପୁରୀରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଲକ୍‌ଡାଉନ ଗାଇଡ଼ଲାଇନରେ ମନ୍ଦିର ପ୍ରବେଶ ଉପରେ କଟକଣା ଥିବାରୁ କିନ୍ନରମାନେ ମନ୍ଦିର ବାହାରେ ପୂଜାର୍ଚ୍ଚନା କରିଛନ୍ତି। ଏହାପରେ ନିଜ ଗୁରୁଙ୍କୁ ମଧ ପୂଜା କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି। କିନ୍ନରମାନେ ତାଙ୍କ ଗୁରୁ ବା ମା'ଙ୍କ ନାମରେ ବ୍ରତ ରଖିଥିଲେ। ଗୁରୁଙ୍କ ହାତରୁ ଶଙ୍ଖା ଓ ସିନ୍ଦୂର ବି ପିନ୍ଧିଥିଲେ।

# ଗାଁମୁଣ୍ଡରେ ବାଉଁଶ ବାନ୍ଧିଲେ ଗ୍ରାମବାସୀ

ବାରଙ୍ଗ,୨୨।୫(ଡି.ଏନ୍.ଏ.):

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର କଳାଝରୀ ଗ୍ରାମରେ ଥିବା ଏକ ଗ୍ୟାସ ବିତରକ କମ୍ପାନିରେ କାମ କରୁଥିବା ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବାର ଶୁକ୍ରବାର ପ୍ରଚାର ହେବାପରେ ଆତଙ୍କ ଖେଳିଯାଇଛି। ଭୟରେ ଗ୍ରାମର ଯୁବକମାନେ ଗାଁର ମୁଖ୍ୟ ପ୍ରବେଶପଥରେ ବାଉଁଶ ବାନ୍ଧି ବାଟ ବନ୍ଦ କରିଦେଇଛନ୍ତି। କେବଳ କଳାଝରୀ ନୁହେଁ ଏହା ପାଖରେ ଥିବା ଓସ୍ତପଡ଼ା ଓ ପାଟଣା ଗ୍ରାମରେ ମଧ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ନୟାଗଡ଼ ଅଞ୍ଚଳର ଜଣେ ଯୁବକ କଳାଝରୀ ଗ୍ରାମରେ ଏକ ଗ୍ୟାସ ବିତରକ କମ୍ପାନୀରେ ଅନ୍ୟ ୬ ଜଣଙ୍କ ସହିତ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ। ଏହି ଯୁବକ ଜଣଙ୍କ ଗତକିଛିଦିନ ହେବ ଥଣ୍ଡା କାଶ ନ ଛାଡ଼ିବାରୁ ସେ ଏମ୍ସରେ ଦେଖାଇଥିଲେ। ଗୁରୁବାର ରାତିରେ ତାଙ୍କର କରୋନା



କଳାଝରୀ ଗାଁ ପ୍ରବେଶ ପଥକୁ ଯୁବକମାନେ ବାଉଁଶ ବାନ୍ଧିଛନ୍ତି ।

## ସଂକ୍ରମଣ ଭୟ

ପଜିଟିଭ ବୋଲି ଜଣାପଡିବା ପରେ ତାଙ୍କୁ ଶୁକ୍ରବାର କିମ୍ସ ଡାକ୍ତରଖାନାରେ ପ୍ରଶାସନ ପକ୍ଷରୁ ଭର୍ତ୍ତି କରାଯାଇଥିଲା। ଏହି କଥା କଳାଝରୀରେ ପ୍ରଚାର ହେବାପରେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ଏ ନେଇ କଲ୍ୟାଣପୁର ସରପଞ୍ଚ ପ୍ରବାସିନୀ ସାସମଲ କୁହନ୍ତି, ଉକ୍ତ ଯୁବକ ଜଣକ କରୋନା ସଂକ୍ରମିତ ହେବା ପରେ ଉକ୍ତ କମ୍ପାନୀରେ ଥିବା ଅନ୍ୟ ୬ଜଣଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି। ଗ୍ରାମବାସୀ ଭୟରେ ଗାଁ ରାସ୍ତାକୁ ବନ୍ଦ କରିଥିବାବେଳେ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଛି। ପ୍ରଶାସନର ନିଷ୍ପତ୍ତି ପରେ ଆଗକୁ ଯାହା ପଦକ୍ଷେପ ଗ୍ରହଣ କରାଯିବ।




କଟକର ପାଲାମଣ୍ଡପ- ପୁରୀ ବସଷ୍ଟାଣ୍ଡ ସମ୍ମୁଖରେ ଶୁକ୍ରବାର ଓଡ଼ିଶା ମୋଟର କର୍ମଚାରୀ ସଂଘ ପକ୍ଷରୁ ଘରୋଇ ବସ୍ କର୍ମଚାରୀଙ୍କୁ ଲକ୍‌ଡାଉନ୍ ଜନିତ କ୍ଷତି ପୂରଣ ଦାବିରେ ବିକ୍ଷୋଭ ।

## ଜଳିଗଲା ୫ ବଖରା
### ଗୋଟିଏ ବଳଦ ଜୀବନ୍ତ ଦଗ୍ଧ

ଖୋର୍ଦ୍ଧା ଅଫିସ/ଖୁଣ୍ଟୁଣୀ, ୨୨।୫ (ଡି.ଏନ.ଏ.) :

ବୋଲଗଡ ବ୍ଲକ ଅନ୍ତର୍ଗତ ସାଗର ଗ୍ରାମର ଦାଶରଥି ଦଳେଇଙ୍କ ଘରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯିବା ସହ ଗୋଟିଏ ବଳଦ ଜୀବନ୍ତ ଦଗ୍ଧ ହୋଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର, ଡାଲି, ଚାଉଳ ଆଦି ସାମଗ୍ରୀ ପୋଡିଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାରେ ଦାଶରଥିଙ୍କ ଘରେ ନିଆଁ ଲାଗିଯାଇଥିଲା। ଘର ଭିତରେ ଥିବା ପରିବାର ସଦସ୍ୟ ବାହାରକୁ ପଳାଇ ଆସିଥିଲେ। ନିକଟରେ ଥିବା ଗୁହାଳରେ ନିଆଁ ଲାଗିଯାଇଥିଲା। ଗୋଟିଏ ବଳଦ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ଏକ ବଳଦକୁ ଲୋକେ ବାହାର କରି ଆଣିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିପନ୍ନ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗଇଦେବା ପାଇଁ ସାଧାରଣରେ ଦାବି ହୋଇଛି। ଖୁଣ୍ଟୁଣୀ ଶାନ୍ତି ବଜାର ନିକଟ ଏକ ଘରେ ଶୁକ୍ରବାର ଅପରାହ୍ନରେ ଏକ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ୨ ବଖରା ଜଳିଯାଇଛି। ଘରେ ଥିବାରେ ୭ ବସ୍ତା ଶୁଖୁଆ ମଧ ଜଳି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ଆସି ଦମକଳକୁ ଜଣାଇବା ସହ ନିଜ ଉଦ୍ୟମରେ ପାଣି ପକାଇଥିଲେ। ଖବରପାଇ ଆଠଗଡ଼ରୁ ଦମକଳ ଗାଡ଼ି ୪୫ ମିନିଟ ବିଳମ୍ବରେ ପହଞ୍ଚିବାରୁ କୌଣସି ଜିନିଷ ଉଦ୍ଧାର ହୋଇପାରି ନ ଥିଲା। ବିପନ୍ନ ହେଲେ ଖୁଣ୍ଟୁଣୀ ଗ୍ରାମର ଗୋପାଳ ଚନ୍ଦ୍ର ସାମନ୍ତରାୟ।

## ଶ୍ରମିକଙ୍କୁ ସହାୟତା, ସୁରକ୍ଷା ଦାବି




ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

କଟକ ଅଫିସ,୨୨।୫

ଲକ୍‌ଡାଉନ୍ ସମୟରେ ଦେଶର ବିଭିନ୍ନ ସ୍ଥାନରେ ଶ୍ରମିକଙ୍କ ଉପରେ ଅତ୍ୟାଚାର ହେଉଛି। ଏହାକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମୂହ ଓ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଲିଙ୍କ ରୋଡସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଶ୍ରମିକମାନେ ପ୍ରତିବାଦ ଜଣାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କର୍ମଚାରୀ, ଶ୍ରମିକଙ୍କୁ ମାଲିକ ଦରମା, ମଜୁରି ଦେବା ପାଇଁ ବାଧ ନୁହେଁ ବୋଲି ସଂସଦୀୟ ଶ୍ରମ କମିଟିର ଅଧକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସୁପାରିଶକୁ ମଧ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ତୀବ୍ର ବିରୋଧ କରିଛି। ଦୈନିକ କାର୍ଯ୍ୟ ସମୟ ବୃଦ୍ଧି ବନ୍ଦ କରିବା, ସମସ୍ତ ଶ୍ରମିକଙ୍କୁ ତିନି ମାସ ପାଇଁ ମାସକୁ ୭୫୦୦ ଟଙ୍କା ଲେଖାଏ ସହାୟତା, ୧୦ କିଲୋ ଚାଉଳ ବା ଗହମ ଦେବା, ପ୍ରବାସୀ ଶ୍ରମିକଙ୍କୁ ସମସ୍ତ ସାମାଜିକ ସୁରକ୍ଷା ସହ ଘରକୁ ଫେରାଇ ଆଣିବାକୁ ଦାବି କରାଯାଇଛି। ଏଥିରେ ବିପିନ ବିହାରୀ ରାଉତରାୟ, ସନ୍ତୋଷ ଭୋଳ, କିଶୋର ଜେନା, ଅମରେନ୍ଦୁ ମହାନ୍ତି, ଏଆଇୟୁଟିୟୁସି ନେତା ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ ସାମିଲ ହୋଇଥିଲେ।

## ଜଙ୍କିଆ-ଗଡ଼ିଶାଗୋଦା ରାସ୍ତା ଶୋଚନୀୟ

କଣାସ,୨୨।୫(ସ୍ୱ.ପ୍ର.):

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ନୂଆଜଗନ୍ନାଥ ସଡକର ଜଙ୍କିଆ ବଜାରଠାରୁ ଗଡ଼ିଶାଗୋଦା ପର୍ଯ୍ୟନ୍ତ ଯାଇଥିବା ୮କି.ମି. ଦୟାନଦୀ ବନ୍ଧ ବାମପାର୍ଶ୍ୱ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ୫ଟି ପଞ୍ଚାୟତର ଲୋକେ ଏହି ରାସ୍ତା ଦେଇ ପୁରୀ, ଭୁବନେଶ୍ୱର, ରଣପୁର, କଣାସ ବ୍ଲକର ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀଚିକିତ୍ସା କେନ୍ଦ୍ର, କୃଷି କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ପାନୀୟଜଳ ଯୋଗାଣ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରା କୁହନ୍ତି, ଉକ୍ତ ରାସ୍ତାକୁ ନାବାର୍ଡ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥି ନିମନ୍ତେ ଅର୍ଥ ବରାଦ ହେଲେ ରାସ୍ତା କାର୍ଯ୍ୟ କରାଯିବ।

## ନିର୍ମାଣସ୍ଥଳରେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଅଭିଯୋଗ

କଟକସଦର,୨୨।୫(ଡି.ଏନ୍.ଏ.):

କଟକ ସଦର ବ୍ଲକର ୧୮ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମେ ମାସରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମସ୍ତ କାର୍ଯ୍ୟ ନିର୍ମାଣଭିତ୍ତିକ ହୋଇଥିବାରୁ କାର୍ଯ୍ୟସ୍ଥଳୀରେ ଯନ୍ତ୍ରୀମାନଙ୍କ ଉପସ୍ଥିତି ନିହାତି ଆବଶ୍ୟକ। ହେଲେ ଅନେକ ସ୍ଥାନରେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାରମାନେ କାର୍ଯ୍ୟ କରୁଥିବା ଶୁକ୍ରବାର ବ୍ଲକରେ ଅଭିଯୋଗ ହୋଇଛି। ଫଳରେ ନିର୍ମାଣ କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଥିବା କୁହାଯାଉଛି। ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରାୟ ଏହି ଯୋଜନାର ୧କୋଟି ଟଙ୍କାର କାର୍ଯ୍ୟ ବ୍ଲକରେ ହେବାକୁ ଥିଲା। ଏହି ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ପଞ୍ଚାୟତର ସହାୟକମାନଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟକୁ ଅନ୍ୟ ଯନ୍ତ୍ରୀମାନେ ତଦାରଖ କରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଅଧିକାଂଶ ସ୍ଥାନରେ ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳକୁ ନ ଆସି ମୋବାଇଲ ଫୋନରେ ଭିଡିଓ କଲିଂ ଦ୍ୱାରା କାର୍ଯ୍ୟ ତଦାରଖ କରୁଥିବା କୁହାଯାଉଛି। ସେଥିପାଇଁ ସିମେଣ୍ଟ ଗୋଡ଼ି ମିଶ୍ରଣରେ ତାଳମେଳ ରହୁନାହିଁ। ଏହାବ୍ୟତୀତ ଯନ୍ତ୍ରୀମାନେ ପଞ୍ଚାୟତରେ ଚାଲୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ତଦାରଖ ଦାୟିତ୍ୱରେ ରହିଛନ୍ତି। ଏଭଳି ପରିସ୍ଥିତିରେ ନିର୍ମାଣ କାର୍ଯ୍ୟଗୁଡ଼ିକର କିପରି ତଦାରଖ ହେଉଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷେ ବ୍ଲକରେ ଯାନ୍ତ୍ରିକ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ପଦବୀ ଖାଲିପଡ଼ିଥିବାରୁ ସାଲେପୁର ବ୍ଲକର କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଣକ ୫ ମାସ ହେବ ଏଠାରେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତେଣୁ କାର୍ଯ୍ୟ ଯାଞ୍ଚ ପ୍ରକ୍ରିୟା ଠିକ୍ ଭାବେ ନ ହେବା ମଧ ଅନ୍ୟତମ କାରଣ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡ଼ା କୁହନ୍ତି, ଅଭିଯୋଗ ପାଇବା ପରେ ନିର୍ଦ୍ଦିଷ୍ଟ ଭାବେ ଥିବା କେତେକ କାର୍ଯ୍ୟକୁ ତଦାରଖ କରାଯିବ।

# ନିର୍ମାଣ ହୋଇପାରୁନି ବ୍ରିଜ୍ କାର୍ଯ୍ୟ

ପିପିଲି,୨୨।୫(ସ୍ୱ.ପ୍ର.)

ପିପିଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ମୁଖ୍ୟ ରାସ୍ତାକୁ ଅତିକ୍ରମ କରୁଥିବା ଡେଲାଙ୍ଗ ଶାଖା କେନାଲ ଉପରେ ନିର୍ମିତ ବ୍ରିଜ୍‌ଟି ଭାଙ୍ଗିବାର ପ୍ରାୟ ଏକ ବର୍ଷ ବିତିଯାଇଛି। ଏପର୍ଯ୍ୟନ୍ତ ଏହାର ପୁନଃ ନିର୍ମାଣ ହୋଇପାରୁନି। ଅନ୍ୟପକ୍ଷେ ଜିଲା ପ୍ରଶାସନ ମଧ ଏହା ଉପରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସ୍ଥାନୀୟବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ପିପିଲି ଗୋବିନ୍ଦପୁର ପଞ୍ଚାୟତ ଦେଇ ଯାଇଥିବା ଡେଲାଙ୍ଗ ଶାଖା କେନାଲ ଉପରେ ଗୋବିନ୍ଦପୁର ଗ୍ରାମକୁ ମୁଖ୍ୟ ରାସ୍ତା ଯାଇଛି। ଏହି ରାସ୍ତାର ଗ୍ରାମମୁଣ୍ଡରେ ଥିବା ଏକ ବ୍ରିଜ ଉପରେ ପ୍ରାୟ ୧୦ଟି ଗ୍ରାମର ଲୋକେ ନିର୍ଭର କରନ୍ତି। ହେଲେ ବ୍ରିଜ୍‌ଟି ପୁରୁଣା ହୋଇଯାଇଥିବାରୁ ବର୍ଷେ ତଳେ ଭାଙ୍ଗିଯାଇଥିଲା। ଫଳରେ ଲୋକମାନଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଜିଲା

## ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ



ଭାଙ୍ଗିପଡିଥିବା ବ୍ରିଜ ।

ପ୍ରଶାସନକୁ ଏ ନେଇ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରି ବିପଦସଙ୍କୁଳ ଅବସ୍ଥା ଦର୍ଶାଇ ବ୍ରିଜ୍ ଉଭୟ ପାର୍ଶ୍ୱରେ କଂକ୍ରିଟ କାନ୍ଥ ନିର୍ମାଣ କରି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ କରି ଚୁପ୍ ହୋଇ ବସିଛନ୍ତି। ଗତ ଜାନୁୟାରୀରେ ଗ୍ରାମବାସୀ ଏହି ବ୍ରିଜ୍ ନିର୍ମାଣ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ନିର୍ମାଣ କାର୍ଯ୍ୟ ପାଇଁ ୨୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଖୁବଶୀଘ୍ର ଏହି ବ୍ରିଜ୍ କାମ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ସହକାରୀ ଯନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତିକୁ ୪ମାସ ବିତିଯିବା ଓ ଯନ୍ତ୍ରୀଙ୍କ ବଦଳି ହୋଇଯାଇଥିଲେ ମଧ ବ୍ରିଜ୍ ନିର୍ମାଣ କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ବର୍ଷେ ହେଲାଣି ଗ୍ରାମବାସୀ ବହୁ ସମସ୍ୟା ଦେଇ ଗାଁକୁ ଯାତାୟାତ କରୁଛନ୍ତି। ତୁରନ୍ତ ବ୍ରିଜ ନିର୍ମାଣ କାମ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ପ୍ରମୋଦ କୋଦମା ସିଂ କୁହନ୍ତି, ଜାନୁୟାରୀରେ ଟେଣ୍ଡର ହୋଇପାରି ନାହିଁ। ଏହାପରେ କୋଭିଡ ସମସ୍ୟା ଚାଲିଛି, ଏବେ ଖୁବଶୀଘ୍ର ଏଥିପ୍ରତି ଧ୍ୟାନ ଦିଆଯିବ।

# କରୋନା ଆକ୍ରାନ୍ତ ସଂଖ୍ୟା ୨ଶହ ଟପିଲା

**ଯାଜପୁର ଅଫିସ/ବିଞ୍ଝାରପୁର/ରସୁଲପୁର/ରତ୍ନଗିରି/ବରୀ (ଡି.ଏନ.ଏ./ସ୍ୱ.ପ୍ର.), ୨୨।୫**

ଯାଜପୁର ଜିଲାରେ କରୋନା ସ୍ଥିତି ଏବେ ଜଟିଳ ହେବାରେ ଲାଗିଛି। ପ୍ରତିଦିନ ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଟପିଛି। ଶୁକ୍ରବାର ଗୋଟିଏ ଦିନରେ ୪୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ୨୨୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ମୋଟ ୬୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୪୬ ଜଣଙ୍କ ମଧ୍ୟରୁ ଦଶରଥପୁର ବ୍ଲକରେ ସର୍ବାଧିକ ୨୫ ଜଣ ସଂକ୍ରମିତ ହୋଇଥିବା ବେଳେ ବିଞ୍ଝାରପୁର ବ୍ଲକରେ ୯, ରସୁଲପୁର ବ୍ଲକରେ ୬, କୋରେଇ ବ୍ଲକରେ ୨ ଓ ବରୀ ବ୍ଲକରେ ୪ ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଦଶରଥପୁର ବ୍ଲକର ପଥରପଦା ୪୦ ବର୍ଷୀୟ ବ୍ୟକ୍ତି, ଗୁଡିଆପାଟନାର ୪୫ ବର୍ଷୀୟ, ଦୁବକଣା ୫୧ ବର୍ଷୀୟ, ଖୋସଲାପୁର ୫୨ ବର୍ଷୀୟ, ୨୯ ବର୍ଷୀୟ, ପରିପଦା ୫୦ ବର୍ଷୀୟ, ସୋଲପାଟ ୪୨ ବର୍ଷୀୟ, କୁଲସାହି ୬୯ ଓ ୩୮ ବର୍ଷୀୟ, ରାହାସୋଇ ୪୮ ବର୍ଷୀୟ, ଦାମୋଦରପୁରର ୫୦ ବର୍ଷୀୟ, ହରିହରପୁରର ୪୩ ଓ ୩୨ ବର୍ଷୀୟ, ଧନିପୁର ୬୧ ବର୍ଷୀୟ, ଦୁବକଣା ୨୩ ବର୍ଷୀୟ, ବଉଳାଙ୍ଗ ୪୩ ବର୍ଷୀୟ, ମାଲିପୁର ୭୨, ୩୧ ଓ ୩୪ ବର୍ଷୀୟ, ବିଭୂତିପୁରର ୫୧ ଓ ୫୦ ବର୍ଷୀୟ, ଉଦୟପୁରର ୩୫ ବର୍ଷୀୟ, ବିରୁହାଁର ୪୭ ବର୍ଷୀୟ ବ୍ୟକ୍ତି ଏବଂ ଦୁବକଣା ଗ୍ରାମର ୪୫ ବର୍ଷୀୟା ମହିଳା କୋଲକାତା ଫେରନ୍ତା ହୋଇଥିବାବେଳେ ନିଜାମପୁରର ୩୭ ବର୍ଷୀୟ ବ୍ୟକ୍ତି ତେଲଙ୍ଗାନାରୁ ଫେରି କ୍ୱାରାଣ୍ଟାଇନରେ ରହୁଥିଲେ।

ସେହିପରି ରସୁଲପୁର ବ୍ଲକ ବ୍ରହ୍ମବରଦାର ୨୫ ଓ ୨୨ବର୍ଷୀୟ ବ୍ୟକ୍ତି, ଅତଲାପୁରର ୨୫ ଓ ୨୪ ବର୍ଷୀୟ ବ୍ୟକ୍ତି ଦୁବାଇ ଫେରନ୍ତା ଓ ରସୁଲପୁରର ୩୮ବର୍ଷୀୟ ଓ ନରସିଂହପୁରର ୭୦ ବର୍ଷୀୟ ବ୍ୟକ୍ତି କୋଲକାତା ଫେରନ୍ତା। ବିଞ୍ଝାରପୁର ବ୍ଲକ କାନ୍ତିପୁର ୩୬ ବର୍ଷୀୟ ବ୍ୟକ୍ତି ଛତିଶଗଡ ଫେରନ୍ତା ହୋଇଥିବାବେଳେ ବରପଦା ୫୬ ବର୍ଷୀୟ ବ୍ୟକ୍ତି, ବାଙ୍ଗରାର ୬୦ ବର୍ଷୀୟ, ନାଉବାଙ୍କ ୩୩ ବର୍ଷୀୟ, ଶିଶିରଣା ୫୮ ବର୍ଷୀୟ, ଘଣ୍ଟିଆଳି ୬୦ ବର୍ଷୀୟ, ଅଳକୁଣ୍ଡ ୩୭ ବର୍ଷୀୟ, ରଣପୁର ୬୩ ଓ ନରହରିପୁର ୪୭ ବର୍ଷୀୟ ବ୍ୟକ୍ତି କୋଲକାତା ଫେରନ୍ତା। ଏହାଛଡ଼ା କୋରେଇ ବ୍ଲକ ଗଜେନ୍ଦ୍ରପୁର ଗ୍ରାମର ୨୩ ବର୍ଷୀୟ ପୁରୁଷ ଓ ୩୦ ବର୍ଷୀୟ ପୁରୁଷ ଚେନ୍ନାଇ ଫେରନ୍ତା ହୋଇଥିବା ବେଳେ ବରୀ ବ୍ଲକ ବାଇଁଶିରିଆ ଗ୍ରାମର ୩୦ ବର୍ଷୀୟ ପୁରୁଷ ହରିୟାଣା ଫେରନ୍ତା, ୧୦ ଓ ୪୨ ବର୍ଷୀୟା ମହିଳା ଏବଂ ୧୫ ବର୍ଷୀୟ ପରୁଷ କୋଲକାତା ଫେରନ୍ତା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଥାଉ କି, ଏ ପର୍ଯ୍ୟନ୍ତ ୨୨ଟି ରାଜ୍ୟରୁ ମୋଟ ୯,୯୭୭ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି। ସର୍ବାଧିକ ତେଲେଙ୍ଗାନା ରାଜ୍ୟରୁ ୨୮୩୨ ଜଣ ଫେରିଥିବା ଜଣାପଡ଼ିଛି।

**ଯାଜପୁର ଜିଲା**
- ଗୋଟିଏ ଦିନରେ ୪୬ ଆକ୍ରାନ୍ତ
- ମୋଟ ସଂକ୍ରମିତ ସଂଖ୍ୟା ୨୨୫
- ସୁସ୍ଥ ହୋଇ ଫେରିଛନ୍ତି ୬୮

**ସୁସ୍ଥ ହେଲେ ୮**

ଯାଜପୁର ଜିଲାରେ ଶୁକ୍ରବାର ୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରସୁଲପୁର ବ୍ଲକର ମଙ୍ଗଳରାଜପୁର ଗ୍ରାମର ୪୨ ବର୍ଷୀୟ ବ୍ୟକ୍ତି ଥିବା ବେଳେ ସଦାନନ୍ଦପୁରର ୫୨ ବର୍ଷୀୟ ବ୍ୟକ୍ତି, ଦେଉଳୀ ଗ୍ରାମର ୫୩ ବର୍ଷୀୟ ବ୍ୟକ୍ତି, ବରୀ ବ୍ଲକ ମିର୍ଜାପୁର ୪୩ ବର୍ଷୀୟ ବ୍ୟକ୍ତି ଓ ୧୨ ବର୍ଷୀୟା ବାଳିକା ରହିଛନ୍ତି। ସେହିପରି ବିଞ୍ଝାରପୁର ଉଡ୍ରାଙ୍ଗ ଗ୍ରାମର ୫୧ ବର୍ଷୀୟ ଓ ୩୧ବର୍ଷୀୟ ପୁରୁଷ ଏବଂ ଯାଜପୁର ପୌରାଞ୍ଚଳ ହାବେଳୀ ବଜାରର ୫୨ ବର୍ଷୀୟ ପୁରୁଷ (ସ୍ୱାସ୍ଥ୍ୟକର୍ମୀ) ସୁସ୍ଥ ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### କଦଳୀ ଗଛ କଟାକୁ ନେଇ ମରଣାନ୍ତକ ଆକ୍ରମଣ

**ରତ୍ନଗିରି, ୨୨। ୫ (ଡି.ଏନ୍.ଏ.):** ଜମିବାଡ଼ି ବିବାଦରୁ ବରୀ ରାମଚନ୍ଦ୍ରପୁର ଥାନା ଅଧିନସ୍ଥ ଧାରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅମ୍ଫନ ପ୍ରଭାବରେ ଭାଙ୍ଗି ଯାଇଥିବା ଏକ କଦଳୀ ଗଛ ହାଣୁଥିବା ବେଳେ ଦାଦା ଶଙ୍କର୍ଷଣ ସାହୁ(୫୧)ଙ୍କୁ ପୁତୁରା କଳ୍ପତରୁ ସାହୁ(୪୫), ହଳଧର ସାହୁ(୪୦) ଓ ପୁତୁରା ବୋହୂ ତପସ୍ୱିନୀ ସାହୁ(୩୫) କଟୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଶଙ୍କର୍ଷଣଙ୍କ ହାତ ପାପୁଲି କଟି ଯାଇଥିବା ବେଳେ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଶଙ୍କର୍ଷଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ପାର୍ବତୀ ଏତଲାରେ ଦର୍ଶାଇଛନ୍ତି। ପୋଲିସ ୧୧୩/୨୦ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର କହିଛନ୍ତି।

### ବକେୟା ଦରମା, ବୋନସ୍ ଦାବିରେ କାମ ବନ୍ଦ

**କାଳିଆପାଣି, ୨୨।୫ (ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳସ୍ଥିତ ବାଲେଶ୍ୱର ଆଲଏଜ୍ ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକମାନେ ବକେୟା ଦରମା ଓ ବୋନସ ଦାବିରେ କାମ ବନ୍ଦ କରିଛନ୍ତି। ଶୁକ୍ରବାର ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। କମ୍ପାନୀ ବକେୟା ବୋନସ ଦେଉ ନ ଥିବା ବେଳେ ଲକ୍‌ଡାଉନ୍ ସମୟରେ ଦରମା ନ ଦେବାକୁ ନେଇ ୭୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଆନ୍ଦୋଳନ କରୁଛନ୍ତି। ଖଣି ଅଧିକାରୀଙ୍କ ସହ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଆଲୋଚନା କରିଥିଲେ ମଧ କୌଣସି ସମାଧାନ ସୂତ୍ର ବାହାରି ପାରିନାହିଁ। ଏ ନେଇ ଖଣି ଉପସଭାପତି ତାରେଣୀ ମହାନ୍ତିଙ୍କୁ କହିଛନ୍ତି, ତୁରନ୍ତ ଏହାର ସମାଧାନ କରିବାକୁ ଚେଷ୍ଟା କରାଯାଉଛି।

### ସଙ୍ଗରୋଧ କେନ୍ଦ୍ରର ସୁପରିଚାଳନା ପାଇଁ ନିର୍ଦ୍ଦେଶ

**ରସୁଲପୁର, ୨୨।୫ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧିନରେ ୨୫୮୪ ଶଯ୍ୟା ବିଶିଷ୍ଟ ୯୬ଟି କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ବ୍ଲକ ଅଞ୍ଚଳକୁ ଆସିବାକୁ ୫୭୯୯ଜଣ ପ୍ରବାସୀ ଓଡିଆ ନାମ ପଞ୍ଜୀକୃତ କରିଥିବା ବେଳେ ଶୁକ୍ରବାର ସୁଦ୍ଧା ୫୦୫ଜଣ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୧୫ଜଣ ବିଦେଶ(ଦୁବାଇ) ଫେରନ୍ତା। ବାହାର ରାଜ୍ୟରୁ ଫେରିଥିବା ୪୯୦ ପ୍ରବାସୀଙ୍କୁ ୨୮ଟି ସଙ୍ଗରୋଧ ଗୃହରେ ରଖାଯାଇଛି। ହେଲେ କେତେକ ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଧରିତ୍ରୀରେ ଖବର ପ୍ରସାରିତ ହୋଇଥିଲା। ଏହାପରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଅସନ୍ତୋଷ ବ୍ୟକ୍ତ କରିବା ସହ ଶିବିରଗୁଡିକର ସୁପରିଚାଳନା କରିବା ପାଇଁ ସରପଞ୍ଚ, ନୋଡାଲ ଅଫିସର, ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପିଇଓ ନିଲମ୍ବିତ

**ନୟାଗଡ଼ ଅଫିସ,୨୨।୫:** ନୟାଗଡ଼ ଜିଲା ଓଡଗାଁ ବ୍ଲକ ଗୋଡିପଲ୍ଲୀ ପଞ୍ଚାୟତର ଏକ୍‌ଜିକ୍ୟୁଟିଭ ଅଫିସର (ପିଇଓ) ଈଶ୍ୱର ଚନ୍ଦ୍ର ବିଶ୍ୱାଳଙ୍କୁ ଜିଲାପାଳ ପୋମା ଟୁଡୁ ଗତ ୨୦ ତାରିଖରେ ନିଲମ୍ବିତ କରିଛନ୍ତି। ଆର୍ଥିକ ଅନିୟମିତତା ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଓଡଗାଁ ମୁଖ୍ୟ କାର୍ଯ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ରହିଛି।

### ପ୍ରବାସୀ ମହିଳାଙ୍କୁ ଶଙ୍ଖା, ସିନ୍ଦୂର ପ୍ରଦାନ

**ଖଣ୍ଡପଡ଼ା,୨୨।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକର ସିଂଘାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୨ ଜଣ ପ୍ରବାସୀ ଓଡିଆଙ୍କ ମଧ୍ୟରେ ୩ଜଣ ବିବାହିତା ମହିଳା ରହୁଛନ୍ତି। ଶୁକ୍ରବାର ସାବିତ୍ରୀ ବ୍ରତ ଅବସରରେ ସ୍ଥାନୀୟ ସରପଞ୍ଚ ନମିତା ପଣ୍ଡା ସମ୍ପୃକ୍ତ ମହିଳାଙ୍କୁ ଭେଟି ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ସହ ପୂଜା ସାମଗ୍ରୀ ପ୍ରଦାନ କରିଥିଲେ। ଏହାକୁ ବ୍ୟବହାର କରି ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ।

# ଘରୋଇ ବସ୍ କର୍ମଚାରୀଙ୍କ ପ୍ରତିବାଦ


ଘରୋଇ ବସ୍ କର୍ମଚାରୀ ପ୍ରତିବାଦ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ,୨୨।୫**

ଘରୋଇ ବସଗୁଡ଼ିକର ଟିକସ, ବୀମା ଓ ଗାଡ଼ି ଋଣ ୬ ମାସ ପର୍ଯ୍ୟନ୍ତ କୋହଳ କରାଯାଉ। ଏଥିସହିତ କର୍ମଚାରୀଙ୍କୁ ୬ ମାସ ପର୍ଯ୍ୟନ୍ତ ମାସିକ ସରକାରୀ ସହାୟତା ଯଥା: ପ୍ରତି ପରିବାରକୁ ୧୦ କିଲୋ ଚାଉଳ କିମ୍ବା ଗହମ ଓ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା ଆଦି ଦାବି ନେଇ ଜଗତ୍‌ସିଂହପୁର ଜିଲା ଘରୋଇ ବସ ପରିବହନ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ସାନବଜାରସ୍ଥିତ ବସ ଷ୍ଟପ୍ ନିକଟରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ସଂଘ ପକ୍ଷରୁ କୁହାଯାଇଥିଲା, ଏହି ଦାବି ପୂରଣ ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କିଛି ଫଳ ମିଳୁନି। ତେଣୁ ବାଧ୍ୟହୋଇ ସେମାନେ ଏଭଳି ନିଷ୍ପତ୍ତି ନେଇଥିଲେ। ସଂଘ ସମ୍ପାଦକ ଚକ୍ରବର୍ତ୍ତୀ ହୋତା, ସହକାରୀ ସମ୍ପାଦକ ଶିଶିର କୁମାର ସ୍ୱାଇଁ, ବସ କଣ୍ଡକ୍ଟର ସଞ୍ଜୟ ଲେଙ୍କା ପ୍ରମୁଖ କହିଛନ୍ତି, କରୋନାର ଦ୍ରୁତ ସଂକ୍ରମଣ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ ଜାରିରହିଛି। ଯେଉଁଥି ପାଇଁ ଘରୋଇ ବସ ସେବା ଠପ୍ ହୋଇଯାଇଛି। ବସ ଚଳାଚଳ ବନ୍ଦ ଯୋଗୁ ପାଖାପାଖି ୨ ମାସ ହେବ ମାଲିକମାନେ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିସହ ଏଥିରେ କାର୍ଯ୍ୟରତ ଜିଲାର ୬୦୦ରୁ ଅଧିକ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଜୀବିକା ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନ୍ୟପକ୍ଷରେ ଗ୍ରୀନ ଜୋନରେ ବସ ଚଳାଚଳ ପାଇଁ ରାଜ୍ୟ ସରକାର ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। କିନ୍ତୁ ବସ କର୍ମଚାରୀମାନେ ସରକାରଙ୍କ ସର୍ତ୍ତରେ ରାଜି ହୋଇନାହାନ୍ତି। କାରଣ ଅଧା ଲୋକରେ ବସ ଚଳାଇବା ମାଲିକମାନଙ୍କ ପକ୍ଷରେ କଷ୍ଟକର ହେଉଥିବାରୁ ସେମାନେ ବୋଝ ନ ହେବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ କର୍ମଚାରୀ ସେମାନଙ୍କ ପରିବାର ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ସାବିତ୍ରୀ ବ୍ରତ

**କେନ୍ଦ୍ରାପଡ଼ା ଅଫିସ, ୨୨।୫**


ସ୍ୱଳ୍ପ ରହଣି ସ୍ଥଳରେ ମହିଳାଙ୍କ ପୂଜାର୍ଚ୍ଚନା।

ବିବାହ ଏକ ସାମାଜିକ ବନ୍ଧନ। ସ୍ୱାମୀ ସ୍ତ୍ରୀଙ୍କ ଏହି ପବିତ୍ର ସମ୍ପର୍କ ଓଡିଆ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଏହି ସମ୍ପର୍କ ଚିରନ୍ତନ। ଏହା କେବେ ଭୁଲି ହେବ ନାହିଁ ବୋଲି କେନ୍ଦ୍ରାପଡ଼ା ସହର ମନକରପୁରସ୍ଥ ସ୍ୱଳ୍ପ ରହଣିସ୍ଥଳ ରେସୱାରେ ସାବିତ୍ରୀ ବ୍ରତ ପାଳନ କରୁଥିବା ମଞ୍ଜୁ (ଛଦ୍ମନାମ) କହିଛନ୍ତି। ମନୋମାଳିନ୍ୟ ହେତୁ ଶାଶୁଘର ଛାଡିଏଠାରେ ମାସେ ହେବ ରହିଆସୁଛନ୍ତି। ସ୍ୱାମୀଙ୍କ ମଙ୍ଗଳ ମନାସି ସେ ସାବିତ୍ରୀ ବ୍ରତ ପାଳନ କରିଥିବା କହିଛନ୍ତି। ରେସୱାର ଅନ୍ତେବାସୀ ଅଞ୍ଜନା, ଅର୍ଚ୍ଚନା, ସଙ୍ଗୀତା, ସସ୍ମିତା ଆଦି ୩୦ରୁ ଊର୍ଦ୍ଧ୍ୱ ମହିଳା ଶୁକ୍ରବାର ଏହି ବ୍ରତ ପାଳନ କରିଥିଲେ। ସେମାନେ ଉପବାସ ରହି ପୂର୍ବାହ୍ନରେ ରେସୱା ପକ୍ଷରୁ ଦିଆଯାଇଥିବା ନୂଆ ଶାଢି ପିନ୍ଧି ପୂର୍ଜାଚ୍ଚନା କରିଥିଲେ। ଯୌତୁକ ନିର୍ଯାତନା ପାଇ ଶାଶୁଘର ଛାଡିଥିବା ମନସ୍ୱିନୀ କହିଛନ୍ତି, ଘର ସଂସାରରେ ଆବଦ୍ଧ ସ୍ତ୍ରୀ ଓ ସ୍ୱାମୀ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜେ ଓ ଅନ୍ୟର ସୁରକ୍ଷା ପାଇଁ କେତେ ତ୍ୟାଗ କରିପାରେ, ତାହା ହିଁ ସାବିତ୍ରୀ ବ୍ରତର ମୂଳକଥା। ବାପଘରର ଆର୍ଥିକ ସ୍ୱଚ୍ଛଳତା ନ ଥିବା ଜାଣିଥିଲେ ମଧ୍ୟ ଶାଶୁଘର ଲୋକ ଯୌତୁକ ପାଇଁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଛନ୍ତି। ଏଥିପାଇଁ ଥାନାରେ ମାମଲା ହେବା ପରେ ଏହି ରେସୱାରେ ରହୁଛି। ଏହି କେନ୍ଦ୍ରର ତତ୍ତ୍ୱାବଧାରିକା ମିନତି ମହାରଣା ଶାଶୁଘର ସଦସ୍ୟଙ୍କ ସହିତ ଯୋଗାଯୋଗ କରିଛନ୍ତି। ଶାଶୁଘରକୁ ଫେରିବା ଆଶାରେ ଅଛି। ଏଠାରେ ରହୁଥିବା ଜଣେ ନାବାଳିକା କୁହନ୍ତି, ପ୍ରେମ ସମ୍ପର୍କ ଥିବାରୁ ଦୁହେଁ ଲୁଚି ମନ୍ଦିରରେ ବିବାହ କରି ଘର ଛାଡିଥିଲୁ। ତେବେ ପରିବାର ସଦସ୍ୟ ଏ ନେଇ ଥାନାରେ ମାମଲା କରିଥିଲେ। ଆଉ ମାତ୍ର ଦୁଇମାସ ପରେ ସାବାଳିକା ହେବି। ଦୁହେଁ ପୁଣି ଘରସଂସାର କରିବୁ। ପ୍ରକାଶ ଯେ, ଏହି କେନ୍ଦ୍ରରେ ରହୁଥିବା ମହିଳା ପ୍ରତିବର୍ଷ ସାବିତ୍ରୀ ଓ ରଜ ପର୍ବ ପାଳନ କରିଥାନ୍ତି। ମାତ୍ର ଦୁର୍ଭାଗ୍ୟ ଯେ ସେମାନେ ବର୍ଷ ବର୍ଷ ଧରି ସ୍ୱାମୀ କିମ୍ବା ଶାଶୁଘର ଦେଖି ପାରନ୍ତି ନାହିଁ। କେତେଜଣ ଅନ୍ତେବାସୀ କହିଥିଲେ, ସ୍ୱାମୀ ସତ୍ୟବାନକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବାକୁ ସକ୍ଷମ ହୋଇଥିବା ମା' ସାବିତ୍ରୀଙ୍କ ପରି ଶାଶୁଘରେ ଉପେକ୍ଷିତ ମହିଳା ପୁଣି ନିଜ ସ୍ୱାମୀଙ୍କ ପାଖକୁ ଫେରିବା ପାଇଁ ଏହି ବ୍ରତ ପାଳନ କରିଛନ୍ତି।

### କମ୍ପ୍ୟୁଟର ସେଣ୍ଟରରେ ଅଗ୍ନିକାଣ୍ଡ

**ନାଉଗାଁ,୨୨।୫(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଙ୍ଗଦାହାଟସ୍ଥିତ କେୟାର କମ୍ପ୍ୟୁଟର ସେଣ୍ଟରରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି। ସେଣ୍ଟର ନିର୍ଦ୍ଦେଶକ ସର୍ବେଶ୍ୱର ମହାରଣା ଇନ୍‌ଷ୍ଟିଚ୍ୟୁଟ ଖୋଲି ନିକଟସ୍ଥ ଘରକୁ ଯାଇଥିଲେ। ସେଠାରୁ ଫେରିବାବେଳକୁ ନିଆଁ ଲାଗିଥିବା ଦେଖିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଅଗ୍ନିକାଣ୍ଡରେ ୨ ଲାପଟପ, ଜେରକ୍ସ ମେଶିନ, ୩ ପ୍ରିଣ୍ଟର ଓ ମୋବାଇଲ ସାମଗ୍ରୀ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡିଯାଇଛି। ଖବର ପାଇ ନାଉଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସର୍ବେଶ୍ୱରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ତହସିଲଦାର ଜେ.କଳ୍ପନା କହିଛନ୍ତି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରାଯିବ। କ୍ଷୟକ୍ଷତିର ରିପୋର୍ଟ ଆସିବା ପରେ ନିୟମାନୁସାରେ ସାହାଯ୍ୟ ପ୍ରଦାନ କରାଯିବ।

### ବାଇକ୍‌ରୁ ପଡ଼ି ମହିଳା ମୃତ

**ଭାପୁର,୨୨।୫(ଡି.ଏନ.ଏ.):** ଫତେଗଡ ଥାନା କଇଁଫୁଲିଆ ଗ୍ରାମର ନୟନା ସାହୁ(୫୨) ପୁଅ ସରୋଜ ସାହୁଙ୍କ ବାଇକ୍‌ରେ ବସି ଶୁକ୍ରବାର ଭୁବନେଶ୍ୱରରୁ ନିଜ ଗାଁ କଇଁଫୁଲିଆକୁ ଫେରୁଥିଲେ। ବାଘମାରୀ-ଦଶପଲ୍ଲା ରାଜ୍ୟ ରାଜପଥର ଫତେଗଡ ଗ୍ରାମ ନିକଟ ଏକ ହମ୍ପ ପାର ହେଉଥିବାବେଳେ ନୟନା ବାଇକ୍‌ରୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭାପୁର ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜସ୍ଥାନରେ ଫସିଥିବା ୧୦ବର୍ଷର ଛାତ୍ର ଘରକୁ ଫେରିଲେ

**ଡେରାବିଶ, ୨୨।୫(ସ୍ୱ.ପ୍ର.)**


ଘର ସମ୍ମୁଖରେ ଶୁଭଙ୍କର।

ଲକ୍‌ଡାଉନ୍ ଯୋଗୁ ରାଜସ୍ଥାନରେ ଫସିଥିବା କେନ୍ଦ୍ରାପଡା ଅଞ୍ଚଳର ଜଣେ ୧୦ବର୍ଷର ଛାତ୍ର ଘରକୁ ଫେରିଛନ୍ତି। ସେ ହେଲେ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ନାନକାର ଗ୍ରାମର କ୍ଷୀରୋଦ ବିଶ୍ୱାଳଙ୍କ ପୁଅ ଶୁଭଙ୍କର। କ୍ଷୀରୋଦ ଜମ୍ମୁକଶ୍ମୀର ସୀମା ସୁରକ୍ଷା ବଳରେ ସୈନିକ ଭାବେ କାର୍ଯ୍ୟରତ ଥିବାବେଳେ ଶୁଭଙ୍କର ରାଜସ୍ଥାନର ଝୁନ୍‌ଝୁନ୍‌ସ୍ଥିତ ଡିଫେନ୍ସ ପବ୍ଲିକ ସିନିୟର ସେକେଣ୍ଡାରୀ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢନ୍ତି। ଲକ୍‌ଡାଉନ ଯୋଗୁ ହଷ୍ଟେଲ ବନ୍ଦ ହୋଇଯିବା ପରେ ଶୁଭଙ୍କର ଘରକୁ ଫେରିବା ନେଇ ଅନିଶ୍ଚିତତା ଲାଗିରହିଥିଲା। ଗାଁରେ ରହୁଥିବା ଶୁଭଙ୍କରଙ୍କ ପରିବାରଠାରୁ ଅବଗତ ହେବା ପରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ଛାତ୍ରଙ୍କୁ ଫେରାଇଆଣିବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ସମର୍ଥ ବର୍ମା ଏଥିପାଇଁ ଏକ ପାସ୍ ସମ୍ପୃକ୍ତ ପରିବାରକୁ ଦେଇଥିଲେ। ପରିବାର ଲୋକେ ସେଠାକୁ ଯାଇ ଶୁଭଙ୍କରଙ୍କୁ ଧରି ଗୁରୁବାର ଗ୍ରାମରେ ପହଞ୍ଚିଛନ୍ତି। ବର୍ତ୍ତମାନ ଶୁଭଙ୍କର ନିଜ ଘରେ ସଙ୍ଗରୋଧରେ ରହିଛନ୍ତି। ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ୍ ଶୁଭଙ୍କରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ନେଇ ଶୁଭଙ୍କରଙ୍କ ମା' ଭାରତୀ ବିଶ୍ୱାଳ ଓ ଇନ୍ଦାଳୋ ସରପଞ୍ଚ ରଶ୍ମିତା ଜେନା, ବିଧାୟିକା ଅଗ୍ରୱାଲ୍ ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୨୯ରେ ଜବାବ ଦେବେ କେଡବ୍ଲ୍ୟୁଏସ୍ଏସ୍ ନିର୍ଦ୍ଦେଶକ

**ଯାଜପୁର ଅଫିସ,୨୨।୫**

**କର୍ମଚାରୀ ଯୋଗାଣରେ ଅନିୟମିତତା ମାମଲା**

ଓଏମ୍‌ବିଏଡିସି (ଓଡ଼ିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ) ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ପାଇଁ କର୍ମଚାରୀ ଯୋଗାଇବାରେ ଅନିୟମିତତା ଅଭିଯୋଗ ହୋଇଛି। ଏଥିପାଇଁ କର୍ମଚାରୀ ଯୋଗାଣକାରୀ ଠିକାସଂସ୍ଥା କଳିଙ୍ଗ ୱାରିୟର୍ସ ସିକ୍ୟୁରିଟି ସର୍ଭିସ୍(କେଡବ୍ଲ୍ୟୁଏସ୍ଏସ୍) ନିର୍ଦ୍ଦେଶକଙ୍କୁ ଜବାବ ତଲବ କରାଯାଇଥିଲା। ତଦନୁଯାୟୀ ସେ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ପାନୀୟ ଜଳ ଓ ପରିମଳ(ଡିଡବ୍ଲ୍ୟୁଏସ୍) ବିଭାଗର ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବେ। ଏଥିପାଇଁ ଡିଡବ୍ଲ୍ୟୁଏସ୍ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍ଏସ୍)ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କେଡବ୍ଲ୍ୟୁଏସଏସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଆଲୋଚନାର ନିଷ୍କର୍ଷ ଅନୁଯାୟୀ ଠିକାସଂସ୍ଥା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ନୟାଗଡ଼ରେ ପୁଣି ୬ କରୋନା ଆକ୍ରାନ୍ତ

**ନୟାଗଡ ଅଫିସ/ ଓଡଗାଁ, ୨୨।୫(ସ୍ୱ.ପ୍ର.):** ନୟାଗଡ ଜିଲା ଓଡଗାଁ ବ୍ଲକ କୁରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶୁକ୍ରବାର ନୂତନ ଭାବେ ୬ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ସମୁଦାୟ ସଂକ୍ରମିତ ସଂଖ୍ୟା ୨୭ରେ ପହଞ୍ଚିଛି। ପୂର୍ବରୁ ଏହି ସେଣ୍ଟରରୁ ୧୦ଜଣ ଚିହ୍ନଟ ହୋଇଥିଲେ। ଦୁଇ ଦିନରେ କୁରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୬ଜଣ ଚିହ୍ନଟ ହୋଇସାରିଲେଣି। ଜିଲାରେ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୨୬ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

# ୩ ଯୁଗ୍ମ ସଚିବଙ୍କ ବିଞ୍ଝାରପୁର ଗସ୍ତ

**ବିଞ୍ଝାରପୁର, ୨୨।୫ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ତିନି ପ୍ରମୁଖ ବିଭାଗର ଯୁଗ୍ମ ସଚିବ ଶୁକ୍ରବାର ବିଞ୍ଝାରପୁର ବ୍ଲକ ଗସ୍ତ କରି କରୋନା ସଂକ୍ରମଣ ଓ ବାତ୍ୟା ଅମ୍ଫନ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ଆକଳନ କରିଛନ୍ତି। ରାଜସ୍ୱ ବିଭାଗ ଯୁଗ୍ମ ସଚିବ ଦିଲ୍ଲୀପ କୁମାର ସାହୁ, ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ବିରେନ୍ଦ୍ର କେର୍କେଟା, ନିର୍ବାଚନ ଆୟୋଗର ଉପ ସଚିବ ଆଜାଦ୍ ହିନ୍ଦ ପାଣିଗ୍ରାହୀ ବିଞ୍ଝାରପୁର ବ୍ଲକର ଉଉରକୂଳ, ଆଉଁରୀ ଓ ଜରୀ ପଞ୍ଚାୟତର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରକୁ ଯାଇ ଅନୁଧ୍ୟାନ କରିଥିଲେ। ଏହାପରେ ଅମ୍ଫନ ପ୍ରଭାବରେ ବିଭିନ୍ନ ଗାଁରେ ଭାଙ୍ଗିଥିବା ଘର ଅନ୍ୟାନ୍ୟ କ୍ଷୟକ୍ଷତି ଅନୁଧ୍ୟାନ କରି ଫେରିଯାଇଛନ୍ତି। ସଚିବଙ୍କ ଗସ୍ତ ସମୟରେ ବିଡିଓ ମିନତୀ ଜଗଦେବ, ଜିପିଓ ସତ୍ୟନାରାୟଣ ମିଶ୍ର, କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ, ଅନିଲ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସାନିଟାଇଜ୍‌ରେ ସାମିଲ ଅଧିକାରୀ

**ଆଳି,୨୨।୫(ଡି.ଏନ.ଏ)**

କେନ୍ଦ୍ରାପଡା ଜିଲା ଆଳି ବ୍ଲକରେ ଇତିମଧ୍ୟରେ ୩ଟି କରୋନା ପଜିଟିଭ୍ ବାହାରି ସାରିଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶହଶହ ରୋଗୀଙ୍କ ସମେତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶାସାଥୀ ଓ ଏଏନ୍‌ଏମ ଆସୁଛନ୍ତି। ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ବାରିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରି ଚର୍ଚ୍ଚାକୁ ଆସିଛନ୍ତି। ଶୁକ୍ରବାର ସେ ଏକ ସାନିଟାଇଜ୍ ମେଶିନ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରସୂତି ଭବନ, ନିଦାନ ଗୃହ, ଡ୍ରେସିଂ ରୁମ, ନିରାମୟ ଔଷଧ ବିତରଣ କେନ୍ଦ୍ର, ଆଉଟଡୋର ଆଦି ସାନିଟାଇଜ କରିଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୋଦ କୁମାର ପ୍ରହରାଜଙ୍କ ସମେତ ସମସ୍ତ ଡାକ୍ତର, କର୍ମଚାରୀ ଓ ଚିକିତ୍ସିତ ହେବାକୁ ଆସିଥିବା ରୋଗୀମାନେ ପ୍ରଶଂସା କରିଥିଲେ।

# ଶ୍ରମ ଆଇନ ସଂଶୋଧନ ପ୍ରତ୍ୟାହାର ଦାବି



ଯାଜପୁର ଜିଲା ଆଇଏନଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ଯାଜପୁର ଅଫିସ,୨୨।୫**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ଅଧ୍ୟାଦେଶ ଜରିଆରେ ସଂଶୋଧନ ନାଁରେ ୪୪ଟି ଶ୍ରମ ଆଇନକୁ ପରିବର୍ତ୍ତନ କରାଯାଇଛି। ବିଶେଷକରି ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାର୍ଯ୍ୟକୁ ଅନୁମୋଦନ କରାଯାଇଛି। ଏହି ପରିବର୍ତ୍ତନକୁ ଶ୍ରମିକ ସଂଗଠନଗୁଡ଼ିକ ପ୍ରବଳ ବିରୋଧ କରିଛନ୍ତି। ତୁରନ୍ତ ୧୨ ଘଣ୍ଟା କାର୍ଯ୍ୟଦେଶକୁ ପ୍ରତ୍ୟାହାର ଦାବିରେ ଯାଜପୁର ଜିଲା ଆଇଏନଟିୟୁସିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଶୁକ୍ରବାର ଗୋପବନ୍ଧୁ ଛକ, ଜିନ୍ଦଲ ଷ୍ଟେନଲେସ, ମେସ୍କୋ ଷ୍ଟିଲ ସମ୍ମୁଖ ଓ ମାନପୁରଠାରେ ଶ୍ରମିକ ଏବଂ କର୍ମଚାରୀ ମାନେ ସାମାଜିକ ଦୂରତା ରକ୍ଷା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ନୀଳାଚଳ ବଞ୍ଚାଓ ମିଳିତ ମଞ୍ଚ ନେତୃତ୍ୱରେ ନୀଳାଚଳ ଇସ୍ପାତ ଫାଟକ ସାମ୍ନାରେ ମଞ୍ଚର ଆବାହକ ରଞ୍ଜନ ନାୟକ ଓ ବିସ୍ଥାପିତ କମିଟିର ସମ୍ପାଦକ ବାବୁଲି ପୂର୍ତ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନୟାଗଡ଼ ଅଫିସ,୨୨।୫**

ନୟାଗଡ଼ ଜିଲାର ବିଭିନ୍ନ ଶ୍ରମିକ ସଙ୍ଗଠନ ୧୨ ଘଣ୍ଟା କାର୍ଯ୍ୟାଦେଶକୁ ବିରୋଧ କରିଛନ୍ତି। ୧୨ ଘଣ୍ଟା କାମ ନିଷ୍ପତ୍ତି ପ୍ରତ୍ୟାହାର ସହ ଶ୍ରମିକମାନଙ୍କ ଦୈନିକ ମଜୁରି ୬୦୦ ଟଙ୍କା କରିବା ଦାବିରେ ଶୁକ୍ରବାର ଶ୍ରମିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ସିଆଇଟିୟୁ ପକ୍ଷରୁ ଆୟୋଜିତ ସମାବେଶରେ ଆଇଏନ୍‌ଟିୟୁସି, ଏଆଇଟିୟୁସିର ନେତା ବିଶ୍ୱନାଥ ମହାପାତ୍ର, ଗୋଲଖ ବିହାରୀ ମୁଦୁଲି, ଏସ.ଏ. କରିମ୍, ଅମିୟ ପଟ୍ଟନାୟକ, ପବିତ୍ର ଇନ୍ଦ୍ରଜିତ୍ ପ୍ରମୁଖ ଯୋଗଦେଇ କହିଥିଲେ, ଶ୍ରମିକଙ୍କ ଅଧିକାରକୁ ଅପହରଣ କରାଯାଇଛି। ଦୈନିକ ଆଠ ଘଣ୍ଟା ଶ୍ରମ ସମୟର ନିର୍ଘଣ୍ଟ ହେଉଛି ଅନ୍ତର୍ଜାତୀୟ ଶ୍ରମିକ ଆନ୍ଦୋଳନର କଠିନ ପରିଶ୍ରମ, ଯାହାକି ୧୮୮୬ ରେ ଆମେରିକାର ଶିକାଗୋ ସହରରୁ ଆରମ୍ଭ ହୋଇ ବିଶ୍ୱକୁ ବ୍ୟାପିଥିଲା। କରୋନା ସଙ୍କଟ ଯୋଗୁ ଲକ୍‌ଡାଉନ ଅବଧି ୨ମାସ ପୂରିବାକୁ ବସିଛି। ଶ୍ରମିକମାନେ ଜୀବନଜୀବିକା ହରାଇ କ୍ଷତିଗ୍ରସ୍ତ ହୋଇଛନ୍ତି। ଶିଳ୍ପସଂସ୍ଥା ବା ଉଦ୍ୟୋଗକୁ ଠିକ୍ କରିବା ଆଳରେ ଓଡ଼ିଶା ସମେତ ୬ ରାଜ୍ୟ ଶ୍ରମ ଆଇନକୁ ପରିବର୍ତ୍ତନ କରିଛନ୍ତି, ଯାହାକି ଅସାମ୍ବିଧାନିକ ବୋଲି ସେମାନେ କହିଥିଲେ।

# ୧୦ ଦିନରେ ଚେନ୍ନାଇରୁ ମୟୂରଭଞ୍ଜ

**ବିଶୋଇ,୨୨।୫(ଡି.ଏନ୍.ଏ.)**



ସାଇକେଲରେ ଫେରିଥିବା ୮ ପ୍ରବାସୀ।

■ ସାାଇକେଲ୍‌ରେ ଆସିଲେ ୮ ପ୍ରବାସୀ
■ ଅତିକ୍ରମ କଲେ ୧୬ ଶହ କି.ମି ରାସ୍ତା

କରୋନା ଯୋଗୁ ବର୍ତ୍ତମାନ ସାରା ଦେଶରେ ଲକ୍‌ଡାଉନ ପରିସ୍ଥିତି ଜାରି ହୋଇଥିବାବେଳେ ଏଥିରେ ନିଜର ପରିବାର ପୋଷଣ ନିମନ୍ତେ ବାହାର ରାଜ୍ୟକୁ ଯାଇଥିବା ପ୍ରବାସୀ ଓଡିଆଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଲକ୍‌ଡାଉନ କାରଣରୁ ବାହାର ରାଜ୍ୟର ଅଧିକାଂଶ ଘରୋଇ କମ୍ପାନୀ ବନ୍ଦ ହେବା ଯୋଗୁ ପ୍ରବାସୀମାନେ କାମ ନ ପାଇ ଭୋକ ଉପାସରେ ଦିନ କାଟୁଛନ୍ତି। କାମକରି ପୂର୍ବରୁ ସଞ୍ଚୟ କରି ରଖିଥିବା କିଛି ଧନ ଖର୍ଚ୍ଚ କରି ଏବେ ଏହି ପ୍ରବାସୀମାନେ ଘରମୁହାଁ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପ୍ରବାସୀ ଚାଲି ଚାଲି ଆସିବା ସହିତ କେତେକ ଟ୍ରେନ ଓ ଅନ୍ୟ କେତେକ ପ୍ରବାସୀ ନିଜ ଖର୍ଚ୍ଚରେ ବସ ଭଡ଼ା କରି ନିଜ ଘରକୁ ଫେରୁଛନ୍ତି। ତେବେ ଆର୍ଥିକ ଅନାଟନ କାରଣରୁ କେତେକ ପ୍ରବାସୀଙ୍କ ନିମନ୍ତେ ସାଇକେଲ ହିଁ ଏକ ମାତ୍ର ଭରସା ପାଲଟିଛି। ଏହିପରି ଏକ ଘଟଣା ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ଘଟିଛି। ଏହି ବ୍ଲକର ଲୁହାକାନି ପଞ୍ଚାୟତର ଡିପୁସାହି, ଢୁମୁରିଆ ଓ ଭୋଲବେଡା ଗ୍ରାମର ଆଦିବାସୀ ସମ୍ପ୍ରଦାୟର ଜଣେ ଯୁବତୀ ଓ ୭ ଜଣ ଯୁବକଙ୍କୁ ମିଶାଇ ସମୁଦାୟ ୮ ଜଣ ଚେନ୍ନାଇର ବ୍ରାଣ୍ଡ ଷ୍ଟିଲ ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ଲକଡାଉନ ଯୋଗୁ କମ୍ପାନୀ ବନ୍ଦ ହେବା ଫଳରେ ସେମାନେ ସଞ୍ଚୟ ରଖିଥିବା ଟଙ୍କାରେ କିଛିଦିନ ଚଳିବା ପରେ ଅନ୍ୟ କିଛି ଉପାୟ ନ ପାଇ ପାଖରେ ବଳକା ଥିବା ଟଙ୍କାରେ ସାଇକେଲ କିଣି ଘରମୁହାଁ ହୋଇଥିଲେ। ଏହି ୮ ଜଣ ଗତ ୧୩ ତାରିଖରେ ଚେନ୍ନାଇରୁ ବାହାରି ଶୁକ୍ରବାର ସକାଳେ ନିଜ ଅଞ୍ଚଳରେ ପହଞ୍ଚିଥିଲେ। ସେମାନେ ୧୦ ଦିନ ମଧ୍ୟରେ ୧୬୦୦ କି.ମି ଅତିକ୍ରମ କରିଥିଲେ।

# ମୃତ୍ୟୁ ପୂର୍ବରୁ ଅସୁସ୍ଥ ବାପାଙ୍କୁ ଦେଖିପାରିଲେନି ପୁଅ

**ସଜନାଗଡ଼,୨୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତର ବାଲିଓରା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହୁଥିବା ଜଣେ ଯୁବକ କରୋନା କଟକଣା ଯୋଗୁ ମୃତ୍ୟୁ ପୂର୍ବରୁ ତାଙ୍କ ଅସୁସ୍ଥ ବାପାଙ୍କୁ ଦେଖି ପାରି ନାହାନ୍ତି। ପ୍ରଶାସନଠାରେ ଗୁହାରି ପରେ ଶୁକ୍ରବାର ବାପାଙ୍କ ଶେଷକୃତ୍ୟ ସାରି ପୁଣି କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଫେରି ଯାଇଛନ୍ତି।

ସୂଚନା ଅନୁଯାୟୀ, ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ଅମିତ ବେହେରା ମୁମ୍ବାଇର ଟାଟା ମେମୋରିଆଲ କ୍ୟାନ୍‌ସର ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବରୁ ଗାଁରେ ରହୁଥିବା ତାଙ୍କ ବାପା କ୍ୟାନସର ରୋଗରେ ପୀଡ଼ିତ ହୋଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସାରତ ଥିଲେ। ବାପାଙ୍କର ଅସୁସ୍ଥତା ଖବର ପାଇ ଅମିତ ମୁମ୍ବାଇରୁ ଓଡ଼ିଶାକୁ ବହୁ ବାଧାବିଘ୍ନରେ ଆସି ପହଞ୍ଚିଥିଲେ। ଲକ୍‌ଡାଉନ୍ କଟକଣା ଗାଇଡଲାଇନ୍ ଅନୁସାରେ ସେ ନିଜ ଗ୍ରାମ ଠାରୁ ୨ କି.ମି. ଦୂର ବାଲିଓରା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହୁଥିଲେ। ବହୁ ଚେଷ୍ଟା ପରେ ବି ସେ ତାଙ୍କ ବାପାଙ୍କୁ ଦେଖା କରିବା ପାଇଁ ଯାଇପାରି ନ ଥିଲେ। ଗୁରୁବାର ରାତିରେ ତାଙ୍କ ବାପାଙ୍କର ଦେହାନ୍ତ ହୋଇଥିଲା। ଜୀବିତାବସ୍ଥାରେ ସେ ତାଙ୍କ ବାପାଙ୍କର ମୁଖ ଦର୍ଶନ କରିପାରି ନ ଥିଲେ।

## ସଂକ୍ଷେପରେ

### ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି ଜଣେ ଗିରଫ

ବଡବିଲ, ୨୨।୫(ସ୍ୱ.ପ୍ର.)- ସୋସିଆଲ ମିଡିଆରେ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାକଲ ହଟିଂ ଅଞ୍ଚଳର ଏମଡି ଅଖତାର ଖାନ। ସୂଚନା ଅନୁଯାୟୀ, ଗୁରୁବାର ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ବଡବିଲ ପୋଲିସ ଏକ ମାମଲା (ନଂ ୭୬/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଧର୍ମକୁ ନେଇ ସୋସିଆଲ ମିଡିଆରେ ମନ୍ତବ୍ୟ ଦେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ ଦାଶ କହିଛନ୍ତି।

### ସଙ୍ଗରୋଧ ଗୃହରୁ ଖସି ପଳାଇଲେ ପ୍ରବାସୀ

ପଦ୍ମପୁର,୨୨।୫(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ପାଟଣା ମିଶ୍ରପୁର ସଙ୍ଗରୋଧ ଗୃହରେ ୧୬ ଦିନ ରହିବା ପରେ ଜଣେ ପ୍ରବାସୀ ଖସି ପଳାଇଛନ୍ତି। କୋଲକାତାରୁ ଫେରି ସେ ସଙ୍ଗରୋଧ ଗୃହରେ ରହୁଥିଲେ। ଗୁରୁବାର ରାତିରେ ସେ ନିଜ ପିକ୍‌ଅପ୍ ଗାଡ଼ି ନେଇ ଗ୍ରାମକୁ ଯାଇ ନଳକୂଅରେ ଗାଡ଼ିକୁ ଧୋଇ ଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇ ଥିଲା। ଗ୍ରାମର ଭରତ ନାଏକ, ଲକ୍ଷ୍ମୀଧର ବଳ, ମୁକ୍ତିକାନ୍ତ ଘଡ଼େଇ, ସନାତନ ଦାସ, ଗଣେଶ ମଲ୍ଲିକ ପ୍ରମୁଖ ଏହାକୁ ବିରୋଧ କରିଛନ୍ତି। ଏ ବାବଦରେ ସରପଞ୍ଚ ଓ ବିଡିଓଙ୍କ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। କିପରି ଓ କେଉଁ ପରିସ୍ଥିତିରେ ସେ ସଙ୍ଗରୋଧ ଗୃହରୁ ବାହାରି ଗ୍ରାମରେ ପହଞ୍ଚିଲେ ତଦନ୍ତ କରାଯିବା ସହ ପୁନଶ୍ଚ ତାଙ୍କୁ ସଙ୍ଗରୋଧକୁ ପଠାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### କେନ୍ଦୁଝରରେ ସାମାଜିକ ଦୂରତ୍ୱ ମାନୁନାହାନ୍ତି ଗ୍ରାହକ

କେନ୍ଦୁଝର/ଚମ୍ପୁଆ, ୨୨।୫ (ଡି.ଏନ୍.ଏ.)- କରୋନା ସଂକ୍ରମଣର ପ୍ରତିରୋଧ ପାଇଁ ଦେଶକୁ ଲକ୍‌ଡାଉନ୍ କରିବା ସହ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଛି। ଦୋକାନରୁ କିଛି ସାମଗ୍ରୀ କିଣିଲେ ଗ୍ରାହକମାନେ ସେମାନଙ୍କର ନାମ, ଠିକଣା ଓ ଫୋନ ନମ୍ବର ଲେଖିବା ପାଇଁ କୁହାଯାଇଛି। ଅନେକ ବ୍ୟବସାୟୀ ଏହି ନିୟମକୁ ମାନୁ ନାହାନ୍ତି। କେନ୍ଦୁଝର ସହରର କଚେରୀ ଛକ, ଗାନ୍ଧୀ ଛକ, ସିରାଜୁଦ୍ଦିନ ଛକ, ଡେଲି ମାର୍କେଟ, କୃଷକ ବଜାର ଆଦି ସ୍ଥାନଗୁଡ଼ିକରେ ସାବିତ୍ରୀ ବ୍ରତ ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। କେହିବି ସାମାଜିକ ଦୂରତ୍ୱ ମାନିବା ସପକ୍ଷରେ ନ ଥିଲେ। ତତ୍ପର୍ଥ ପର୍ଯ୍ୟାୟ ଲକ୍‌ଡାଉନରେ କିଛିଟା କୋହଳ କରାଯାଇଥିବାବେଳେ ସାମାଜିକ ଦୂରତ୍ୱ ଏବଂ ମାସ୍କ ପରିଧାନକୁ ବାଧତାମୂଳକ କରାଯାଇଛି। ମାତ୍ର ଏହି ନିୟମକୁ ଅନେକ ଲୋକ ପାଳନ କରୁନାହାନ୍ତି। ସେହିପରି ଚମ୍ପୁଆରେ ମଧ ଦୋକାନୀମାନେ ଏହି ନିୟମକୁ ଭଙ୍ଗ କରୁଥିବା ଦେଖିବାକୁ ମିଳିଛି।

### ୨୦ ପ୍ରବାସୀଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ପଠାଇଲା ପୋଲିସ

କେନ୍ଦୁଝର,୨୨।୫(ଡି.ଏନ୍.ଏ.)- କେନ୍ଦୁଝର ସହର ମଧ ଦେଇ ଚାଲି ଚାଲି ଯାଉଥିବା ୨୦ ପ୍ରବାସୀଙ୍କୁ ପୋଲିସ ସ୍ୱତନ୍ତ୍ର ଗାଡ଼ି ଯୋଗେ ସେମାନଙ୍କ ଘରକୁ ପଠାଇବାର ବ୍ୟବସ୍ଥା କରିଛି। ମୁମ୍ବାଇରେ କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲି ଥିବାରୁ ଏବଂ ଲକ୍‌ଡାଉନ୍‌ରେ ଦୋକାନ, ବଜାର ବନ୍ଦ ଥିବାରୁ କାମ ଧନ୍ଦା ହରାଇ ଏହି ପ୍ରବାସୀ ଶ୍ରମିକମାନେ ଘର ମୁହାଁ ହୋଇ ପ୍ରଥମେ ଏକ ଟ୍ରକ୍ ଏବଂ ପରେ ଚାଲି ଚାଲି କେନ୍ଦୁଝର ଦେଇ ଯାଉଥିଲେ। ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ପୋଲିସ ଏଏସ୍‌ଆଇ ସୁଶାନ୍ତ ସେଠୀ ଏହି ପ୍ରବାସୀଙ୍କୁ କେନ୍ଦୁଝରରେ ରଖି ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରିଥିଲେ। ପରେ ସ୍ୱତନ୍ତ୍ର ଗାଡ଼ିରେ ୧୦ଜଣଙ୍କୁ କୋଲକାତା ଏବଂ ଅନ୍ୟ ୧୦ଜଣଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡା ଜିଲାକୁ ପଠାଇଥିଲେ। ପ୍ରତ୍ୟେକ ଦିନ କେନ୍ଦୁଝର ସହର ମଧରେ ଚାଲି ଚାଲି ଯାଉଥିବା ପ୍ରବାସୀ ଶ୍ରମିକମାନେ ନିଜ ଅଞ୍ଚଳକୁ ଯିବା ପାଇଁ ପୋଲିସ ପକ୍ଷରୁ ଗାଡ଼ି ବ୍ୟବସ୍ଥା କରାଯାଇ ପଠାଯାଉଥିବାବେଳେ ପ୍ରବାସୀମାନେ ଯେପରି ଚାଲି ଚାଲି ନ ଯିବେ ସେଥିପାଇଁ ପଦକ୍ଷେପ ନିଆଯାଉଥିବା ସଦର ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

# କରୋନା ବଦଳାଇଲା ବ୍ରତ ପାଳନର ଢଙ୍ଗ

**ଭଦ୍ରକ ଅଫିସ, ୨୨।୫**

ଭୟାବହ କରୋନା ବିଭିନ୍ନ ବ୍ରତ ପାଳନର ଢଙ୍ଗ ବଦଳାଇ ଦେଇଛି। କରୋନା ଆକ୍ରାନ୍ତ ସଂଖ୍ୟା ବଢ଼ିବା କାରଣରୁ ହିନ୍ଦୁ ପରମ୍ପରା ଅନୁଯାୟୀ ପାଳନ ହେଉଥିବା ବିଭିନ୍ନ ପୂଜା, ବ୍ରତ, ପର୍ବପର୍ବାଣିର ମୌଳିକତା ରହିଛି ହେଲେ ଢଙ୍ଗ ବଦଳିଛି। ଶୁକ୍ରବାର ହିନ୍ଦୁ ପରମ୍ପରାର ପ୍ରମୁଖ ବ୍ରତ କୁହାଯାଉଥିବା ସାବିତ୍ରୀ ବ୍ରତ ପାଳନର ଢଙ୍ଗ ବଦଳି ଯାଇଛି। ମହିଳାମାନେ ବିଧି ଅନୁଯାୟୀ ପୂଜା ପାଠ କରିଛନ୍ତି। କିନ୍ତୁ ଶିବମନ୍ଦିର ଓ ଦେବୀ ମନ୍ଦିର ପରିବର୍ତ୍ତେ ଘର ଚଉରା ସମ୍ମୁଖରେ ପୂଜା କରି ବ୍ରତ ପାଳନ କରିଛନ୍ତି। ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ମନ୍ଦିର ଓ ମସ୍‌ଜିଦ୍‌ରେ ଶୁକ୍ରବାର ପୂର୍ବାହ୍ନରୁ ୧୪୪ ଧାରା ଜାରି କରାଯିବା ପରେ ମହିଳାମାନେ ଏହିଭଳି ଉପାୟରେ ବ୍ରତ ପାଳନ କରିଥିବା ଜଣାପଡ଼ିଛି।

# ୩ ଜିଲାରେ ୯ ଆକ୍ରାନ୍ତ ଚିହ୍ନଟ

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ କେନ୍ଦୁଝର,୨୨।୫(ସ୍ୱ.ପ୍ର/ଡି.ଏନ୍.ଏ.)**

ଉତ୍ତର ଓଡ଼ିଶାର ୩ ଜିଲାରେ ଶୁକ୍ରବାର ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଜିଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଏହାକୁ ମିଶାଇ ବାଲେଶ୍ୱର ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨୫, ଭଦ୍ରକରେ ୯୮ ଓ କେନ୍ଦୁଝରରେ ୧୧ ଛୁଇଁଛି।



ବାଲେଶ୍ୱର ଜିଲାରୁ ୪୨ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଥିବା ବେଳେ ୮୩ଜଣ ରାଜ୍ୟର ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ସୋର ବ୍ଲକର ୨ଜଣ ଓ ଖଇରା ବ୍ଲକର ଜଣେ ବୋଲି ସୂଚନା ମିଳିଛି। ସୋର ବ୍ଲକ ଅନ୍ତର୍ଗତ ସିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଅଞ୍ଚଳର ଜଣେ ୬୫ ବର୍ଷୀୟ ବ୍ୟକ୍ତି ପଶ୍ଚିମବଙ୍ଗରୁ ଫେରି ସଙ୍ଗରୋଧ ଗୃହରେ ରହିଥିଲେ। ଅନ୍ୟ ଜଣେ ଚିହ୍ନଟ ଆକ୍ରାନ୍ତ ଉକ୍ତ ପଞ୍ଚାୟତ ଗାଜଡ଼ିହା ଅଞ୍ଚଳର ୪୧ ବର୍ଷୀୟ ଯୁବକ ମୁମ୍ବାଇରୁ ଫେରି ସଙ୍ଗରୋଧ ଗୃହରେ ରହିଥିଲେ। ସେହିପରି ଖଇରା ବ୍ଲକର ତୁଡିଗଡ଼ିଆ ମାଳିକାପୁର ଅଞ୍ଚଳର ୪୦ ବର୍ଷୀୟ ଯୁବକ ମୁମ୍ବାଇରୁ ଫେରି ସଙ୍ଗରୋଧ ଗୃହରେ ରହିଥିବା ଜିଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଭଦ୍ରକ ଜିଲାରେ ଶୁକ୍ରବାର ଚିହ୍ନଟ ୩ ଆକ୍ରାନ୍ତ ମହାରାଷ୍ଟ୍ର ଫେରନ୍ତା ଓ ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ ବୋଲି ଜିଲା ପ୍ରଶାସନ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛି।

କେନ୍ଦୁଝର ଜିଲାର ୩ ଆକ୍ରାନ୍ତ ହାଟଡିହି ବ୍ଲକ ଅଧୀନ ହାଟଡିହି ପଞ୍ଚାୟତ ଅଞ୍ଚଳର। କୋଲକାତାରୁ ଫେରି ସେମାନେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୩ କରୋନା ପଜିଟିଭ ରହୁଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ବାହାରକୁ ଯିବା ଏବଂ ବାହାରୁ ଭିତରକୁ ଆସିବା ଉପରେ କଟକଣା ଜାରି କରାଯାଇଛି। ଜିଲାର ୨ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉତ୍ତର ଓଡ଼ିଶାର ଅନ୍ୟତମ ଜିଲା ମୟୂରଭଞ୍ଜରେ ମୋଟ ୧୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ସାବିତ୍ରୀ ବ୍ରତ

**ବନ୍ତ/ପଦ୍ମପୁର/ ଭଣ୍ଡାରିପୋଖରୀ/ ଖଇରା/ବାହାନଗା, ୨୨।୫(ସ୍ୱ.ପ୍ର./ଡି.ଏନ୍.ଏ.):**

କରୋନା ଲକ୍‌ଡାଉନ୍ ପରିସ୍ଥିତିରେ ଶୁକ୍ରବାର ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ସଧବାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବିଭିନ୍ନ କେନ୍ଦ୍ରରେ ରହୁଥିବା ସଧବାଙ୍କ ପାଇଁ ସରପଞ୍ଚମାନେ ଭୋଗ ସାମଗ୍ରୀ କିଣି ଦେଇଥିଲେ।



ବନ୍ତ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ରରେ ବ୍ରତଧାରୀମାନେ ପୂଜାରେ ବସିଛନ୍ତି।

ଓଡ଼ଙ୍ଗ ପଞ୍ଚାୟତର ସରପଞ୍ଚ କିଶୋର କିଙ୍କର ପଢିଆରୀ ୯ ଜଣ ବ୍ରତଧାରୀଙ୍କ ପାଇଁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ଓ ଭୋଗ ପାଇଁ ଫଳମୂଳ କିଣିବା ସହିତ ବ୍ରାହ୍ମଣ ଡକାଇ ପୂଜା କରାଇଥିଲେ। ସମସ୍ତ ବ୍ରତଧାରୀ ମାସ୍କ ପିନ୍ଧିବା ସହିତ ସମଦୂରତ୍ୱରେ ବସି ବ୍ରତ ପାଳନ କରିଥିଲେ। ଫାଟକ ବାହାରେ ବ୍ରାହ୍ମଣ ମନ୍ତ୍ରପାଠ କରି ପୂଜା କରିଥିଲେ। ନିଜେ ସରପଞ୍ଚ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଚାରିଗାଁ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ୨ ଜଣ ବ୍ରତଧାରୀଙ୍କ ପାଇଁ ସରପଞ୍ଚ ବନମାଳୀ ବେହେରା, ବଡବର୍ଚ୍ଚିକୟାଁ ପଞ୍ଚାୟତର ୩ ଓ ଆପ୍ତିରା ସଙ୍ଗରୋଧ କେନ୍ଦ୍ରରେ ଜଣଙ୍କ ପାଇଁ ସରପଞ୍ଚ ବିଷ୍ଣୁ ମୋହନ ଜେନା, ନିଳୋକ ପଞ୍ଚାୟତରେ ୧୦ ଜଣଙ୍କ ପାଇଁ ସରପଞ୍ଚ ଅଶୋକ କୁମାର ମହାନ୍ତି, ଅଣିଜୋ ପଞ୍ଚାୟତରେ ୪ ଜଣଙ୍କ ପାଇଁ ସରପଞ୍ଚ ଜଗବନ୍ଧୁ ବେହେରା, ଗୋବିନ୍ଦପୁର ପଞ୍ଚାୟତରେ ୩ ଜଣଙ୍କ ପାଇଁ ସରପଞ୍ଚ ତିଳୋତ୍ତମା ବାରିକ, କ୍ଷେଣ୍ଟିରା ପଞ୍ଚାୟତରେ ୧୦ ଜଣଙ୍କ ପାଇଁ ସରପଞ୍ଚ ପ୍ରେମଲତା ପ୍ରଧାନ, ଗଣିଜାଙ୍ଗ ପଞ୍ଚାୟତରେ ୨ ଜଣଙ୍କୁ ସରପଞ୍ଚ ରଞ୍ଜନ କୁମାର ସାହୁ ସମସ୍ତ ଭୋଗ ସାମଗ୍ରୀ ଆଣି ଦେଇଥିଲେ। ସେହିପରି କେନ୍ଦୁଆପଦା ସଙ୍ଗରୋଧ କେନ୍ଦ୍ରରେ ୫ ଜଣଙ୍କ ଖାଇବା ପାଇଁ ସରପଞ୍ଚ ମିତାଲୀ ଜେନା ଫଳମୂଳ ସାମଗ୍ରୀ ଆୟୋଜନ କରିଥିଲେ। ଟିଲୋ ସଙ୍ଗରୋଧ କେନ୍ଦ୍ରରେ କୌଣସି ମହିଳା ପ୍ରବାସୀ ନ ଥିବାରୁ ସେଠାରେ ରହୁଥିବା ପୁରୁଷ ପ୍ରବାସୀମାନଙ୍କୁ ସେମାନଙ୍କ ସ୍ତ୍ରୀମାନେ ଗେଟ୍ ପାଖରେ ରହି ପ୍ରଣାମ କରିବା ସହିତ ପ୍ରସାଦ ଦେଇଥିଲେ। ଶିଆଳିଆ ସଙ୍ଗରୋଧ କେନ୍ଦ୍ରରେ ଜଣେ ଶିଶୁର ଜନ୍ମଦିନ ମଧ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା।

ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡ଼ିଆ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ଥିବା ୧୩ ଜଣ ମହିଳାଙ୍କ ପାଇଁ ସରପଞ୍ଚ ଲଳିତା ନାୟକ ପୂଜା ସାମଗ୍ରୀ ଯୋଗାଇ ଦେବା ସହ ନିଜେ ସେମାନଙ୍କ ସହ ମିଶି ପୂଜାର୍ଚ୍ଚନା କରିଥିଲେ। ବିଡିଓ ପ୍ରଣବ କୁମାର ବେହେରା, ନୋଡାଲ ଅଫିସର ନରହରି ଅଗସ୍ତି,ଏଏନ୍‌ଏମ୍ ମିନତି ବାରିକ, ଅଙ୍ଗନୱାଡି କର୍ମୀ ମନୋରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରବାସୀ ଓଡ଼ିଆ ମାନଙ୍କ ପାଇଁ ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ଶୁକ୍ରବାର ମହିଳା ମାନେ ସ୍ୱାମୀମାନଙ୍କ ଶୁଭ ମନାସି ସାବିତ୍ରୀ ବ୍ରତ ପାଳିଥିଲେ।

### ବ୍ରତଧାରୀଙ୍କୁ ସରପଞ୍ଚ ଦେଲେ ଶାଢ଼ି,ଫଳ

ଅନ୍ୟପକ୍ଷେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ମହତୀପୁର ସ୍କୁଲର ସଙ୍ଗରୋଧ କେନ୍ଦ୍ରରେ ୨ ପ୍ରବାସୀ ମହିଳା ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସେଠାରେ ରହୁଥିବା ଭାକୁନନା ନାମକ ପ୍ରବାସୀ ବ୍ରାହ୍ମଣ ପୂଜାପାଠ କରିଥିଲେ। ସମିତି ସଭ୍ୟ ନିରଞ୍ଜନ ଶତପଥୀ,ଦେବବ୍ରତ ମହାପାତ୍ର,ଶ୍ୟାମସୁନ୍ଦର ଯେନା, ଜ୍ୟୋତିରଞ୍ଜନ ପଣ୍ଡା, ସୁରକ୍ଷା କର୍ମୀ ରମାକାନ୍ତ ବିଶ୍ୱାଳ ଓ ଟୁନା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ତରଫରୁ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଇ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା କେତେକ ମହିଳା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସରପଞ୍ଚମାନଙ୍କ ଏପରି ଆୟୋଜନକୁ ନୋଡାଲ ଅଫିସର, କମିଟି ସଭ୍ୟଙ୍କ ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ପ୍ରବାସୀଙ୍କ ସହ ଭୋଜି ଖାଇ କ୍ୱାରାଣ୍ଟାଇନ୍‌ରେ ସରପଞ୍ଚ

**କେନ୍ଦୁଝର,୨୨।୫ (ସ୍ୱ.ପ୍ର.)**

କରୋନା ମହାମାରୀ ନିରାକରଣ ପାଇଁ ଜିଲାପାଳ କ୍ଷମତା ପାଇ କାମ କରୁଥିବା ବାଂଶପାଳ ବ୍ଲକର ଜଣେ ସରପଞ୍ଚ କେତେକ ପ୍ରବାସୀ ଓଡିଆ ସାଙ୍ଗଙ୍କ ସହ ଭୋଜି ଖାଇ କ୍ୱାରାଣ୍ଟାଇନରେ ରହିଛନ୍ତି। ମଙ୍ଗଳବାର ଚେନ୍ନାଇରୁ ବିନା ପଞ୍ଜୀକରଣରେ ଫେରଥିବା ୩ ସାଙ୍ଗଙ୍କ ସହିତ ସରପଞ୍ଚ ଭୋଜି କରିଥିଲେ। ଏହି ଘଟଣା ଜଣା ପଡିବା ପରେ ସରପଞ୍ଚଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଯାଇଛି।

# ସାରକୋଣା ଗାଁ ଆବଦ୍ଧାଞ୍ଚଳ ଘୋଷିତ

**ଖଇରା,୨୨।୫(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସାରକୋଣା ଗ୍ରାମରେ ଜଣେ ୮୪ ବର୍ଷୀୟ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ଗୁରୁବାର ଉକ୍ତ ଗ୍ରାମକୁ ଆବଦ୍ଧ କ୍ଷେତ୍ର ଭାବେ ଘୋଷଣା କରାଯାଇଛି । ଉପଜିଲାପାଳ ନିଲୁ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଆଇଆଇସି ସୁବ୍ରତ କୁମାର ବେହେରା, ତହସିଲଦାର ପ୍ରଦୀପ ସାହୁ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଗ୍ରାମର ୧୧ଟି ରାସ୍ତା ସିଲ୍ କରାଯାଇଛି। ସେହିଭଳି ମୁକ୍ତାବେଗୁନିଆ, କେନ୍ଦୁଭଦଳି, କଣ୍ଡରାଗଡିଆ ଓ ନୟାଖଣ୍ଡି ଗ୍ରାମକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସମ୍ପର୍କୀୟଙ୍କ ସମ୍ପର୍କରେ ପ୍ରଶାସନ ଖୋଳତାଡ ଆରମ୍ଭ କରିଛି। ସେହିଭଳି ମୋଟ ୩୦ଜଣଙ୍କୁ ସ୍ୱାବ ନମୁନା ସଂଗ୍ରହ କରାଯାଇଛି ।



ଗ୍ରାମ ରାସ୍ତାକୁ ସିଲ୍ କରାଯାଇଛି।

# ଶ୍ରମ ଆଇନର ସଂଶୋଧନ ଦାବି

**ବାଲେଶ୍ୱର ଅଫିସ,୨୨।୫**

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡ଼େରେସନ୍‌ମାନଙ୍କ ମିଳିତ ମଞ୍ଚର ଆହ୍ୱାନକ୍ରମେ ବାଲେଶ୍ୱର ସହରରେ ଶତାଧିକ ଶ୍ରମିକ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଫକୀରମୋହନ ଗୋଲେଇରୁ ଷ୍ଟେସନଛକ ପର୍ଯ୍ୟନ୍ତ ଓଟି ରୋଡ୍‌ରେ ସାମାଜିକ ଦୂରତା ବଜାୟ ରଖି ଦୀର୍ଘ ୧ଘଣ୍ଟା ଛିଡ଼ା ହୋଇ ପ୍ରତିବାଦ ଆନ୍ଦୋଳନରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଶୋଧିତ ଶ୍ରମ ଆଇନ୍‌ରେ ଶ୍ରମିକମାନେ ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ କରିବା ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ବେଳେ ପୁଞ୍ଜିପତି ମାଲିକଙ୍କ ସପକ୍ଷରେ ଆଇନ୍ ପ୍ରଣୟନ କରିଥିବାର ଯୁକ୍ତି ରଖିଥିଲେ। ସମସ୍ତ ଶ୍ରମିକ ସଂଗଠନଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଥିଲା।

ବାଲେଶ୍ୱରରେ ଶ୍ରମିକ କର୍ମଚାରୀମାନଙ୍କ ମିଳିତମଞ୍ଚ ଟିୟୁସିସି ନେତୃତ୍ୱରେ ଆଇଏନ୍‌ଟିୟୁସି, ସିଆଇଟୁୟୁ, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି, ଏନ୍‌ଏଫ୍‌ଆଇଟିୟୁ ପ୍ରଭୃତି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସହ ଜାତୀୟ ଫେଡେରେସନ୍ ତରଫରୁ ପ୍ରତିରକ୍ଷା, ପଥବିକ୍ରେତା ସଂଘ, ଡାକ, ବୀମା, କୃଷକ, ମହିଳା, ଯୁବ ସଂଗଠନମାନଙ୍କର ପ୍ରତିନିଧିମାନେ ଦାବି ସମ୍ବଳିତ ପ୍ଲାକାର୍ଡ଼ ଓ ସଂଘର ପତାକା ସହ ଏହି ପ୍ରତିବାଦ ଆନ୍ଦୋଳନରେ ଯୋଗ ଦେଇଥିଲେ। ଟିୟୁଏସସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଓ ଜାତୀୟ ସଙ୍ଗଠନର ପ୍ରତିନିଧି ଜୟନ୍ତ ଦାସ, ଭାଗବତ ପ୍ରତିହାରୀ, ପ୍ରେମରଞ୍ଜନ ପାତ୍ର, ଅରୁଣ କୁମାର ସ୍ୱାଇଁ, ବାସନ୍ତି ସାମଲ, ସନ୍ଧ୍ୟା ଦାସମଜୁମଦାର, ବନ୍ଦନା ପାତ୍ର, ଗୌରୀ ଦାସ, ଜୟନ୍ତୀ ଦାସ, ଆବିଦ୍ ଖାନ୍, ଶିଶିର ହୁଇ, ଅରୁଣ ଜେନା, ଏମ୍‌କେଡି ମଜୁମଦାର ପ୍ରମୁଖ ଏହି ପ୍ରତିବାଦ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ।

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ

**କେନ୍ଦୁଝର/ଚମ୍ପୁଆ,୨୨।୫ (ଡି.ଏନ୍.ଏ./ସ୍ୱ.ପ୍ର./ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଶ୍ରମ ସମୟକୁ ଦୈନିକ ୮ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତିକୁ ବିରୋଧ କରି ଏହା ଅଣସମ୍ବିଧାନିକ ଏବଂ ଶ୍ରମିକ ବିରୋଧୀ ନୀତି ବୋଲି ଅଭିଯୋଗ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକର ମିଳିତ ମଞ୍ଚ ତରଫରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ତୁରନ୍ତ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକର ମିଳିତ ମଞ୍ଚ ଦାବି ଉପସ୍ଥାପନ କରିଛି। ସେହିପରି ଚମ୍ପୁଆଠାରେ ଏଆଇଟିୟୁସି କାର୍ଯ୍ୟାଳୟଠାରେ ଜିଲା ସଭାପତି ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ବହୁ କର୍ମୀ ଏହି ପ୍ରତିବାଦ ଦିବସ ପାଳନ କରିଥିଲେ। ଏନେଇ ଦଳ ପକ୍ଷରୁ ୮ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଦାଦନ ଶ୍ରମିକମାନଙ୍କୁ ସୁରକ୍ଷା ଓ ଆର୍ଥିକ ସହାୟତା ଯୋଗାଇବା, ୧୨ ଘଣ୍ଟା ବଦଳରେ କାମ କରିବାର ସମୟ ୮ ଘଣ୍ଟା କରିବା, ଲକ୍‌ଡାଉନ୍ ସମୟରେ, ଟ୍ରାନ୍ସପୋର୍ଟ, ଉଠା ଦୋକାନୀ ଓ ସମସ୍ତ ଶ୍ରମଜୀବୀଙ୍କୁ ମୁଣ୍ଡ ପିଛା ୧୦ କେଜି ଚାଉଳ ଓ ୧୦ ହଜାର ଟଙ୍କା ସହାୟତା, ସ୍କୁଲ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କର ଶିକ୍ଷା ଖର୍ଚ୍ଚ ସରକାର ବହନ କରିବା ଆଦି ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସହସମ୍ପାଦକ ଅର୍ଜ୍ଜୁନ ଚରଣ ମହାନ୍ତ, ଏମ୍‌ଡି ବଦ୍ରୁ ଜାମା, ଗିରିଶ ଚନ୍ଦ୍ର ନାଏକ, ଭରଦ୍ୱାଜ ମହାନ୍ତ, ଗଣେଶ ନାଏକ ଓ ପ୍ରେମାନନ୍ଦ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ୧୨ଦଫା ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।




ଚମ୍ପୁଆରେ ଏଆଇଟିୟୁସିର କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

### ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ

ଭଦ୍ରକ ଅଫିସ, ୨୨।୫- ଭଦ୍ରକ ଜିଲାର ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ଶ୍ରମକାର୍ଯ୍ୟାଳୟ ଆଗରେ ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ନିଜ ନିଜ ମଧ୍ୟରେ ବ୍ୟକ୍ତିଗତ ଦୂରତାକୁ ବଜାୟ ରଖି ଶ୍ରମିକ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଦିବ୍ୟସିଂହ ନାୟକ, ସମର ବଳ, ରାଧା ଦାସ, ଚନ୍ଦ୍ରଶେଖର ନାୟକ, ଗିରିଧାରୀ ନାଥ, ରମେଶ ଜେନା ପ୍ରମୁଖ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

### ଶ୍ରମିକ ସହାୟତା ଦାବିରେ ସିପିଏମର ବିକ୍ଷୋଭ

ଖଇରା,୨୨।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ସିପିଏମ ପକ୍ଷରୁ ଶ୍ରମିକ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଶହୀଦ ଭବନ ପରିସରରେ ଆୟୋଜିତ ସଭାରେ ନେତୃବୃନ୍ଦ ଯୋଗ ଦେଇ କେନ୍ଦ୍ର ସରକାର ଶ୍ରମିକଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ନ ଦେଇ ଲକ୍‌ଡାଉନ୍ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ୨୦ଲକ୍ଷ କୋଟି ପ୍ୟାକେଜ ପରେ ବି ଶ୍ରମିକମାନେ ଚାଲି ଚାଲି କାହିଁକି ଘରକୁ ଫେରୁଛନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ଭଗବାନ ଦାସ, ଅଭିରାମ ବେହେରା, ପ୍ରଶାନ୍ତ ପରିଡା, ହରେକୃଷ୍ଣ କୁଅଁର, ବଳରାମ ସାହୁ ପ୍ରମୁଖ ଶ୍ରମିକଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପଠାଇବାକୁ ଦାବି କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ

ବାରିପଦା ଅଫିସ,୨୨।୫- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ମିଳିତ ଆହ୍ୱାନରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ୪ ଦଫା ଦାବିରେ ଶୁକ୍ରବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଥିଲା। ଏଆଇଟିୟୁସିର ପ୍ରଶାନ୍ତ ମିଶ୍ର, ଜଗବନ୍ଧୁ ମିଶ୍ର, ସିଆଇଟିୟୁର ରବି ଗୋସ୍ୱାମୀ, ଅମଳ ଦେ, ପୀତାମ୍ବର ନାୟକ, ସିମ୍ପଲତା ମାଝୀ, କାହ୍ନୁଚରଣ ବେହେରାଙ୍କ ସମେତ ଏକାଧିକ ଶ୍ରମିକ ସଂଘର ସଦସ୍ୟ ଓ କମକର୍ତ୍ତାମାନେ ଏଥିରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କଡ଼ାକଡ଼ି ହେଲା କର୍ଫ୍ୟୁ, ଅମାନ୍ୟ କଲେ ଦଣ୍ଡ

**ଖଜୁରିପଡା, ୨୨ା୫(ଡି.ଏନ୍.ଏ.):** ରାଜ୍ୟ ବାହାରେ ଥିବା ପ୍ରବାସୀ ଓଡ଼ିଆଙ୍କ ଘରବାହୁଡା ପରେ ବର୍ତ୍ତମାନ କନ୍ଧମାଳ ଜିଲାରେ ୩ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଚତୁର୍ଥ ପର୍ଯ୍ୟାୟ ଲକଡାଉନ୍‌ରେ କଟକଣା ସାମାନ୍ୟ କୋହଳ ପରେ ଲୋକେ ବିନା କାମରେ ଘରୁ ବାହାରି ଦୋକାନ ବଜାରରେ ଭିଡ ଜମାଉଛନ୍ତି। ଫଳରେ ଜିଲା ପ୍ରଶାସନ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ କଡାକଡି ପାଳନ ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଖଜୁରିପଡା ବ୍ଲକ ଅଞ୍ଚଳରେ ପ୍ରଚାର ଚଳାଇଛି। ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁଙ୍କ ତତ୍ତ୍ୱାବଧାନରେ ତହସିଲଦାର ସ୍ୱପ୍ନିତା ନାଏକ, ଆଇଆଇସି ରମାକାନ୍ତ ପାତ୍ର, ଆର୍‌ଆଇ ଅମୀୟଭୂଷଣ ରାମ ପ୍ରମୁଖ ବ୍ଲକର ପ୍ରତି ପଞ୍ଚାୟତ ଗସ୍ତ କରି କର୍ଫ୍ୟୁ ନିୟମକୁ ଯିଏ ଉଲ୍ଲଂଘନ କରିବ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁମାନେ ମାସ୍କ ବ୍ୟବହାର କରୁନାହାନ୍ତି ଜରିମାନା ଆଦାୟ କାରାଯିବ ବୋଲି ପ୍ରଚାର କରିବା ସହ କେତେଜଣ ବ୍ୟବସାୟୀ ମାସ୍କ ପିନ୍ଧି ନ ଥିବାରୁ ତହସିଲଦାର ଜରିମାନା ଆଦାୟ କରିଥିଲେ।

### ଛତ୍ରପୁର ବ୍ଲକ: କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଘରକୁ ଗଲେ ୪୩୫

**ଛତ୍ରପୁର, ୨୨ା୫(ଡି.ଏନ.ଏ.):** କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨୧ ଦିନିଆ ସଙ୍ଗରୋଧ ଅବଧି ସାରିଥିବା ଛତ୍ରପୁର ବ୍ଲକର ୪୩୫ ଜଣ ଗୁରୁବାର ଓ ଶୁକ୍ରବାର ଘରକୁ ଯାଇଛନ୍ତି। ସେଥିମଧ୍ୟରେ ଡିପିଆରସିରେ ୧୩୮, ବଡ଼ମାଧପୁର ଧୀରେଶ୍ୱର ବିଦ୍ୟାପୀଠ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୩୦, ଛତ୍ରପୁର ସରକାରୀ ଆଇଟିଆଇରେ ୧୨୯, ବଡ଼ମାଧପୁର ୟୁପି ସ୍କୁଲରେ ୫୫ ଓ ଗୋବା କ୍ୱାରେଣ୍ଟାଇନ୍ ସେଣ୍ଟରରେ ୮୩ ଜଣ ରହିଛନ୍ତି। ଏମାନେ ଘରେ ଆଉ ୭ ଦିନ ସଙ୍ଗରୋଧରେ ରହିବେ। ଘରକୁ ଯିବା ପୂର୍ବରୁ ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରିଥିଲେ। ଏଥିସହ ସେମାନଙ୍କୁ କୋଭିଡ-୧୯ କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ତାଲିମ ପ୍ରମାଣପତ୍ର ଦିଆଯାଇଛି।

### ୨୫ ଅମାନିଆଙ୍କଠାରୁ ଜରିମାନା ଆଦାୟ

**ବୁଗୁଡ଼ା, ୨୨ା୫(ଡି.ଏନ.ଏ.):** ଲକ୍‌ଡାଉନ ନିୟମକୁ ମାନି ଚଳିବା ପାଇଁ ବୁଗୁଡ଼ା ସହରରେ ଏନଏସି ପ୍ରଶାସନ ପକ୍ଷରୁ ବାରମ୍ବାର ମାଇକ ଦ୍ୱାରା ସଚେତନ କରାଯାଉଥିଲେ ମଧ ଅଧିକାଂଶ ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଶୁକ୍ରବାର ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନଏସି ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ଅମାନିଆଙ୍କୁ ଧରି ଜରିମାନା ଆଦାୟ କରାଯାଇଛି। ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ରକ୍ଷା ନ କରିବା, ରାସ୍ତାରେ ଛେପ ପକାଇବା, ବାଇକରେ ଦୁଇରୁ ଅଧିକ ବସି ଯାଉଥିବା ଆଦି କାରଣରୁ ୨୫ ଜଣଙ୍କଠାରୁ ୨୦୦ ଟଙ୍କା ଲେଖାଏ ମୋଟ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯିବା ସହ ଆଗକୁ ନିୟମ ମାନି ଚଳିବାକୁ କୁହାଯାଇଛି।

### ପଡ଼ିଆରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ଗଞ୍ଜାମ, ୨୨ା୫(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ ହୁମ୍ମା ଶୁଖୁଆ ହାଟ ପଡ଼ିଆରୁ ଶୁକ୍ରବାର ଅପରାହ୍ନରେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଶିଶୁପୁତ୍ର ପଡ଼ିଥିବା ଦେଖି ଅଞ୍ଚଳର କେତେଜଣ ଯୁବକ ପାଖକୁ ଯାଇ ବଞ୍ଚିଥିବା ଦେଖିଥିଲେ। ପରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ଚିକିତ୍ସା ପରେ ସେ ଏବେ ସୁସ୍ଥ ଥିବା ଜଣାପଡ଼ିଛି।

### ସାନିଟାଇଜ୍ ହେଲା ଦାରିଙ୍ଗବାଡ଼ି ବଜାର

**ଦାରିଙ୍ଗବାଡ଼ି, ୨୨ା୫(ଡି.ଏନ.ଏ):** ଦାରିଙ୍ଗବାଡ଼ିରେ ୨ଶହରୁ ଉର୍ଦ୍ଧ୍ୱ ପ୍ରବାସୀଙ୍କୁ ୩ଟି ସଙ୍ଗରୋଧ ଗୃହରେ ରଖାଯାଇଛି। କରୋନା ସଂକ୍ରମଣ ପ୍ରତିହତ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଦାରିଙ୍ଗବାଡ଼ି ବଜାରକୁ ସାନିଟାଇଜ୍ କରାଯାଇଛି। ଦାରିଙ୍ଗବାଡ଼ି ଅଗ୍ନିଶମ କର୍ମଚାରୀ ତିନିଛକ, ଚାରିଛକ, ଲକ୍ଷ୍ମୀବଜାର ଆଦି ଅଞ୍ଚଳ ବିଶୋଧିତ କରିଛନ୍ତି। ଜିଲା ତଥା ଜିଲା ବାହାର କଳାହାଣ୍ଡି, ବଲାଙ୍ଗୀର, ସୋନପୁର ଆଦିକୁ ପ୍ରବାସୀ ଫେରିବାବେଳେ ଦାରିଙ୍ଗବାଡ଼ି ବସ୍ ଯାଉଛି। ତେଣୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏପରି ବିଶୋଧିତ କରାଯାଉଛି।

# ଶ୍ରମ ସମୟସୀମା ବୃଦ୍ଧିକୁ ବିରୋଧ

**ବ୍ରହ୍ମପୁର ଅଫିସ, ୨୨ା୫**

ଦେଶର ୧୨ ରାଜ୍ୟରେ ଶ୍ରମିକଙ୍କ ଶ୍ରମ ସମୟସୀମା ବୃଦ୍ଧି କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏପରି ଶ୍ରମିକମାରଣ ନୀତିକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ବିରୋଧ କରିଛି। ଟ୍ରେଡ୍ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ (ଟିୟୁସିଆଇ) କେନ୍ଦ୍ରୀୟ କମିଟି ଆହ୍ୱାନରେ ଗଞ୍ଜାମ ଜିଲା କମିଟି ପକ୍ଷରୁ ଯୁଗ୍ମ ଶ୍ରମ କମିଶନର ବ୍ରହ୍ମପୁରଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଶ୍ରମିକଙ୍କୁ ଲକ୍‌ଡାଉନ୍ ଅବଧିର ପୁରା ଦରମା ଯୋଗାଇବା, ଶ୍ରମ ସମୟ ସୀମା ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧିକୁ ବାତିଲ କରିବା ସହିତ ଶ୍ରମ ଆଇନରେ ଶ୍ରମିକ ବିରୋଧୀ ସଂଶୋଧନକୁ ରଦ୍ଦ କରିବା, ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବା, ସେମାନଙ୍କର ଉପଯୁକ୍ତ ଥଇଥାନ ଓ ପୁନଃନିଯୁକ୍ତିର ବ୍ୟବସ୍ଥା କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚାର ସର୍ବସ୍ୱ ପ୍ୟାକେଜ ବାତିଲ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଦାବି ପୂରଣ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିଗରେ ଆନ୍ଦୋଳନକୁ ଅଧିକ ତୀବ୍ର କରିବା ନେଇ କମିଟି ଚେତାବନୀ ଶୁଣାଇଥିଲା। ବିକ୍ଷୋଭ ସମାବେଶରେ ରାଜ୍ୟ କମିଟି ସଦସ୍ୟ ରାମଚନ୍ଦ୍ର ବାଡତ୍ୟା, ଶଙ୍କର ସାହୁ, ପି. ପାର୍ବତୀ, ଅକ୍ଷୟ ସାହୁ, କେଶବ ସ୍ୱାଇଁ, ସୁବାସ ଦାଶ, ଗୌତମ ନହାକଙ୍କ ସମେତ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ, ଏମଜିଏନଆରଇଜିଏସ ଶ୍ରମିକ ସଂଘ, ସଂଗ୍ରାମୀ ଶ୍ରମିକ ୟୁନିଅନ ଓ ମାନବ ଅଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା ଏବଂ ଜନ ଜାଗରଣ ଅଭିଯାନର ମଧୁସୂଦନ ପ୍ରମୁଖ ସାମିଲ ଥିଲେ। ସେହିପରି ପୁରୁଣା ବସଷ୍ଟାଣ୍ଡଠାରେ ଗଞ୍ଜାମ ଜିଲା କଂଗ୍ରେସ, ଆଇଏନଟିୟୁସି, ଏଚଏମଏସ, ଏଆଇଟିୟୁସି, ଏଆଇୟୁଟିୟୁସି, ସିଆଇଟିୟୁ ପ୍ରମୁଖ ସଂଗଠନ ପକ୍ଷରୁ ମଧ ଅନୁରୂପ ପ୍ରତିବାଦ ସମାବେଶ ଆୟୋଜିତ ହୋଇଥିଲା। ଗାନ୍ଧିନଗର ଛକଠାରେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି, ଓଡିଶା ନିର୍ମାଣ ମଜଦୁର ସଭା ପକ୍ଷରୁ ମଧ ଶ୍ରମିକଙ୍କ ଶ୍ରମ ସମୟସୀମା ବୃଦ୍ଧି ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

**ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରତିବାଦ ସମାବେଶ**



ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଗଞ୍ଜାମରେ ସୁସ୍ଥ ହେଲେଣି ୧୬୨

**ଛତ୍ରପୁର, ୨୨ା୫(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଶୁକ୍ରବାର ପୁଣି ୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ କୋଭିଡ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଏମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ସ୍ୱାସ୍ଥ୍ୟ ଟିମ୍ ନିୟମିତ ସେମାନଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବେ। ଆବଶ୍ୟକ ହେଲେ କୋଭିଡ ଆମ୍ବୁଲାନ୍ସ ଯୋଗେ ଅସୁସ୍ଥଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯିବ। ଶୁକ୍ରବାର ସୁଦ୍ଧା ଜିଲାରେ ୧୬୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ସମସ୍ତ ପଜିଟିଭ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀଙ୍କ ମଧ୍ୟରୁ ଚିହ୍ନଟ ହୋଇଥିବା ଏବଂ କମ୍ୟୁନିଟି ସଂକ୍ରମଣ ହୋଇ ନ ଥିବାରୁ ଚିନ୍ତାର କାରଣ ନାହିଁ ବୋଲି ଜିଲାପାଳ କହିଛନ୍ତି।

# ଭଞ୍ଜନଗର ଉପଖଣ୍ଡରେ ୨ କରୋନା ଆକ୍ରାନ୍ତ

**ଭଞ୍ଜନଗର, ୨୨ା୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ହିଁ ପୂର୍ବରୁ ପ୍ରାୟ କରୋନା ପଜିଟିଭ୍ ବାହାରୁଥିଲେ। ତେଣୁ ପ୍ରଶାସନ ପକ୍ଷରୁ ଭୟଭୀତ ନ ହେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଥିଲା। କିନ୍ତୁ ଶୁକ୍ରବାର ଭଞ୍ଜନଗର ଉପଖଣ୍ଡରେ କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରୁ ୨ଜଣ କରୋନା ପଜିଟିଭ୍ ବାହାରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଭଞ୍ଜନଗର ବ୍ଲକର ଜଣେ ମହିଳା ଥିବାବେଳେ ବେଲଗୁଣ୍ଠା ବ୍ଲକର ଜଣେ ବ୍ୟକ୍ତି ରହିଛନ୍ତି। ଏହି ଖବର ପ୍ରଚାରିତ ପରେ ସାଧାରଣ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଅପରପକ୍ଷେ ଭଞ୍ଜନଗର ଦମକଳ କେନ୍ଦ୍ର ପକ୍ଷରୁ ଆକ୍ରାନ୍ତଦ୍ୱୟଙ୍କ ଗ୍ରାମକୁ ଶୁକ୍ରବାର ସାନିଟାଇଜ୍ କରାଯାଇଛି। ଏଥିସହ ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବା କେତେକ ବ୍ୟକ୍ତିଙ୍କ ସ୍ୱାବ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସେମାନେ କେଉଁମାନଙ୍କୁ ଭେଟିଥିଲେ କେମିତି ଆକ୍ରାନ୍ତ ହେଲେ ସେନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ ଚାଲିଛି। ଉକ୍ତ ଗ୍ରାମ ଉପରେ ପ୍ରଶାସନ ୨୪ ଘଣ୍ଟିଆ ନଜର ରଖିଛି। ଲୋକଙ୍କୁ ଅନାବଶ୍ୟକ ସ୍ଥଳେ ଘରୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

# ଖୋଲିଲା ସଂରକ୍ଷିତ ଟିକେଟ ବୁକିଂ କାଉଣ୍ଟର

**ଜୁନ୍ ପହିଲାରୁ ବ୍ରହ୍ମପୁର ଦେଇ ଚଳାଚଳ କରିବ ୨ ଟ୍ରେନ**

**ବ୍ରହ୍ମପୁର ଅଫିସ, ୨୨ା୫**

ବ୍ରହ୍ମପୁର ରେଳଷ୍ଟେଶନ ପରିସରରେ ଥିବା ସଂରକ୍ଷିତ ଟିକେଟ କାଉଣ୍ଟର ଶୁକ୍ରବାରଠାରୁ ପୁଣି ଖୋଲିଛି। ଜୁନ ପହିଲାରୁ ଟ୍ରେନ ଚଳାଚଳ କରିବା ନେଇ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ପରେ ବ୍ରହ୍ମପୁରରୁ ବିଭିନ୍ନ ସ୍ଥାନକୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ସକାଶେ ସଂରକ୍ଷିତ ଟିକେଟ ବୁକିଂ କାଉଣ୍ଟର ଖୋଲାଯାଇଛି। ଦେଶରେ ଜୁନ ପହିଲାରୁ ୨୦୦ଟି ଟ୍ରେନ ଚଳାଚଳ କରିବା ନେଇ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେଥିମଧ୍ୟରୁ ବ୍ରହ୍ମପୁର ଦେଇ ଦୁଇଟି ଟ୍ରେନ ଚଳାଚଳ କରିବ ବୋଲି ଜଣାପଡ଼ିଛି। ବ୍ରହ୍ମପୁର ଷ୍ଟେଶନ ଦେଇ ହାୱଡା-ସିକନ୍ଦରାବାଦ ଫଲକ୍‌ନୁମା ଏକ୍ସପ୍ରେସ ଓ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଚଳାଚଳ କରିବ। ତେଣୁ ଗତ ମାର୍ଚ୍ଚ ୨୫ରୁ ବନ୍ଦ ହୋଇଥିବା ବ୍ରହ୍ମପୁର ରେଳଷ୍ଟେଶନ ଟିକେଟ ବୁକିଂ କାଉଣ୍ଟରକୁ ଖୋଲାଯାଇଛି। ସଂରକ୍ଷିତ ଟିକେଟ କାଉଣ୍ଟରରେ ଯାତ୍ରୀମାନେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ବ୍ୟବହାର, ସାନିଟାଇଜରରେ ହାତ ସଫା କରିବା ବାଧ୍ୟତାମୂଳକ ବୋଲି ବ୍ରହ୍ମପୁର ଷ୍ଟେଶନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ସାମାଜିକ ଦୂରତା ରକ୍ଷା କରି ଯାତ୍ରୀମାନେ ଟିକେଟ ବୁକିଂ କରୁଛନ୍ତି।

## ଆଜିଠୁ ବ୍ରହ୍ମପୁରରେ ଲାଗିବ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍

**ବ୍ରହ୍ମପୁର ଅଫିସ, ୨୨ା୫**

ଅନ୍ୟ ରାଜ୍ୟଗୁଡିକରୁ ଗଞ୍ଜାମ ଜିଲାକୁ ଆସୁଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନଗୁଡିକ ଏଣିକି ଜଗନ୍ନାଥପୁର ପରିବର୍ତ୍ତେ ବ୍ରହ୍ମପୁର ରେଳଷ୍ଟେଶନରେ ଲାଗିବ। ଶନିବାର ବ୍ରହ୍ମପୁର ରେଳଷ୍ଟେଶନରେ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଆସି ପହଞ୍ଚିବ। ଷ୍ଟେଶନର ୪ ନଂ. ପ୍ଲାଟଫର୍ମରେ ଟ୍ରେନ ଲାଗିବାକୁ ଥିବାରୁ ସେଠାରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ସାମାଜିକ ଦୂରତା ରକ୍ଷା ନେଇ ପ୍ଲାଟଫର୍ମରେ ଗୋଲେଇ ଅଙ୍କନ କରାଯାଇଛି। ସେହିପରି ଟ୍ରେନରେ ଆସୁଥିବା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଥିବା ବ୍ରହ୍ମପୁର ଷ୍ଟେଶନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଶ୍ରମ ଆଇନକୁ ଆଇଏନ୍‌ଟିୟୁସିର ବିରୋଧ



ଆଇଏନ୍‌ଟିୟୁସିର କର୍ମକର୍ତ୍ତା।

**ଫୁଲବାଣୀ ଅଫିସ, ୨୨ା୫**

କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ପରିବର୍ତ୍ତନ ନିଷ୍ପତ୍ତିକୁ ବିରୋଧ କରି ଶୁକ୍ରବାର ସାରା ଦେଶରେ ଆଇଏନ୍‌ଟିୟୁସି ପକ୍ଷରୁ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର କନ୍ଧମାଳ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମ ଆଇନକୁ ନ ବଦଳାଇବାକୁ କର୍ମକର୍ତ୍ତା ଦାବି କରିଥିଲେ। ସରକାର ନ ମାନିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସଙ୍ଗଠନ ଜିଲା ସଭାପତି ଘନ କୁମାର ଶବରଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ବେହେରା, ଶିବଶଙ୍କର ବେହେରା, ମନୋଜ ସାହାଣୀ, ଗଜେନ୍ଦ୍ର କହଁର, ରାଧାକାନ୍ତ ଦିଗାଲ, ସୁଦାମ ବେହେରା, ଜାକିର ଖାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୨ କୋର୍ଟ ଚାଲାଣ, ଜଣେ ଜେଜେବିରେ ହାଜର

**ବାଳସୁଧାର ଗୃହରୁ ୭ ଅନ୍ତେବାସୀ ଚମ୍ପଟ ଘଟଣା**

**ବ୍ରହ୍ମପୁର ଅଫିସ, ୨୨ା୫**

ବ୍ରହ୍ମପୁର ବାଳସୁଧାର ଗୃହରୁ ଗତ ୧୯ ତାରିଖ ସକାଳେ ଚମ୍ପଟ ମାରିଥିବା ୭ ଅନ୍ତେବାସୀଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁବାର ବୈଦ୍ୟନାଥପୁର ଥାନା ପୋଲିସ କାବୁ କରିଥିଲା। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଟାଟାବେଞ୍ଜ ଛକରୁ ଓ ଜଣଙ୍କୁ ଗୋଳନ୍ଥରା ନିକଟ ଜାତୀୟ ରାଜପଥରୁ କାବୁ କରାଯାଇଥିଲା। ଏମାନେ ବଳାତ୍କାର ଓ ଡକାୟତି ଭଳି ମାମଲାରେ ସମ୍ପୃକ୍ତ ଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଅପରାଧ ଘଟାଇବା ସମୟରେ ଏହି ୩ ଜଣ ନାବାଳକ ଥିଲେ। ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ୨ଜଣ ସାବାଳକ ହୋଇଥିବାରୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସେହିପରି ଅନ୍ୟ ନାବାଳକ ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇଛି।

ଅନ୍ୟପଟେ ଘଟଣାର ୪ ଦିନ ପରେ ବି ଫେରାର ଥିବା ଆଉ ୪ ଅନ୍ତେବାସୀଙ୍କୁ ପୋଲିସ ଠାବ କରିବାରେ ବିଫଳ ହୋଇଛି। ସେମାନେ ଏବେ କେଉଁଠି ଓ କିପରି ଅଛନ୍ତି ସେନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସୁରକ୍ଷାକର୍ମୀଙ୍କୁ ମାଡ ମାରିବା ସହ ମାରଣାସ୍ତ୍ର ଦେଖାଇ ବାଳସୁଧାର ଗୃହରୁ ୭ ଜଣ ଚମ୍ପଟ ମାରିଥିଲେ। ବାଳସୁଧାର ଗୃହର ସୁରକ୍ଷା ବ୍ୟବସ୍ଥା ଢିଲା ନା ଘଟଣା ପଛରେ ଅନ୍ୟ କୌଣସି କାରଣ ରହିଛି ତାହାର ପ୍ରଶାସନିକ ତଦନ୍ତ କରାଯାଇ ରିପୋର୍ଟ ଗୃହ ବିଭାଗ ନିକଟକୁ ପଠାଯାଇଛି।

## ପିଇଓଙ୍କୁ ବ୍ଲକ କର୍ମଚାରୀଙ୍କ ଗାଳିଗୁଲଜ ଅଡିଓ ଭାଇରାଲ

**ପୁରୁଷୋତ୍ତମପୁର, ୨୨ା୫(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ଟଙ୍କାଛାଇ ପଞ୍ଚାୟତ ପିଇଓ ରତିକାନ୍ତ ସାହୁଙ୍କୁ ବ୍ଲକର ଜଣେ ଉପରିସ୍ଥ କର୍ମଚାରୀ ଗାଳିଗୁଲଜ କରିଥିବା ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ପିଇଓ ସାହୁ ଏବିଡିଓ ଏବଂ ତାଙ୍କ ସଂଘକୁ ଅବଗତ କରାଇଛନ୍ତି। ବ୍ଲକ ପିଇଓ ସଂଘର ସଭାପତି ଅରୁଣ ସାହୁ ଘଟଣାକୁ ନିନ୍ଦା କରି କରିବା ସହ ଶନିବାର ସଂଘର ଜରୁରୀ ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ହେବ ବୋଲି କହିଛନ୍ତି।

ପିଇଓ ସାହୁ କହିଛନ୍ତି ଯେ, ଏକ କାର୍ଯ୍ୟର ଲେବର ପେମେଣ୍ଟ ମଷ୍ଟର ରୋଲ୍‌କୁ ଗୁରୁବାର ରାତିରେ ଛାଡିବା ଲାଗି ସମ୍ପୃକ୍ତ ଉପରିସ୍ଥ କର୍ମଚାରୀ କହିଥିଲେ। କାର୍ଯ୍ୟବ୍ୟସ୍ତତାରୁ ରାତିରେ ଛାଡି ନ ପାରି ଶୁକ୍ରବାର ସକାଳେ ଛାଡିଥିଲି। ଏହାକୁ ନେଇ ସେ ମୋତେ ଗାଳିଗୁଲଜ ସହ ଧମକ ଦେଇଥିଲେ।



ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ କରିଥିବା ଶିକ୍ଷଣ ଉପକରଣ।

# ତେଲ ଟ୍ୟାଙ୍କରରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ରାଇକିଆ, ୨୨ା୫(ଡି.ଏନ୍.ଏ.)**

ରାଇକିଆ ପୋଲିସ ଏକ ତେଲ ଟ୍ୟାଙ୍କରରୁ ଗଞ୍ଜେଇ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ ଜିଲାର ଗୋଲକ ବିହାରୀ ଦାସ। ଶୁକ୍ରବାର ଭୋରରେ ପେଟ୍ରୋଲିଂ ଟିମ୍ ତେଲ ଟ୍ୟାଙ୍କରକୁ ଅଟକାଇ ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ମିଳିଥିଲା। ଡ୍ରାଇଭର ସିଟ୍ ପଛପଟେ ତିନୋଟି ପ୍ୟାକେଟରେ ଏହା ଥିଲା। ରାଇକିଆ ତହସିଲଦାର ସାରଦାକାନ୍ତି ଦଳେଇଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ୫୦ କେଜି ଥିବା ଜଣା ପଡିଥିଲା। ନଂ.୨୮/୨୦ରେ ରାଇକିଆ ଥାନାରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଅଲେଖ ଗରଡିଆ କହିଛନ୍ତି।

## ବନ୍ଧରୁ ଗଳିତ ମୃତଦେହ ଉଦ୍ଧାର

**ଛତ୍ରପୁର, ୨୨ା୫(ଡି.ଏନ.ଏ)**

ଚମାଖଣ୍ଡି ଥାନା ଅଧୀନ ଗୋବିନ୍ଦପୁର ବଡ଼ବନ୍ଧରୁ ଶୁକ୍ରବାର ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳିନି। ସକାଳେ ବନ୍ଧରେ କିଛି ଲୋକ ଗାଧୋଉଥିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଚମାଖଣ୍ଡି ଥାନା ପୋଲିସ ପହଞ୍ଚି ତାହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଛି।

# ଖୋଲିବ ପାନଦୋକାନ, ସେଲୁନ

- ନିର୍ଦ୍ଦେଶନାମା ଜାରି କଲା ବିଏମ୍‌ସି
- ସକାଳ ୭ଟାରୁ ସନ୍ଧ୍ୟା ୭ ଖୋଲିବାକୁ ଅନୁମତି

**ବ୍ରହ୍ମପୁର ଅଫିସ, ୨୨ା୫**

ଗଞ୍ଜାମ ଜିଲାରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବରୁ ଜାରି କରାଯାଇଥିବା ଲକ୍‌ଡାଉନ୍ ନିୟମାବଳୀରେ ପରିବର୍ତ୍ତନ କରିଛି ବ୍ରହ୍ମପୁର ମହାନଗର ନିଗମ (ବିଏମସି)। ସହରରେ ପାନଦୋକାନ, ସେଲୁନ୍, ବିୟୁଟି ପାର୍ଲର, ଛୋଟ ଚା' ଦୋକାନ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲିପାରିବ ବୋଲି ବିଏମସି ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଏସବୁଠାରେ ସାମାଜିକ ଦୂରତା ରକ୍ଷା ସହ ମାସ୍କ, ଗ୍ଲୋବସ୍ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ଏଥିରେ ଖିଲାପକଲେ ଦୋକାନ ମାଲିକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ଦୋକାନ ସିଲ୍ କରାଯିବ ବୋଲି କୁହାଯାଇଛି।

# ସଙ୍ଗରୋଧ କେନ୍ଦ୍ରରେ ପାଳିଲେ ସାବିତ୍ରୀ

**ଆସିକା/ହିଞ୍ଜିଳିକାଟୁ, ୨୨ା୫(ଡି.ଏନ୍.ଏ.)**

ଆସିକା ବ୍ଲକ ଓ ଏନଏସିର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିବା ମହିଳା ପ୍ରବାସୀମାନେ ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଆସିକା ଏନ୍‌ଏସି ପକ୍ଷରୁ ସହରର ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ରଘୁନାଥ ନଗର ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଥିବା ମହିଳାଙ୍କ ନିମନ୍ତେ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏନ୍‌ଏସିର ୨ କର୍ମଚାରୀ ଭାଇ ବେଶରେ ଆସି ଶାଢି, ଚୁଡି, ଶଙ୍ଖା, ସିନ୍ଦୂର, ଫଳ ଏବଂ ପୂଜା ସାମଗ୍ରୀ ମହିଳାମାନଙ୍କୁ ଦେଇଥିଲେ। ସେହିପରି ଆସିକା ବ୍ଲକର ଦେବଭୂମି, ବରଗାଁ ସମେତ ବିଭିନ୍ନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ଥିବା ମହିଳାଙ୍କ ଲାଗି ଜନ ପ୍ରତିନିଧିମାନଙ୍କ ପକ୍ଷରୁ ପୂଜା ସାମଗ୍ରୀ ପଠାଯାଇଥିଲା। ସେହିପରି ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିବା ମହିଳା ଶୁକ୍ରବାର ସାବିତ୍ରୀ ବ୍ରତ କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯାଇଛି। ବ୍ଲକ ଓ ପୌର ପ୍ରଶାସନ ପକ୍ଷରୁ ନୂଆଲୁଗା ଓ ପୂଜା ସାମଗ୍ରୀ ଇତ୍ୟାଦି ପ୍ରଦାନ କରାଯାଇଥିଲା।


ଏନ୍‌ଏସିର ୨ କର୍ମଚାରୀ ଭାଇ ବେଶ ହୋଇ ଆସି ସାବିତ୍ରୀ ଜିନିଷ ଦେଉଛନ୍ତି।

## ସରପଞ୍ଚ ହେଲେ ପୂଜାରୀ

**ଭଞ୍ଜନଗର, ୨୨ା୫(ଡି.ଏନ.ଏ):** ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ଗ୍ରାମରେ ଥିବା ସଙ୍ଗରୋଧ ଗୃହରେ ଶୁକ୍ରବାର ପ୍ରବାସୀ ମହିଳା ସାବିତ୍ରୀ ବ୍ରତ କରିଥିଲେ। ଏଥିରେ ସରପଞ୍ଚ କୃଷ୍ଣଚନ୍ଦ୍ର ରଥ ପୂଜାରୀ ଦାୟିତ୍ୱ ତୁଲାଇଥିଲେ। ଫଳରେ ଗ୍ରାମର ୩ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ୧୨ ମହିଳା ସାବିତ୍ରୀ ଅମାବାସ୍ୟା ପୂଜା କରିପାରିଛନ୍ତି। ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ ବ୍ରତ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ।



# ସୀମା ସିଲ୍ ବଳବତ୍ତର, ପାସ୍ ମିଳୁ ନ ଥିବା ଅଭିଯୋଗ

**ଦାରିଙ୍ଗବାଡ଼ି, ୨୨ା୫(ଡି.ଏନ.ଏ)**

କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ଗଞ୍ଜାମ ସୀମାବର୍ତ୍ତୀ ବାଇମାଳା ଏବଂ କନ୍ଧମାଳ-ଗଜପତି ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡାଠାରେ କରୋନା ପାଇଁ ସୀମା ସିଲ୍ କରାଯାଇଛି। କେବଳ ଜରୁରିକାଳୀନ ପରିସ୍ଥିତିରେ ଦାରିଙ୍ଗବାଡ଼ି ତହସିଲଦାରଙ୍କ ନିକଟରେ ଆବେଦନ କରାଯିବା ପରେ ପାସ୍ ମିଳିଲେ ଯାତାୟାତ କରାଯାଉଛି। ରାଜ୍ୟରେ ଚାରିଆଡ଼େ କଟକଣା ସାମାନ୍ୟ କୋହଳ କରାଯାଇଥିଲେ ସୁଦ୍ଧା କନ୍ଧମାଳ ଜିଲାରେ କଡ଼ାକଡ଼ି ରହିଛି। ଲୋକେ ଗଞ୍ଜାମ ସମେତ ବିଭିନ୍ନ ଜିଲାକୁ ଯିବାକୁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଧାଇଁଲେ ମଧ ଅନୁମତି ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ଦାରିଙ୍ଗବାଡ଼ି ତହସିଲଦାର ନୀତିଶ କୁମାର ତ୍ରିପାଠୀ କହିଛନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀ ଗାଡ଼ିକୁ ପ୍ରତିଦିନ ପାସ୍‌ର ବ୍ୟବସ୍ଥା କରାଯାଇଛି। ତେବେ ବହୁ ସରକାରୀ କର୍ମଚାରୀଙ୍କ ସମେତ ଲୋକେ ଜରୁରୀ ନଥାଇ ବହୁସଂଖ୍ୟାରେ ପାସ୍ ପାଇଁ ଆବେଦନ କରୁଛନ୍ତି। ଫଳରେ ଲକ୍‌ଡାଉନର କିଛି ଗୁରୁତ୍ୱ ରହୁନାହିଁ। ତେଣୁ ଯାଞ୍ଚ ପରେ ଅନୁମତି ପ୍ରଦାନ କରାଯାଉଛି। ସେପଟେ ଗଞ୍ଜାମ ଜିଲାରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏପରି କଟକଣା ଜରୁରି ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୨୩ ମେ, ୨୦୨୦



## ସଂକ୍ଷେପରେ

### ରେକର୍ଡ଼ କଲା ତାତି: ୪୫.୨ ଡିଗ୍ରୀ ଛୁଇଁଲା ପାରଦ

**ଟିଟିଲାଗଡ଼, ୨୨।୫ (ଡି.ଏନ.ଏ.):** ଓଡ଼ିଶାର ତତଲାଗଡ଼ ଭାବେ ପରିଚିତ ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ତାପମାତ୍ରା ଶୁକ୍ରବାର ପ୍ରଥମ ଥର ପାଇଁ ୪୫.୨ ଡିଗ୍ରୀରେ ପହଞ୍ଚି ରାଜ୍ୟରେ ସର୍ବାଧିକ ରେକର୍ଡ ସୃଷ୍ଟି କରିଛି। ସକାଳ ୯ଟାରୁ ସହରରେ ଅସମ୍ଭାଳ ଗରମ ସାଙ୍ଗକୁ ଝାଞ୍ଜି ପବନ ଅଥୟ କରିଥିଲା। ପୂର୍ବାହ୍ନ ୧୦ଟା ବେଳକୁ ଆଉ ସମ୍ଭାଳି ହୋଇ ନ ଥିଲା। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସାରା ଟିଟିଲାଗଡ଼ ସହର ଶୂନ୍‌ଶାନ୍ ହୋଇପଡିଥିଲା। ଚଳିତ ବର୍ଷ ଏପ୍ରିଲ ପହିଲାରୁ ହିଁ ସହରର ତାପମାତ୍ରା ୪୦ ଡେଇଁଥିବା ବେଳେ କିଛିଦିନ କାଳବୈଶାଖୀ ନେଇ ତାପମାତ୍ରା ବୃଦ୍ଧିରେ ନିୟନ୍ତ୍ରଣ ରହିଥିଲା। ମେ ପହିଲାରୁ ଲଗାତାର ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୧୬ରେ ୪୨ ଡିଗ୍ରୀ ରହି ରାଜ୍ୟରେ ରେକର୍ଡ ସୃଷ୍ଟି କରିଥିଲା। ଗତ ୪ ତାରିଖରେ ସହରର ତାପମାତ୍ରା ଚଳିତ ବର୍ଷର ସର୍ବୋଚ୍ଚ ତାପମାତ୍ର ୪୨.୫କୁ ଛୁଇଁଥିଲା। ଗତ କିଛିଦିନର ତାପମାତ୍ରାକୁ ଦେଖିଲେ ୨୦ରେ ୪୦, ୨୧ରେ ୪୧.୫ ଏବଂ ଶୁକ୍ରବାର ଚଳିତ ବର୍ଷର ସର୍ବୋଚ୍ଚ ୪୫.୨ ଡିଗ୍ରୀକୁ ଛୁଇଁଛି।

### ଗଛମୂଳରୁ ନବଜାତକ ଉଦ୍ଧାର

**ପାଇକମାଳ, ୨୨।୫ (ଡି.ଏନ.ଏ):** ବରଗଡ଼ରେ ଶିଶୁକନ୍ୟା ଅଲୋଡ଼ା ହୋଇ ପଡ଼ିଛି । ଗତ କିଛି ମାସ ତଳେ ଜିଲାର ପଦ୍ମପୁରର ଡ୍ରେନ, ବରପାଲି ନିକଟ ରେଳ ଧାରଣାରୁ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା । ଶୁକ୍ରବାର ଏଭଳି ଏକ ଘଟଣା ଜିଲାର ପାଇକମାଳଠାରୁ ୫କି.ମି ଦୂର ପିପଲପାଲି ରାସ୍ତାକଡରେ ଦେଖିବାକୁ ମିଳିଛି। ରାସ୍ତାକଡ଼ରେ ରହିଥିବା ଏକ କୁସୁମ ଗଛମୂଳେ ନବଜାତ ଶିଶୁକନ୍ୟାଟି କାନ୍ଦୁଥିବାବେଳେ ରାସ୍ତାରେ ଯାଉଥିବା ୨ଜଣ ମହିଳା ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଦମୟନ୍ତୀ ପଣ୍ଡାଙ୍କୁ ସୂଚନା ଦେବା ପରେ ସେ ସେଠାକୁ ପହଞ୍ଚିଥିଲେ ଏବଂ ୧୦୮ ଆମ୍ବୁଲାନ୍ସରେ ଶିଶୁକନ୍ୟାକୁ ପାଇକମାଳ ଡାକ୍ତରଖାନାକୁ ଆଣିଥିଲେ । ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାବେଳେ ତାକୁ ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯିବ ବୋଲି ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧ ସୂଚନା ଦେଇଥିଲେ ।

### ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ୍ ସଂଯୋଗ ନାହିଁ

**ବରଗଡ଼ ଅଫିସ୍, ୨୨।୫:** ଟ୍ରାନ୍ସଫର୍ମର ବସିଛି । ବିଦ୍ୟୁତ ଖୁଣ୍ଟ ମଧ୍ୟ ପୋତାଯିବା ସହିତ ତାର ଟଣା ଯାଇଛି। ହେଲେ ବିଦ୍ୟୁତ ସଂଯୋଗ ନାହିଁ । ଫଳରେ ବରଗଡ଼ ଜିଲା ବିଜେପୁର ବ୍ଲକର ଭଟିଗାଁ ପଞ୍ଚାୟତ ଅନ୍ତର୍ଗତ ଫୁଲେରପାଲି ଗ୍ରାମ ଆଜି ମଧ୍ୟ ଅନ୍ଧାରରେ ରହିଛି । ଦୀନଦୟାଲ ଯୋଜନାରେ ଏହି କାର୍ଯ୍ୟ ଦୀର୍ଘବର୍ଷ ଧରି ଏଭଳି ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସେଥିପ୍ରତି ଉଭୟ ଜନ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ନିରବ ଦର୍ଶକ ସାଜିଛନ୍ତି । ଏଥିପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇ ଏ ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା କହିଛନ୍ତି ।

# ନଦୀପଡ଼ାକୁ ନିଅଣ୍ଟ ପାନୀୟ ଜଳ

ବରଗଡ଼ ସହର ଉପକଣ୍ଠ ଜିରା ନଦୀ କୂଳରେ ରହିଛି ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ନଦୀପଡ଼ା (ଡାଙ୍ଗ)। ଏହି ପଡ଼ାରେ ପ୍ରାୟ ୩୦୦ ପରିବାର ବସବାସ କରୁଛନ୍ତି। ନଦୀକୂଳରେ ରହିଥିଲେ ହେଁ ପଡ଼ାବାସୀଙ୍କ ପାଇଁ ପାନୀୟଜଳ ପ୍ରମୁଖ ସମସ୍ୟା ହୋଇ ପଡ଼ିଛି। ଖରାଦିନେ ଏହା ବହୁଗୁଣିତ ହେଉଛି। ଏଠାରେ ୬ଟି ନଳକୂଅ ଥିଲେ ସୁଦ୍ଧା ସେଥିରୁ ମାତ୍ର ୨ଟିରୁ ପାଣି ବାହାରୁଛି। ମାତ୍ର ସଚଳ ନଳକୂଅ ଦୁଇଟିର ପାଣି ମଧ୍ୟ ପିଇବା ଉପଯୋଗୀ ନୁହେଁ। ଫଳରେ ଜିରା ନଦୀରେ ଚୂଆ ଖୋଳି ସେଥିରୁ ସଂଗ୍ରହ କରି ପଡ଼ାବାସୀ ବ୍ୟବହାର କରୁଛନ୍ତି । ବର୍ଷ ବର୍ଷ ଧରି ପଡ଼ାବାସୀ ପାନୀୟଜଳ ପାଇଁ ଏଭଳି ଡହକବିକଳ ହେଉଛନ୍ତି। ମାତ୍ର ଏଯାଏ କୌଣସି ସ୍ଥାୟୀ ପ୍ରତିକାର କରାଯାଇନାହିଁ। ଅନ୍ୟପଟେ ପଡ଼ାକୁ ପୂର୍ବରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିବା ବେଳେ ତାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଫଳରେ ଏବେ ପଡ଼ାବାସୀ ଅସୁବିଧାର ସମ୍ମୁଖୀନ ହେବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ପ୍ରତିଶ୍ରୁତି ପାଣିର ଗାର



“ଆମ ପଡ଼ାରେ ପାନୀୟଜଳ ସମସ୍ୟା ଦୀର୍ଘ ଦିନରୁ ରହି ଆସିଛି। ଏହାର ପ୍ରତିକାର ପାଇଁ ଆମେ ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ବାରମ୍ବାର ନିବେଦନ କରି ଆସିଛୁ। ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ମିଳୁଛି । ହେଲେ ତାହା ପାଣିର ଗାର ପାଲଟି ଯାଇଛି ।

–ବାସମତୀ ବନଛୋର

### ପାଣି ପାଇଁ ଗୁଳଗୁଳା



“ଆମ ପଡ଼ାରେ ରହିଥିବା ପାନୀୟଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିମାନଙ୍କୁ କହି ଥକି ଗଲୁଣି। ହେଲେ କିଛି ସୁଫଳ ମିଳୁନାହିଁ। କେହି ଜିରା ନଦୀ ତ ଆଉ କିଏ ଅନ୍ୟ କେଉଁଠାକୁ ପାଣି ସଂଗ୍ରହ ପାଇଁ ଯାଇ ବହୁତ ଗୁଳଗୁଳା ହେଉଛୁ ।

–ଶିବାନୀ ବନଛୋର

### ବାଲିଚୁଆ ପାଣି ଆମ ସାହା ଭରସା



“ନଳକୂଅ ଅଛି । ହେଲେ ସେଥିରୁ ଯେଉଁ ପାଣି ବାହାରୁଛି, ତାହା ପିଇବା ଉପଯୋଗୀ ନୁହେଁ। ଫଳରେ ବାଧ୍ୟ ହୋଇ ନିକଟସ୍ଥ ଜିରା ନଦୀକୁ ଯାଉଛୁ। ସେଠାରେ ବାଲିଚୂଆ ଖୋଳୁଛୁ । ପାଣି ଝରି ବାଲିଚୂଆରେ ଭର୍ତ୍ତି ହେବା ପରେ ତାକୁ ଘରକୁ ଆଣି ବ୍ୟବହାର କରୁଛୁ ।

–ମେନକା ମେହେର

### ପାଣି ଟ୍ୟାଙ୍କର ବି ବନ୍ଦ କରି ଦେଲେ



“ନଦୀକୂଳରେ ଆମେ ବସବାସ କରୁଛୁ । ହେଲେ ଆମକୁ ଭଲ ପାଣି ଟିକିଏ ପିଇବା ପାଇଁ ମିଳୁନାହିଁ। ଆଗରୁ ଆମ ପଡ଼ାକୁ ଟ୍ୟାଙ୍କର ଆସୁଥିଲା, ତାହା ବି ଆଉ ଆସିଲା ନାହିଁ । ପରିବାରରେ ୮ଜଣ ଅଛୁ। କେତେ ପାଣି ଦରକାର ପଡୁଛି, ଆଉ କିଭଳି ହଇରାଣ ହେଉଛୁ, ତାହା ଆମେ ହିଁ ଜାଣୁଛୁ ।

–ଯଶୋଦା ବାଗ

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

# ଗର୍ଭବତୀଙ୍କୁ ଗାଡ଼ିଭଡ଼ା କରି ଘରକୁ ପଠାଇଲା ପୋଲିସ



ଗାଡ଼ି ଯୋଗେ ଦମ୍ପତିଙ୍କୁ ପୋଲିସ ସେମାନଙ୍କ ଘରକୁ ପଠାଇବା ଅବସରରେ।

**ଝାରସୁଗୁଡ଼ା ଅଫିସ, ୨୨।୫**

### ମହାରାଷ୍ଟ୍ରରୁ ବାଲେଶ୍ୱର ବଦଳରେ ଝାରସୁଗୁଡ଼ାରେ ପହଞ୍ଚିଥିଲେ

କରୋନା ଭୂତାଣୁ ସହ ଲଢ଼େଇ ଯୋଗୁ ସମଗ୍ର ଦେଶରେ ଲକ୍‌ଡାଉନ୍ କରାଯାଇଛି। ଏପରିସ୍ଥିତିରେ ବାହାରେ କାର୍ଯ୍ୟ କରୁଥିବା ଲୋକେ ନିଜ ନିଜ ଘରକୁ ଫେରୁଛନ୍ତି। ତେବେ ଏକ ଦମ୍ପତି ମହାରାଷ୍ଟ୍ର ରାଜ୍ୟ ମଲାଡରୁ ୪ ଦିନ ହେବ ବିଭିନ୍ନ ଗାଡିକୁ ଲିଫ୍ଟ ମାଗି ବାଲେଶ୍ୱର ଜିଲା ଭୋଗରାଇକୁ ଫେରୁଥିଲେ। ହେଲେ ସେମାନେ ଶୁକ୍ରବାର ଭୁଲ୍‌ରେ ବାଲେଶ୍ୱର ବଦଳରେ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ମହିଳା ଜଣକ ୯ ମାସର ଗର୍ଭବତୀ ଥିବା ପୋଲିସ ଜାଣିବା ପରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲା। ଏହା ପରେ ଏକ ଗାଡ଼ି ଭଡା କରି ସ୍ୱାମୀ, ସ୍ତ୍ରୀଙ୍କୁ ବାଲେଶ୍ୱର ପଠାଇଛି। ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ଆଶିଷ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ମହାନ୍ତି ମହାରାଷ୍ଟ୍ର ରାଜ୍ୟ ମଲାଡ ଅଞ୍ଚଳର ଏକ ଚୁଡି କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ ସେମାନେ ସେଠାରେ ଫସି ରହିଥିଲେ। ତାଙ୍କ ପାଖରେ ଟଙ୍କା ସରିଯିବାରୁ ସେମାନେ ନିଜ ଘରକୁ ଯିବା ପାଇଁ ବାହାରିଥିଲେ। ଗତ ମଙ୍ଗଳବାରଠାରୁ ବିଭିନ୍ନ ଗାଡିକୁ ଲିଫ୍ଟ ମାଗି ସେମାନେ ଓଡ଼ିଶା ଆସିଥିଲେ। ହେଲେ ଭୁଲ୍‌ରେ ଶୁକ୍ରବାର ମଧ୍ୟାହ୍ନରେ ଝାରସୁଗୁଡାରେ ପହଞ୍ଚିଥିଲେ। ଏ ନେଇ ଝାରସୁଗୁଡ଼ା ଥାନା ଅଧିକାରୀ ସାବିତ୍ରୀ ବଳ ସୂଚନା ପାଇବା ପରେ ସେମାନଙ୍କୁ ପୋଲିସ ପକ୍ଷରୁ କରାଯାଇଥିବା କ୍ୟାମ୍ପରେ ରଖାଯାଇଥିଲା। ସେଠାରୁ ମେଡିକାଲ ନିଆଯାଇଥିଲା।

## ଫଟୋରେ ଖବର...



ଶୁକ୍ରବାର ସମ୍ବଲପୁର ସମଲେଇ ମନ୍ଦିର ନିକଟ ରିଂରୋଡ ଛକରେ ମହିଳାମାନେ ସାବିତ୍ରୀ ବ୍ରତ ତିଥିରେ ବର ପିପଲ ବୃକ୍ଷରେ ପୂଜାର୍ଚ୍ଚନା କରୁଛନ୍ତି ।

## ସାହ୍ଲେପାଲି ମଣ୍ଡିରୁ ଉଠୁନି ଧାନ

**ବରଗଡ଼ ଅଫିସ୍, ୨୨।୫**

ବରଗଡ଼ ଜିଲାରେ ଗତ ୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଅନେକ ମଣ୍ଡି ଏପର୍ଯ୍ୟନ୍ତ ଅବ୍ୟବସ୍ଥିତ ହୋଇ ପଡ଼ି ରହିଛି । ମଣ୍ଡିକୁ ଧାନ ଆସୁଛି, ହେଲେ ସେଠାରୁ ଧାନ ଉଠୁନାହିଁ । ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି ପଞ୍ଚାୟତର ସାହ୍ଲେପାଲି ମଣ୍ଡିରୁ ଏପର୍ଯ୍ୟନ୍ତ ବସ୍ତାଟିଏ ଧାନ ବିକ୍ରି ହୋଇନାହିଁ । ଏଭଳି ଅଭିଯୋଗ ନେଇ ଶୁକ୍ରବାର ଉକ୍ତ ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସରୋଜ ବାରିକ, ଦେବେନ୍ଦ୍ର ପ୍ରଧାନ, ଶିବ ସାହୁ, ସାନନ୍ଦ ନାଗ ପ୍ରମୁଖ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଦୈନିକ ଶ୍ରମ ସମୟ ବୃଦ୍ଧିକୁ ବିରୋଧ

**ସମ୍ବଲପୁର, ୨୨।୫ (ବ୍ୟୁରୋ)**

କରୋନା ଭୂତାଣୁ ଲକ୍‌ଡାଉନ୍‌ରେ ଶ୍ରମିକମାନଙ୍କ ଜୀବନ ଦୁର୍ବିଷହ ହୋଇପଡିଛି । ସେମାନେ ରୋଜଗାର ହରାଇ ଘରେ ବସି ରହିଛନ୍ତି । ଜୀବନ ଜିବିକା ଲାଗି ଚିନ୍ତାରେ ପଡିଛନ୍ତି । ଏହି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ଅସାମ୍ବିଧାନିକ। ଦୈନିକ ୮ଘଣ୍ଟା କାମ ବଦଳରେ ୧୨ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଏହା ବନ୍ଦ କରିବା ଦାବିରେ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଶୁକ୍ରବାର ପ୍ରତିବାଦ କରିଛି। ସମିତିର କର୍ମକର୍ତ୍ତାମାନେ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନେ ଶ୍ରମ ଆଇନ ସଂଶୋଧନ, ବିଜୁଳି ଆଇନ ସଂଶୋଧନ, ଶିଳ୍ପ ଘରୋଇକରଣକୁ ବନ୍ଦ କରିବା, ନୂତନ ନିଯୁକ୍ତି ସୃଷ୍ଟି କରିବା ପ୍ରଭୃତି ଦାବି କରି ଜିଲାପାଳଙ୍କ ଆବାସିକ ଅଫିସ ଫାଟକ ସମ୍ମୁଖରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମହେଶ୍ୱର ଷଣ୍ଢ, ଗୋକୁଳ ମେହେର, ରବୀନ୍ଦ୍ର ମହାନ୍ତି ଓ ନାଟୁ ଗୋପାଳ, ବବିତା ବଡ଼ପଣ୍ଡା, ଗଦାଧର କୁଅଁର ନେତୃତ୍ୱ ନେଇଥିଲେ ।



ଶୁକ୍ରବାର ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଜିଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି ।

# ଅସହାୟଙ୍କ ମୃତଦେହ ସଂସ୍କାର କଲେ ସରପଞ୍ଚ

**ଲଖନପୁର, ୨୨।୫ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅଧୀନ ବନ୍ଧବାହାଲ ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ନାୟକ ଜେଣ ଅସହାୟ ବ୍ୟକ୍ତିଙ୍କ ମୃତଦେହ ସଂସ୍କାର କରିଛନ୍ତି । ତାଙ୍କର ଏପରି ଉଦ୍ୟମକୁ ସ୍ୱାଗତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବନ୍ଧବାହାଲ ପଞ୍ଚାୟତ ସାପଡା ଗ୍ରାମର ବାଲାମଣି ପ୍ରଧାନ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ୧୦୮ଆମ୍ବୁଲାନ୍ସରେ ବୁର୍ଲା ଭିମ୍‌ସାରକୁ ନିଆଯାଉଥିଲା । ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା । ବାଲାମଣିଙ୍କ ପରିବାରର ଆର୍ଥିକ ସ୍ଥିତି ଖୁବ୍ ଦୁର୍ବଳ । ଘରେ ସ୍ତ୍ରୀ ଓ ୪ ସନ୍ତାନ ଅଛନ୍ତି। ଏଭଳି ସ୍ଥିତିରେ ତାଙ୍କ ମୃତଦେହ ମେଡିକାଲରୁ ଘରକୁ ଆଣିବା ଓ ସଂସ୍କାର କରିବା ପାଇଁ କେହି ଆସି ନ ଥିଲେ । ଏହା ଜାଣିବା ପରେ ସରପଞ୍ଚ ନାୟକ ବେଲପାହାଡ ପୌରସଂସ୍ଥାର ମହାପ୍ରୟାଣ ଗାଡିରେ ତାଙ୍କ ମୃତଦେହ ମେଡିକାଲରୁ ଗାଁକୁ ଆଣି ସଂସ୍କାର କରିଥିଲେ । ସମିତି ସଭ୍ୟ ଈଶ୍ୱର କଉଡି, ଜିଆର୍‌ଏସ ହୃଷିକେଶ ମାଝି, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ଲେଙ୍କା, ଗିରିଧାରୀ ବିଶି, ମଳୟ ବେହେରା, ଟୁନା କଣ୍ଟା, ଗଣେଶ ବାଗ, ଟୁନୁ ଦୁବେ ପ୍ରମୁଖ ଏଥିରେ ତାଙ୍କୁ ସହଯୋଗ କରିଥିଲେ ।



ବାଲାମଣି ପ୍ରଧାନଙ୍କ ମୃତଦେହ ସଂସ୍କାର କରାଯାଉଛି।

# କୋଭିଡ୍ ଟେଷ୍ଟିଂ ସେଣ୍ଟରରେ ବଲାଙ୍ଗୀର ଏମ୍‌ପି

**ବଲାଙ୍ଗୀର ଅଫିସ, ୨୨।୫**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ବୁଧବାର ଠାରୁ ବିଧିବଦ୍ଧ ଭାବେ କୋଭିଡ-୧୯ର ଆର୍‌ଟିପିସିଆର ଟେଷ୍ଟ ଆରମ୍ଭ ହୋଇଛି । ଏଠାରେ କୋଭିଡ୍ ଟେଷ୍ଟ ଆରମ୍ଭ ହେବା ପରେ ଗୁରୁବାର ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମେଡିକାଲ କଲେଜରେ ପହଞ୍ଚି ଟେଷ୍ଟିଂ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଡିନ୍ ଡା. ଲଳିତ କୁମାର ମେହେର, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା.ମହେନ୍ଦ୍ର କୁମାର ନାୟକ, ଅନ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରିଥିଲେ । ଏମ୍‌ପି ସିଂଦେଓଙ୍କ ସହ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଧ ଉପସ୍ଥିତ ରହିଥିଲେ।

ଏହି ଟେଷ୍ଟିଂ ସେଣ୍ଟରରେ ପ୍ରଥମ ସପ୍ତାହରେ ୩୨ରୁ ୩୪ଟି ସ୍ୱାବ୍ ନମୁନା ପରୀକ୍ଷା କରାଯିବ । ଏହାପରେ ଏହି ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ଜିଲା ସହ ଆଖପାଖ ଜିଲାକୁ ବହୁ ସଂଖ୍ୟାରେ ପ୍ରବାସୀ ଫେରୁଥିବାରୁ କୋଭିଡ୍ ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ସିଂଦେଓ କହିଥିଲେ । ଏହା ସହ ରାଜ୍ୟ ସରକାର ତୁରନ୍ତ ହସ୍ପିଟାଲ କର୍ମଚାରୀଙ୍କ ପାଇଁ ପିପିଓ ଏବଂ ଅନ୍ୟ ଆନୁଷଙ୍ଗିକ ଉପକରଣ ଯୋଗାଇ ଦେଲେ ଅଧିକ ସ୍ୱାବ୍ ନମୁନା ଭୁବନେଶ୍ୱର ପଠା ନ ଯାଇ ଏଠାରେ ପରୀକ୍ଷା କରାଯାଇ ପାରନ୍ତା ବୋଲି ପୂର୍ବତନ ମନ୍ତ୍ରୀ ସିଂଦେଓ କହିଥିଲେ ।



ଏମ୍‌ପି ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଡିନ୍ ଡା. ଲଳିତ ମେହେର କୋଭିଡ ଟେଷ୍ଟିଂ ଲାବୋରେଟୋରି ପରିଦର୍ଶନ କରୁଛନ୍ତି।

# ‘ବଲାଙ୍ଗୀରବାସୀଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦିଆଯାଉ’




ଖବରଦାତା ସମ୍ମିଳନୀରେ ଆକ୍ସନ କମିଟି କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ, ୨୨।୫**

- କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ବଢ଼ୁଛି
- ବଲାଙ୍ଗୀରକୁ କରୋନା ଗୋଦାମ କରା ନ ଯାଉ

କରୋନା ସଂକ୍ରମଣ ସମୟରେ ବଲାଙ୍ଗୀର ଜିଲାବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ ନାହିଁ । ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଗୁରୁବାର ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ଆକ୍ସନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ କହିଲେ, ବଲାଙ୍ଗୀର ରେଳଷ୍ଟେଶନ୍‌କୁ ନିୟମିତ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସୁଛି । ସେଠାରେ ରାଜ୍ୟର ୩୦ଟି ଜିଲାର ପ୍ରବାସୀଙ୍କୁ ଓହ୍ଲାଇ ସ୍ଥାନାନ୍ତରଣ କରାଯାଉଛି । ଏହା ଠିକ୍ କଥା ନୁହେଁ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ବଲାଙ୍ଗୀର ଜିଲାବାସୀଙ୍କ ସହ ଅନ୍ୟ ଦୂରନ୍ତ ଜିଲାର ପ୍ରବାସୀ ହଇରାଣ ହରକତ ହେଉଛନ୍ତି । ଆମେ ପ୍ରବାସୀଙ୍କୁ ସ୍ୱାଗତ କରୁଛୁ । ମାତ୍ର ବଲାଙ୍ଗୀର ସହର ଭିତରେ ରେଳଷ୍ଟେଶନ ଥିବାରୁ ଏଠାରେ ପ୍ରତ୍ୟହ ହଜାର ହଜାର ପ୍ରବାସୀଙ୍କ ଆଗମନ ସଂକ୍ରମଣ ଭୟ ସୃଷ୍ଟି କରିଛି । ବଲାଙ୍ଗୀର ଏବେ ଅରେଞ୍ଜ ଜୋନ୍‌ରେ ରହିଛି । ଏଭଳି ଆଗମନ ଲାଗିରହିଲେ ପରିସ୍ଥିତି ସାଂଘାତିକ ହେବ ବୋଲି ସେ କହିଥିଲେ । ଏନେଇ ଜିଲାପାଳଙ୍କୁ ମଧ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଅନ୍ତୁ ବୋଲି ସେ ନିବେଦନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଆଡ୍‌ଭୋକେଟ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ରବି ବହିଦାର, ଶଶିଭୂଷଣ ପୁରୋହିତ, ବିଜେଡିର ଲୋଟସ ଷଡ଼ଙ୍ଗୀ, କଂଗ୍ରେସର ବୁଲୁ ଦାନୀ, ମନୀଷ ମିଶ୍ର, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ସେହିପରି କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ମଧ୍ୟ ବଲାଙ୍ଗୀରରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ଅଟକିବା ଓ ରାଜ୍ୟର ୩୦ ଜିଲା ପ୍ରବାସୀ ଏଠାରେ ଓହ୍ଲାଇ ନିଜ ଅଞ୍ଚଳକୁ ସ୍ଥାନାନ୍ତର ହେବାକୁ ବିରୋଧ କରାଯାଇଛି । ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଏକ ପ୍ରେସ୍‌ବିଜ୍ଞପ୍ତି ଓ ଭିଡିଓ ବାର୍ତ୍ତାରେ କହିଛନ୍ତି, ବଲାଙ୍ଗୀରକୁ କରୋନାର ଗୋଦାମ ଘର କରା ନ ଯାଉ । ଏ ଦିଗରେ ବଲାଙ୍ଗୀର ଏମ୍‌ପି, ବିଧାୟକ, କ୍ୟାବିନେଟ ମନ୍ତ୍ରୀ, ଅବିଭକ୍ତ ବଲାଙ୍ଗୀର ଜିଲାର ଅନ୍ୟ ଦୁଇ କ୍ୟାବିନେଟ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି ।

### ବିଛୁପାଲି ଷ୍ଟେଶନରେ ପ୍ରବାସୀ ଶ୍ରମିକଙ୍କୁ ଓହ୍ଲାଯାଉ

ବଲାଙ୍ଗୀର ଅଫିସ, ୨୨।୫-ବଲାଙ୍ଗୀର ଷ୍ଟେଶନ ବଦଳରେ ପ୍ରବାସୀ ଶ୍ରମିକଙ୍କୁ ବିଛୁପାଲି ଷ୍ଟେଶନରେ ଓହ୍ଲାଯାଉ ଓ ସେଠାରୁ ସେମାନଙ୍କୁ ବିଭିନ୍ନ ଜିଲାକୁ ପଠାଯାଉ ବୋଲି ଜିଲାର ପରିବେଶ ଓ ଜଳାଶୟଗୁଡିକର ସୁରକ୍ଷା ପାଇଁ କାମ କରୁଥିବା କରଙ୍ଗା କଟାଁ ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି । କମିଟିର କର୍ମକର୍ତ୍ତା କହିଛନ୍ତି, ବଲାଙ୍ଗୀର ସହରର ଅନତି ଦୂରରେ ବିଛୁପାଲି ଷ୍ଟେଶନ ରହିଛି । ଯେଉଁଠି କମ୍ ରେଳ ଯାତ୍ରୀ ଯିବା ଆସିବା କରନ୍ତି । ସେଠାରେ ବ୍ୟାରିକେଡ କରାଯାଇ ସୁରକ୍ଷିତ ଅଞ୍ଚଳ ଭାବେ ବ୍ୟବହାର କରାଯାଇ ପାରିବ । ସେହି ଷ୍ଟେଶନ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ସ୍ଥାନ ରହିଛି। ସେଠାରେ ଶ୍ରମିକମାନଙ୍କୁ ରଖାଯାଇ ସ୍ଥାନାନ୍ତରଣ କରାଗଲେ କୌଣସି ବିପଦ ଆଶଙ୍କା ରହିବ ନାହିଁ ବୋଲି ଜିଲା ପ୍ରଶାସନକୁ କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । କମିଟିର ଆବାହକ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ବିଭୂତି ଭୂଷଣ ଦାସ, ଦିନେଶ ଶର୍ମା, ବିନୋଦ କୁମାର କାଲସାଏ, ଅଙ୍କୁଶ କୁମାର ପାଣ୍ଡିଆ, ବିବେକାନନ୍ଦ ପଟେଲ,ପ୍ରୀତମ୍ ବରାଡ ପ୍ରମୁଖ ଜିଲା ଜରୁରିକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୨୩ ମେ, ୨୦୨୦



## ସଂକ୍ଷେପରେ

### ଦୋକାନ ବଜାର ଖୋଲିବା ସମୟ ବଢ଼ିଲା

**ସମ୍ବଲପୁର,୨୨।୫(ବ୍ୟୁରୋ):** ମହାମାରୀ କରୋନା ମୁକାବିଲା ପାଇଁ ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି । ସରକାର ଏହି ପର୍ଯ୍ୟାୟରେ କଟକଣା କୋହଳ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାପ୍ରଶାସନ ଦୋକାନ ବଜାର ଖୋଲିବା ସମୟରେ ସାମାନ୍ୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଦୋକାନ ଖୋଲିବା ସମୟ ସକାଳ ୭ଟାରୁ ଅପରାହ୍ନ ୨ ଥିଲା । ଏବେ ଅପରାହ୍ନ ୪ ଟାରୁ ୭ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଛି। ଔଷଧ ଦୋକାନ, କ୍ଲିନକ୍ ୧୨ ଘଣ୍ଟା ଖୋଲା ରହିବ ବୋଲି ଘୋଷଣା କରାଯାଇଛି। ଅନ୍ୟପକ୍ଷେ ସମସ୍ତ ଦୋକାନରେ ସାମାଜିକ ଦୂରତା ରକ୍ଷା ଓ ଗ୍ରାହକ, ଦୋକାନୀ ଏବଂ କର୍ମଚାରୀମାନେ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

### ସିଲ୍ ହେଲା ଗୋଲ ବଜାର

**ସମ୍ବଲପୁର,୨୨।୫(ବ୍ୟୁରୋ):** ଶୁକ୍ରବାର ସାବିତ୍ରୀ ଅମାବାସ୍ୟା ପାଇଁ ଗୋଲ ବଜାରରେ ଦୁଇ ଦିନ ହେଲା ଭିଡ ଲାଗି ରହିଥିଲା । ଲୋକମାନେ ସାମାଜିକ ଦୂରତାକୁ ଭୁଲି ଯାଇଥିଲେ । ତେଣୁ ଜିଲା ପୋଲିସ ପକ୍ଷରୁ ଶୁକ୍ରବାର ଗୋଲ ବଜାରକୁ ସିଲ କରି ଦିଆଯାଇଛି। ସେଠାରେ ପୋଲିସ ଫୋର୍ସ ମୁତାୟନ କରାଯାଇଛି । ପରିବା,ଫଳ ଓ ଅନ୍ୟ ସାମଗ୍ରୀ ବିକ୍ରି କରିବାକୁ ଆସୁଥିବା ଖୁଚୁରା ବ୍ୟବସାୟୀଙ୍କୁ ଫେରାଇ ଦିଆଯାଇଛି। ଅନ୍ୟପକ୍ଷେ ସାବିତ୍ରୀ ଅମାବାସ୍ୟା ଯୋଗୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିବାର ଆଶଙ୍କା କରି ସବୁଠି ପୋଲିସ ମୁତୟନ କରାଯାଇଥିଲା । ସେହିପରି ଶୁକ୍ରବାର ନମାଜ ଥିବାରୁ ମସ୍‌ଜିଦ ଓ ଅନ୍ୟ ଧାର୍ମିକ ଅନୁଷ୍ଠାନ ପ୍ରତି ପୋଲିସ କଡା ନଜର ରଖିଥିଲା। ଲୋକମାନେ ସାମାଜିକ ଦୂରତା ପାଳନ କରୁ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ପୋଲିସ କହିଛି ।

# ବେଡ୍ ମିଳୁନି, ବାରଣ୍ଡାରେ ଚିକିତ୍ସା

**ସୋନପୁର,୨୨।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାରେ ଶଯ୍ୟାଭାବ ରୋଗୀସେବାରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଫଳରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ଅସୁବିଧା ଭୋଗୁଛନ୍ତି। କରୋନା ଭୂତାଣୁ ସଂକ୍ରମଣ ସମୟରେ ସାରା ବିଶ୍ୱରେ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଏଭଳି ସମୟରେ ପ୍ରସୂତି ଓ ନବଜାତକଙ୍କୁ ଡାକ୍ତରଖାନା ବାରଣ୍ଡାରେ ରଖାଯାଉଛି। ସେମାନେ ପ୍ରବଳ ଗ୍ରୀଷ୍ମ ସମୟରେ ଚଟାଣରେ ଶୋଇବାକୁ ବାଧ ହେଉଛନ୍ତି। ସେମାନଙ୍କ ପାଇଁ କୁଲର ବ୍ୟବସ୍ଥା ହୋଇପାରିନି। ଅନ୍ୟପକ୍ଷେ ସବୁବେଳେ ସଂକ୍ରମଣର ଭୟ ମଧ୍ୟ ରହୁଛି। ଏହି ଦୃଶ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାକୁ ପଦାରେ ପକାଇ ଦେଇଛି।

୧୯୯୩ ମସିହା ଏପ୍ରିଲ ୧ ତାରିଖରେ ସୁବର୍ଣ୍ଣପୁର ନୂତନ ଜିଲା ହେବା ପରେ ସୋନପୁର ଉପଖଣ୍ଡ ଡାକ୍ତରଖାନା ଜିଲା ମୁଖ୍ୟ ଡାକ୍ତରଖାନାର ମାନ୍ୟତା ପାଇଲା। କିନ୍ତୁ ଡାକ୍ତରଖାନାର ଶଯ୍ୟା ସଂଖ୍ୟାରେ ବୃଦ୍ଧି ହେଲାନି। ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡାକ୍ତରଖାନାର ମୋଟ ଶଯ୍ୟା ସଂଖ୍ୟା ଏବେ ବି ୧୨୦ ରହିଛି। ଏହି ଡାକ୍ତରଖାନା ଉପରେ ଜିଲା ତଥା ପଡ଼ୋଶୀ ବୌଦ୍ଧ ଜିଲାର ଲକ୍ଷାଧିକ ଜନସାଧାରଣ ନିର୍ଭର କରନ୍ତି। ପ୍ରତ୍ୟହ ୫୦ରୁ ଊର୍ଦ୍ଧ୍ୱ ପ୍ରସୂତି ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ୩ଜଣ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଅଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମାତ୍ର ୨୪ଟି ମଞ୍ଜୁରୀ ପ୍ରାପ୍ତ ଶଯ୍ୟା ରହିଛି। ଆବଶ୍ୟକ ଶଯ୍ୟା ଅଭାବରୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବାରଣ୍ଡାରେ



ପ୍ରସୂତି ଓ ନବଜାତକ ତଳେ ଶୋଇଛନ୍ତି।

**ସୁବର୍ଣ୍ଣପୁର ଜିଲା ଡାକ୍ତରଖାନା**
- ସମସ୍ୟା ଭୋଗୁଛନ୍ତି ପ୍ରସୂତି, ନବଜାତକ
- ସାମାଜିକ ଦୂରତ୍ୱ ରହୁନି, ସଂକ୍ରମଣ ଭୟ
- ଡାକ୍ତରଖାନାରେ ରହିଛି ମାତ୍ର ୧୨୦ ଶଯ୍ୟା

ରହିବାକୁ ପଡୁଛି। ଏକାଧିକ ପ୍ରସୂତି ବାରଣ୍ଡାରେ ନିଜ ନବଜାତକଙ୍କୁ ଧରି ପଡି ରହୁଛନ୍ତି। ସେହି ବାରଣ୍ଡା ଦେଇ ପ୍ରତ୍ୟହ ଶତାଧିକ ରୋଗୀ, ଝାଡୁଦାର, ସମ୍ପର୍କୀୟ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଜୋତା ପିନ୍ଧି ଡାକ୍ତରଖାନାର ଅନ୍ତଃ ବିଭାଗକୁ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ସୋନପୁର ବ୍ଲକ ଶରଧାପାଲି ଗ୍ରାମର ଜଣେ ପ୍ରସୂତି ପିଙ୍କି ଥାପା(୨୩) କୁହନ୍ତି, ଗର୍ଭ ଯନ୍ତ୍ରଣା ହେବାରୁ ସେ ଡାକ୍ତରଖାନା ଆସିଥିଲେ। ସୋମବାର ରାତିରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଛି। ଶଯ୍ୟାଭାବରୁ ସେ ଶିଶୁ ସହିତ ଚଟାଣରେ ରହିବାକୁ ବାଧ ହେଉଛନ୍ତି। ସଂକ୍ରମଣ ଭୟ ମଧ୍ୟ ରହୁଛି। ସେହିପରି ବୀରମହାରାଜପୁର ବ୍ଲକ ଟାଙ୍ଗରସାହିର ପ୍ରସୂତି ଦୀପାଞ୍ଜଳି ବାରିକ୍(୨୦) ଓ କୁମରକେଲିର ମିତା ରଣା(୨୩) ଶଯ୍ୟାଭାବରୁ ନିଜର ନବଜାତକ ସହ ବାରଣ୍ଡାରେ ଗଡୁଛନ୍ତି। ବାରଣ୍ଡାରେ ସାମାଜିକ ଦୂରତ୍ୱ ବଜାୟ ରହୁନି। ଅସହ୍ୟ ଗରମ ହେଉଛି। ସରକାର ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ, ଏହି ଡାକ୍ତରଖାନାରେ ଶଯ୍ୟାର ଅଭାବ ରହିଛି। ଆମେ ଅଧିକ ୧୫ଟି ଶଯ୍ୟା ପକାଇଛୁ। ମାତ୍ର ତାହା ଯଥେଷ୍ଟ ହେଉନି। ସ୍ୱାଭାବିକ ପ୍ରସବ ହେଉ ଅବା ଅସ୍ତ୍ରୋପଚାର ପ୍ରସବ ଉଭୟ ମା' ଓ ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟୂନ ୪୮ଘଣ୍ଟା ରହିବା ବାଧ୍ୟତାମୂଳକ। ତେଣୁ ପ୍ରସୂତି ଓ ନବଜାତକଙ୍କୁ ବାରଣ୍ଡାରେ ରଖିବାକୁ ପଡୁଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୩୨କୋଟି ଟଙ୍କା ବ୍ୟୟରେ ଏକ ନୂତନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହା ସମ୍ପୂର୍ଣ୍ଣ ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଡାକ୍ତର ପଣ୍ଡା କହିଥିଲେ।

# କୋଭିଡ୍ ପରୀକ୍ଷା ହେବାରେ ଭୀମଭୋଇ ମେଡିକାଲ କଲେଜ ଦେଶରେ କନିଷ୍ଠ

**ବଲାଙ୍ଗୀର ଅଫିସ, ୨୨।୫**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଏକ ନୂଆ ଗୌରବ ଯୋଡି ହୋଇଛି। ଏହା ଦେଶର ଏକ ଅନ୍ୟତମ କନିଷ୍ଠ ମେଡିକାଲ କଲେଜ, ଯେଉଁଠାରେ ୩ ଦିନ ପୂର୍ବରୁ କୋଭିଡ-୧୯ର ଆର୍‌ଟି ପିସିଆର ଟେଷ୍ଟ ଆରମ୍ଭ ହୋଇଛି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ଏଠାରେ ଏ ପର୍ଯ୍ୟନ୍ତ ୬୧ଟି ସାମ୍ପଲ ଟେଷ୍ଟ ହୋଇଛି। ଜିଲାପାଳ ଅରିନ୍ଦମ ଡାକୁଆ ମଧ୍ୟ ଏକ ଭିଡିଓ ବାର୍ତ୍ତାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ତୃତୀୟ ସପ୍ତାହ ବେଳକୁ ୯୬ ପରୀକ୍ଷା ହୋଇପାରିବ ବୋଲି ସୂଚନା ଦେଇଛନ୍ତି।

# ବଲାଙ୍ଗୀରରେ ପୁଣି ୨ କରୋନା ସଂକ୍ରମିତ ଚିହ୍ନଟ

**ବଲାଙ୍ଗୀର ଅଫିସ, ୨୨।୫**

- ସଂକ୍ରମିତଙ୍କ ସଂଖ୍ୟା ୮କୁ ବୃଦ୍ଧି
- ୨ ସୁସ୍ଥ, ୬ ସକ୍ରିୟ

ବଲାଙ୍ଗୀର ଜିଲାରେ ପୁଣି ଦୁଇଜଣ ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ତୁରେକେଲା ବ୍ଲକ୍ ବଡବାଙ୍କି ପଞ୍ଚାୟତର ମୁରିବାହାଲ ଗାଁର ଏହି ଦୁଇ କରୋନା ସଂକ୍ରମିତ ପ୍ରବାସୀ ଗତ ୧୨ ତାରିଖ ଦିନ ମୁମ୍ବାଇରୁ ଫେରିଥିଲେ । ୨୧ ତାରିଖ ଦିନ ସେମାନଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିବା ଜିଲାପାଳ ଅରିନ୍ଦମ ଡାକୁଆ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଏହି ଦୁଇ ପ୍ରବାସୀ ମୁମ୍ବାଇରୁ ଫେରିବା ଦିନ ଠାରୁ ମୁରିବାହାଲ ଏମ୍‌ଇ ସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ସେମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାରୁ ଏହି ଗାଁକୁ ଆଉ କଣ୍ଟେନମେଣ୍ଟ ଜୋନ୍‌ରେ ରଖିବାର ଆବଶ୍ୟକତା ନାହିଁ ଓ ଉଭୟ ସଂକ୍ରମିତଙ୍କୁ ଭୁବନେଶ୍ୱର କିମ୍‌ସ କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇସାରିଛି ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି। ଏହି ଦୁଇ କରୋନା ସଂକ୍ରମିତ ବୋଲି ଜଣାପଡିବା ପରେ ଜିଲାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି।

ମେ ୧ ତାରିଖ ଗୁଡଭେଲା ବ୍ଲକ୍ ରୁଷୁଡା ପଞ୍ଚାୟତ ଅନ୍ତର୍ଗତ ଲିଖିରିଆ ଗାଁର ତାମିଲନାଡୁ ଫେରନ୍ତା ୨ ପ୍ରବାସୀ ଯୁବକ ପ୍ରଥମେ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ଗତ ୧୬ ତାରିଖ ବଲାଙ୍ଗୀର ସହର ସୁଦପଡା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ୨ ସୁରଟ୍ ଫେରନ୍ତା ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଏହାର ୨୪ ଘଣ୍ଟା ନ ପୂରୁଣୁ ରବିବାର ପୁଇଁତଲା ବ୍ଲକ୍ ବନ୍ଧପଡା କ୍ୱାରାଣ୍ଟାଇନ ସେଣ୍ଟରର ଆଉ ୨ ଜଣ ସୁରଟ ଫେରନ୍ତା ପ୍ରବାସୀ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ଏଯାବତ୍ ଜିଲାର ସମୁଦାୟ ୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଲିଖିରିଆ ଗାଁର ଦୁଇ ସଂକ୍ରମିତ ଭୁବନେଶ୍ୱର କୋଭିଡ୍ ହସପିଟାଲରୁ ସୁସ୍ଥ ହୋଇ ଫେରିଛନ୍ତି। ଏବେ ଜିଲାର ୬ କରୋନା ସକ୍ରିୟ ଭୁବନେଶ୍ୱର କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଭିଡିଓ ବାର୍ତ୍ତାରେ ଜିଲାପାଳ ଡାକୁଆ ସଂକ୍ରମିତ ଚିହ୍ନଟ ପ୍ରବାସୀମାନେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ଗୁଡିକରେ ସେମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଆସିଥିବା ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି ବୋଲି ସୂଚନା ଦେଇଛନ୍ତି।

# କୋଭିଡ୍ ହସ୍ପିଟାଲରେ ଶିଶୁ ଜନ୍ମ

**ସମ୍ବଲପୁର,୨୨।୫(ବ୍ୟୁରୋ)**

ସମ୍ବଲପୁର ଜିଲା କୋଭିଡ୍-୧୯ ହସ୍ପିଟାଲରେ ବୁଧବାର ଗୋଟିଏ ଶିଶୁ ପୁତ୍ର ଜନ୍ମ ହୋଇଛି। ଉଭୟ ମା'ଓ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସ୍ୱାବ୍ ନମୁନା ରିପୋର୍ଟ ଆସିଲା ପରେ ସେମାନଙ୍କୁ ଘରୁକୁ ଛାଡି ଦିଆଯିବ ବୋଲି ଏଡିଏମ୍‌ଓ ବିବି ମିଶ୍ର କହିଛନ୍ତି। ମିଳିଥିବା ସୁଚନା ଅନୁଯାୟୀ, ଜଗତସିଂହପୁରର ଏକ ଦମ୍ପତି ଛତିଶଗଡ଼ରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସ୍ତ୍ରୀଙ୍କ ପ୍ରସବ ସମୟ ପାଖେଇ ଆସିବାରୁ ଲକ୍‌ଡାଉନ ଯୋଗୁ ସେମାନେ ଛତିଶଗଡ଼ରୁ ଏକ ଗାଡି ଭଡା କରି ଜଗତସିଂହପୁର ଫେରୁଥିଲେ। ହେଲେ ବୁଧବାର ବରଗଡ଼ରେ ପହଞ୍ଚିବା ପରେ ସମ୍ପୃକ୍ତ ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ବରଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ ସେମାନେ ଅନ୍ୟ ରାଜ୍ୟରୁ ଆସିଥିବାରୁ ସେହି ମହିଳାଙ୍କୁ ସମ୍ବଲପୁର କୋଭିଡ୍ ହସ୍ପିଟାଲକୁ ରେଫର କରାଯାଇଥିଲ। ସେମାନେ ସମ୍ବଲପୁର କୋଭିଡ୍ ହସ୍ପିଟାଲରେ ଗୁରୁବାର ଅପରାହ୍ନ ୨ ଟାରେ ପହଞ୍ଚିଥିଲେ। ପ୍ରଥମେ ମହିଳାଙ୍କ ସ୍ୱାବ୍ ନମୁନା ସଂଗ୍ରହ ପରେ ଚିକିତ୍ସା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା। ଶେଷରେ ହସ୍ପିଟାଲର ଆଇସୋଲେସନରେ ରାତି ୧୧ ଟାରେ ସମ୍ପୃକ୍ତା ମହିଳା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ପ୍ରତିଦିନ ଡାକ୍ତରୀ ଟିମ୍ ମାଆ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ସ୍ୱାବ୍ ନମୁନା ରିପୋର୍ଟ ଆସିଲା ପରେ ସେମାନଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି।

# କ୍ୱାରାଣ୍ଟାଇନ୍‌ରେ ଥିବା ଶ୍ରମିକ ଭୁବନେଶ୍ୱର ସ୍ଥାନାନ୍ତର

**ବୌଦ୍ଧ,୨୨।୫(ସ୍ୱ.ପ୍ର):** ବୌଦ୍ଧ ଜିଲାରୁ ଆଉ ଜଣେ ପ୍ରବାସୀ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ କିମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଶ୍ରମିକ ଜଣକ ବଘିଆପଡା ପଞ୍ଚାୟତ ଅନ୍ତର୍ଗତ ଗଡଡଦେଇଠାରେ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ହଠାତ୍ ଶୁକ୍ରବାର ସକାଳୁ ସେ ଗୁରୁତର ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ନ ଥିଲା। ତେଣୁ ଉକ୍ତ ଶ୍ରମିକଙ୍କ କରୋନା ପଜିଟିଭ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।

# ଡିଏସ୍‌ପିଙ୍କ ସମ୍ମୁଖରେ ଏଇଙ୍କୁ ଗୁଳି ମାରିବାକୁ ଧମକ

## ପୂର୍ବତନ ଛାତ୍ର ବିଜେଡି ସଭାପତି ଗିରଫ

**ବଡଗାଁ,୨୨।୫(ଡି.ଏନ.ଏ.)**

ପୋଲିସ ସମ୍ମୁଖରେ ଜଣେ ଛାତ୍ରନେତା ବଡଗାଁ ବ୍ଲକ ଏଇଙ୍କୁ ଗୁଳି ମାରି ହତ୍ୟା ଧମକ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଛାତ୍ରନେତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ଅଭିଯୋଗ ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଫିସ ପରିସରରେ ଗୁରୁବାର ଅପରାହ୍ନ ୫ଟାରେ ତଲସରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ଛାତ୍ର ସଭାପତି ଉତ୍କଳ ମହାପାତ୍ର ନିଶାସକ୍ତ ଅବସ୍ଥାରେ ପହଞ୍ଚି ଥିଲେ । ଜଣେ ଦଳୀୟ କର୍ମୀଙ୍କ ନାଁ ନେଇ ତାଙ୍କୁ କାହିଁକି ବାମଡେରା ଗାଁର ରାସ୍ତା କାମ ଦିଆଗଲା କହି ବିଡିଓ କ୍ଷମାନିଧି ଭୋଇ, ଏଇ ସହଦେବ ମୁଣ୍ଡାରୀ ଓ ଜେଇ ପର୍ଶୁରାମ ନାଏକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏତିକିରେ କଥା ସରି ନ ଥିଲା । ଏଇ ଓ ଜେଇଙ୍କୁ ଗୁଳିମାରି ହତ୍ୟା କରିବାକୁ ଧମକ ଦେଇଥିଲେ। ସେଠାରେ ଉପସ୍ଥିତି କେତେଜଣ ଯୁବକ ତାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ ଶାନ୍ତ ହୋଇ ନ ଥିଲେ । ପ୍ରାୟ ଅଧଘଣ୍ଟା ଏପରି ଚାଲିବା ପରେ ବିଡିଓ ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଥିଲେ । ଖବର ପାଇ ଡିଏସ୍‌ପି ସତ୍ୟବ୍ରତ ଦାସ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଥିଲେ । ପୋଲିସକୁ ଦେଖି ଉତ୍କଳ ଆହୁରି ଉତ୍ତେଜିତ ହୋଇ ଏଇଙ୍କୁ ଗୁଳି ମାରିବି ବୋଲି ଚେତାବନୀ ଦେଇଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଉତ୍କଳଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

# କର୍ଲାମୁଣ୍ଡା, ଯୋରାଡ଼ବରା ମଣ୍ଡିରେ ଧାନ କିଣା ଆରମ୍ଭ

**କର୍ଲାମୁଣ୍ଡା, ୨୨।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୩ ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି । ଧାନ ବିକ୍ରି ପାଇଁ ୧୧୧୧ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ସେଥିମଧ୍ୟରୁ ଯୋରଡବରା ସମବାୟ ସମିତିରେ ୪୧୯ ଜଣ, କର୍ଲାମୁଣ୍ଡା ସମବାୟ ସମିତିରେ ୫୬୩ ଜଣ ଓ ରିଷିଡା ସମବାୟ ସମିତିରେ ୧୨୯ ଜଣ ଚାଷୀଙ୍କ ନାମ ତାଲିକାଭୁକ୍ତ ହୋଇଛି । ଶୁକ୍ରବାର କର୍ଲାମୁଣ୍ଡା ଓ ଯୋରାଡବରା ମଣ୍ଡି ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ତହସିଲଦାର ବାସନ୍ତୀ ସେଠି ଏହି ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ଚାଷୀମାନେ ସାମାଜିକ ଦୂରତା ରକ୍ଷା ସହିତ ମାସ୍କ ବ୍ୟବହାର କରିବା ଉପରେ ତହସିଲଦାର ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ ଚାଷୀମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ପ୍ରଥମଦିନ କର୍ଲାମୁଣ୍ଡା ସମବାୟ ସମିତି ଜରିଆରେ ଚାଷୀ ହର ସାହୁଙ୍କ ୯୦ କୁଇଣ୍ଟାଲ ଓ ଭଗବାନ ସାହୁଙ୍କ ୧୦୦

**୩ ସମବାୟ ଜରିଆରେ ୧୧୧୧ ଚାଷୀଙ୍କ ନାମ ପଞ୍ଜୀକୃତ**



ଯୋରାଡବରାରେ ତହସିଲଦାର ବାସନ୍ତୀ ସେଠି ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ବେଳେ ଯୋରଡବରା ସମବାୟ ସମିତି ଜରିଆରେ ରାମେ ରଣା ୩୨ କୁଇଣ୍ଟାଲ ୧୩ କେଜି, ଦେବରାଜ ରଣା ୪୯ କୁଇଣ୍ଟାଲ, ବ୍ରଜମଣି ରଣା ୧୯ କୁଇଣ୍ଟାଲ ୨୦ କେଜି, ଯଶୋବନ୍ତ ରଣା ୫୦ କୁଇଣ୍ଟାଲ ୨୪ କେଜି, ଲିଲେଶ ସାହୁଙ୍କ ୪୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା।

# ଝିଅାରୀଙ୍କୁ ବଳାତ୍କାର ଅଭିଯୋଗରେ ମଉସା ଗିରଫ

**କୁଆଁରମୁଣ୍ଡା,୨୨।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅଧୀନ ଝୁନମୁର ପଞ୍ଚାୟତର ଏକ ବସ୍ତିରେ ଜଣେ ୧୧ ବର୍ଷ ବୟସର ନାବାଳିକାଙ୍କୁ ତାଙ୍କ ମଉସା ବଳାତ୍କାର କରିଛନ୍ତି। ଏ ସମ୍ପର୍କରେ ନାବାଳିକାଙ୍କ ମାଉସୀ ତଥା ଅଭିଯୁକ୍ତଙ୍କ ସ୍ତ୍ରୀ ନିଜେ ରାଏବୋଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଇଛି। ଏକ ମାମଲା (ନଂ.୩୩/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ନାବାଳିକାଙ୍କ ବାପା ମରିଗଲା ପରେ ମା' ଅନ୍ୟତ୍ର ବିବାହ କରିଥିଲେ। ଏଣୁ ତାଙ୍କୁ ମାଉସୀ ନିଜ ପାଖରେ ରଖିଥିଲେ।

# କିରୋସିନ ବଣ୍ଟନ ବେଳେ ଲୋକେ ତାତିଲେ

**ବୌଦ୍ଧ,୨୨।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଛତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର କିରୋସିନ ବିକ୍ରିକୁ ନେଇ ଖାଉଟି ପାଟିତୁଣ୍ଡ କରିଛନ୍ତି। ସରକାର ଲିଟର ପ୍ରତି ୧୫ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଖାଉଟିଙ୍କଠାରୁ ଲିଟର ପ୍ରତି ୨୦ ଟଙ୍କା ନିଆଯାଉଛି। ଏଣୁ ଲୋକେ ତାତି ଉଠିଥିଲେ, ଫଳରେ କିରୋସିନ ବଣ୍ଟନ ବନ୍ଦ ହୋଇଯାଇଥିଲା। ଏହି ଖବର ପାଇ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଜିଲା ଯୋଗାଣ ବିଭାଗକୁ ଅବଗତ କରିଥିଲେ। ଏହା ପରେ ସରକାରୀ ଦରରେ କିରୋସିନ ବଣ୍ଟନ ହୋଇଥିଲା। ତେବେ ଯେଉଁମାନଙ୍କଠାରୁ ଅଧିକ ପଇସା ନିଆଯାଇଛି ତାହା ଫେରସ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ସରପଞ୍ଚ ସୁଶୀଲ କୁମାର ପ୍ରଧାନ କହିଛନ୍ତି ଯେ, ଯୋଗାଣ ସହାୟକ କିରୋସିନ ବଣ୍ଟନ କରୁଛନ୍ତି। ସରକାରୀ ନିୟମଠାରୁ ଅଧିକା ଦର ନେଇ ଡିଲର ବ୍ୟାରେଲରେ କମ୍ ତେଲ ଦେଉଛନ୍ତି। ଏଣୁ କିରୋସିନ ବଣ୍ଟନରେ ପଞ୍ଚାୟତର କ୍ଷତି ହେଉଛି। ଏହାକୁ ଭରଣା ପାଇଁ ଲିଟର ପ୍ରତି ୨୦ ଟଙ୍କା ନିଆଯାଉଥିଲା। ହେଲେ ଅଭିଯୋଗ ପରେ ୧୬ ଟଙ୍କା ନିଆଯାଇଥିବା ସରପଞ୍ଚ କହିଛନ୍ତି।

# ନିୟମ ନ ମାନି ଜରିମାନା ଦେଲେ ଦୋକାନୀ

**ବୌଦ୍ଧ,୨୨।୫(ସ୍ୱ.ପ୍ର)**

ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନରେ ଚା' ପାନ ଦୋକାନ ଖୋଲିବା ଉପରେ କଟକଣା ବଳବତ୍ତର ରହିଥିବାବେଳେ ଜଳଖିଆ ଦୋକାନରେ କେବଳ ପାର୍ଶଲ ଦେବାକୁ ଅନୁମତି ପ୍ରଦାନ କରାଯାଇଛି। କିନ୍ତୁ ଶୁକ୍ରବାର ସକାଳୁ ଦୋକାନ ଖୋଲି ବ୍ୟବସାୟ ଚଳାଇଥିବାରୁ ୮ଜଣ ଚା' ଦୋକାନୀଙ୍କୁ ଫାଇନ ଦେବାକୁ ପଡିଛି। ସୂଚନା ମୁତାବକ, ସକାଳୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ଲକ୍‌ଡାଉନ ସତ୍ତ୍ୱେ ଦୋକାନ ଖୋଲି ବ୍ୟବସାୟ ଚଳାଇଥିବାରୁ ବିଭିନ୍ନ ଛକରୁ ୮ଜଣ ଚା' ପାନ ଦୋକାନୀଙ୍କୁ ପୋଲିସ ଉଠାଇ ନେଇଥିଲା। ସେମାନେ ଥାନାରେ ୫ଶହ ଟଙ୍କା ଲେଖାଏଁ ଫାଇନ ଦେବା ପରେ ନିୟମ ପାଳନ ପାଇଁ ଚେତାବନୀ ଦେଇ ସେମାନଙ୍କୁ ଛାଡି ଦିଆଯାଇଥିଲା। ସେହିପରି ସହରର ଏନଏସି ଛକ ଓ କୋର୍ଟ ଛକରେ ଜଳଖିଆ ଦୋକାନ ଖୋଲି ଖାଇବାକୁ ଦେଉଥିବା ବେଳେ ଦୁଇଜଣ ଦୋକାନ ମାଲିକ ୧ହଜାର ଟଙ୍କା ଲେଖାଏଁ ଦଣ୍ଡ ଗଣିଥିବା ଜଣାଯାଇଛି।

# ଅନ୍ୟ ଜିଲାର ମିଲର୍ସଙ୍କୁ ନେଇ ବିବାଦ

**ନୂଆପଡ଼ା ଅଫିସ,୨୨।୫**

କରୋନା କଟକଣା ସମୟରେ ଚାଷୀଙ୍କଠାରୁ ଠିକ୍ ସମୟରେ ଧାନ ସଂଗ୍ରହ କରିବା ଓ ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବାକୁ ସରକାର ଗୁରୁତ୍ୱାରୋପ କରିଛନ୍ତି । ହେଲେ ଅନ୍ୟ ଜିଲାର ମିଲର୍ସଙ୍କୁ ନେଇ ନୂଆପଡ଼ା ଜିଲାରେ ମିଲର୍ସ ଓ ଯୋଗାଣ ବିଭାଗ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଏଥିଯୋଗୁ ଧାନ କିଣା ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଛି । ମଣ୍ଡିକୁ ଯିବାକୁ ମିଲର୍ସମାନେ ଅମଙ୍ଗ ହେଉଥିବାରୁ ଚାଷୀମାନେ ଆଣିଥିବା ଧାନ ପଡି ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଏଥର ମୋଟ ୪ଲକ୍ଷ କୁଇଣ୍ଟାଲ ରବି ଧାନ ସଂଗ୍ରହ ହେବ। ଏଥିପାଇଁ ମୋଟ ୪୩ଟି ମଣ୍ଡିର ବ୍ୟବସ୍ଥା କରାଯାଇଛି । ହେଲେ ପ୍ରଥମଥର ପାଇଁ ଜିଲା ବାହାରୁ ଅର୍ଥାତ୍ ବରଗଡ଼ରୁ ମିଲର୍ସମାନଙ୍କୁ ଧାନକିଣାରେ ସାମିଲ କରାଯାଇଛି। ଏହାକୁ ନେଇ ଜିଲାର ମିଲର୍ସଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲା ମିଲର୍ସ ସଂଘ ସଭାପତି ସୁନୀଲ କୁମାର ସୋନିଙ୍କ କହିବାନୁଯାୟୀ ଜିଲାରେ ଖରିଫରେ ୧୦ରୁ ୧୨ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାର ଦକ୍ଷତା ରଖିଛୁ। ହେଲେ ଏଥର ମାତ୍ର ୪ ଲକ୍ଷ କୁଇଣ୍ଟାଲ ଧାନ ପାଇଁ ଜିଲା ବାହାରୁ ମିଲର୍ସଙ୍କୁ କେଉଁ ସ୍ୱାର୍ଥରେ ଅଣାଯାଉଛି ବୁଝାପଡୁନାହିଁ। ଯଦି ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ଆମେ ଜିଲା ପ୍ରଶାସନକୁ ସହଯୋଗ କରିବୁ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବରଗଡ଼ରୁ ଆସିଥିବା ମିଲର୍ସମାନେ ୩ରୁ ୪ଦିନ କାର୍ଯ୍ୟାଳୟ ଚାରିପଟେ ପଇଁତରା ମାରୁଥିଲେ ମଧ୍ୟ ମିଲର୍ସଙ୍କ ବିରୋଧ ଯୋଗୁ ଏଗ୍ରିମେଣ୍ଟ କରିପାରୁ ନ ଥିବା କହିଛନ୍ତି । ଏଭଳି ସ୍ଥିତିରେ ମଣ୍ଡିକୁ ମିଲର୍ସମାନେ ମଧ୍ୟ ଠିକ୍ ସମୟରେ ଆସୁ ନ ଥିବାରୁ ଧାନ ଉଠିପାରୁ ନ ଥିବା ଚାଷୀମାନେ କହିଛନ୍ତି । ଏହାକୁ ନେଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକଙ୍କୁ ପଚାରିବାରୁ କରୋନା କଟକଣା ଯୋଗୁ ଶୀଘ୍ର ଚାଷୀଙ୍କ ଧାନ ଉଠାଣ ପାଇଁ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି । ଏହାକୁ ମିଲର୍ସମାନେ ସହଯୋଗ କରିବା କଥା ବୋଲି କହିଛନ୍ତି ।

**ମଣ୍ଡିରୁ ଉଠିପାରୁନି ଧାନ**



ତରବୋଡ଼ ମଣ୍ଡିରେ ବିକ୍ରି ପାଇଁ ଆସିଥିବା ଧାନ ପଡ଼ିରହିଛି।

## ପରୀକ୍ଷା ପାଇଁ ଗଲା ଅଭିଯୁକ୍ତଙ୍କ ନମୁନା

**ଅନୁଗୋଳ ଅଫିସ, ୨୨।୫:** ବାଲିଘାଟକୁ ନେଇ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ତାଳଚେର ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଅର୍ଜୁନ ମହାନ୍ତିଙ୍କ କୋଭିଡ୍ ପରୀକ୍ଷା ପାଇଁ ଶୁକ୍ରବାର ରକ୍ତ ନମୁନା ପଠାଯାଇଛି। ଗୁରୁବାର କୋର୍ଟ ଚାଲାଣ ପୂର୍ବରୁ ଅର୍ଜୁନ ଅସୁସ୍ଥ ଥିବା ବାହାନା କରିଥିଲେ। ତାଙ୍କୁ ମୁଖ୍ୟ ଚିକିତ୍ସାଳୟ କରୋନା ୱାର୍ଡରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିଲା। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ପୋଲିସ ଗ୍ରହଣ କରିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଅନୁମତି ନ ନେଇ ବ୍ୟବସାୟ

**ଅନୁଗୋଳ ଅଫିସ, ୨୨।୫:** ଦୁଇ ଦିନ ତଳେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଏକ ଟିମ୍ ଗଢ଼ି ସହରରେ ଥିବା ଶୋ'ରୁମ୍ ଗୁଡ଼ିକୁ ଅନୁଧ୍ୟାନ କରିବାକୁ ପଠାଇଥିଲେ। ଏଥିସହ ସର୍ତ୍ତ ଭିତ୍ତିରେ ଶୋ'ରୁମ୍‌ଗୁଡ଼ିକ ଖୋଲାଯିବ ବୋଲି ମାଲିକମାନଙ୍କୁ କୁହାଯାଇଥିଲା। ପୂର୍ବଭଳି ସେଠାରେ ଟ୍ରାଏଲ ରୁମ୍ ଖୋଲାଯାଇପାରିବ ନାହିଁ। ଶୋ'ରୁମ୍ କର୍ମଚାରୀ ଗ୍ରାହକଙ୍କୁ ପସନ୍ଦ ମୁତାବକ ପୋଷାକ ଦେଖାଇବେ। ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ଏସବୁ ବ୍ୟବସ୍ଥା କରି ସାରିବା ପରେ ଶୋ'ରୁମ୍ କର୍ତ୍ତୃପକ୍ଷ ପ୍ରଶାସନକୁ ଅବଗତ କରାଇବେ। ଏହାପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ଶୋ'ରୁମ୍ ଖୋଲିବାକୁ ଅନୁମତି ଦିଆଯିବ ବୋଲି ଉପଜିଲାପାଳ କହିଥିଲେ। କିନ୍ତୁ ସହରରେ ଥିବା କେତୋଟି ଶୋ'ରୁମ୍ ବିନା ଅନୁମତିରେ ଅଧା ଶଟର ଖୋଲି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଅନୁଗୋଳ ପୋଲିସକୁ ଅବଗତ କରାଯାଇଛି। ପୋଲିସ ସହରରେ ପଇଁତରା ମାରିବ। ଆବଶ୍ୟକ ପଡ଼ିଲେ ସେସବୁକୁ ସିଲ୍ କରାଯିବ।

### ଡିନାମାଇଟ ଦ୍ୱାରା ମାଛମରା ଅଭିଯୋଗ

**କଣିହାଁ, ୨୨।୫(ଡି.ଏନ.ଏ.):** ଅନୁଗୋଳ ଜିଲା ସମଲ ଥାନା ବ୍ରାହ୍ମଣୀ ନଦୀସ୍ଥିତ ସମଲ ଆନିକଟ ତଳମୁଣ୍ଡରେ ଡିନାମାଇଟ ବିସ୍ଫୋରଣ କରି ମାଛ ମରାଯାଉଥିବା ଥାନାରେ ଅଭିଯୋଗ ହୋଇଛି। ସମଲ ଗ୍ରାମର କିଶୋର ଚନ୍ଦ୍ର ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଆନିକଟର ତଳମୁଣ୍ଡରେ ପ୍ରତିଦିନ ଡିନାମାଇଟ ବିସ୍ଫୋରଣ କରାଯାଇ ମାଛ ଧରାଯାଉଛି। ଏଥିଯୋଗୁ ସ୍ଥାନୀୟ ଲୋକଙ୍କ ଘରଦ୍ୱାର କ୍ଷତିଗ୍ରସ୍ତ ହେଉଛି। ଲୋକେ ପ୍ରଚଣ୍ଡ ଶବ୍ଦ ଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଗୁରୁବାର ମଧ ସେ ନଦୀରେ ଗାଧୋଇଥିବା ସମୟରେ ଜଣେ ସ୍ଥାନୀୟ ଯୁବକ ଡିନାମାଇଟ ପକାଇଥିଲେ। ଏଥିଯୋଗୁ ତାଙ୍କୁ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ଧମକ ଚମକ ଦେଇଥିବା କିଶୋରଚନ୍ଦ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ପୋଲିସ ଏ ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଅନୁଗୋଳ ଅଫିସ, ୨୨।୫:** ଗରିବ ପରିବାରକୁ ସର୍ବନିମ୍ନ ୧୦ ହଜାର ଟଙ୍କା ସହାୟତା, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ଗରିବ ଚାଷୀଙ୍କୁ ସୁଧ ମୁକ୍ତ ଋଣ ଯୋଗାଇବା, ଗ୍ରାମାଞ୍ଚଳର ଗରିବଙ୍କୁ ବର୍ଷ ତମାମ କାମ ଦେବା, ପ୍ରବାସୀ ଶ୍ରମିକଙ୍କୁ ଦିନକୁ ୫ ଶହ ଟଙ୍କା ମଜୁରିରେ କାର୍ଯ୍ୟ ଯୋଗାଣ, ଆସନ୍ତା ଖରିଫ ଚାଷ ପାଇଁ ଚାଷୀମାନଙ୍କୁ ସାର, ବିହନ ଆଦି ମାଗଣାରେ ଯୋଗାଇଦେବା ଦାବି କରିଛି ଅଲ୍‌ଇଣ୍ଡିଆ କିଷାନ କ୍ଷେତମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍)। ସର୍ବଭାରତୀୟ କମିଟି ଡାକରାରେ ଶୁକ୍ରବାର ସଙ୍ଗଠନ ପକ୍ଷରୁ ୧୨ ଦଫା ସମ୍ବଳିତ ଦାବିପତ୍ର ଅନଲାଇନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା ସମ୍ପାଦକ ସୁବାସ ପ୍ରଧାନ, ସଙ୍ଗଠକ ସଞ୍ଜୟ ସାହୁ, କୁମର ସାହୁ, ଉଦୟ ଭୋଇ, ନନ୍ଦି ନାୟକ ପ୍ରମୁଖ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସୁସ୍ଥ ହେଲେ ଅନୁଗୋଳର ୧୫ ଆକ୍ରାନ୍ତ

**ଅନୁଗୋଳ ଅଫିସ, ୨୨।୫**

- କରୋନା ମୁକାବିଲାରେ ଜିଲାକୁ ସଫଳତା
- ରଖାଯାଇଛି ଅସ୍ଥାୟୀ ମେଡିକାଲରେ
- ଅନୁଧ୍ୟାନ କରିବେ ଡାକ୍ତରୀ ଟିମ୍



ଆଦର୍ଶ ବିଦ୍ୟାଳୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପ।

ମହାମାରୀ କରୋନା ସଂକ୍ରମଣ ବ୍ୟାପୁଥିବାବେଳେ ଅନୁଗୋଳ ଜିଲାରେ ଚିକିତ୍ସିତ ହେଉଥିବା ମୋଟ୍ ୧୯ ପଜିଟିଭ୍‌ଙ୍କ ମଧ୍ୟରୁ ଶୁକ୍ରବାର ୧୫ ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ଗତ ୧୦ ତାରିଖରେ ୧୩ ଜଣ ଓ ୧୧ ତାରିଖରେ ୨ ଜଣ ତାଳଚେର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୦ ଦିନ ଧରି ଚିକିତ୍ସିତ ହେବା ପରେ ସେମାନଙ୍କ ନମୁନା ପୁନଃ ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଗେଟିଭ୍ ବାହାରିବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲରୁ ପଞ୍ଚମହଲାସ୍ଥିତ ଆଦର୍ଶ ବିଦ୍ୟାଳୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଜିଲାର ୧୯ ପଜିଟିଭ୍‌ଙ୍କ ମଧ୍ୟରୁ ଏକସମୟରେ ୧୫ ଜଣ ସୁସ୍ଥ ହେବା ଅନୁଗୋଳ ପାଇଁ ଏକ ଖୁସିର ଖବର ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ସୁସ୍ଥ ହୋଇଥିବା ସମ୍ପୃକ୍ତ ୧୫ ଜଣଙ୍କ ମଧ୍ୟରେ ଅନୁଗୋଳ ସହରର ଜଣେ ଓ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରର ୧୪ ଜଣ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତଙ୍କୁ ଆମ୍ବୁଲାନ୍ସରେ ଆଦର୍ଶ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଅଣାଯାଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଅନୁଗୋଳ ଜିଲାର ମୋଟ୍ ୪୨୩୬ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୩୪୭୮ ଜଣଙ୍କ ରିପୋର୍ଟ ପ୍ରଶାସନର ହସ୍ତଗତ ହୋଇଛି। ଯେଉଁଥିରେ ୩୪୫୯ ନେଗେଟିଭ୍ ଥିବାବେଳେ ୧୯ ଜଣ ପଜିଟିଭ ଓ ୭୫୮ଟିର ଫଳାଫଳ ଆସିବାକୁ ବାକି ଅଛି ବୋଲି ଜିଲା ସିଡିଏମ୍‌ଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି।

# ଶ୍ରମ ଆଇନ ସଂଶୋଧନକୁ ବିରୋଧ



ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ବଅଁରପାଳ, ୨୨।୫(ଡି.ଏନ.ଏ.)**

ଶ୍ରମ ଆଇନ ସଂଶୋଧନ ବିରୋଧରେ ନାଲ୍‌କୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟ ସମ୍ମୁଖରେ ଶୁକ୍ରବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଇନରେ ପରିବର୍ତ୍ତନ ଅଣାଗଲେ ଶ୍ରମିକମାନେ ଶୋଷଣର ଶିକାର ହେବା ସହ ସେମାନଙ୍କ ମୌଳିକ ଓ ମାନବିକ ଅଧିକାର କ୍ଷୁଣ୍ଣ ହେବ ବୋଲି ଅଭିଯୋଗ ହୋଇଛି। ୧୨ ଘଣ୍ଟା ବଦଳରେ ୮ ଘଣ୍ଟାର ଶ୍ରମ, ପୁଞ୍ଜିପତି ଶୋଷଣ ନୀତି ବନ୍ଦ ଆଦି କରାଯିବା ଦାବିରେ ଆଇଏନଟିୟୁସି ହିନ୍ଦ୍ ମଜଦୁର ସଭା, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ପ୍ରମୁଖ ଶ୍ରମିକ ସଙ୍ଗଠନ ବିକ୍ଷୋଭରେ ସାମିଲ ହୋଇଥିଲେ। ଶ୍ରମିକ ନେତା ପରେଶ ଚନ୍ଦ୍ର ଜେନା, ବିଭବ ଜେନା, ହେମନ୍ତ ପ୍ରଧାନ, ନିର୍ମଳ ସାମଲ, ମୁରଲୀଧର ପଣ୍ଡା, ବିନୋଦ ବିହାରୀ ସେଠ, ମାଙ୍ଗିଲାଲ ସାମଲ, ବୈରାଗୀ ସେଠ, ନାରାୟଣ ସେଠୀ, ସୀତାରାମ ପ୍ରଧାନ, ନିର୍ମଳ ଶତପଥୀ, ନୀର ଅମାନ୍ତ, ଗୁରୁ ଚରଣ ରାଉତ, ସୁଶାନ୍ତ ସାମଲ, ଗନ୍ଧର୍ବ ବିଶ୍ୱାଳ, ପ୍ରଶ୍ନ ମହାନ୍ତି, ଭୀମସେନ ସାହୁ , ଟିକାନ ଦାସ ପ୍ରମୁଖ ବିକ୍ଷୋଭ କରିଥିଲେ।

# 'ଭୀମ ଭୋଇଙ୍କ ଚରିତ୍ର ସଂହାରକୁ ବରଦାସ୍ତ କରାଯିବନି'


ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହିମା ସାଧୁମାନେ।

**ଢେଙ୍କାନାଳ ଅଫିସ, ୨୨।୫**

## ବିବାଦୀୟ ପୁସ୍ତକକୁ ନେଇ ମହିମାଗାଦିରେ ତୀବ୍ର ପ୍ରତିକ୍ରିୟା

ଭୀମ ଭୋଇଙ୍କ ଚରିତ୍ରକୁ ଆକ୍ଷେପ କରି ପ୍ରକାଶିତ ଏକ ପୁସ୍ତକକୁ ନେଇ ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମାଗାଦିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହିମା ଧର୍ମର ଅନ୍ୟତମ ପ୍ରଚାରକଙ୍କ ପ୍ରତି ଏପରି କୁତ୍ସାରଟନାକୁ ନେଇ ମହିମା ଧର୍ମାବଲମ୍ବୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନେଇ ଶୁକ୍ରବାର ମହିମାଗାଦିର ସତ୍ୟମହିମା ଧର୍ମଧାମ ପରିଚାଳନା ସମିତି ପକ୍ଷରୁ ମହିମା ସମାଜ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସମିତିର ଅଧ୍ୟକ୍ଷ ବାବା ପବିତ୍ର ମୋହନ ଦାସ ଏବଂ ସମ୍ପାଦକ ନିତ୍ୟାନନ୍ଦ ଦାସ କହିଲେ, ବିବାଦୀୟ ପୁସ୍ତକର ଲେଖକ ମହିମାଧର୍ମ ବିରୋଧରେ ଉଲ୍ଲେଖ କରିଛନ୍ତି। ଭୀମ ଭୋଇ ମହିମାଧର୍ମର ପ୍ରଥମ ଭକ୍ତ। ରେଢ଼ାଖୋଲର କଙ୍କଣପଡ଼ାରୁ ତାଙ୍କୁ ମହିମାସ୍ୱାମୀ ଉଦ୍ଧାର କରି ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ। ସେ ମହିମାଧର୍ମର ଆଦିବାର୍ତ୍ତା ପ୍ରଚାର କରିଥିଲେ। ମହିମାଧର୍ମର ଗଭୀର ଆତ୍ମ ନିବେଦନ ରହିଛି, ଯାହା ଭୀମ ଭୋଇଙ୍କଠାରୁ ପ୍ରଚାରିତ। ସନ୍ଥକବିଙ୍କ ଚରିତ୍ର ସଂହାରକୁ କଦାପି ବରଦାସ୍ତ କରାଯିବ ନାହିଁ। ଉକ୍ତ ବିବାଦୀୟ ପୁସ୍ତକକୁ ସରକାର ନିଷିଦ୍ଧ ଘୋଷଣା କରିବା ସହିତ ଲେଖକଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁବ୍ରତ ବାବା, ଅଶୋକ ବାବା, ଦୀନବନ୍ଧୁ ବାବା, ସୌମ୍ୟ ବାବା ପ୍ରମୁଖ ଦାବି କରିଛନ୍ତି। ଏହାପରେ ମହିମାଗାଦି ସୁରକ୍ଷା ମଞ୍ଚର ସଭାପତି ପ୍ରତ୍ୟୁଷହରି ପ୍ରଧାନ, ସମ୍ପାଦକ କାରଣ ବେହେରା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସମ୍ପୃକ୍ତ ଲେଖକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

# ଦିଆଯାଉନି ପିପିଇ, ବଢୁଛି ଅସନ୍ତୋଷ

**ଅନୁଗୋଳ ଅଫିସ, ୨୨।୫**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ସନ୍ଦିଗ୍ଧଙ୍କ ପାଇଁ କୋଭିଡ୍ ୱାର୍ଡ ଖୋଲାଯାଇଛି। କିନ୍ତୁ ସେଠାରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କୁ କେବଳ ମାସ୍କ, ଗ୍ଲୋଭ୍ସ ଓ ସାନିଟାଇଜର ଦିଆଯାଉଥିବା ବେଳେ ପିପିଇ (ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ) ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜେରିଆଟିକ୍ ୱାର୍ଡକୁ କୋଭିଡ୍ ୱାର୍ଡରେ ପରିଣତ କରାଯାଇଥିଲା। ଏବେ ଉକ୍ତ ୱାର୍ଡରେ ସନ୍ଦିଗ୍ଧଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ୨୨ ଜଣ ଷ୍ଟାଫଙ୍କ ସହ କେତେଜଣ ଅସ୍ଥାୟୀ ଷ୍ଟାଫଙ୍କୁ ନିୟୋଜିତ କରାଯାଇଛି। କେବଳ ଉକ୍ତ ୱାର୍ଡକୁ ଆସୁଥିବା ଡାକ୍ତରମାନଙ୍କୁ ପିପିଇ ପିନ୍ଧିବାକୁ ଦିଆଯାଉଥିବାବେଳେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଏସବୁ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ) ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ପିପିଇ କେଉଁମାନେ ପିନ୍ଧିବେ ଓ କେଉଁମାନେ ପିନ୍ଧିବେ ନାହିଁ ସେ ନେଇ ଗାଇଡଲାଇନ୍ ରହିଛି। ସେହି ଅନୁସାରେ କାର୍ଯ୍ୟ କରାଯାଉଛି।

# ମନ୍ଦିରରେ ପୋଲିସ ଛାଉଣି

**ଢେଙ୍କାନାଳ ଅଫିସ, ୨୨।୫**

ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ସୃଷ୍ଟି କରିଛି କରୋନା। ଦୁଇମାସ ହେଲା ଦେବଦେବୀଙ୍କ ପୀଠରେ ଭକ୍ତଙ୍କ ପ୍ରବେଶ ଉପରେ ଜାରି କରାଯାଇଛି କଟକଣା। ପବିତ୍ର ସାବିତ୍ରୀ ଓଷାରେ ମଧ ମନ୍ଦିରରେ ଦିଅଁ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଭକ୍ତ। ସମ୍ଭାବ୍ୟ ଭିଡ଼ ଏବଂ ସଂକ୍ରମଣ ଆଶଙ୍କା ଏଡ଼ାଇବାକୁ ପୀଠ ପରିସରରେ ପୋଲିସ ଛାଉଣି କରାଯାଇଥିବାବେଳେ ଶ୍ରଦ୍ଧାଳୁମାନେ ବାହାରେ ମଥାଟେକି ନିରାଶରେ ଫେରିଥିଲେ। କରୋନା ପ୍ରଭାବିତ ଢେଙ୍କାନାଳ ଜିଲାରେ ଫିକା ପଡ଼ିଛି ସାବିତ୍ରୀ ବ୍ରତ। ମନ୍ଦିରରେ ଭିଡ଼ ଏଡ଼ାଇବାକୁ ଗୁରୁବାର ଏସ୍‌ପି ଅନୁପମା ଜେମ୍ସ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁଞ୍ଜକାନ୍ତ ରାଧାକୃଷ୍ଣ ମନ୍ଦିର, ନୂଆପୋଖରୀ ଏବଂ ବାଇପାସ୍‌ରେ ଥିବା ଶିବମନ୍ଦିର ସମ୍ମୁଖ ପୋଲିସ ଛାଉଣି ହୋଇଥିଲା। ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ପାଇଁ ବାରଣ କରାଯିବା ସହ ସହରରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ପୂଜକଙ୍କୁ ମଧ ପୋଲିସ ତାଗିଦ୍ କରିଥିଲା। କେତେକ ପୀଠର ମୁଖଶାଳା ନିକଟରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଫେରିଥିଲେ।


ମନ୍ଦିର ଆଗରେ ପୋଲିସ ଜଗିଛନ୍ତି।

# ପୋଖରୀ କାମରେ ଶ୍ରମିକ ନିୟୋଜିତ ଦାବି

**ଛେଣ୍ଡିପଦା,୨୨।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟ ନିକଟ ବଡ଼ବନ୍ଧର ପୁନରୁଦ୍ଧାର କାର୍ଯ୍ୟ କରାଯାଉଥିବା ବେଳେ ଏଥିରେ ଶ୍ରମିକଙ୍କ ବଦଳରେ ଜେସିବି ଲଗାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୧୦ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ବାହାରୁଥିବା ମାଟିକୁ ପୋଖରୀ ହୁଡାରେ ପକା ନ ଯାଇ ବିକ୍ରି କରାଯାଉଛି। ଫଳରେ ସରକାରୀ ନିୟମ ଉଲ୍ଲଂଘନ ହେଉଥିବା ପାଣି ପଞ୍ଚାୟତର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, କୁର୍ତ୍ତିବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ନୂଆଗାଁ ସରପଞ୍ଚ ଝୁନୁବାଲା ନାୟକ କହିଛନ୍ତି, ୧୯୭୦ ମସିହାରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିଲା। ତେଣୁ ପଞ୍ଚାୟତର ହିତ ଦୃଷ୍ଟିରୁ ତଥା ପଲ୍ଲିସଭା ଓ ଗ୍ରାମସଭା ଅନୁଯାୟୀ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। କୌଣସି ଜବ୍‌କାର୍ଡଧାରୀ କାମ କରିବାକୁ ଆବେଦନ କରିନାହାନ୍ତି। ସରକାରୀ ନିୟମାନୁଯାୟୀ କାର୍ଯ୍ୟ ଜାରି ରହିଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ଯନ୍ତ୍ରୀ ଘନଶ୍ୟାମ ପଟେଲ କହିଛନ୍ତି, ଚତୁର୍ଦ୍ଦଶ ଅର୍ଥ କମିଶନରୁ ୧୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ କରାଯାଉଛି। ପଙ୍କ ମାଟିକୁ ବାହାରେ ପକାଯାଇ ଭଲ ମାଟି ହୁଡାରେ ପକାଯାଉଛି। କୌଣସି ଦୁର୍ନୀତି ହୋଇନାହିଁ। ବିଡିଓ ସୁନିଲ କୁମାର କେରକେଟା କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଇଥିଲା। ଚତୁର୍ଦ୍ଦଶ ଅର୍ଥ କମିଶନ ପଞ୍ଚାୟତ ଫଣ୍ଡରୁ ବନ୍ଧ ଖୋଳାଚାଲିଛି। କୌଣସି ଶ୍ରମିକ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ଥିଲେ ଏବଂ ଆବେଦନ କଲେ ତାଙ୍କୁ କାର୍ଯ୍ୟ ଯୋଗାଇ ଦିଆଯିବ।

# ଘରକୁ ଯାଇ ନ ପାରି ଉପାସରେ ୧୭ ଶ୍ରମିକ

**ବଇଣ୍ଡା, ୨୨।୫(ଡି.ଏନ.ଏ.)**

- ମଜୁରି ଦେଉନାହାନ୍ତି ଠିକାଦାର
- ରହିବା, ଖାଇବା ବ୍ୟବସ୍ଥା ନାହିଁ
- ପଞ୍ଚାୟତ ସମ୍ମୁଖରେ ଧାରଣା


ଶ୍ରମିକମାନେ ଧାରଣା ଦେଇଛନ୍ତି।

ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ମନ୍ଦରବାହାଲ ଗ୍ରାମରେ ଚେକଡ୍ୟାମ୍ କେନାଲ ନିର୍ମାଣରେ ନିୟୋଜିତ ୧୭ ଶ୍ରମିକ ଘରକୁ ଯାଇ ନ ପାରି ସେଠାରେ ଅଟକି ରହିଛନ୍ତି। ଏଥିସହ ୨ ଦିନ ହେଲା ସେମାନେ ଉପାସରେ ଥିବା ଅଭିଯୋଗ କରି ଶୁକ୍ରବାର ପଞ୍ଚାୟତ ସମ୍ମୁଖରେ ଧାରଣା ଦେଇଛନ୍ତି।

ଅଭିଯୋଗ ମୁତାବକ, ଭୁବନେଶ୍ୱରର ଏକ ଠିକାସଂସ୍ଥା କେନ୍ଦୁଝରରୁ ୧୭ ଶ୍ରମିକଙ୍କୁ ଆଣି କେନାଲ ନିର୍ମାଣ କାମରେ ନିୟୋଜିତ କରିଥିଲେ। ମଙ୍ଗଳବାରଠାରୁ ସମ୍ପୃକ୍ତ ଠିକାଦାର କାମ ବନ୍ଦ କରି ଦେଇଛନ୍ତି। ସେମାନଙ୍କ ମଜୁରି ୫୨ ହଜାର ହେଉଥିବାବେଳେ ସପ୍ତାହେ ତଳେ ଠିକାଦାର ମାତ୍ର ୮ ହଜାର ଟଙ୍କା ଦେଇଛନ୍ତି। ବକେୟା ମଜୁରି ପ୍ରଦାନ ନ କରିବା ସହ ରହିବା ଖାଇବାର ବ୍ୟବସ୍ଥା ନ କରି ପଳାଇଛନ୍ତି। ପାଖରେ ଟଙ୍କା କିମ୍ବା ଖାଦ୍ୟ ପଦାର୍ଥ ନ ଥିବାରୁ ସେମାନେ ଉପାସ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ସରପଞ୍ଚ ସୁମନ୍ତ ବେହେରା କହିଛନ୍ତି, ଶ୍ରମିକମାନଙ୍କୁ ଆଣିଥିବା ଠିକାଦାର ମଜୁରି ନ ଦେଇ କେଉଁଆଡେ ପଳାଇଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ପଞ୍ଚାୟତ ପକ୍ଷରୁ ଠାକୁରଗଡ ଥାନା ଓ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ରାତିରେ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯିବ। ଆଠମଲ୍ଲିକ ବିଡିଓ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି, ଶ୍ରମିକମାନେ ଘରକୁ ଯିବାର ବ୍ୟବସ୍ଥା ସମ୍ପୃକ୍ତ ଠିକାଦାର କରିବେ। ଯଦି ସେ ଏଥିରେ ଅବହେଳା କରନ୍ତି ଶ୍ରମିକମାନେ ଥାନାରେ ଅଭିଯୋଗ କଲେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଫଟୋରେ ଖବର..


ମନ୍ଦିରରେ ପୋଲିସ ଜଗିଥିବାରୁ ଶୁକ୍ରବାର ଅନୁଗୋଳ ପିସିସି ପଡ଼ିଆସ୍ଥିତ ଏକ ଗଛମୂଳେ ମହିଳାମାନେ ସାବିତ୍ରୀ ବ୍ରତ ପାଇଁ ପୂଜାର୍ଚ୍ଚନା କରୁଛନ୍ତି।



ଅନୁଗୋଳ ପୌର ପରିଷଦ ପକ୍ଷରୁ କୋଭିଡ୍-୧୯ ନେଇ ଲୋକଙ୍କୁ ସଚେତନ କରାଯାଉଛି।

## ସଂକ୍ଷେପରେ

### ଲୁଣ ଚଢ଼ା ଦରରେ ନ ବିକିବାକୁ ତାଗିଦ



କୋରୁକୋଣ୍ଡା,୨୨।୫(ଡି.ଏନ୍.ଏ.)- ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଲୁଣ ପରି ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଥିବା ଗୁଜବ ପ୍ରଚାର ପରେ ଲୁଣର କଳାବଜାର ସହ ଦରବୃଦ୍ଧି ହେଉଥିବା ଅଭିଯୋଗ ହୋଇଛି। ବିଡିଓ ଦାଶରଥି ସରାବୁଙ୍କ ନିର୍ଦ୍ଦେଶରେ ଶୁକ୍ରବାର ବ୍ଲକ ଯୋଗାଣ ନିରୀକ୍ଷକ ବ୍ୟୋମକେଶ ମାଝି ପୋଲିସ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟବସାୟୀଙ୍କୁ ଚଢା ଦରରେ ଲୁଣ ନ ବିକିବାକୁ ତାଗିଦ କରିଛନ୍ତି। କୋରୁକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତ ଏବଂ ବାଲିମେଳା ଏନ୍ଏସିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲାରେ ଲୁଣର ଅଭାବ ନ ଥିବା ଏବଂ ଆବଶ୍ୟକ ପରିମାଣର ଲୁଣ ମହଜୁଦ ଥିବା ପ୍ରଚାରକରି ଲୋକଙ୍କୁ ଅବଗତ କରାଇଛନ୍ତି। ଏଥିସହ ସମସ୍ତ ଦୋକାନରେ ଖୁଚୁରା ଲୁଣ କିଲୋ ପ୍ରତି ୧୦ଟଙ୍କା ଓ ପାଇକାରୀ ଦରରେ ଲୁଣ କିଲୋ ପିଛା ୮.୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ମୂଲ୍ୟ ତାଲିକା ନିଜ ଦୋକାନ ସମ୍ମୁଖରେ ମାରିବା ପାଇଁ ବ୍ୟବସାୟୀମାନଙ୍କୁ କୁହାଯାଇଛି। ତେବେ କେଉଁଠି ଲୁଣର କଳାବଜାର ହେଉଥିବା ଜଣାପଡ଼ିଲେ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଝି କହିଛନ୍ତି।

### ୩ ମିନିବ୍ୟାଙ୍କ, ୩ ଜନସେବା କେନ୍ଦ୍ର ବନ୍ଦ



ଦଶମନ୍ତପୁର,୨୨।୫ ( ଡି.ଏନ୍.ଏ. ) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଲକ୍ଡାଉନ ନିୟମକୁ ନ ମାନି ଲୋକମାନେ ସାମାଜିକ ଦୂରତା ରକ୍ଷା ନ କରିବା ଏବଂ ମୁହଁରେ ମାସ୍କ ପିନ୍ଧି ନ ଥିବାରୁ ସ୍ଥାନୀୟ ପ୍ରଶାସନ ୩ଟି ମିନିବ୍ୟାଙ୍କ ଏବଂ ୩ଟି ଜନସେବା କେନ୍ଦ୍ରକୁ ବନ୍ଦ କରିଦେଇଥିବା ଜଣାପଡ଼ିଛି। କରୋନା ଯୋଗୁ ଲୋକଙ୍କ ଜୀବିକା ବହୁମାତ୍ରାରେ ପ୍ରଭାବିତ ହୋଇଥିଲା। ସରକାର ଏହାକୁ ଗୁରୁତର ସହ ନେଇ କେତେକ କ୍ଷେତ୍ରକୁ କୋହଳ କରିଥିଲେ। ମାତ୍ର ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଦଶମନ୍ତପୁରରେ ଲୋକେ ଏହାକୁ ଅଣଦେଖା କରୁଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ମିନିବ୍ୟାଙ୍କ ଏବଂ ଜନସେବା କେନ୍ଦ୍ରଗୁଡ଼ିକରେ ଏଥିପ୍ରତି ଅଣଦେଖା କରାଯାଉଥିବା ଜଣାପଡିବା ପରେ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ତହସିଲଦାର ଅଜୟ ପ୍ରକାଶ ତିର୍କା ପହଞ୍ଚି ୩ଟି ମିନିବ୍ୟାଙ୍କ ଏବଂ ୩ଟି ଜନସେବା କେନ୍ଦ୍ରକୁ ବନ୍ଦ କରିଦେଇଥିଲେ। ସାମାଜିକ ଦୂରତା ରକ୍ଷା କରିବା ସହ ନିୟମ ନ ମାନିଲେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତିର୍କା କହିଛନ୍ତି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ସାପ୍ତାହିକ ହାଟ ଥିବାରୁ ବ୍ୟାଙ୍କ ଓ ଜନସେବା କେନ୍ଦ୍ରଗୁଡ଼ିକରେ ଗହଳି ହୋଇଥିଲା। ତେବେ ଏହି ସମୟରେ ଉଦ୍ଦିଷ୍ଟ ନିୟମକୁ କେହି ମାନି ନ ଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏଗୁଡ଼ିକୁ ବନ୍ଦ କରାଯାଇଥିଲା।

### ସଲପ ରସ ହୋଇଛି ସାହାରା

ଟିକିରି,୨୨।୫: ଲକ୍ଡାଉନ୍ ଯୋଗୁ କାମଧନ୍ଦା, ବ୍ୟବସାୟ ସବୁ ବନ୍ଦ ଥିବାବେଳେ ଅବସ୍ଥା କିପରି ସୁଧୁରିବ ସମସ୍ତଙ୍କୁ ଚିନ୍ତା ଘାରିଛି। ହେଲେ ମଦ୍ୟପଙ୍କ ମଦ ଚିନ୍ତା। ଲକ୍ଡାଉନ୍ ଯୋଗୁ ମଦଦୋକାନଗୁଡ଼ିକ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ଆଦିବାସୀ ଅଞ୍ଚଳର ଲୋକଙ୍କ ସାହାରା ହୋଇଛି ସଲପ ରସ। ତେବେ ବିଦେଶୀ ମଦ ପିଉଥିବା କେତେଜଣ ଲୋକ ନିଜ ମନକୁ ବୁଝାଇ ଚୁପ୍ ରହିଥିବାବେଳେ ଆଉ କେତେକେ ଅଭ୍ୟାସଗତ ମଦୁଆ ମଧ ସଲପ ରସ ଆଡ଼କୁ ମୁହାଁଇଥିବା ଦେଖିବାକୁ ମିଳୁଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ର ବିଭିନ୍ନ ଗ୍ରାମାଞ୍ଚଳରେ ଏବେ ପ୍ରତ୍ୟେକ ସନ୍ଧ୍ୟାରେ ଏମାନଙ୍କ ଭିଡ଼ ଜମୁଛି। କାଶୀପୁର ବ୍ଲକ୍ର ବିଭିନ୍ନ ସ୍ଥାନରେ ସଲପ ଗଛ ରହିଛି। ଏହି ଗଛରୁ ନିର୍ଗତ ରସ ସହ ଅନ୍ୟ କିଛି ଚେର ମିଶାଇ ସାଧାରଣତଃ ଆଦିବାସୀ ସମ୍ପ୍ରଦାୟର ଲୋକେ ପିଇଥାନ୍ତି। ହେଲେ ଏବେ ବିଦେଶୀ ମଦ ପିଉଥିବା ଲୋକ ମଧ ଏହାକୁ ସାହାରା କରିଛନ୍ତି। କମ୍ ମୂଲ୍ୟରେ ସେମାନେ ଏହାକୁ ନିଶାଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

# ସରପଞ୍ଚଙ୍କ ନିଷ୍ପତ୍ତିକୁ ମାନିଲାନି ପ୍ରଶାସନ

ଟିକିରି,୨୨।୫:



ପ୍ରଚାର ପରେ ଶୁକ୍ରବାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା ।

ପ୍ରତ୍ୟେକ ପଞ୍ଚାୟତରେ କରୋନା ସଂକ୍ରମଣକୁ ରୋକିବା ଏବଂ ସରପଞ୍ଚମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରପଞ୍ଚଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଛନ୍ତି। ଏହି କ୍ଷମତାର ଉପଯୋଗକରି ଅନେକ ସରପଞ୍ଚ ଚର୍ଚ୍ଚାର ପରିସରକୁ ମଧ୍ୟ ଆସିଛନ୍ତି। ତେବେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ପଞ୍ଚାୟତରେ ଦେଖିବାକୁ ମିଳିଛି ଭିନ୍ନ ପରିସ୍ଥିତି।

ସୂଚନା ପ୍ରକାରେ, ଲକ୍ଡାଉନ୍ ଘୋଷଣା ପରଠାରୁ ଟିକିରି ସାପ୍ତାହିକ ହାଟ ବନ୍ଦ ରହିଥିଲା। ଏବେ ହାଟ ଖୋଲିବା ନିଷ୍ପତ୍ତି ହେବାପରେ ଜନସାଧାରଣଙ୍କ ଗହଳି ବଢ଼ିବାରେ ଲାଗିଛି। ସେହିପରି ରାଜ୍ୟ ବାହାରୁ ଶ୍ରମିକମାନଙ୍କ ଫେରିବା ପ୍ରକ୍ରିୟା ମଧ୍ୟ ଚାଲିଛି। ତେଣୁ ପଞ୍ଚାୟତରେ ସଂକ୍ରମଣ ଏଡ଼ାଇବା ପାଇଁ ଟିକିରି ସରପଞ୍ଚ କୁମାରୀ ପିଡିକା ଶୁକ୍ରବାର ହାଟକୁ ବନ୍ଦ କରିବା ସହ ଟିକିରିକୁ ଶଟ୍ଡାଉନ୍ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେ ଗୁରୁବାର ବ୍ଲକ୍ ପ୍ରଶାସନ ଏବଂ ଜିଲା ପ୍ରଶାସନର କେତେଜଣ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଲିଖିତ ଆକାରରେ ଜଣାଇଥିଲେ। ପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଏ ନେଇ ପଞ୍ଚାୟତରେ ପ୍ରଚାର ମଧ୍ୟ କରାଯାଇଥିଲା। ହେଲେ ଶେଷରେ ସରପଞ୍ଚଙ୍କୁ ନିରାଶ ହେବାକୁ ପଡ଼ିଛି। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯିବା ପରେ ସୂଚନା ଦିଆଯିବ ବୋଲି

### ଜିଲାପାଳ କ୍ଷମତା ଫେରାଇ ନେବାକୁ କହିଲେ ସରପଞ୍ଚ

ସରପଞ୍ଚଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ପ୍ରଚାର ଶେଷ ପରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଶଟ୍ଡାଉନ କାର୍ଯ୍ୟକାରୀ ପାଇଁ ଅନୁମତି ଦେଇ ନ ଥିବା ସରପଞ୍ଚ ପିଡିକା କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶଟ୍ଡାଉନ୍ ନେଇ ଗୁରୁବାର ପଞ୍ଚାୟତରେ ପ୍ରଚାର କରାଯାଇଥିବାରୁ ଶୁକ୍ରବାର ସାପ୍ତାହିକ ହାଟ ସମେତ ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ଏହା ଏବେ ପଞ୍ଚାୟତରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ପ୍ରଶାସନ ଅନୁମତି ନ ଦେବା ବିଷୟକୁ ନେଇ ସରପଞ୍ଚ ପିଡିକା ଦୁଃଖପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ଜିଲାପାଳ କ୍ଷମତା ଫେରାଇ ନିଅନ୍ତୁ ବୋଲି କହିଛନ୍ତି।

# ଶ୍ରମିକମାରଣ ନୀତି ପ୍ରତ୍ୟାହାର ଦାବି



ୟୁନିୟନ ପକ୍ଷରୁ ଜରୁରିକାଳୀନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡ଼ା,୨୨।୫:

ଶ୍ରମ ଆଇନରେ ପରିବର୍ତ୍ତନକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ରାୟଗଡ଼ା ଶାଖା ପକ୍ଷରୁ ମଧ୍ୟ ବିରୋଧ କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆଇଏନ୍ଟିୟୁସି ସଙ୍ଗଠନର ଭବାନୀ ଶଙ୍କର ଜେନା, ରୁନା ନାୟକ, ସନ୍ତୋଷ କୁମାର ଦାଶ, ସିଆଇଟିୟୁର ସୁନୀଲ କୁମାର କର, ଚନ୍ଦନା ହରିନ୍ଦ୍ରନାଥ, ଏନ୍ଏଫ୍ଆଇଟିୟୁର ନିରଞ୍ଜନ ପାତ୍ର ଓ ଗଣେଶ ହିମିରିକା, ଏଆଇଟିୟୁସିର ବଳରାମ କୌଶଲ୍ୟା, ଏଆଇସିସିଟିୟୁର ବୃନ୍ଦାବନ ବିଡିକା, ରାମଚନ୍ଦ୍ର ପ୍ରାସ୍କା, ଏଚ୍ଏମ୍ଏସ୍ ସଙ୍ଗଠନର ଅନିଲ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ଜରୁରିକାଳୀନ ଅଧିକାରୀ ସୁକାନ୍ତ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଫ୍ୟାକ୍ଟ୍ରି ଆଇନ ୧୯୪୮ ଅନୁଯାୟୀ ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ସମୟ ୮ଘଣ୍ଟା ରହିଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ ପରିବର୍ତ୍ତନ କରି ୧୨ଘଣ୍ଟା ଶ୍ରମଦାନ ପାଇଁ ନିୟମ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ତାହା ରାଜ୍ୟରେ ଘୋଷଣା କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଶ୍ରମିକମାରଣ ନୀତି। ତେଣୁ ଏହାର ପ୍ରତ୍ୟାହାର ପାଇଁ ଦାବି କରାଯାଇଛି ।

# କଟକଣା ଯୋଗୁ ଘରେ ସାବିତ୍ରୀଙ୍କୁ ପୂଜିଲେ ମହିଳା

ମାଲକାନଗିରି/ଜୟପୁର,୨୨।୫(ଡି.ଏନ୍.ଏ.)



ମହିଳାମାନେ ଘରେ ସାବିତ୍ରୀଙ୍କୁ ପୂଜା କରୁଛନ୍ତି ।

ଶୁକ୍ରବାର ଥିଲା ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଆଗ୍ରହର ସହ ମହିଳାମାନେ ପାଳନ କରିଥାନ୍ତି। ଭୋଗରାଗ ଧରି ମନ୍ଦିରକୁ ଯାଇ ମା’ ସାବିତ୍ରୀଙ୍କ ନିକଟରେ ସ୍ୱାମୀ ଓ ପରିବାରର ମଙ୍ଗଳ କାମନା କରନ୍ତି। ତେବେ ଚଳିତ ବର୍ଷ ଏଥିରେ ପ୍ରତିବନ୍ଧକ ଲଗାଇଛି କରୋନା। ଗତ ମାର୍ଚ୍ଚରୁ କରୋନା ପାଇଁ ଦେଶର ସବୁ ମନ୍ଦିର, ମସ୍ଜିଦ ସହ ଧର୍ମାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ଏହି ବନ୍ଦ ସମୟରେ ପଡିଛି ସାବିତ୍ରୀ ବ୍ରତ। ଯିଏ ଯେମିତି ମନ୍ଦିର ଯାଇ ପୂଜା କରିବା ଲାଗି ଭାବିଥିବା ମହିଳାଙ୍କ ଉପରେ ଗୁରୁବାର ମାଲକାନଗିରି ପୋଲିସ ଆହୁରି କଟକଣା ଲଗାଇ ଦେଇ ଘରେ ବ୍ରତ ପାଳନ ପାଇଁ ପରାମର୍ଶ ଦେଲା। ଫଳରେ କୌଣସି ମନ୍ଦିରକୁ ମହିଳାମାନେ ପୂଜା କରିବାକୁ ଯାଇପାରି ନ ଥିଲେ। ନିଜ ଘରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ଯେଉଁମାନେ ଗୁରୁବାର ପୂଜା ସାମଗ୍ରୀ କିଣିପାରି ନ ଥିଲେ ଶୁକ୍ରବାର ସକାଳୁ ସହରର ଦୈନିକ ବଜାର, ଅସ୍ଥାୟୀ ବଜାର ଏବଂ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଭିଡ଼ ଜମାଇଥିଲେ। କେହି ମଧ୍ୟ ସାମାଜିକ ଦୂରତା କଥା ମନେରଖି ନ ଥିଲେ।

କୋରାପୁଟ ଜିଲା ଜୟପୁର ସହରରେ ଚଳିତ ବର୍ଷ ସାବିତ୍ରୀ ବ୍ରତ ପାଳନରେ ସାମାନ୍ୟ ବିଚ୍ୟୁତ ହୋଇଛି। ବିଭିନ୍ନ ମନ୍ଦିର ଏବଂ ସାହିରେ ଥିବା ଗୋଷ୍ଠୀ କେନ୍ଦ୍ର ଗୁଡ଼ିକରେ ସାମୂହିକ ଭାବେ ମହିଳାମାନେ ଏହି ବ୍ରତ ପାଳନ କରିଥାଆନ୍ତି । ମାତ୍ର ଚଳତବର୍ଷ ଲକ୍ଡାଉନ ଏବଂ ସାମୂହିକ ପୂଜାର୍ଚ୍ଚନା ଉପରେ ପ୍ରଶାସନ କଟକଣା ଲଗାଇବାରୁ ମହିଳାମାନେ ଘରେ ବ୍ରାହ୍ମଣଙ୍କୁ ଡାକି ପୂଜାର୍ଚ୍ଚନା କରିଥିଲେ । ଅନ୍ୟପକ୍ଷରେ ପୂର୍ବାହ୍ନରେ ବଜାରଗୁଡିକରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ଲୋକେ ସାମାଜିକ ଦୂରତା ରକ୍ଷା କରି ନ ଥିଲେ।

### ମହିଳା ଏଆର୍ଆଇଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

ନବରଙ୍ଗପୁର,୨୨।୫(ବି.ପ୍ର.):

ଜଣେ କର୍ତ୍ତବ୍ୟରତ ମହିଳା ଏଆର୍ଆଇଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପାପଡ଼ାହାଣ୍ଡି ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କଂଗ୍ରେସ କର୍ମୀ ଭାସ୍କର ବିଷୋୟୀ। ଅଭିଯୋଗ ଅନୁଯାୟୀ, ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୋକିଆର ଏଆର୍ଆଇ ଧନ ପୂଜାରୀ ଗ୍ରାମରେ ଏକ ସରକାରୀ ଜମି ମାପିବା ପାଇଁ ଯାଇଥିଲେ। ଏହି ସମୟରେ ଭାସ୍କର ସେଠାରେ ପହଞ୍ଚି ମହିଳା ଅଧିକାରୀଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ଜାତିଆଣ ମନ୍ତବ୍ୟ ଦେଇ ଦୁର୍ବ୍ୟବହାର କରିଥିବା ଏଆର୍ଆଇ ପୂଜାରୀ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଡିଏସ୍ପି ଗୋବିନ୍ଦ ଚନ୍ଦ୍ର ବୁରୁଦା ଘଟଣାର ତଦନ୍ତକରି ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ଏ ନେଇ ଥାନା କେସ୍ ନଂ. ୫୪/୨୦ରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ରାୟଗଡ଼ା ଅଫିସ,୨୨।୫:

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କୋଠା କାମ ଚାଲିଥିଲା। ଏହି ସମୟରେ କାମରେ ନିୟୋଜିତ ଥିବା ବାରିଖୋଲା ଗ୍ରାମର ରାଜମିସ୍ତ୍ରି ହରିଶ୍ ନାଚିକା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତେବେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### କାଳବୈଶାଖୀରେ ଉଡ଼ିଲା ଛପର

ନବରଙ୍ଗପୁର,୨୨।୫(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ପନ୍ଦିକୋଟ ପଞ୍ଚାୟତ ଅଧୀନ ପ୍ରଧାନିଗୁଡ଼ା ଗ୍ରାମରେ ଶୁକ୍ରବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପ୍ରବଳ ବେଗରେ ପବନ ଯୋଗୁ ଗ୍ରାମର ସୁନାଧର ଗୌଡ଼ଙ୍କ ଘର ଛପର ଓ ଆଜବେଷ୍ଟସ ଉଡ଼ିଯାଇଛି। ସୁନାଧରଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାବେଳେ ଏଭଳି ବିପତ୍ତି ସମୟରେ ତାଙ୍କୁ ସହାୟତା ଯୋଗାଇଦେବାକୁଗ୍ରାମବାସୀଦାବିକରିଛନ୍ତି।

# ହୋମ୍ କ୍ୱାରାଣ୍ଟାଇନରୁ ବାହାରି ଘଟାଇଲେ ଦୁର୍ଘଟଣା

କାଶୀନଗର,୨୨।୫(ଡି.ଏନ୍.ଏ.):

ହୋମ୍ କ୍ୱାରାଣ୍ଟାଇନ୍ରୁ ବାହାରି ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଜପତି ଜିଲା କାଶୀନଗର ବ୍ଲକ୍ ଗୋରିବନ୍ଧା ପଞ୍ଚାୟତ ଅଧୀନ ଗୁରିଗାଁ ଗ୍ରାମର ଭେଜିପୁରାପୁ ଶିବା ଖାରଡ଼ାଠାରେ ସଙ୍ଗରୋଧରେ ରହିଥିଲେ। ଅବଧି ଶେଷ ହେବାପରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ରେ ରହିବାକୁ କୁହାଯାଇଥିଲା। ତେବେ ସେ ଏହାକୁ ଅବମାନନା କରି ଗୁରୁବାର ବାଇକ୍ ଧରି ବାହାରିଥିଲେ। ମଦ ପିଇ ଗାଡ଼ି ଚଳାଇବା ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଗ୍ନିଶମ ବିଭାଗ ଗାଡ଼ି ସହାୟତାରେ ତାଙ୍କୁ ଉଦ୍ଧାରକରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ସମୟରେ ସେ ନିଶାସକ୍ତ ଅବସ୍ଥାରେ ଥିବା ଡାକ୍ତର ପ୍ରକାଶ କରିଛନ୍ତି। ପରେ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। କିନ୍ତୁ ହୋମ୍ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କ ଘର ବାହାରେ ନୋଟିସ ଲାଗୁନାହିଁ କି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉନାହିଁ। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଖୁରିଗାଁ ଗ୍ରାମବାସୀ ଏବଂ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଶ୍ରମ ଆଇନ ପରିବର୍ତ୍ତନ ବିରୋଧରେ ବିକ୍ଷୋଭ




ଟ୍ରେଡ ୟୁନିୟନ ପକ୍ଷରୁ ଜୟପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଜୟପୁର, ୨୨।୫ (ନି.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁରଠାରେ ଶ୍ରମ ଆଇନ ପରିବର୍ତ୍ତନକୁ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ବିରୋଧ କରିଛି। ମଞ୍ଚ ପକ୍ଷରୁ ସାରା ଦେଶରେ ଶୁକ୍ରବାର ଏହାକୁ ପ୍ରତିବାଦ ଦିବସ ରୂପେ ପାଳନ କରାଯାଇଛି। ମଞ୍ଚର କୋରାପୁଟ ଜିଲା ଶାଖାର କର୍ମକର୍ତ୍ତାମାନେ ଜୟପୁର ଶ୍ରମିକ ଭବନଠାରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାପରେ ମୁଖ୍ୟ ଟ୍ରାଫିକ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଆଇଏନ୍ଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ଏଆଇୟୁଟିୟୁସି, ଏଆଇସିସିଟିୟୁ, ସିଆଇଟିୟୁର ସଦସ୍ୟମାନେ ସାମିଲ ହୋଇଥିଲେ। ଦୈନିକ କାର୍ଯ୍ୟଦିବସ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, କର୍ମଚ୍ୟୁତ ହୋଇଥିବା ପ୍ରତ୍ୟେକ ଶ୍ରମିକ ପରିବାରଙ୍କୁ ମାସିକ ୧୦ ହଜାର ଟଙ୍କା ଏବଂ ମୁଣ୍ଡପିଛା ୧୦ କି.ଗ୍ରା. ଚାଉଳ ୩ ମାସ ପାଇଁ ଯୋଗାଇ ଦେବା, ପ୍ରବାସୀ ଶ୍ରମିକଙ୍କୁ ନିଜ ରାଜ୍ୟରେ ପହଞ୍ଚାଇବାର ବ୍ୟବସ୍ଥା କରିବା ସହ ୧୩ଟି ଦାବି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ବିକ୍ଷୋଭରେ ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି, ସୁବାସ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ବିଷୋୟୀ, ସୁରେଶ ଗୌଡ଼, ନନ୍ଦ ହରିଜନ, ପ୍ରବୀର ମହାନ୍ତି,ବିଷ୍ଣୁ ଖରାଙ୍ଗ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅର୍ଥାଭାବ: ନିଜ ରାଜ୍ୟକୁ ଫେରିପାରୁନାହାନ୍ତି ୫ ପରିବାର

କୋରୁକୋଣ୍ଡା, ୨୨।୫(ଡି.ଏନ୍.ଏ.)



ପରିବାର ସଦସ୍ୟମାନେ ଲୁହା ସାମଗ୍ରୀ ତିଆରି କରୁଛନ୍ତି ।

ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ୫ଟି ପରିବାରର ପ୍ରାୟ ୨୫ ଜଣ ମାଲକାନଗିରି ଜିଲା ବାଲିମେଳା ଏନ୍ଏସି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆରେ ଗତ ୫ମାସ ତଳେ ଆସି ଯାଯାବର ରୂପେ ରହୁଥିଲେ। ସେମାନେ ପନିକି,ଦା ,କଟୁରି,କୁରାଢ଼ି ଆଦି ପ୍ରସ୍ତୁତକରି ବିକ୍ରିକରି ଚାଲୁଥିଲେ। ମାତ୍ର ଲକ୍ଡାଉନ ଘୋଷଣା ପରେ ସେମାନଙ୍କ ବ୍ୟବସାୟ ଠପ୍ ହୋଇଯାଇଥିଲା। ଗାଡ଼ି ଚଳାଚଳ ବନ୍ଦ ଯୋଗୁ ନିଜ ରାଜ୍ୟକୁ ମଧ ଫେରିପାରି ନ ଥିଲେ। ସେମାନେ କ୍ରମେ ଅର୍ଥ ସଙ୍କଟର ସମ୍ମୁଖୀନ ହୋଇ ଚଳିବାରେ ଅସୁବିଧା ଭୋଗିଥିଲେ। ବାଲିମେଳା ଏନ୍ଏସି ପ୍ରଶାସନ ଏ ସମ୍ପର୍କରେ ସୂଚନା ପାଇବା ପରେ ସମସ୍ତ ଯାଯାବର ପ୍ରବାସୀଙ୍କୁ ବାଲିମେଳା ୧୨ନମ୍ବର ୱାର୍ଡସ୍ଥିତ କଲୋନୀ- ୧୨ ବିଦ୍ୟାଳୟକୁ ଆଣି ରଖିଥିଲା। ସେମାନଙ୍କ ଲାଗି ପାନୀୟଜଳ ବ୍ୟବସ୍ଥା କରି ଚଳିବା ପାଇଁ ଅଟା, ତେଲ,ଲୁଣ, ଡାଲି ଆଦି ଯୋଗାଇ ଦେଇଥିଲା। ସରକାର ଲକ୍ଡାଉନ ୪ର୍ଥ ପର୍ଯ୍ୟାୟରେ ସବୁପ୍ରକାର କାର୍ଯ୍ୟକୁ ଅନୁମତି ଦେବା ପରେ ଏହି ଯାଯାବର ପରିବାରଙ୍କୁ ଏନ୍ଏସି ଦେଉଥିବା ସହାୟତା ବନ୍ଦ କରି ଦେଇଛି। ସେମାନେ ପୂର୍ବପରି ସ୍ଥାନୀୟ ଅଞ୍ଚଳରେ ଲୁହା ସାମଗ୍ରୀ ପ୍ରସ୍ତୁତକରି ବିକ୍ରି କରୁଛନ୍ତି। ତେବେ ପୂର୍ବପରି ଆଉ ବ୍ୟବସାୟ ହେଉ ନ ଥିବାରୁ ସେମାନଙ୍କୁ ଚଳିବା କଷ୍ଟକର ହୋଇପଡୁଛି। ମହାମାରୀ ସଙ୍କଟ ସମୟରେ ପ୍ରଶାସନର ଉଦାରତାକୁ ସେମାନେ କେବେ ଭୁଲିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ଅର୍ଥ ନ ଥିବାରୁ ସେମାନେ ନିଜ ରାଜ୍ୟକୁ ଫେରିପାରୁନାହାନ୍ତି। ପ୍ରଶାସନ ସେମାନଙ୍କୁ ନିଜ ରାଜ୍ୟକୁ ଫେରିଯିବା ଲାଗି ସହାୟତା କରିବାକୁ ଏହି ଯାଯାବରମାନେ ନିବେଦନ କରିଛନ୍ତି।

# ୯ କୁଇଣ୍ଟାଲ ଗଞ୍ଜେଇ ଜବତ ,୩ ଗିରଫ

ବୈପାରିଗୁଡ଼ା,୨୨।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ଏକ ଟ୍ରକ୍ ସହ ୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରକ୍ ଡ୍ରାଇଭର ହରଚରଣ ସିଂ, ରବୀନ୍ଦ୍ର ଖିଲ ଏବଂ ସବ୍ୟସାଚୀ ପ୍ରଧାନ। ହରଚରଣଙ୍କ ଘର ପଞ୍ଜାବରେ ହୋଇଥିବା ବେଳେ ରବୀନ୍ଦ୍ର ଓ ସାବ୍ୟସାଚୀଙ୍କ ଘର ମାଲକାନଗିରିରେ ବୋଲି ଜଣାପଡିଛି। ବୁଧବାର ମାଲକାନଗିରି ପଟୁ ଜୟପୁର ଅଭିମୁଖେ ଆସୁଥିବା ଏକ ଟ୍ରକ୍ (ଏଚ୍ଆର୍ ୫୮-୯୫୬୧)ରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ସ୍ଥାନୀୟ ଥାନା ନିକଟରେ ଟ୍ରକ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ବୋଲି ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ କହିଛନ୍ତି।



ଜବତ ହୋଇଥିବା ଗଞ୍ଜେଇ ଏବଂ ଗିରଫ ୩ ଅଭିଯୁକ୍ତ ।

# ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ଆସିଲା ୧୦୮ ବୋଟ୍ ଆମ୍ବୁଲାନ୍ସ

ଚିତ୍ରକୋଣ୍ଡା,୨୨।୫(ଡି.ଏନ.ଏ.)

### ୬ମାସ ହେଲା ପଡିରହିଛି ପୂର୍ବରୁ ଆସିଥିବା ଏକ ବୋଟ୍

- ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଲୋକେ ହନ୍ତସନ୍ତ
- ଲୋକେ ଉପକୃତ ହେବା ନେଇ ସନ୍ଦେହ ପ୍ରକଟ
- ନିଯୁକ୍ତ କର୍ମଚାରୀ ବସିବସି ଦରମା ନେଉଛନ୍ତି



ସ୍ୱିଲ ୱେ ଘାଟରେ ପହଞ୍ଚିଥିବା ନୂଆ ବୋଟ ।

ମାଲକାନଗିରି ଜିଲା ଉପାନ୍ତ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ଅନ୍ତର୍ଭୁକ୍ତ ୫ଟି ପଞ୍ଚାୟତ ପଣସପୁଟ, ଅଣ୍ଡିରାପାଲି, ଯୋଡ଼ାମ୍ବ, ଯନ୍ତ୍ରୀ ଓ ଗାଜୁଲୁମାମୁଡି ଅଞ୍ଚଳବାସୀ ଏବେ ମଧ୍ୟ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ଜୀବନ କାଟୁଛନ୍ତି। ଯଦିଓ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଗମନାଗମନ ପାଇଁ ଯୋଡ଼ାମ୍ବ ପର୍ଯ୍ୟନ୍ତ ମାଟି ରାସ୍ତା କରାଯାଇଛି, ତେବେ ଏଯାବତ୍ ଏହି ରାସ୍ତା କାମ ଚାଲିଛି। ଏହା ସମ୍ପୂର୍ଣ୍ଣ ଯାତାୟାତ ଉପଯୋଗୀ ହୋଇନାହିଁ। ଏଥିପାଇଁ ବିଚ୍ଛିନ୍ନାଞ୍ଚଳର ଉପରୋକ୍ତ ୫ଟି ପଞ୍ଚାୟତର ଲୋକେ ଯାତାୟାତ ଲାଗି ଜଳପଥ ଉପରେ ନିର୍ଭର କରୁଛନ୍ତି। ବୋଟ, ଲଞ୍ଚ ଓ ଦେଶୀ ଡ଼ଙ୍ଗା ସେମାନଙ୍କ ସାହାରା ପାଲଟିଛି। ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏକ ୧୦୮ ବୋଟ୍ ଆମ୍ବୁଲାସ ଯୋଗାଇ ଦେଇଛି। ଏହା ସ୍ୱିଲୱେ ଲଞ୍ଚ ଘାଟରେ ଗୁରୁବାର ଅପରାହ୍ନରେ ପହଞ୍ଚିଛି। ଅନ୍ୟପକ୍ଷରେ ଗତ ୬ମାସ ହେଲା ସ୍ୱିଲୱେ ଲଞ୍ଚ ଘାଟରେ ଏକ ନୂଆ ୧୦୮ ବୋଟ ଆମ୍ବୁଲାନ୍ସ ଆସି ରହିଥିଲେ ମଧ ପ୍ରଶାସନିକ ଅବହେଳାରୁ ଏଯାଏ ଏହା ବିଚ୍ଛିନ୍ନାଞ୍ଚଳବାସୀଙ୍କ ସେବାରେ ଲାଗିପାରିନି। ଏଥିପାଇଁ ନିଯୁକ୍ତ କର୍ମଚାରୀ ବସିବସି ଦରମା ନେଉଛନ୍ତି। ଏପରି ସ୍ଥଳେ ପୁଣି ଏକ ଆମ୍ବୁଲାନସ ବୋଟ୍ ଆସି ପହଞ୍ଚିଛି। ଏହା କିପରି କେତେଦୂର ଲୋକଙ୍କୁ ସେବା ଯୋଗାଇବାରେ ସକ୍ଷମ ହେବ ତାହା ଦେଖିବାକୁ ବାକି ରହିଲା ବୋଲି ବିଚ୍ଛିନ୍ନଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ମେ ୨୩/୨୦୨୦ Saturday, May 23/2020

## ସଂକ୍ଷେପରେ

### ଟିକ୍‌ଟକ୍ ମୋଷ୍ଟ ଭାଲ୍ୟୁଏବୁଲ ଷ୍ଟାର୍ଟଅପ୍

ନୂଆଦିଲ୍ଲୀ,୨୨।୫: ଟିକ୍‌ଟକ୍ ଆପ୍‌ର ମୂଳ କମ୍ପାନୀ ବାଇଟଡାନ୍ସ ଲିମିଟେଡ୍ ବିଶ୍ୱର ମୋଷ୍ଟ ଭାଲ୍ୟୁଏବୁଲ ବା ସବୁଠାରୁ ଅଧିକ ମୂଲ୍ୟ ବିଶିଷ୍ଟ ଷ୍ଟାର୍ଟଅପ୍ ବୋଲି ଜଣାପଡିଛି। ପ୍ରାଇଭେଟ ଶେୟାର ଟ୍ରାଞ୍ଜାକଶନ କ୍ଷେତ୍ରରେ କମ୍ପାନୀର ଭାଲ୍ୟୁଏଶନ ୧୦୦ ବିଲିୟନ ଡଲାର ଟପିଥିବା ଜଣାପଡିଛି। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଟିକ୍‌ଟକ୍ ଅଧିକ ବିଜ୍ଞାପନଦାତାଙ୍କୁ ଆକୃଷ୍ଟ କରିବା ନେଇ ଏବେ ସମ୍ଭାବନା ରହିଥିବାକୁ ବିଚାରକରି ଏହାର ଭାଲ୍ୟୁଏଶନ ବଢୁଥିବା ଜଣାପଡିଛି। ସେକେଣ୍ଡାରୀ ମାର୍କେଟରେ ଟିକ୍‌ଟକ୍‌ର ଭାଲ୍ୟୁ ପ୍ରାୟ ୧୦୫ରୁ ୧୧୦ ବିଲିୟନ ଡଲାର ମଧ୍ୟରେ ରହିବ ବୋଲି କେତେକ ଟ୍ରେଡ୍‌ର ମୂଲ୍ୟାଙ୍କନ କରିଛନ୍ତି। ବିଶ୍ୱର ପ୍ରମୁଖ କମ୍ପାନୀ ତଥା ଫଣ୍ଡିଂ ଏଜେନ୍ସିଠାରୁ ପୁଞ୍ଜି ଲାଭ କରିବାରେ ଚାଇନାର ଏହି ଷ୍ଟାର୍ଟଅପ୍ କମ୍ପାନୀ ବେଶ୍ ସକ୍ଷମ ହୋଇପାରିଛି।

### ଜିଓରେ ୧୧୩୬୭ କୋଟି ନିବେଶ କରିବ କେକେଆର

ମୁମ୍ବାଇ,୨୨।୫: ପ୍ରମୁଖ ବାଣିଜ୍ୟିକ ଗ୍ରୁପ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଜିଓ ପ୍ଲାଟ୍‌ଫର୍ମରେ ନିବେଶକାରୀ ସଂସ୍ଥା କେକେଆର୍ ୧୧୩୬୭ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ। ଜିଓ ପକ୍ଷରୁ ଶୁକ୍ରବାର ଏ ନେଇ ସୂଚନା ଦିଆଯାଇଛି। ଜିଓ ପ୍ଲାଟ୍‌ଫର୍ମସ୍‌ର ମୋଟ ଇକ୍ୱିଟି ମୂଲ୍ୟ ୪.୯୧ଲକ୍ଷ କୋଟି ଟଙ୍କା ଏବଂ ଔଦ୍ୟୋଗିକ ମୂଲ୍ୟ ୫.୧୬ଲକ୍ଷ କୋଟି ଟଙ୍କା ବୋଲି ଆକଳନରୁ ଜଣାପଡିଛି। କେକେଆର୍‌ର ଏହି ନିବେଶ ଫଳରେ ୨.୩୨% ଅଂଶଧନ ହାସଲ କରିବ। ଗତ ଏକ ମାସ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ଏହା ହେଉଛି ୫ମ ବୃହତ୍ ନିବେଶ। ଏହା ପୂର୍ବରୁ ଫେସ୍‌ବୁକ୍, ସିଲ୍‌ଭରଲେକ୍, ଭିଷ୍ଟା ଇକ୍ୱିଟି ପାର୍ଟନର୍ସ, ଜେନେରାଲ ଆଟ୍‌ଲାଣ୍ଟିକ ନିବେଶ କରିଥିଲେ। ଏହି ତାଲିକାରେ କେକେଆର୍ ଭଳି ବିଶ୍ୱର ବୈଷୟିକ କ୍ଷେତ୍ରରେ ଅଗ୍ରଣୀ ନିବେଶକାରୀ ସଂସ୍ଥା ଯୋଡ଼ିହୋଇଛି।

# କୋଭିଡ୍ ଲଢ଼େଇରେ ଆର୍‌ବିଆଇ

**ମୁମ୍ବାଇ,୨୨।୫: ଦେଶରେ ପ୍ରଥମ କରୋନା ମାମଲା ଜାନୁୟାରୀ ୩୦ରେ ସାମ୍ନାକୁ ଆସିଥିଲା। କରୋନାକୁ ନିୟନ୍ତ୍ରଣ କରିବା ପାଇଁ ହୋଇଥିବା ଲକ୍‌ଡାଉନରେ ଦେଶକୁ ଅନେକ କ୍ଷତି ସହିବାକୁ ପଡୁଛି। କାରଣ ବର୍ତ୍ତମାନ ଅନେକ ଦିନ ଧରି ବନ୍ଦ ହୋଇ ପଡ଼ିଥିବା ଆର୍ଥିକ କାର୍ଯ୍ୟକଳାପ କଟକଣା ଧୀରେ ଧୀରେ କୋହଳ ହେଉଥିଲେ ମଧ୍ୟ ସ୍ୱାଭାବିକ ହେବାକୁ କଷ୍ଟକର ହେଉଛି। କୋଭିଡ୍-୧୯ ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ସମ୍ଭାଳିବା ଲାଗି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ସୁଧହାର ହ୍ରାସ ସହ ଅନ୍ୟ ଯୋଜନା ଏହା ମଧ୍ୟରେ ସାମିଲ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆର୍‌ବିଆଇ ଗ୍ରହଣ କରିଥିବା ପଦକ୍ଷେପର ଘଟଣାକ୍ରମ...**



- ଫେବୃୟାରୀ ୬ରେ ପ୍ରଥମେ ଚାଇନାର କରୋନା ଭାଇରସ୍ ସମ୍ପର୍କରେ ରେଫରେନ୍ସ ଦେଇଥିଲା। ଏହାଦ୍ୱାରା ଅଶୋଧିତ ତୈଳ ଦରରେ ହ୍ରାସ ଏବଂ କରୋନା ମାମଲା ଯୋଗୁ ପୁଞ୍ଜିବଜାର ଉପରେ ଆସିବାକୁ ଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଲା।
- ମାର୍ଚ୍ଚ ୩ରେ କୋଭିଡ୍-୧୯ଯୋଗୁ ବଜାରରେ ଉପୁଜିଥିବା ଅସ୍ଥିରତା ସମ୍ପର୍କରେ ଏକ ବିବୃତି ଜାରି କଲା। ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ମୁତାବକ ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି କହିଥିଲା।
- ମାର୍ଚ୍ଚ ୬ରେ କରୋନା ମହାମାରୀ ଯୋଗୁ ଉପୁଜିଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ଲାଗି ରିଜର୍ଭ ବ୍ୟାଙ୍କ ସକ୍ଷମ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ। ଆର୍‌ବିଆଇ ଦ୍ୱାରା ଯାହା କିଛି ସମ୍ଭବ ସେ ଦିଗରେ ଯୋଜନା ହାତକୁ ନେବାକୁ କେନ୍ଦ୍ରୀୟ ବ୍ୟାଙ୍କ ପ୍ରସ୍ତୁତ ବୋଲି କହିଲା।
- ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନାକୁ ବିଶ୍ୱ ମହାମାରୀଘୋଷଣାକରିବାପରେମାର୍ଚ୍ଚ୧୬ରେବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ଚିଠି ଲେଖିଥିଲା। ବାଣିଜ୍ୟ ପରିଚାଳନା ନେଇ ନିଶ୍ଚିତ କରିବାକୁ ଚିଠିରେ ଉଲ୍ଲେଖ ରହିଥିଲା।
- ମାର୍ଚ୍ଚ ମଧ୍ୟଭାଗରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ୧୫୦ ଅଧିକାରୀଙ୍କୁ ନେଇ ଏକ ଜରୁରିକାଳୀନ ଟିମ୍ ଗଠନ କଲା। ଦେଶର ଫାଇନାନ୍ସ ସିଷ୍ଟମକୁ ଠିକ୍ ଭାବେ ଚଳାଇବା ଲାଗି ଏଠାରେ ସବୁ ପଦକ୍ଷେପ ନିଆଯାଇଥିଲା।
- ୨୭ ମାର୍ଚ୍ଚରେ ଆର୍‌ବିଆଇ ୭୫ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କଲା। କ୍ୟାଶ ରିଜର୍ଭ ରେସିଓ (ସିଆର୍‌ଆର୍)ରେ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରାଗଲା। ଦୀର୍ଘ ମିଆଦୀ ରେପୋ ଅପରେଶନ(ଏଲ୍‌ଟିଆର୍‌ଓ) ଦ୍ୱାରା ୧ ଲକ୍ଷ କୋଟି ଟଙ୍କାର ନଗଦ ବ୍ୟବସ୍ଥା ମଧ୍ୟ ଏହା ହାତକୁ ନେଲା।
- ମାର୍ଚ୍ଚ ୩୧ରେ ଋଣ ପଇଠ ଉପରେ ୩ମାସର ମୋରାଟୋରିୟମ ସୁବିଧା ଦିଆଗଲା।
- ଏପ୍ରିଲ ୩ରେ ରିଜର୍ଭ ବ୍ୟାଙ୍କ ଦୈନିକ ମନି ମାର୍କେଟ ଟ୍ରେଡିଂ ସମୟକୁ ୪ ଘଣ୍ଟାକୁ ଖସାଇଲା। ଏହା ୧୦ରୁ ୨ଟା ଯାଏ କାମ କରିବ ବୋଲି ନିର୍ଦ୍ଦେଶ ରହିଛି।
- ଏପ୍ରିଲ ୧୭ରେ କେନ୍ଦ୍ରୀୟ ବ୍ୟାଙ୍କ ରିଭର୍ସ ରେପୋ ରେଟ୍‌କୁ ୨୫ ବେସିସ୍ ପଏଣ୍ଟ ଖସାଇବା ସହ ଅନ୍ୟ ପଦକ୍ଷେପ ହାତକୁ ନେଲା। ନାବାର୍ଡ, ସିଡ୍‌ବୀ ଏବଂ ନ୍ୟାଶନାଲ ହାଉସିଂ ବ୍ୟାଙ୍କ ଲାଗି ୫୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଫାଇନାନ୍ସ ସୁବିଧା କରାଗଲା। ଟାର୍ଗେଟେଡ ଏଲ୍‌ଟିଆର୍‌ଓରେ ୫୦ ହଜାର କୋଟି, ଏନ୍‌ପିଏ ଶ୍ରେଣୀକରଣରେ ପରିବର୍ତ୍ତନ ବ୍ୟବସ୍ଥା କରାଗଲା।
- ଏପ୍ରିଲ ୨୭ରେ ମ୍ୟୁଚୁଆଲ ଫଣ୍ଡ ଲାଗି ୫୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ନଗଦ ସୁବିଧା(ଏସ୍‌ଏଲ୍‌ଏଫ୍) ଘୋଷଣା କଲା ଆର୍‌ବିଆଇ।
- ମେ ୨୨ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଦ୍ୱିତୀୟ ମୁଦ୍ରାନୀତି କମିଟି ବୈଠକରେ ୪୦ ବେସିସ୍ ପଏଣ୍ଟ ରେପୋ ହ୍ରାସ, ୩ ମାସର ମୋରାଟୋରିୟମ ବୃଦ୍ଧି ସହ ମୋଟ୍ ୯ ପଦକ୍ଷେପ ହାତକୁ ନେଇଛି।

# ୨ ହଜାର କର୍ମଚାରୀଙ୍କୁ ଛଟେଇ କଲା ଇଣ୍ଡିଆବୁଲ୍‌ସ



ମୁମ୍ବାଇ,୨୨।୫: ବର୍ତ୍ତମାନ କରୋନା ପ୍ରଭାବରୁ କମ୍ପାନୀଗୁଡ଼ିକ ବୃହତ୍ ପରିମାଣର କ୍ଷତି ସହୁଥିବା ବେଳେ କର୍ମଚାରୀଙ୍କୁ ଛଟେଇ କରୁଥିବା ନଜରକୁ ଆସିଛି। ଏଭଳି ଅସୁବିଧା ଯୋଗୁ ଇଣ୍ଡିଆ ବୁଲ୍‌ସ ଏହାର ମୋଟ୍ ୨୦ ହଜାର କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୨ ହଜାରଙ୍କୁ ଛଟେଇ କରିଥିବା ଜଣାପଡିଛି। ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ଲାଗି କମ୍ପାନୀ ଏଭଳି ପନ୍ଥା ଆପଣାଇଥିବା ସୂଚନା ରହିଛି। ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ପରଫରମାନ୍ସ ରିଭ୍ୟୁ ଭିତ୍ତିରେ କମ୍ପାନୀ କର୍ମଚାରୀଙ୍କୁ ଚାକିରି ଛାଡ଼ିବାକୁ କହିଥିବା ଜଣାପଡ଼ିଛି। ପରଫରମାନ୍ସ ଭିତ୍ତିରେ ୧୦ରୁ ୧୫% କର୍ମଚାରୀଙ୍କୁ ଛଟେଇ କରାଯାଇଥାଏ ବୋଲି କମ୍ପାନୀ ମତ ରଖିଛି। କମ୍ପାନୀର ଏଭଳି କାର୍ଯ୍ୟ ବିରୋଧରେ କର୍ମଚାରୀ ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ହ୍ୱାଟ୍ସଆପ୍ କଲ୍ ଦ୍ୱାରା ସେମାନଙ୍କୁ ଚାକିରି ଛାଡ଼ିବାକୁ କୁହାଯାଇଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ଟୁଇଟରରେ କେତେକେ ଅସନ୍ତୋଷ ପ୍ରକାଶକରି କହିଛନ୍ତି ଯେ, ମେ ୩୧ରେ ଚାକିରି ଛାଡ଼ିବାକୁ କୁହାଯାଇଛି। କେବଳ ମେ'ମାସ ଲାଗି ବେତନ ବାଦ୍ ଅନ୍ୟ କୌଣସି ସୁବିଧା ସୁଯୋଗ କମ୍ପାନୀ ଦେବ ନାହିଁ ବୋଲି ଜଣାପଡ଼ିଛି।

## ଚାଇନା ନିବେଶକଙ୍କ ଉପରେ ନଜର



ନୂଆଦିଲ୍ଲୀ,୨୨।୫: ଗତ କିଛିଦିନ ଚାଇନାରୁ ଆସୁଥିବା ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ରୋକିବା ଉପରେ ସରକାର ନିୟମରେ ପରିବର୍ତ୍ତନ କରିଥିଲେ। ବର୍ତ୍ତମାନ ଚାଇନ ଏବଂ ହଂକଂରୁ ଆସୁଥିବା ନିବେଶର ଅନ୍ୟ ସାଧନ ଉପରେ ମଧ୍ୟ ରୋକ ଲଗାଇବା ଲାଗି ସରକାର ପ୍ରସ୍ତୁତ ହେଉଛନ୍ତି। ରଏଟର୍ସରେ ପ୍ରକାଶିତ ଖବର ମୁତାବକ ସରକାର ଶୀଘ୍ର ଏକ ଆଇନ ଆଣିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏଥିରେ ଚାଇନା ଏବଂ ହଂକଂରୁ ଆସୁଥିବା ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ପିଆଇ)ର ଯାଞ୍ଚ କରାଯିବ। ପୂର୍ବରୁ ଭାରତ ସରକାର ପଡ଼ୋଶୀ ରାଷ୍ଟ୍ରଗୁଡିକ ଲାଗି ଅଟୋମେଟିକ ରୁଟ୍‌ରେ ଆସୁଥିବା ଏଫ୍‌ଡିଆଇ ନିୟମ ଉପରେ କଟକଣା ଲାଗୁ କରିଥିଲେ। ଚାଇନା, ପାକିସ୍ତାନ, ମିଆଁମାର, ଭୁଟାନ, ନେପାଳ, ଆଫଗାନିସ୍ତାନ ଭଳି ଦେଶଗୁଡ଼ିକ ପାଇଁ ଏଥିରେ ସରକାରଙ୍କ ଅନୁମତି ଲୋଡା ପଡୁଛି।

## ଆକାଶ ଡିଜିଟାଲର ୟୁଜର ସଂଖ୍ୟାରେ ବୃଦ୍ଧି

ନୂଆଦିଲ୍ଲୀ, ୨୨।୫: କୋଭିଡ୍-୧୯ ଲକ୍‌ଡାଉନରେ ଦେଶର ଶିକ୍ଷା ବୈଷୟିକତା କ୍ଷେତ୍ରରେ ଉନ୍ନତି ଦେଖାଯାଇଛି। ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ଅନ୍‌ଲାଇନ ଶିକ୍ଷା ପ୍ରଦାନ ପ୍ଲାଟ୍‌ଫର୍ମ ଆକାଶ ଡିଜିଟାଲର ନିୟମିତ ଆକ୍ଟିଭ ୟୁଜରଙ୍କ ସଂଖ୍ୟାରେ ଏହି ସମୟରେ ୪ ଗୁଣା ବୃଦ୍ଧି ଘଟିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ନିୟମିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ ଗୁଣ ବୃଦ୍ଧି ଘଟି ୧୮ ହଜାର ଟପିଛି। ଏହା ଗତ ବର୍ଷ ୬,୮୦୦ରହିଥିଲା।

## ଚାହିଦା ପୂରଣ ଲାଗି ହୋଣ୍ଡା ଟୁ-ହ୍ୱିଲର୍ସର ଉଦ୍ୟମ

ନୂଆଦିଲ୍ଲୀ, ୨୨।୫: କୋଭିଡ୍-୧୯ ଲାଗି ବର୍ତ୍ତମାନ କଟକଣା ଧୀରେ ଧୀରେ କୋହଳ ହେଉଥିବାରୁ ସରକାର କିଛି କିଛି କ୍ଷେତ୍ରକୁ ଆର୍ଥିକ କାର୍ଯ୍ୟକଳାପ ଲାଗି ଅନୁମତି ଦେଇଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପୁନର୍ବାର ତା'ର ଉତ୍ପାଦନ ଆରମ୍ଭ କରିବ ବୋଲି ସୂଚନା ଦେଇଛି। କମ୍ପାନୀର ୪ଟି ଯାକ କାରଖାନା ୨ଟି ପର୍ଯ୍ୟାୟରେ ସରକାରୀ କଟକଣା ଓ ସାମାଜିକ ଦୂରତା ଅନୁସାରେ ଉତ୍ପାଦନ ଆରମ୍ଭ କରିବ। ଗ୍ରାହକଙ୍କ ଚାହିଦା ଏବଂ ଯୋଗାଣ ଶୃଙ୍ଖଳକୁ ନଜରରେ ରଖି ହୋଣ୍ଡା ଏହାର ଉତ୍ପାଦନ ଯୋଜନା ପ୍ରସ୍ତୁତ କରିଛି ବୋଲି କହିଛି। କର୍ଣ୍ଣାଟକର ନର୍ସାପୁରାଠାରେ ଥିବା କମ୍ପାନୀର ସର୍ବବୃହତ୍ କାରଖାନା ମେ ୨୫ରୁ ଉତ୍ପାଦନ ଆରମ୍ଭ କରିବ। ସେହିପରି ଅନ୍ୟ ୩ଟି କାରଖାନାରେ ଜୁନ୍ ପ୍ରଥମ ସପ୍ତାହରୁ ଉତ୍ପାଦନ ଆରମ୍ଭ କରାଯିବ। ଯୋଗାଣକାରୀ ସଂସ୍ଥା ସେମାନଙ୍କ କାରଖାନା ଚାଲୁ କରିବା ଲାଗି ଆବଶ୍ୟକ ଅନୁମତି ହାସଲ କରିଛନ୍ତି। ବଜାର ଚାହିଦା ଅନୁସାରେ ହୋଣ୍ଡାର୬୦%ରୁ ଉର୍ଦ୍ଧ୍ୱ ଡିଲରଶିପ ମଧ୍ୟ ସେମାନଙ୍କ ବିକ୍ରି ଓ ସର୍ଭିସ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ହୋଣ୍ଡା ବଜାରର ଚାହିଦା ଅନୁସାରେ ଯୋଗାଣରେ ବୃଦ୍ଧି ଆଣୁଛି। ହୋଣ୍ଡା ନେଟ୍‌ୱାର୍କରେ ବିଏସ୍-୬ ଗାଡ଼ି ବଜାରରେ ଉପଲବ୍ଧ କରାଇବ।

# ଖେଳ ଖବର

## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ପଣ୍ଡିତ ଗଦାଧର ମିଶ୍ର
ଆବିର୍ଭାବ: ୦୭।୦୭।୧୯୪୨
ତିରୋଧାନ: ୧୪।୦୫।୨୦୨୦
ହେ, ପୁଣ୍ୟାତ୍ମା ଆଜକୁ ଦଶଦିନ ଧରି ତୁମେ ସମସ୍ତ ମାୟା ମୋହକୁ ତୁଟାଇ ଇହଧାମ ତ୍ୟାଗ କଲ। ଆଜି ତୁମରି ଦଶାହ ଦିବସରେ ଆମେ ତୁମରି ପୁତ୍ର, କନ୍ୟା, ସହଧର୍ମିଣୀ, ଭ୍ରାତୃବୃନ୍ଦ, ପୌତ୍ର, ପୌତ୍ରୀ, ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ। ଧଳପୁର ଗ୍ରାମ ପ୍ରତି ଆପଣଙ୍କ ଅବଦାନକୁ ଗ୍ରାମବାସୀ ଏବେ ବି ସ୍ମରଣ କରିବା ସହ ଆପଣଙ୍କ ଆତ୍ମାର ସ୍ୱର୍ଗଗତି କାମନା କରୁଛନ୍ତି।
ଧ-୬୬୮୬୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରାଧ୍ୟାପକ ଅଶୋକ କୁମାର ତ୍ରିପାଠୀ
(ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅର୍ଥନୀତି ବିଭାଗ)
ଗ୍ରାମ: ପୁରୀ ସହର ଗୁଡ଼ିଆ ସାହି, ରାମାୟଣୀ ଲେନ୍, ପୁରୀ
ଆବିର୍ଭାବ: ୦୩।୦୫।୧୯୬୦
(ସାବିତ୍ରୀ ଅମାବାସ୍ୟା)
ତିରୋଧାନ: ୧୬।୦୫।୨୦୧୮
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାବା, ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଆତ୍ମୀୟତା, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମକୁ ଚିରକାଳ ଅନୁପ୍ରାଣିତ କରୁଥିବ। ଦୀର୍ଘ ୨ବର୍ଷ ଧରି ତୁମର ଅନୁପସ୍ଥିତି ଆମ ପାଇଁ ଏକ ଶକ୍ତ ଧକ୍କା। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
କନ୍ୟା: ଡାକ୍ତର ଶ୍ରୀପଦା, ପୁତ୍ର: ଓଁକାରନାଥ, ପତ୍ନୀ: ପ୍ରିୟମ୍ବଦା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଛାତ୍ରଛାତ୍ରୀମାନେ।
ଧ-୧୭୩୨୯

### ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରହ୍ଲାଦ ନାୟକ
Uco Bank, ପୁରୀ
ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ
ଆବିର୍ଭାବ: ୦୪।୦୩।୧୯୫୯
ତିରୋଧାନ: ୦୯।୦୬।୨୦୧୩
ବାପା, ତୁମ ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ। ତୁମ ଆଶୀର୍ବାଦରୁ ସବୁ ଅସୁବିଧା ସୁବିଧାରେ ପରିଣତ ହୋଇ ଚାଲିଛି। ପ୍ରଭୁ କାଳିଆ ଠାକୁର ପାଖେ ଏତିକି ପ୍ରାର୍ଥନା ସେ ତୁମକୁ ସର୍ବଦା ସୁଖ ଓ ଶାନ୍ତିରେ ରଖନ୍ତୁ।
-:ଶୋକସନ୍ତପ୍ତ:-
ତୁମ ପିଲାମାନେ
ଧ-୬୧୯୨୩

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ସାହୁ
ପାହାଳ
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା ଏମିତି କୌଣସି ଦିନ ନାହିଁ ଆପଣ ମନେ ପଡ଼ିନାହାନ୍ତି। ଆପଣଙ୍କର ଅମର ଆତ୍ମା ଶାନ୍ତି ପାଉ, ଏହାହିଁ ପ୍ରଭୁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୩୨୬

# ଶର୍ଟଲିଷ୍ଟରେ 'ପେସେନ୍ସ ଇନ୍ ଲକ୍‌ଡାଉନ୍'

ଭୁବନେଶ୍ୱର, ୨୨।୫(କ୍ରୀଡ଼ା ପ୍ରତିନିଧି)

କୋଭିଡ-୧୯ରୁ ଶିକ୍ଷାକୁ ନେଇ ପ୍ରଥମଥର ପାଇଁ ଅନ୍‌ଲାଇନ୍‌ରେ ଏକ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଛି। ଏଥିରେ ୩୫ଟି ଦେଶ ଅଂଶଗ୍ରହଣ କରିଛନ୍ତି। ୨ରୁ ୫ ମିନିଟ ବିଶିଷ୍ଟ ଶର୍ଟ ଫିଲ୍ମ ଏଥିରେ ସ୍ଥାନ ପାଇଛି। ପ୍ରାରମ୍ଭିକ ପର୍ଯ୍ୟାୟ ପରେ ୩ଟି ଚଳଚ୍ଚିତ୍ର ଶ୍ରେଷ୍ଠ ତାଲିକାରେ ଶର୍ଟଲିଷ୍ଟ ହୋଇଛି। ଏହା ମଧ୍ୟରେ ଭାରତର ଏକ ଚଳଚ୍ଚିତ୍ର ରହିଛି। ତାହା ହେଉଛି ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ପ୍ରସ୍ତୁତ ଫିଲ୍ମ 'ପେସେନ୍ସ ଇନ୍ ଲକ୍‌ଡାଉନ୍'। ଅନ୍ୟ ୨ଟି ଚଳଚ୍ଚିତ୍ର ହେଲା ଆଫଗାନିସ୍ତାନର 'ବ୍ୟାକ୍ ଇନ୍‌ସାଇଡ' ଏବଂ ନରୱେର 'ଗ୍ଲୋବାଲ ଇକୋସ୍ ଅଫ୍ ହାପିନେସ'। ଓଡ଼ିଶାର ୨ ଜାତୀୟ ସ୍କେଟର ଏବଂ ତାଙ୍କ ବାପାଙ୍କ ଉପରେ ଲକ୍‌ଡାଉନ୍‌ର ପ୍ରଭାବକୁ ନେଇ ସାମ୍ପ୍ରତିକ ଘଟଣା ଉପରେ 'ପେସେନ୍ସ ଇନ୍ ଲକ୍‌ଡାଉନ୍' ଆଧାରିତ। ତତ୍‌କ୍ଷଣାତ ସମ୍ଭବ ନ ହେଲେ ମଧ୍ୟ ପ୍ରତ୍ୟେକ କଷ୍ଟକର ଏବଂ ଦୁଃଖଦ ପରିସ୍ଥିତିରେ ମଧ୍ୟ ଆଶାର କିରଣ ରହିଥାଏ ବୋଲି ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି।



ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଏହାର ପ୍ରାୟୋଜକ ରହିଥିବାବେଳେ ଏହାକୁ ରଚନା କରିଛନ୍ତି ସୌଦାମିନୀ ପାତ୍ର। ପ୍ରତୀକ ଅର୍ଣ୍ଣବ, ପ୍ରୀତିଶ୍ ଆର୍ଯ୍ୟନ ଓ ପାର୍ଥସାରଥି ଜେନା ଏଥିରେ ଅଭିନୟ କରିଛନ୍ତି ।

କୋଭିଡ୍-୧୯ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ (ସିଆଇଏଫଏଫ)ର ନିର୍ଦ୍ଦେଶକ ସତ୍ୟବ୍ରତ ଜେନା କହିଛନ୍ତି ଯେ, ସାମ୍ପ୍ରତିକ ସ୍ଥିତିରେ କଳା, ସାହିତ୍ୟ, ସଂସ୍କୃତି, ବ୍ୟବସାୟ ଏବ ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ଏପରି ସ୍ଥିତିରେ ଏକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇ କୋଭିଡ୍-୧୯ରୁ ଅନୁଭବ ଏବଂ ଅଭିଜ୍ଞତାକୁ ଏକ ଛୋଟ ଫିଲ୍ମ ମାଧ୍ୟମରେ

**ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନର ସଫଳତା**

ଶେୟାର କରିବାକୁ କୁହାଯାଇଛି। ଏହି ଫିଲ୍ମର ଅବଧି ୨ରୁ ୫ ମିନିଟ ମଧ୍ୟରେ ରହିବ। ଜୁରି କମିଟି ଶ୍ରେଷ୍ଠ ଚଳଚ୍ଚିତ୍ରକୁ ବାଛିବେ। ଏହାକୁ ଅନ୍‌ଲାଇନ୍‌ରେ ସମସ୍ତ ଅଂଶଗ୍ରହଣକାରୀ ଦେଖି ପାରିବେ। ଏହି ଫେଷ୍ଟିଭାଲର ଅନ୍ୟତମ ନିର୍ଦ୍ଦେଶକ ଜଗନ୍ନାଥ ପାଣି କହିଛନ୍ତି ଯେ, ସିଆଇଏଫ୍‌ଏଫ୍‌ରେ ୩୫ଟି ଦେଶ ଅଂଶଗ୍ରହଣ କରିଛନ୍ତି। ଏହାର ସ୍କ୍ରିନିଂ ଓ ଫଳାଫଳ ଚଳିତ ମାସ ୨୭ ତାରିଖରେ ପ୍ରକାଶ ପାଇବ। ଓରିଫାର୍ମିଂ ଏହି ଫିଲ୍ମ ଫେଷ୍ଟିଭାଲର ଆୟୋଜକ ରହିଛି।

## ଟେନିସ କିମ୍ବଦନ୍ତୀ କୁପରଙ୍କ ପରଲୋକ



ବ୍ରିସ୍‌ବେନ୍, ୨୨।୫(ଏପି): ଅଷ୍ଟ୍ରେଲୀୟ ଟେନିସ କିମ୍ବଦନ୍ତୀ ଆଶଲେ କୁପର ୮୩ ବର୍ଷରେ ପରଲୋକ ଗମନ କରିଛନ୍ତି। ୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା କୁପର ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ମୃତ୍ୟୁବରଣ କରିଛନ୍ତି ବୋଲି ଟେନିସ୍ ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି। ପୂର୍ବତନ ୧ ନମ୍ବର ଖେଳାଳି କୁପର ୧୯୫୮ରେ ଅଷ୍ଟ୍ରେଲିଆନ୍, ୱିମ୍ବେଲଡନ ଓ ୟୁଏସ୍ଓପନ ଟାଇଟଲ ହାସଲ କରିଥିଲେ। ୧୯୫୭ରେ କୁପରଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଆମେରିକାକୁ ହରାଇ ଡେଭିସ୍ କପ୍ ଟାଇଟଲ ବଜାୟ ରଖିଥିଲା।

## ଆଇସୋଲେଶନ କ୍ୟାମ୍ପ ପାଇଁ ଆଇସିସିର ସୁପାରିସ

ଦୁବାଇ, ୨୨।୫ (ପି.ଟି.): କରୋନାଭାଇରସ୍ ଯୋଗୁ କ୍ରିକେଟ ବନ୍ଦ ରହିଛି। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଖେଳକୁ ପୁଣି ଆରମ୍ଭ କରିବା ଲାଗି ଯୋଜନା କରୁଛି। ଏଥିପାଇଁ ଶୁକ୍ରବାର ନୂଆ ଗାଇଡ୍ ଲାଇନ୍ ଘୋଷଣା କରିଛି। ଚିଫ୍ ମେଡିକାଲ ଅଫିସର ନିଯୁକ୍ତି ସହ ମ୍ୟାଚ୍ ପୂର୍ବରୁ ୧୪ ଦିନିଆ ଆଇସୋଲେଶନ ଟ୍ରେନିଂ କ୍ୟାମ୍ପ ଆୟୋଜନ ପାଇଁ ସୁପାରିସ କରିଛି। ସରକାରଙ୍କ ନିୟମ କିପରି କାର୍ଯ୍ୟକାରୀ କରାଯିବ ସେହି ଦାୟିତ୍ୱ ଚିଫ୍ ମେଡିକାଲ ଅଫିସର ଅବା ବାୟୋସେଫ୍ଟି ଅଫିସିଆଲଙ୍କ ଉପରେ ନ୍ୟସ୍ତ ରହିବ। କୌଣସି ମ୍ୟାଚ ଖେଳିବାକୁ ଯିବା ପୂର୍ବରୁ ସମ୍ପୃକ୍ତ ଦଳ ଅତି କମ୍‌ରେ ୧୪ ଦିନିଆ ଆଇସୋଲେଶନ କ୍ୟାମ୍ପରେ ରହିବେ। ସେମାନଙ୍କର ସ୍ୱାସ୍ଥ୍ୟ, ତାପମାତ୍ରା ଯାଞ୍ଚ କରାଯିବା ସହ କୋଭିଡ୍-୧୯ ଟେଷ୍ଟ ହେବ। ଗସ୍ତ ପୂର୍ବରୁ ସେମାନେ କରୋନା ସଂକ୍ରମଣରୁ ମୁକ୍ତ ବୋଲି ସ୍ପଷ୍ଟ ହେବା ଜରୁରୀ। ମହାମାରୀ ଯୋଗୁ କ୍ରିକେଟର ସମସ୍ତ କାର୍ଯ୍ୟକଳାପ ସ୍ଥାଣୁ ପାଲଟିଯାଇଛି। ଏପରିକି ଆସନ୍ତା ଟି୨୦ ବିଶ୍ୱକପ୍ ନିର୍ଦ୍ଧାରିତ ସମୟରେ ହେବ କି ନା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଇସିସି ଗାଇଡ୍ ଲାଇନ୍‌ରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଟ୍ରେନିଂ ବେଳେ ଖେଳାଳିମାନଙ୍କ ପାଇଁ ମଧ୍ୟାନ୍ତର ରହିବ ନାହିଁ। ମ୍ୟାଚବେଳେ ପଡ଼ିଆରେ ଅମ୍ପାୟର ଓ ଖେଳାଳିମାନେ ସାମାଜିକ ଦୂରତ୍ୱ ବଜାୟ ରଖିବେ। ନିଜ ଜିନିଷ (କ୍ୟାପ୍, ଟାୱେଲ, ସନ୍‌ଗ୍ଲାସ୍, ଜମ୍ପର) ଅମ୍ପାୟରଙ୍କୁ ନ ଦେଇ ନିଜ ହେପାଜତରେ ରଖିବେ। ହେଲେ ଖେଳାଳିମାନଙ୍କ ଜିନିଷଗୁଡ଼ିକ କାହା ଦାୟିତ୍ୱରେ ରହିବ ତାହା ସ୍ପଷ୍ଟ କରାଯାଇ ନାହିଁ। ବଲ୍‌କୁ ଧରିବା ବେଳେ ଅମ୍ପାୟରମାନେ ଗ୍ଲୋବ୍ସ ବ୍ୟବହାର କରିପାରନ୍ତି। ଖେଳାଳିମାନେ ପଡ଼ିଆରେ ସେମାନଙ୍କ କ୍ୟାପ୍ ଅବା ସନ୍‌ଗ୍ଲାସ୍ ରଖିପାରିବେ ନାହିଁ। ଏଥିପାଇଁ ରନ ପେନାଲ୍ଟି ହୋଇପାରେ। ମ୍ୟାଚ ପୂର୍ବରୁ ଅବା ପରେ ଚେଞ୍ଜିଂ ରୁମ୍‌ରେ ଯଥାସମ୍ଭବ କମ୍ ସମୟ ରହିବାକୁ କୁହାଯାଇଛି।

## ଆଇପିଏଲ୍‌କୁ ପ୍ରାଥମିକତା ଦିଆ ନ ଯାଉ: ବର୍ଡର

ମେଲବୋର୍ନ, ୨୨।୫ (ପି.ଟି.): ଆଇପିଏଲ୍ ଏକ ଅର୍ଥ ଉପାର୍ଜନକାରୀ ଇଭେଣ୍ଟ। ଚଳିତବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଅପେକ୍ଷା ଏହି ଟୁର୍ନାମେଣ୍ଟକୁ ପ୍ରାଥମିକତା ଦିଆଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆଲାନ ବର୍ଡର। କୋଭିଡ୍-୧୯ ମହାମାରୀ ଯୋଗୁ ଆଇପିଏଲ୍‌ର ୧୩ତମ ସଂସ୍କରଣକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରାଯାଇଛି। ଯଦି ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖାଯାଏ ତେବେ ଏହାକୁ ଅକ୍ଟୋବର-ନଭେମ୍ବରରେ ଆୟୋଜନ କରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମୁଁ ଏଥିରେ ଆଦୌ ଖୁସି ନୁହେଁ। ବିଶ୍ୱକ୍ରୀଡ଼ା ତୁଳନାରେ ଆଞ୍ଚଳିକ ପ୍ରତିଯୋଗିତାକୁ ପ୍ରାଥମିକତା ଦେବା ଉଚିତ୍ ନୁହେଁ। ଟି୨୦ ବିଶ୍ୱକପ୍ ଯଦି ଆଗକୁ ନ ଯାଏ ତେବେ ଆଇପିଏଲ ଆଗେଇ ପାରିବ ନାହିଁ। ଯଦି ଏଥର ଆଇପିଏଲ୍‌କୁ ପ୍ରାଥମିକତା ଦିଆଯାଏ ତେବେ ବିଭିନ୍ନ ଦେଶର କ୍ରିକେଟ ବୋର୍ଡଗୁଡ଼ିକ ସେମାନଙ୍କ ଖେଳାଳିମାନଙ୍କୁ ଆଇପିଏଲ୍‌ରେ ଭାଗ ନେବାଲାଗି ଅନୁମତି ଦେବା ଉଚିତ୍ ନୁହେଁ।

## ଓଡ଼ିଶା ଏଫ୍‌ସି ସହ ସାମୁଏଲ୍‌ଙ୍କ ଚୁକ୍ତି

ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି): ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ୭ମ ସଂସ୍କରଣ ପୂର୍ବରୁ ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫସି ୨୧ ବର୍ଷୀୟ ମିଡ୍‌ଫିଲ୍ଡର ସାମୁଏଲ୍ ଲାଲମୁଆନପୁଇଆଙ୍କ ସହିତ ଚୁକ୍ତି କରିଛି। ଗତ ସିଜନରେ ଆଇଏସଏଲର ଅନ୍ୟତମ କ୍ଲବ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମିଜୋରାମର ସାମୁଏଲ ପୂର୍ବରୁ ଆଇ-ଲିଗ୍ କ୍ଲବ ଶିଲଂ ଲାଜଂ ଓ ମିନର୍ଭା ପଞ୍ଜାବ ପକ୍ଷରୁ ଖେଳିଥିଲେ। ସାମୁଏଲଙ୍କୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରୋହନ ଶର୍ମା। ଅନେକ ଦିନରୁ ମୁଁ ଲାଲମୁଆନପୁଇଆଙ୍କ ଉପରେ ନଜର ରଖିଥିଲି। ତାଙ୍କ ସହିତ ଚୁକ୍ତି କରି ମୁଁ ବହୁତ ଖୁସି। ତାଙ୍କ ଉପସ୍ଥିତିରୁ ଆମ କ୍ଲବ ଫାଇଦା ପାଇବା ଆଶା ରହିଛି ବୋଲି ରୋହନ କହିଛନ୍ତି। ଲାଲମୁଆନପୁଇଆ ମଧ୍ୟ ଓଡ଼ିଶା ଏଫ୍‌ସିକୁ ଆସି ବହୁତ ଖୁସି ବୋଲି କହିଛନ୍ତି। ଏହି ଦଳର ଅନେକ ପ୍ରଶଂସକ ଅଛନ୍ତି ଏବଂ ଭୁବନେଶ୍ୱରରେ ସ୍ଥାନୀୟ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ମନରେ ଉତ୍ସାହ ରହିଛି। ଆଗାମୀ ସିଜନରେ ଦଳର ସଫଳତାରେ ମୋର ଯୋଗଦାନ ରହିବାନେଇ ବିଶ୍ୱାସ ରହିଛି ବୋଲି ଲାଲମୁଆନପୁଇଆ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ